



# ଉତ୍କଳ ପ୍ରସଙ୍ଗ

VOL. XLVI No.11 UTKAL PRASANGA Regd. No. 0-05/90
Licence No. C R.N.P. 5-Licenced to post without Pre-Payment.





ଖୋର୍ଦ୍ଧାର ପାଇକ ଆଖଡା ଉଦ୍‌ଘାଟନ



ଉତ୍କଳ ପ୍ରସଙ୍ଗ

ଆଷାଢ଼ ୧୯୧୧ ଶକାବ୍ଦ ୪୬ ଭାଗ ୧୨ଶ ସଂଖ୍ୟା ଜୁଲାଇ ୧୯୮୯

**ସମ୍ପାଦନା ମଣ୍ଡଳୀ**

ନିର୍ଦ୍ଦେଶକ : ଶ୍ରୀ ତ୍ରୈଲୋକ୍ୟ ନାଥ ମହାପାତ୍ର

ସମ୍ପାଦକ : ଶ୍ରୀ ବିଶ୍ୱଜିତ୍ ଦାସ

ସହ ସମ୍ପାଦକ : ପ୍ରହରାଜ ସତ୍ୟନାରାୟଣ ନନ୍ଦ

ସମ୍ପାଦନା ସହଯୋଗୀ : ଶ୍ରୀ ଶରତ ଚନ୍ଦ୍ର ସାମନ୍ତରାୟ

ପ୍ରଚ୍ଛଦପଟ : ଶ୍ରୀ ପ୍ରଦ୍ୟୁମ୍ନ କୁମାର ଦାଶ

ପ୍ରକାଶନ : ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

ବାର୍ଷିକ ଦେୟ : ଟ ୨୦.୦୦
ପ୍ରତି ଖଣ୍ଡ : ଟ ୨.୦୦

*Type setting by Phototype Setter process*

ମୁଦ୍ରଣ : ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣୀ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଗୁଡ଼ିକ ବିଷୟକୁ ସର୍ବଶେଷ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।

"ଉତ୍କଳ ପ୍ରସଙ୍ଗ" ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ କ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

# ସୂଚୀ


| | | |
|---|---|---|
| ..ମ ପୁଚପେଙ୍କୀର ପ୍ରଗତି | ଶ୍ରୀ ବିଶ୍ୱନାଥ ପ୍ରତାପ ସିଂହ | ୧ |
| ଅଛି ଯେହେତୁ ତା'ର ବିହଙ୍ଗ ପକ୍ଷ | | |
| ଲଙ୍ଘି କାନନ ଗିରି ସାଗର ବକ୍ଷ | ଶ୍ରୀ ତପନ କୁମାର ବେହେରା | ୪ |
| ମଜୁରୀ ବୃଦ୍ଧି ଏବ ଐତିହାସିକ ପଦକ୍ଷେପ | ଶ୍ରୀ ଗଙ୍ଗାଧର ସ୍ୱାଇଁ | ୮ |
| ତୁଳସୀ ପତ୍ରରେ 'ଗୀତଗୋବିନ୍ଦ' | ଶ୍ରୀ ଗଣେଶ ପ୍ରସାଦ ପରିଜା | ୧୦ |
| ବିଶ୍ୱନାଥ ଦାସଙ୍କ ଦେଶପ୍ରୀତି | ଡକ୍ଟର ନାରାୟଣ ହଜାରୀ | |
| | କୁମାରୀ ସସମିତା କୁଣ୍ଡପ୍ରିୟା | ୧୭ |
| ଆଦିବାସୀ ଭାଷାର ଲିପି | ଖଗେଶ୍ୱର ମହାପାତ୍ର | ୨୦ |
| କୃଷ୍ଣଚନ୍ଦ୍ର ଗଜପତିଙ୍କ ସାଂସ୍କୃତିକ ବ୍ୟକ୍ତିତ୍ୱ | ରାଜେନ୍ଦ୍ର ଷଡ଼ଙ୍ଗୀ | ୨୩ |
| ଅତୀନ୍ଦ୍ରିୟ ମନସ୍ତତ୍ତ୍ୱ ଏକ ପ୍ରହସନ କି ? | ଡକ୍ଟର ଫକୀର ମୋହନ ସାହୁ | ୨୭ |
| ଲୁଣି ପାଣିରେ ବିଜୁଳି ସୃଷ୍ଟି | ଡାକ୍ତ ଶ୍ୟାମାକୁମାରୀ ମିଶ୍ର | ୨୯ |
| ଓଡ଼ିଶାର ଦେବଦାସୀ ପରମ୍ପରା | ବିଜୟିନୀ ଦାସ | ୩୨ |
| କୃଷି ପାଇଁ ଆଣବିକ ରଶ୍ମି | ଶ୍ରୀ ସୁବାସ ସାହୁ | ୩୫ |
| ଶ୍ରୀ ଗୀତଗୋବିନ୍ଦ | ପ୍ରହଲାଦ ସତ୍ୟନାରାୟଣ ନନ୍ଦ | ୩୭ |
| ସାର୍ଥକ ସ୍ୱପ୍ନ | | ୪୦ |
| ସମ୍ବାଦ ପରିକ୍ରମା | ... | ୪୩ |
| ଓଡ଼ିଶାରେ ସମବାୟ ବ୍ୟବସାୟ | ... | |
| ଶ୍ରୀ ଜଗନ୍ନାଥଙ୍କ ଭୋଗ | ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି | ୫୨ |
| ଜାମ୍ବୁ ଓ ଯୌତୁକ | ଡକ୍ଟର ଦୀନବନ୍ଧୁ ଦାଶ | ୫୬ |
| | ଶ୍ରୀ ବରଦା ପ୍ରସନ୍ନ ଦାସ | ୫୮ |

## ସମ୍ପାଦକୀୟ

# ଶ୍ରମସୂତ୍ର, ଶ୍ରମିକ ଓ ସମୃଦ୍ଧି

ଶ୍ରମର ସୂତ୍ର ଜାଣିବା ପୂର୍ବରୁ ମଣିଷ କର୍ମରେ ପ୍ରବୃତ୍ତ ହୋଇଥାଏ । ଶିକ୍ଷା, ତାଲିମ୍ ଓ ପରିବାର ପରିବେଶ ଅନୁକୂଳ ହେଲେ କ୍ରମଶଃ ତାର ଅନ୍ତର୍ନିହିତ ନୈପୁଣ୍ୟ ପ୍ରକଟିତ କରେ । ସମାଜ ନିର୍ମାଣ ପାଇଁ ଶ୍ରମିକର ଅବଦାନ ଅତୀବ ଗୁରୁତ୍ୱପୂର୍ଣ୍ଣ । ଶ୍ରମକ୍ଷମ ଏବଂ ଶ୍ରମଜୀବୀ ସର୍ବଦା ସମାନ ନୁହନ୍ତି । ଉପାର୍ଜନ ପାଇଁ ଯୋଗ୍ୟତା ଯେପରି ଜରୁରୀ, ସାମାଜିକ ଦାୟିତ୍ୱବୋଧ ମଧ୍ୟ ଅନୁରୂପ ଭାବରେ ଜରୁରୀ । କିନ୍ତୁ ଦ୍ୱିତୀୟଟି ଶ୍ରମର ମାନ ଅଧିକ ନିର୍ଣ୍ଣୟ କରେ ।

ଶ୍ରମିକ ଶକ୍ତି ହିଁ ରାଷ୍ଟ୍ରୀୟ ସମୃଦ୍ଧିର ଗୁପ୍ତିକାଠି । ଉତ୍ପାଦନକ୍ଷମ ବିଶାଳ ଯନ୍ତ୍ରଟିର ବାସ୍ତବ ଦାୟିତ୍ୱରେ ଥାଏ ଜଣେ ସାହସୀ ଶ୍ରମିକ । ସବୁଜ ସୁନ୍ଦର କ୍ଷେତରେ ଶସ୍ୟ ସମ୍ଭାର ଭରିବା ପାଇଁ ମେହେନତ କରୁଥାଏ ଜଣେ ଆତ୍ମପ୍ରତ୍ୟୟୀ କୃଷି ଶ୍ରମିକ । ଭୂଗର୍ଭର ଅନ୍ଧକାର ତଳୁ 'କୃଷ୍ଣହୀରକ' ଖଣ୍ଡ ଉତ୍ତୋଳିତ କରିବା ପାଇଁ ନିଜକୁ ଉତ୍ସର୍ଗୀକୃତ କରିଥାଏ କର୍ମପଟୁ ଶ୍ରମଜୀବୀ । ସୂକ୍ଷ୍ମଦ୍ରବ୍ୟର ପରିପାଟିରେ ସ୍ୱତନ୍ତ୍ର ସ୍ୱୀକୃତିଲାଭ ପାଇଁ ସୂକ୍ଷ୍ମଜ୍ଞାନ ପ୍ରୟୋଗ କରେ ଜଣେ କୁଶଳୀ କାରୀଗର ।

ଶ୍ରମ ଓ ସମାଜ ମଧ୍ୟରେ ଅନେକ ସମସ୍ୟା ଥିଲେ ମଧ୍ୟ ସଦିଚ୍ଛା ହିଁ ସମୃଦ୍ଧିର ହେତୁ । ଜନସଂଖ୍ୟା ବୃଦ୍ଧି, ମୂଲ୍ୟ ବୃଦ୍ଧି, ପ୍ରିୟ ପରିଜନର ଆବଶ୍ୟକତା, ନିଜର ଅପରିହାର୍ଯ୍ୟ ଅଭିବୃଦ୍ଧି ପାଇଁ ତୀକ୍ଷ୍ଣ ତତ୍ପରତା, ସନ୍ତାନ ସନ୍ତତିଙ୍କୁ ସୁମଣିଷ କରିବାର ଉଦ୍‌ଯୋଗ ଏବଂ ଐଶ୍ୱର୍ଯ୍ୟବନ୍ତ ଜୀବନର ସ୍ୱପ୍ନ ପ୍ରତ୍ୟେକ ଶ୍ରମିକକୁ ଭାରାକ୍ରାନ୍ତ କରିଥାଏ । ତେଣୁ ମୁକ୍ତା ସନ୍ଧାନୀ ପରି ଉତ୍ତାଳ ସମୁଦ୍ରରେ ଲମ୍ଫ ଦେଇ ସେ ସୁଖ ସନ୍ଧାନ କରେ, ଶାନ୍ତି ପାଇଁ ପ୍ରୟାସ କରେ, ସର୍ବାଙ୍ଗୀନ ସମୃଦ୍ଧି ପାଇଁ ଅଗ୍ରସର ହୁଏ ।

ଦେଶ ଦେଶ, ଜାତି ଜାତି ମଧ୍ୟରେ ଆଜି ବିଭେଦର ପ୍ରାଚୀର ନାହିଁ । ଶ୍ରମିକ ଶକ୍ତିର ସର୍ବନିମ୍ନ ସୁବିଧା ସବୁ ଦେଶରେ ପ୍ରାଧାନ୍ୟ ଲାଭ କରିଛି ଏବଂ ନ୍ୟାୟାନୁମୋଦିତ ହୋଇଛି । ବରଂ ସେଇ ଶକ୍ତିକୁ ପ୍ରୋତ୍ସାହିତ, ସଙ୍ଘବଦ୍ଧ ଓ ସମୃଦ୍ଧିନିଷ୍ଠ କରିବା ପାଇଁ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ପ୍ରତିଯୋଗିତା ଚାଲିଛି, ରାଜ୍ୟ ରାଜ୍ୟ ମଧ୍ୟରେ ଝିଙ୍କାମଣା ବୃଦ୍ଧି ପାଇଛି । ରାଷ୍ଟ୍ରନାୟକ, ପ୍ରଶାସକ, ସ୍ୱେଚ୍ଛାସେବୀ ସଂସ୍ଥା, ମନସ୍ତତ୍ତ୍ୱବିତ୍ ଓ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକ ଦିନକୁ ଦିନ ଶ୍ରମିକର ସୁଖ–ଶାନ୍ତି ପ୍ରତି ଅଧିକ ଧ୍ୟାନ ଦେଇଛନ୍ତି । 'ଶ୍ରମ ଏବ ଜୟତେ'ର ନୀରବ ଅଙ୍ଗୀକାର ସାମୂହିକ ସମୃଦ୍ଧି ପାଇଁ ସମସ୍ତଙ୍କ ମନରେ କର୍ମ ପ୍ରେରଣା ସୃଷ୍ଟି କରୁ । ଶ୍ରମର ସୂକ୍ଷ୍ମ ସୂତ୍ର ଜାଣିବା ପରେ କର୍ମ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ହେଉ । କବିଙ୍କ ଭାଷାରେ "ଗଢ଼ିବା ଏପରି କିଛି ଯାହାର ଉତ୍ପାଦ୍ ପରବର୍ତ୍ତୀ ଦର୍ଶକକୁ ବିସ୍ମିତ ଓ ମୁଗ୍ଧ କରିପାରେ ।"

ପ୍ରହରାଜ ସତ୍ୟନାରାୟଣ ନନ୍ଦ

# ଆମ ପୁରପଲ୍ଲୀର ପ୍ରଗତି

ଶ୍ରୀ ବିଶ୍ୱନାଥ ପ୍ରତାପ ସିଂହ

ସ୍ୱାଧୀନତା ପରେ ଭାରତରେ ଯୋଜନାବଦ୍ଧ ଅର୍ଥନୈତିକ ଅଭିବୃଦ୍ଧିର ଧାରା ଏଠି ପରିବାହିତ ହୋଇଛି । ସାମାଜିକ ନ୍ୟାୟ ପ୍ରତିଷ୍ଠା ହିଁ ଏହି ଅଭିବୃଦ୍ଧିର ମୌଳିକ ଆଭିମୁଖ୍ୟ । ସାମ୍ୟବାଦୀ ସମାଜ ପ୍ରତିଷ୍ଠା ଆମର ଲକ୍ଷ୍ୟ । ଏପରି ଏକ ସମାଜ ପ୍ରତିଷ୍ଠା ହେବ ଯେଉଁଠି ଟିକେହେଲେ ନଥିବ କ୍ଷୁଧା, ଅଭାବ, ଅନଟନ ଓ ଉତ୍ପୀଡ଼ନ । କେତେକ କ୍ଷେତ୍ରରେ ଆମେ ନିଃସନ୍ଦେହ ଭାବରେ ପର୍ଯ୍ୟାପ୍ତ ସିଦ୍ଧି ହାସଲ କରିଛୁ । ଅର୍ଥନୀତି ଅଧିକ ଶକ୍ତିଶାଳୀ ହୋଇଛି କୃଷି, ଶିଳ୍ପ ଉତ୍ପାଦନ ଏବଂ ରପ୍ତାନି ଆଦି ବୃଦ୍ଧି ପାଇଛି । ଋଣ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସାହାଯ୍ୟକାରୀ ପଦ୍ଧତିମାନ ଅଭୂତପୂର୍ବ ଭାବରେ ସମୃଦ୍ଧ ହୋଇଛି ମାତ୍ର ଦୁର୍ଭାଗ୍ୟବଶତଃ ଆମର ଲକ୍ଷ୍ୟ ସିଦ୍ଧି, ଆମର ସାମାଜିକ ନ୍ୟାୟ ଏବଂ ପୁନଃନିଯୁକ୍ତିର, ଅର୍ଥନୈତିକ ଅଭିବୃଦ୍ଧିର ଅଭିମୁଖ୍ୟ ହାସଲ ହୋଇପାରି ନାହିଁ । ଆହୁରି ଦୀର୍ଘ ପଥ ବାକି ଅଛି । ସର୍ବନିମ୍ନ ଆବଶ୍ୟକତା ପୂରଣ କରିବା ପାଇଁ ଅକ୍ଷମ ହୋଇଥିବା ଆମ ସମାଜର ବହୁ ବ୍ୟକ୍ତି, ବିଶେଷତଃ ଗ୍ରାମାଞ୍ଚଳର ଅନେକ ଅସହାୟ ଦାରିଦ୍ର୍ୟ ସୀମାରେଖାର ନିମ୍ନରେ ତଥାପି ବାସ କରୁଛନ୍ତି । ଯେଉଁ ନିଯୁତ, ନିଯୁତ ଲୋକଙ୍କ ଶ୍ରମ ସତ୍ତ୍ୱେ କ୍ଷୁଧାର ପ୍ରାଦୁର୍ଭାବ ଉଣା ହୋଇନାହିଁ । ରାଷ୍ଟ୍ର ପାଇଁ ପର୍ଯ୍ୟାପ୍ତ ଖାଦ୍ୟ ଶସ୍ୟ ଉତ୍ପାଦିତ ହେଉଛି ।

ଆମର କର୍ମରତ ଜନସାଧାରଣଙ୍କ ମଧ୍ୟରୁ ଶତକଡ଼ା ୮୦ ଭାଗ ଗ୍ରାମାଞ୍ଚଳରେ ବାସ କରନ୍ତି । ଏମାନଙ୍କ ମଧ୍ୟରୁ କୃଷି ଏବଂ ତତ୍‌ସମ୍ପର୍କିତ ବୃତ୍ତିର ମାଧ୍ୟମରେ ଶତକଡ଼ା ୭୦ ଭାଗ ଲୋକ ଜୀବନ ଧାରଣ କରନ୍ତି । ସର୍ବମୋଟ ସ୍ୱକୀୟ ଉତ୍ପାଦନର କେବଳ ଏକ ତୃତୀୟାଂଶରେ ସେମାନେ ଅଂଶଭାଗୀ ହୋଇଥାନ୍ତି । ଆୟ ବୃଦ୍ଧି, ଗ୍ରାମାଞ୍ଚଳ ଲୋକଙ୍କ ଓ ଉନ୍ନତ ମାନର ଜୀବନ ବର୍ତ୍ତମାନ ସରକାରଙ୍କ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ ବିଷୟ । ପୁଞ୍ଜି ଲଗାଣର ପୁନର୍ବିନ୍ୟାସ ଏବଂ ଗ୍ରାମାଞ୍ଚଳ ପାଇଁ ବିଶେଷତଃ ଗ୍ରାମାଞ୍ଚଳର ଦରିଦ୍ର ଲୋକଙ୍କ ପାଇଁ ସଫଳ ବିନିଯୋଗ ମାଧ୍ୟମରେ ଏ ସବୁ ଲକ୍ଷ୍ୟ ହାସଲ କରାଯାଇ ପାରେ । ଏଥିପାଇଁ ଆମକୁ ଆମର ଅର୍ଥନୀତି ପୁନର୍ଗଠିତ କରିବାକୁ ପଡ଼ିବ ।

## କୃଷିଜୀବୀ ଶ୍ରମିକ

ଆମ ଶ୍ରମ ଶକ୍ତିର ମାତ୍ର ଶତକଡ଼ା ୧୦ ଭାଗ ସଙ୍ଗଠିତ । ରାଷ୍ଟ୍ରର ଅସଙ୍ଗଠିତ ଶ୍ରମଜୀବୀମାନଙ୍କ ମଧ୍ୟରେ ଗ୍ରାମାଞ୍ଚଳ ଶ୍ରମିକଙ୍କ ସଂଖ୍ୟା ସର୍ବାଧିକ । ଏଥିରୁ ଅଧିକ ପରିମାଣରେ କୃଷିଜୀବୀ ଶ୍ରମିକ ଅନ୍ତର୍ଭୁକ୍ତ । ୧୯୭୨ ମସିହାରେ ଏମାନଙ୍କ ସଂଖ୍ୟା ୧୩.୦ ନିଯୁତ ଥିବାବେଳେ ସମ୍ପ୍ରତି ଏହା ୭୮ ନିଯୁତକୁ ବୃଦ୍ଧି ପାଇଛି । ଏହି ସଂଖ୍ୟା ବୃଦ୍ଧି ଉଦ୍‌ବେଗଜନକ । ରାଷ୍ଟ୍ରର ସମୁଦାୟ କୃଷିଜୀବୀ ଶ୍ରମିକମାନଙ୍କ ମଧ୍ୟରୁ ଶତକଡ଼ା ୭୦ ଭାଗ ଆନ୍ଧ୍ରପ୍ରଦେଶ, ବିହାର, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ତାମିଲନାଡୁ ଏବଂ ଉତ୍ତରପ୍ରଦେଶ ଏହି ଛଅଟି ରାଜ୍ୟରେ ବାସ କରନ୍ତି । ପ୍ରଦତ୍ତ ହୋଇଥିବା ପରିସଂଖ୍ୟାନରୁ ଜଣାପଡ଼େ ଭାରତର ପୁରପଲ୍ଲୀରେ ବାସ କରୁଥିବା ବିପୁଳ ସଂଖ୍ୟକ ଲୋକ ଅର୍ଥନୀତିକ ଓ ସାମାଜିକ ସୁବିଧାରୁ ବଞ୍ଚିତ । ଏହି ପରିସ୍ଥିତି ଶୀଘ୍ର ସୁଧୁରିବା ଆବଶ୍ୟକ । ଦରିଦ୍ର ଶ୍ରେଣୀଗୁଡ଼ିକ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ଅସଙ୍ଗଠିତ । ସେମାନଙ୍କ ନିଯୁକ୍ତି ଉତ୍ପାଦନକାଳୀନ, ସ୍ୱଳ୍ପସ୍ଥାୟୀ ଏବଂ ଅନିଶ୍ଚିତ । ବଞ୍ଚି ରହିବାର ସର୍ବନିମ୍ନ ଆୟ ପ୍ରାୟତଃ ସେମାନଙ୍କର ନାହିଁ । ସେମାନେ କ୍ଷୁଧାରେ ଜର୍ଜରିତ ଏବଂ ନିରାପତ୍ତାହୀନ ମନେ କରନ୍ତି । ଜମି ଉପରେ ବେଶୀ ଚାପ ପଡୁଥିବାରୁ ଅର୍ଥନୀତିକୁ ବିଭିନ୍ନ ଦିଗରେ ପ୍ରସାରିତ କରିବାକୁ ଅନେକ ବ୍ୟର୍ଥ ହୋଇଛନ୍ତି । ସେମାନେ ଏବେ ନାମମାତ୍ର ଜମି ମାଲିକ । କିନ୍ତୁ ବାସ୍ତବରେ ସେମାନେ କୃଷି ଶ୍ରମଜୀବୀ ଭାବରେ କାର୍ଯ୍ୟ କରନ୍ତି । ପ୍ରକୃତରେ କୃଷି ଶ୍ରମିକମାନଙ୍କ ମଧ୍ୟରୁ କେବଳ ଅର୍ଦ୍ଧେକଙ୍କର କିଛି ଜମି ଅଛି । ଜମି ଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ଏକ ଏକରରୁ କମ୍ ସ୍ୱତ୍ୱର ମାଲିକ । କୃଷିଜୀବୀ ଶ୍ରମିକମାନଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧେକ ଅନୁସୂଚିତ ଜାତି ଓ ଉପଜାତିର ।

କୃଷି ଶ୍ରମଜୀବୀମାନଙ୍କ ମଧ୍ୟରୁ ମଧ୍ୟ ଅର୍ଦ୍ଧାଧିକ ଋଣଗ୍ରସ୍ତ । ବିଶେଷ କରିଅନୁସୂଚିତଜାତିମାନଙ୍କଠାରେ ଋଣଗ୍ରସ୍ତ । ସେମାନଙ୍କ ଋଣ ମୁଖ୍ୟତଃ ଖାଦ୍ୟପେୟ ନିମନ୍ତେ । କ୍ଷୁଧା ବିରୁଦ୍ଧରେ ସଂଗ୍ରାମ କରିବା, ଖାଦ୍ୟଶସ୍ୟ କ୍ରୟ କରିବା ପାଇଁ ସେମାନେ ଋଣ କରନ୍ତି । ମୁଖ୍ୟତଃ ସେମାନେ

ଗୌଣ୍ଡିଆ ବା ସାହୁକାରମାନଙ୍କଠାରୁ ଋଣ ନେଇଥାନ୍ତି । ଅନେକ କ୍ଷେତ୍ରରେ ଦୁରାରୋଗ୍ୟ ଋଣଭାର ଯୋଗୁଁ ଗୋତି ଶ୍ରମିକ ସୃଷ୍ଟି ହୋଇଥାନ୍ତି । ତେଣୁ ଋଣଭାର ଅର୍ଥ ମାନବିକ ସ୍ୱାଧୀନତା ଏବଂ ମର୍ଯ୍ୟାଦାର କ୍ଷୟ ।

## ପ୍ରବାସୀ ଶ୍ରମିକ

ଗ୍ରାମାଞ୍ଚଳରେ ନିଯୁକ୍ତି ସୁବିଧା ହ୍ରାସ ହେଲେ ଗାଁ ଛାଡ଼ି ଶ୍ରମିକମାନେ ଜୀବିକା ସନ୍ଧାନରେ ଅନ୍ୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳମାନଙ୍କୁ ଚାଲିଯାନ୍ତି । ଏହାର ଅର୍ଥ ତାଲିମ୍ ଏବଂ ଅନ୍ୟାନ୍ୟ ବ୍ୟକ୍ତିଗତ ବେସରକାରୀ ଉଦ୍ୟୋଗର ଅଭାବ । ଏପରି ଲୋକମାନଙ୍କ ପାଇଁ କୌଣସି ସାମାଜିକ ନିରାପତ୍ତା ଯୋଜନା ନାହିଁ । ପ୍ରବାସୀ ଶ୍ରମିକମାନେ ଦରିଦ୍ରମାନଙ୍କ ମଧ୍ୟରେ ଦରିଦ୍ରତମ । ଅଭିବୃଦ୍ଧିର ଛନ୍ଦ ପତନ ତାଙ୍କୁ ସ୍ପର୍ଶ କରେ ନାହିଁ । ଭୂସଂସ୍କାର ଭଳି ପୁନର୍ବିତରଣ ପଦକ୍ଷେପ କଦବା କ୍ୱଚିତ ସ୍ୱଳ୍ପ ମାତ୍ରାରେ ସେମାନଙ୍କୁ ଉପକୃତ କରିପାରେ ।

ଅନେକ ସମୟରେ ଦେଖାଯାଏ କୃଷି ଶ୍ରମଜୀବୀମାନେ ନେତାଙ୍କ ବିପଣୀରେ ଶ୍ରମ ବିକ୍ରେତାଙ୍କ ଭଳି ପ୍ରତୀୟିତ । କାର୍ଯ୍ୟକାରୀ ହେଉଥିବା ସମୁଦାୟ ସ୍ୱତ୍ୱର ପ୍ରାୟ ତିନି ଚତୁର୍ଥାଂଶର ମାଲିକ କ୍ଷୁଦ୍ର ଏବଂ ନାମମାତ୍ର ଋଷୀମାନେ ଶ୍ରମ ବଜାରରେ ପ୍ରବେଶ କରିବା ଦ୍ୱାରା ପରିସ୍ଥିତି ଆହୁରି ଜଟିଳ ହୋଇଛି । ବହୁ କ୍ଷେତ୍ରରେ ଅନୁମୋଦିତ ସର୍ବନିମ୍ନ ମଜୁରୀ ପାଇବା ପାଇଁ ସେମାନେ ଅସମର୍ଥ । ଏହି ପ୍ରସଙ୍ଗରେ ମୁଁ କହିଛି ଯେ ପରିସ୍ଥିତି ସୁଧାରି ନପାରି କେତେକ ମହାଜନ ଓ ଜମି ମାଲିକମାନଙ୍କ କବଳରୁ ସେମାନେ ମୁକ୍ତ ହୋଇ ପାରନ୍ତି ନାହିଁ । ବଜାର ଦରଠାରୁ ବେଶ୍ ନିମ୍ନରେ ସେମାନଙ୍କ ଉତ୍ପାଦନ ଦ୍ରବ୍ୟ ବିକ୍ରି କରିବା ପାଇଁ ସେମାନେ ବାଧ୍ୟ ହୁଅନ୍ତି । ସେମାନଙ୍କ ସମସ୍ୟା ସବୁ ଅଜ୍ଞତା, ନିରକ୍ଷରତା ଓ ସଂଘହୀନତା ଯୋଗୁଁ ଜଟିଳ ହୁଏ । ସେଥିପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ ଏବଂ ଗୃହ ନିର୍ମାଣ ପ୍ରଭୃତି ସାମାଜିକ ବିକାଶ କ୍ଷେତ୍ରରେ ସେମାନଙ୍କ ପ୍ରବେଶ ସୁଯୋଗ ଯଥେଷ୍ଟ ପରିମାଣରେ ସଙ୍କୁଚିତ ହୋଇଥାଏ । ସେଥିପାଇଁ ଗ୍ରାମାଞ୍ଚଳ ଶ୍ରମିକମାନଙ୍କୁ ଅଧିକାର ସଚେତନ କରିବା ପାଇଁ ବାସ୍ତବ କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ।

## ସାମାଜିକ ନିରାପତ୍ତା ପଦକ୍ଷେପ

ନିଯୁକ୍ତି ମଜୁରୀ ଏବଂ କଲ୍ୟାଣର କେତେକ ସର୍ବନିମ୍ନ ଅବସ୍ଥା ସମ୍ପର୍କରେ ବିଧାନ ପ୍ରଣୟନ ଏହି ପ୍ରସଙ୍ଗରେ ଗୁରୁତ୍ୱଲାଭ କରିଥାଏ । ଦୁର୍ଘଟଣା ପାଇଁ ସାହାଯ୍ୟ, ମାତୃମଙ୍ଗଳ ପାଇଁ ସାହାଯ୍ୟ, ବାର୍ଦ୍ଧକ୍ୟ ଭତ୍ତା ଇତ୍ୟାଦି ସାମାଜିକ ସୁରକ୍ଷା ପଦକ୍ଷେପମାନ ପ୍ରସଙ୍ଗତଃ ଆଲୋଚନା ଯୋଗ୍ୟ । ଏହି ଉଦ୍ଦେଶ୍ୟରେ କେନ୍ଦ୍ରୀୟ ବିଧାନ ପ୍ରଣୟନ ନିମନ୍ତେ କୌଣସି ମତୈକ୍ୟ ନାହିଁ । ସେ ବିଷୟରେ ମୁଁ ସଚେତନ । ମାତ୍ର ଏପରି ବିଧାନ ନଥିବା ରାଜ୍ୟଗୁଡ଼ିକ ଯେପରି ଏ କ୍ଷେତ୍ରରେ ଉପଯୁକ୍ତ ବିଧାନ ପ୍ରଣୟନ ପାଇଁ ବିସ୍ତରଶୀଳ ପଦକ୍ଷେପ ଗ୍ରହଣ କରନ୍ତି ସେଥି ନିମନ୍ତେ ମୁଁ ପରାମର୍ଶ ଦେଉଛି । ସେମାନେ କେନ୍ଦ୍ରୀୟ ବିଧାନକୁ ମାନି ଚଳିବେ ବୋଲି ମୁଁ ଆଶା କରୁଛି ।

ଆମେ ଯେଉଁ ଆଇନ ପ୍ରଣୟନ କରିବା ତାହା ଯେପରି ବାସ୍ତବରେ ରୂପାୟିତ ହୁଏ, ସେଥିପ୍ରତି ସମାନ ଗୁରୁତ୍ୱ ରହିବା ଆବଶ୍ୟକ । ଆଇନ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଯେଉଁ ପ୍ରଶାସନିକ ଓ ଅନ୍ୟାନ୍ୟ କଷ୍ଟକାରିତା ରହିଛି ସେ ସବୁକୁ ପୁଙ୍ଖାନୁପୁଙ୍ଖଭାବେ ବିଚାର କରିବା ଆବଶ୍ୟକ । ବିଧାନର ଉନ୍ନତ କାର୍ଯ୍ୟକାରିତା ପାଇଁ ସମ୍ଭାବ୍ୟ ନୂତନ ଅଧିନିୟମଗୁଡ଼ିକ ସମ୍ପର୍କରେ ଆଲୋଚନା କରିବା ଉପାଦେୟ ହେବ ।

ଶ୍ରମିକ ସଙ୍ଗଠନ ଏବଂ ସାମାଜିକ ସ୍ୱେଚ୍ଛାନୁଷ୍ଠାନ ଗୋଷ୍ଠୀଗୁଡ଼ିକ ଶ୍ରମିକମାନଙ୍କୁ ସଚେତନ କରିବା ଏବଂ ସଂଘ ଓ ସମବାୟରେ ସଂଗଠିତ କରିବା କ୍ଷେତ୍ରରେ ଭୂୟସୀ ଭୂମିକା ଗ୍ରହଣ କରି ପାରନ୍ତି । ସେମାନେ ବାସ୍ତବରେ ଯେଉଁ ମର୍ଯ୍ୟାଦାର ଅଧିକାରୀ ସେହିପରି ମର୍ଯ୍ୟାଦାବୋଧ ଦେବା ନିମନ୍ତେ ସେମାନଙ୍କୁ ମଧ୍ୟ ସାହାଯ୍ୟ କରି ପାରନ୍ତି ।

## ସର୍ବାଧିକ ନିଯୁକ୍ତିର ସୁବିଧା

ଦାରିଦ୍ର୍ୟ ଦୂର କରିବାକୁ ହେଲେ ଗ୍ରାମ୍ୟ ଶ୍ରମିକ ଓ କୃଷି ଶ୍ରମିକଙ୍କ ନିମନ୍ତେ ନିଯୁକ୍ତି ସୁବିଧା ନେବା ବିଧେୟ । ଏହା ଆମ ଯୋଜନାର ଏକ ଜରୁରୀ ସମସ୍ୟା ଏବଂ ବହୁ ବର୍ଷ ଧରି ଏହି ଯୋଜନା ଗ୍ରାମ ଦରିଦ୍ର ଲୋକମାନଙ୍କୁ ନିଯୁକ୍ତି ଦେବାରେ ସକ୍ଷମ ହୋଇପାରି ନାହିଁ । ଫଳରେ ଦରିଦ୍ର ଶ୍ରମିକମାନଙ୍କ ମଧ୍ୟରେ ପୁଷ୍ଟିହୀନତା ଓ ଶିଶୁ ମୃତ୍ୟୁ ହାର ବଢ଼ିବାରେ ଲାଗିଛି । ସରକାର ପ୍ରତ୍ୟେକଙ୍କ ପାଇଁ ବୃତ୍ତି ଯୋଗାଇପାରି ନାହିଁ । ନିଯୁକ୍ତି ସୁବିଧା ସୃଷ୍ଟି କରିବା ଏବଂ ଉପଯୁକ୍ତ ମାନର ପୁଷ୍ଟିକର ଖାଦ୍ୟ ଯୋଗାଇବା ଆମ ଯୋଜନାର ମୁଖ୍ୟ ଦିଗ । ନତୁବା ଯେ କୌଣସି ଯୋଜନା ଓ ଉନ୍ନତି ପ୍ରଣାଳୀ ଜନସାଧାରଣଙ୍କ ପାଇଁ ମୂଲ୍ୟହୀନ ।

ସର୍ବାଧିକ ନିଯୁକ୍ତି ସୁବିଧା ନିମନ୍ତେ ସରକାର କ୍ଷୁଦ୍ରଶିଳ୍ପ, କୃଷିଜ ଖାଦ୍ୟ ପ୍ରସ୍ତୁତି ଶିଳ୍ପ, ହସ୍ତଶିଳ୍ପ ଓ କୁଟୀର ଶିଳ୍ପ ଇତ୍ୟାଦି ଗ୍ରାମବାସୀମାନଙ୍କ ଉନ୍ନତି କଳ୍ପେ ପ୍ରତିଷ୍ଠା କରି ସେ ସବୁକୁ ସବୁ ପ୍ରକାର ସାହାଯ୍ୟ ଯୋଗାଇ ଦେବେ । ସମ୍ପଦ ସବୁକୁ ଏପରି ଭାଗବାଣ୍ଟ କରାଯିବ ଯେପରି ଅର୍ଥନୈତିକ ଅଭିବୃଦ୍ଧି, ଅଧିକ ନିଯୁକ୍ତି, ଖାଦ୍ୟ ଉତ୍ପାଦନ ବୃଦ୍ଧି ଏବଂ ଗରିବ ଲୋକମାନଙ୍କୁ ସୁହାଇଲା ପରି ଅଧିକରୁ ଅଧିକ ଖାଉଟି ଦ୍ରବ୍ୟ ଯୋଗାଇ ହେବ ।

## କାମ କରିବାର ଅଧିକାର

ଅର୍ଥନୈତିକ ନୀତିର ପୁନର୍ନିୟାମକ ଓ ବିକାଶ ପଦ୍ଧତି ସମ୍ବିଧାନରେ କାମ କରିବାର ଅଧିକାରକୁ ମୌଳିକ ଅଧିକାର କରିବାର ନିଷ୍ପତ୍ତିକୁ ବାସ୍ତବରେ ଅର୍ଥପୂର୍ଣ୍ଣ କରିପାରେ । ଅବଶ୍ୟ ସମସ୍ୟାଟି ବହୁ ବ୍ୟାପକ । ଏଥିପାଇଁ କେଉଁଠାରୁ ସମ୍ବଳ ଆସିବ ତାହା ମଧ୍ୟ ବିଚାରଯୋଗ୍ୟ । ଏହି କାରଣରୁ ନୂତନ ନିଯୁକ୍ତି ପରିକଳ୍ପନାରେ ନିଯୁକ୍ତି ସୁବିଧା ବୃଦ୍ଧି କରି ଗରିବ ଲୋକମାନଙ୍କ ବଞ୍ଚିବାର ମାନ ନିଶ୍ଚିତ କରାଯିବ । ସରକାର ଏହି ପରିକଳ୍ପନାର ପୁଙ୍ଖାନୁପୁଙ୍ଖ ପରୀକ୍ଷା କରୁଛନ୍ତି ।

ବର୍ଷଟିକୁ "ଶିଶୁ କନ୍ୟା ସପ୍ତାହର" ନାମରେ ନାମିତ କରାଯାଇଛି । ଆଜି ଆନ୍ତର୍ଜାତିକ ମହିଳା ଦିବସ । ଗ୍ରାମାଞ୍ଚଳର ଶ୍ରମଜୀବୀ ମହିଳାମାନେ ପୁରୁଷମାନଙ୍କ ତୁଳନାରେ କମ୍ ପାରିଶ୍ରମିକ ପାଆନ୍ତି । ସେମାନେ ସବୁ ସମୟ ଧରି କଠିନ ପରିଶ୍ରମ କରିବା ସହିତ ବହୁ ଦୂର ପଥ ଅତିକ୍ରମ କରି ଜାଳେଣି ଓ ଗୋ-ଖାଦ୍ୟ ସଂଗ୍ରହ କରନ୍ତି । ବାଳିକାମାନଙ୍କର ଶିକ୍ଷା ବନ୍ଦ ରୀତି ଏବେ ବି ଅପରିବର୍ତ୍ତନୀୟ । ସାଧାରଣତଃ ପରଛିଦ୍ରାନ୍ୱେଷଣ ଶୈଳୀ ସ୍ତ୍ରୀଲୋକମାନଙ୍କ ଅଭ୍ୟାସ । ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ପୁରୁଷ ଶ୍ରମିକଙ୍କ ସଂଖ୍ୟାଠାରୁ ମହିଳା ଶ୍ରମିକ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଶତକଡ଼ା ୨୪ ଭାଗ ମହିଳା କୃଷି କ୍ଷେତ୍ରରେ କାମ କରନ୍ତି । ମହିଳାମାନେ, ବିଶେଷତଃ ଅନୁସୂଚିତ ମହିଳାମାନେ, କୃଷି କ୍ଷେତ୍ରରେ କାମ କରିବା ଏକ ସାଧାରଣ ଘଟଣା । (ଶତକଡ଼ା ୪୬ ଭାଗ) ତେଣୁ ଏହା ଗୁରୁତ୍ୱପୂର୍ଣ୍ଣ ଯେ ମହିଳା କୃଷି ଶ୍ରମିକମାନେ ଅଧିକରୁ ଅଧିକ ଉନ୍ନତି କରିବା ସଙ୍ଗେ ସଙ୍ଗେ ହୀନମନ୍ୟତା ଛାଡ଼ି ଯେପରି ଉତ୍ତମ ଜୀବିକା ନିର୍ବାହ କରିବେ ସେଥିପ୍ରତି ଦୃଷ୍ଟି ଦେବା ଉଚିତ । ଶିଶୁ ମୃତ୍ୟୁ ଓ ମହିଳାମାନଙ୍କ ପୁଷ୍ଟିକର ଖାଦ୍ୟ

ସମସ୍ୟା ପ୍ରତି ମଧ୍ୟ ଆମେ ବିଶେଷ ଧ୍ୟାନ ଦେବା ଆବଶ୍ୟକ । ପୁଷ୍ଟିକର ଖାଦ୍ୟ ଯୋଗାଣ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଶ୍ରମିକମାନଙ୍କର ସମୟୋଚିତ ଶିକ୍ଷା ମାଧ୍ୟମରେ କରାଯାଇ ପାରିବ । ବେଠି ଶ୍ରମିକ ଓ ଅନ୍ୟାନ୍ୟ ଶ୍ରମ ନିର୍ଯ୍ୟାତନାକୁ ସିଧା ସଳଖଭାବେ ମଧ୍ୟ ମୁକାବିଲା କରାଯିବ ।

ଏହି ଆଲୋଚନା ଚକ୍ରରେ ବିଭିନ୍ନ ସଂସଦ ସଦସ୍ୟ, ବିଶେଷଜ୍ଞ ମନ୍ତ୍ରୀ, ବ୍ୟବସାୟୀ ସଙ୍ଘ, ସମାଜସେବୀ ଓ ଶାସକ ଗୋଷ୍ଠୀଙ୍କ ସହ ଅଂଶ ଗ୍ରହଣ କରି ମୁଁ ଅତ୍ୟନ୍ତ ଆନନ୍ଦିତ । ସେମାନେ ଆମ ସମାଜର ଦୁର୍ବଳ ଓ ଗୁରୁତ୍ୱପୂର୍ଣ୍ଣ ଶ୍ରେଣୀଙ୍କ ମୁଖ୍ୟ ସମସ୍ୟାଗୁଡ଼ିକର ସମାଧାନ ଦିଗରେ ଚେଷ୍ଟା କରନ୍ତି ।

ମୁଁ ଆଶା କରେଁ, ଏହି ଆଲୋଚନା କୃଷି ଶ୍ରମିକମାନଙ୍କ ସମସ୍ୟାର ସନ୍ଧରେ ଚିନ୍ତା ପ୍ରଦାନ କରି ତାର ସମାଧାନରେ ଆମକୁ ସାହାଯ୍ୟ କରିବ । ମହାତ୍ମାଗାନ୍ଧୀ ମୂକ ଓ ଅଶ୍ୱାଦାରୀ ଅଭିହିତ କରିଥିବା ଲୋକଙ୍କ ପାଇଁ ଗଠନାତ୍ମକ କର୍ମର ସମନ୍ୱିତ ପ୍ରକଳ୍ପ ପ୍ରସ୍ତୁତ କରି ସେମାନଙ୍କର ଦ୍ରୁତ ଅଭିବୃଦ୍ଧି ପାଇଁ ପଦକ୍ଷେପ ନିଆଯାଇ ପାରିବ ।

ସରକାର ଆପଣମାନଙ୍କ ସୁପାରିଶକୁ ଶ୍ରଦ୍ଧାର ସହିତ ବିବେଚନା କରିବେ ।



# ଅଛି ଯେହେତୁ ତା'ର ବିହଙ୍ଗ ପକ୍ଷ ଲଙ୍ଘି କାନନ ଗିରି ସାଗର ବକ୍ଷ...

ଶ୍ରୀ ତପନ କୁମାର ବେହେରା

ମାନବ ସଭ୍ୟତାର ଆଧିପତ୍ୟ ପ୍ରଥମେ ସ୍ଥଳଭାଗରେ ଓ ପରେ ଜଳଭାଗରେ ବିସ୍ତାରଲାଭ କରିଥିଲା । ଊନବିଂଶ ଶତାବ୍ଦୀରେ ଆଧିପତ୍ୟ ଆକାଶମାର୍ଗକୁ ବିସ୍ତାରଲାଭ କରିଥିଲା । ପୂର୍ବରୁ ଜଳ ଓ ସ୍ଥଳଭାଗରେ ଆଧିପତ୍ୟ ବିସ୍ତାରଯୋଗୁ ସୁରକ୍ଷା କମ୍ ଥିଲା । ଅତୀତରେ ଜ୍ଞାନୀମାନେ ପକ୍ଷୀମାନଙ୍କୁ ଆକାଶମାର୍ଗରେ ବ୍ୟବହାର କରି ସମ୍ବାଦ ଆଦାନ ପ୍ରଦାନ କରୁଥିଲେ । ଏଥିପାଇଁ ହୁଏତ ତାଙ୍କୁ ବହୁତ ଗବେଷଣା କରିବାକୁ ପଡ଼ିଥିବ ଏବଂ ଗବେଷଣାଲବ୍ଧ ଜ୍ଞାନକୁ ବ୍ୟବହାର କରି ଉପଯୁକ୍ତ ପ୍ରକାରର ପକ୍ଷୀମାନଙ୍କୁ ପ୍ରଶିକ୍ଷଣ ଦେଇ ଆକାଶମାର୍ଗରେ ପ୍ରେରଣ କରାଯାଇଥିବ । ଆଜି ମଧ୍ୟ ସାଇବେରିଆନ୍ ଅଞ୍ଚଳର ପକ୍ଷୀମାନେ ଦୂରଦୂରାନ୍ତକୁ ନିର୍ଦ୍ଦିଷ୍ଟ ସମୟରେ ଯିବା ଆସିବା କରୁଛନ୍ତି । ଏହାର କାରଣ ଅବଶ୍ୟ ରହସ୍ୟାବୃତ ।

ବାଇବେଲ୍‌ର ଲେଖାରୁ ଜଣାପଡ଼େ ଯେ "ନୋହା" ପାରା ବ୍ୟବହାର କରି ବନ୍ୟା ବିଷୟରେ ସମ୍ବାଦ ପାଉଥିଲେ । ସେହିପରି କାଳିଦାସଙ୍କ ଲିଖିତ ନଳ ଦମୟନ୍ତୀ ଉପାଖ୍ୟାନରେ ନଳ ଦମୟନ୍ତୀଙ୍କ ପ୍ରେମପତ୍ରର ଆଦାନ ପ୍ରଦାନ ରାଜହଂସ ଦ୍ୱାରା ହେଉଥିଲା । ଅନୁରୂପଭାବେ ମୌର୍ଯ୍ୟ ଓ ଅଶୋକଙ୍କ ସାମ୍ରାଜ୍ୟରେ ପାରାମାନଙ୍କୁ ବ୍ୟବହାର କରି ସମ୍ବାଦ ଆଦାନ ପ୍ରଦାନ କରାଯିବାର କେତେକ ଦୃଷ୍ଟାନ୍ତ ଅଛି । ପୁରାତନ ଗ୍ରୀସ୍ ଦେଶରେ ପାରାମାନଙ୍କ ସାହାଯ୍ୟରେ ଅଲମ୍ପିକ୍ କ୍ରୀଡ଼ାର ଫଳାଫଳ ମଧ୍ୟ ବିଭିନ୍ନ ସ୍ଥାନକୁ ପଠାଯାଉଥିଲା । ଲିପିବଦ୍ଧ ବିବରଣୀ ଅନୁସାରେ ୧୧୬୭ ମସିହାରେ ବାଗ୍‌ଦାଦ୍‌ର ସୁଲତାନ୍ ନରୁଦ୍ଦିନ୍ ଖଲିଫ୍ ସ୍ଥାୟୀଭାବରେ ପାରା ଦ୍ୱାରା ଡାକ ବଣ୍ଟନ ବ୍ୟବସ୍ଥା ପ୍ରଥା ପ୍ରଚଳନ କରିଥିଲେ । ଏଥିପାଇଁ ସେ ବିଭିନ୍ନ ସ୍ଥାନରେ ପୋଷ୍ଟମାଷ୍ଟର୍ ନିଯୁକ୍ତି କରିଥିଲେ । ସେମାନେ ପାରା ଦ୍ୱାରା ଗୋଟିଏ ସ୍ଥାନରୁ ଚିଠିପତ୍ର ପାଇଲା ପରେ ସେ ଚିଠିଗୁଡ଼ିକୁ ତାଙ୍କର ସ୍ଥାନୀୟ ଇଲାକାରେ ବିତରଣ କରୁଥିଲେ ।

ୟୁରୋପରେ ୧୬୬୫ ମସିହାରେ ଲଟେରୀ ଘୋଡ଼ାଦୌଡ଼ ଇତ୍ୟାଦି ରାଜକୀୟ କ୍ରୀଡ଼ାର ଫଳାଫଳ ଜଣାଇବା ପାଇଁ ପାରା ଡାକ ବ୍ୟବସ୍ଥାର ପ୍ରଚଳନ କରାଯାଇଥିଲା । ୧୮୪୯ରେ "ରୟଟର୍ସ ଟେଲିଗ୍ରାଫ୍" କମ୍ପାନୀ ବର୍ଲିନ୍ ଓ ବ୍ରସେଲ୍ ମଧ୍ୟରେ ସମ୍ପୂର୍ଣ୍ଣରୂପେ ଟେଲିଗ୍ରାଫ୍ ଲାଇନ୍ ଲଗାଇପାରି ନଥିବାରୁ ବର୍ଲିନ୍‌ରୁ ଆଇସଲା-ଶ୍ରୁପେଲ୍ ପର୍ଯ୍ୟନ୍ତ ଟେଲିଗ୍ରାଫ୍ ସାହାଯ୍ୟରେ ସମ୍ବାଦ ପଠାଇ ଶ୍ରୁପେଲ୍‌ଠାରୁ ବ୍ରସେଲ୍ ପର୍ଯ୍ୟନ୍ତ ପାରା ସାହାଯ୍ୟରେ ଡାକ ପଠାଇବାର ବ୍ୟବସ୍ଥା ପ୍ରଚଳନ କରିଥିଲେ ।

ବିଜ୍ଞାନର କୌଣସି ନୂତନ ଆବିଷ୍କାର ଅତୃପ୍ତ ମାନବ ଜାତି ହାତରେ ପଡ଼ିଲେ ତାହା ସଦାସର୍ବଦା ଶାନ୍ତି ଓ ସମୃଦ୍ଧି ପାଇଁ, ବିଶେଷତଃ ଯୁଦ୍ଧ ସମୟରେ ବ୍ୟବହାର ହୋଇଥାଏ । ପାରାମାନଙ୍କ ଦ୍ୱାରା ଡାକ ଯୋଗାଯୋଗ ବ୍ୟବସ୍ଥା ବା ପ୍ରେମପତ୍ର ପଠାଇବା ବ୍ୟବସ୍ଥା ମଧ୍ୟ ଏହାର ବ୍ୟତିକ୍ରମ ନୁହେଁ । ୧୮୧୫ ମସିହାରେ ୱାଟର୍‌ଲୁ ଯୁଦ୍ଧର ବିଜୟ ବାର୍ତ୍ତା ୱାଟର୍‌ଲୁରୁ ଲଣ୍ଡନକୁ ପାରା ମାଧ୍ୟମରେ ପଠାଯାଇଥିଲା । ୧୮୭୦-୭୧ ମସିହାରେ ଫ୍ରାଙ୍କୋ-ପ୍ରୁସିଆନ୍ ଯୁଦ୍ଧରେ ପାରା ଡାକ ବ୍ୟବସ୍ଥା ଦ୍ୱାରା ଯୁଦ୍ଧର ଗୁପ୍ତ ଖବର ଓ ମାନଚିତ୍ର ଆଦି ପଠାଯାଉଥିଲା ।

## ବିଶ୍ୱଯୁଦ୍ଧରେ ପାରାବତ

ପ୍ରଥମ ବିଶ୍ୱଯୁଦ୍ଧରେ ଚେରାମି ନାମରେ ଏକ ପାରାର ନାମ ଚିରଦିନ ଇତିହାସରେ ଅବିସ୍ମରଣୀୟ ହୋଇ ରହିବ । ଏହି ପାରାର ପ୍ରେରିତ ସମ୍ବାଦରୁ ଆମେରିକାର ଏକ ବାଟାଲିୟନକୁ ଜର୍ମାନରୁ କୌଣସି ଏକ ଅଞ୍ଚଳକୁ ଉଦ୍ଧାର କରାଯାଇପାରିଥିଲା ।

୧୯୨୦ ମସିହାରେ ଗାଉଲପିଷ୍ଟିର ଡେରାରସ୍ପାଗଲ ନାମକ ସ୍ଥାନରେ ସ୍ୱଗୋଟି ପାରା କେନ୍ଦ୍ର ସ୍ଥାପନ ହୋଇ ଏକ ସିଗ୍‌ନାଲ୍ କମ୍ପାନୀ କାମ କରୁଥିଲେ । ପ୍ରଥମ ବିଶ୍ୱଯୁଦ୍ଧବେଳେ ଉଇଙ୍ଗ୍ କମାଣ୍ଡର୍ ଡକ୍ଟର୍ ଡି: ଲି: ଭାୟନାର୍ ପାରାମାନଙ୍କୁ ଟ୍ରେନିଂ ଦେଇ ବହୁତ କାମ କରିଥିଲେ । ପରବର୍ତ୍ତୀ କାଳରେ ଦ୍ୱିତୀୟ ବିଶ୍ୱଯୁଦ୍ଧବେଳେ ଏହି ଉଇଙ୍ଗ୍ କମାଣ୍ଡର ରୟାଲ୍ ଏୟାର ଫୋର୍ସର ପାରା ବିଭାଗର ଦାୟିତ୍ୱରେ ରହି ଦକ୍ଷ ପାରାଙ୍କୁ ଯୁଦ୍ଧରେ ବ୍ୟବହାର କରିଥିଲେ । ତାଙ୍କର ଏହି ପ୍ରଶଂସନୀୟ କାର୍ଯ୍ୟ ପାଇଁ ସେ ସମ୍ମାନିତ ହୋଇଥିଲେ । ତାଙ୍କରି ସମୟରେ ବ୍ରିଟେନ୍‌ରେ ଯେଉଁ ପାରା ଯୁଦ୍ଧରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବେ ତାଙ୍କ

ଶରଙ୍କ ତରଫରୁ ସେମାନଙ୍କୁ ଡିକିନ୍ ମେଡାଲ୍ ଦବାର ପ୍ରଥା ସୃଷ୍ଟି ହୋଇଥିଲା । ଏହି ମେଡାଲ୍ ପାଇଥିବା ପ୍ରଥମ ପାରାର ନାମ "ୱିଙ୍କି" । ଫେବୃୟାରୀ ୧୯୪୨ ମସିହାରେ ଗୋଟିଏ ବମ୍ବରରେ ସେ ପାରା ଯାଉଥିବାବେଳେ ବମ୍ବରଟି ସମୁଦ୍ରରେ ଖସିପଡ଼ିଲା ଏବଂ ପାରାଟି ତାକୁ ବୁଝିବାବେଳେ ସେହି ସ୍ଥାନରୁ ବାହାରି ତା' ପରଦିନ ସକାଳ ଘଣ୍ଟା କୋଡ଼ିଏ ମିନିଟରେ ତାର କେନ୍ଦ୍ରରେ ପହଞ୍ଚିଲା । ତାର ଦୈହିକ ଚେଷ୍ଟା ଏବଂ ଉଡ଼ିବା ସମୟକୁ ହିସାବ କରି ଶେଷ ରେଡ଼ିଂଗରେ ଥିବା ବମ୍ବର ବାହିନୀର ଲୋକଙ୍କୁ ୧୨୯ ମାଇଲ ଦୂରରେ ଠାବ କରାଯାଇପାରିଥିଲା ।

ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସେହିପରି "କୋରିୟର ଏଛ" ନାମରେ ନାମିତ ଏହି ପାରାର କାର୍ଯ୍ୟ ଉଲ୍ଲେଖନୀୟ । ସେହି ପାରାକୁ ପାରାଚ୍ୟୁଟ୍ ମାଧ୍ୟମରେ ଛଡ଼ାଯାଇ ବେଲଜିୟମରୁ ଯୁଦ୍ଧର ବିବରଣୀ ଓ ଗୁପ୍ତ ତଥ୍ୟ ଇଂଲଣ୍ଡକୁ ପଠାଯାଉଥିଲା । ୧୯ ସେପ୍ଟେମ୍ବର ୧୯୪୫ରେ ଭାରତୀୟ ସୈନ୍ୟବାହିନୀର ସିଗ୍ନାଲ୍ ରେଜିମେଣ୍ଟର ଗୋଟିଏ ପାରା ୨୬୦ ମାଇଲ ଦୂରକୁ ଘ: ୪-୨୫ ମିନିଟରେ ଅତିକ୍ରମ କରି ଏକ ଜରୁରୀ ବାର୍ତ୍ତା ପହଞ୍ଚାଇଥିଲା । ଏହି ପାରାର ନାମ "ଉଇଲିୟମ ଅଫ୍ ଅରେଞ୍ଜ" । ଏହି ପାରାକୁ "ଭିକ୍ଟୋରିଆ କ୍ରସ୍" ଉପାଧିରେ ଭୂଷିତ କରାଯାଇଥିଲା ।

## କୋରାପୁଟରେ ଡାକ ସେବା

ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ସମୟବେଳକୁ ମହାନଦୀର ଅପର ପାର୍ଶ୍ୱରେ ରୟାଲ୍ ଏୟାର ଫୋର୍ସର ଏକ ବୃହତ୍ତ ପାରା କେନ୍ଦ୍ର ଥିଲା । ଏହି ପାରା କେନ୍ଦ୍ରର ପାରାମାନଙ୍କୁ ବିଭିନ୍ନ କାର୍ଯ୍ୟରେ ତଥା ଉପକୂଳ ରକ୍ଷା ପାଇଁ ବ୍ୟବହାର କରାଯାଉଥିଲା । ୧୯୪୬ ମସିହାରେ ଓଡ଼ିଶାରେ ପ୍ରଥମ ୩୦-୩-୪୬ରେ ତତ୍କାଳୀନ ଓଡ଼ିଶା ସରକାର ରାଜ୍ୟସ୍ତରୀୟ ପୋଲିସ ବେତାର ସଂସ୍ଥାରେ ଅସ୍ଥାୟୀଭାବରେ ଏକ ବର୍ଷ ପାଇଁ ଜଣେ ଇନିସ୍ପେକ୍ଟର, ବାରଜଣ ସହକାରୀ ସବ୍‌ଇନିସ୍ପେକ୍ଟର ଓ ତେତିଶଜଣ କନେଷ୍ଟବଳ ପଦବୀ ସୃଷ୍ଟି କରି ତାଙ୍କୁ ତତ୍କାଳୀନ ଏସ୍: ପି:, ସି: ଆଇ: ଡିଙ୍କ ତତ୍ତ୍ୱାବଧାନରେ ରଖିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧର ପରିତ୍ୟକ୍ତ କେତେକ ୱାରଲେସ୍ ସେଟ୍‌କୁ ଓଡ଼ିଶାର ଛଅଟି ଜିଲ୍ଲାରେ ବେତାର କେନ୍ଦ୍ରମାନ ପ୍ରତିଷ୍ଠିତ ହେଲା । ୨୫ ଯୋଡ଼ା ପାରାକୁ ଆଣି କୋରାପୁଟର ତତ୍କାଳୀନ ପୋଲିସ୍ ସୁପରିନ୍‌ଟେଣ୍ଡେଣ୍ଟ ଶ୍ରୀ ଏଫ୍: ଏଫ୍: ପି: ଗିଲ୍‌ଙ୍କ ତତ୍ତ୍ୱାବଧାନରେ ରଖାଯାଇ କୋରାପୁଟ ଜିଲ୍ଲାର ସଦର ମହକୁମାରୁ କେତେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ପାରା ଦ୍ୱାରା ସମ୍ବାଦ ଆଦାନ ପ୍ରଦାନର ବ୍ୟବସ୍ଥା କରାଯାଇଥିଲା । ୧୯୪୭ ମସିହାରୁ ଓଡ଼ିଶା ପୋଲିସ୍ ବେତାର ବିଭାଗରେ ସୃଷ୍ଟି କରାଯାଇଥିବା ପାରା ଯୋଗାଯୋଗ ବ୍ୟବସ୍ଥା କେବେ ପଛକୁ ଫେରି ଚାହିଁ ନାହିଁ । ତତ୍କାଳୀନ ବେତାର ବିଭାଗର ଏସ୍: ପି: କ୍ୟାପ୍‌ଟେନ୍ ଏ: ପି: ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂର୍ବତନ ସାମରିକ କର୍ମଚାରୀ ଜେ: ସି: ଦାସ ଏହି ପାରା ବିଭାଗକୁ ବହୁଦିନ ପର୍ଯ୍ୟନ୍ତ ସୁନ୍ଦର ରୂପେ ଚଳାଇଥିଲେ ।

ପୋଲିସର ଏହି ପାରା ବିଭାଗ କାର୍ଯ୍ୟ ଦକ୍ଷତାରେ କେବେ ଅନ୍ୟ କୌଣସି ବିଭାଗଠାରୁ ବା ଅନ୍ୟ କୌଣସି ପାରାମାନଙ୍କଠାରୁ ପଛରେ ପଡ଼ିନାହିଁ । ଏପ୍ରିଲ୍ ୧୩, ୧୯୪୮ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ବୁର୍ଲାରୁ କଟକକୁ ପାରା ମାଧ୍ୟମରେ ନିମ୍ନଲିଖିତ ସମ୍ବାଦ ପଠାଇଥିଲେ ।

"ସାଧାରଣ ସଭାର ଆୟୋଜନ ଏପରି ହେବା ଉଚିତ ନୁହେଁ, ଯେଉଁଥିରେ ବକ୍ତା ଓ ଶ୍ରୋତାଗଣଙ୍କ ମଧ୍ୟରେ ଅଧିକ ଦୂରତ୍ୱ ଅନୁଭୂତ ହେବ ।"

ଏହି ସମ୍ବାଦଟି ପ୍ରଧାନମନ୍ତ୍ରୀ ସକାଳ ଘ: ୫-୪୫ ମିନିଟରେ ଦସ୍ତଖତ କରିଥିଲେ ଓ ପାରାଟିକୁ ସକାଳ ଛଅଟାରେ ଉଡ଼ାଯାଇଥିଲା । ପାରାଟି କଟକରେ ଦିବା ଘ: ୧୨-୨୦ ମିନିଟରେ ପହଞ୍ଚିଲା ଓ ପ୍ରଧାନମନ୍ତ୍ରୀ ସ୍ଥଳପଥରେ କଟକରେ ଦିନ ୧୨ଟାରେ ପହଞ୍ଚିଲେ । ସେତେବେଳେ ପ୍ରଧାନମନ୍ତ୍ରୀ ତତ୍କାଳୀନ ଇନିସ୍ପେକ୍ଟର ଜେନେରାଲ ରାଲଫ୍ ନେଭିଲ୍ ସାହେବଙ୍କୁ ଓ ଓଡ଼ିଶା ପୋଲିସ ବେତାର ବିଭାଗର ପାରା ବାହିନୀକୁ ଉଚ୍ଚ ପ୍ରଶଂସା କରିଥିଲେ ।

୧୯୫୨ ମସିହା ସାଧାରଣ ନିର୍ବାଚନରେ ତଥା ପରବର୍ତ୍ତୀ ଲୋକସଭା ଓ ବିଧାନସଭା ନିର୍ବାଚନଗୁଡ଼ିକରେ ପାରାମାନଙ୍କର କାର୍ଯ୍ୟ କୁଶଳତା ଯେ କୌଣସି ପୋଲିସ କର୍ମଚାରୀ ଅପେକ୍ଷା ଅଧିକ କହିଲେ ଅତ୍ୟୁକ୍ତି ହେବନାହିଁ ।

୧୫ ଅଗଷ୍ଟ ୧୯୫୪ ସ୍ୱାଧୀନତା ଦିବସ ଦିନ ସକାଳ ଛଅଟାରେ ପାଞ୍ଚଟି ପାରାଙ୍କୁ ଦିଲ୍ଲୀରୁ ଉଡ଼ାଯାଇଥିଲା, ଯେଉଁଥିରୁ ଗୋଟିଏ ପାରା ନଂ ଏଲ୍ଏନ୍: ବି: ଏସ୍: ୭୮୦୬/୪୫ କଟକରେ ୨-୯-୫୪ ତାରିଖ ୧୫୩୦ ଘଟିକା ସମୟରେ ଆସି ପହଞ୍ଚିଥିଲା । ଅନ୍ୟ ଚାରୋଟି ପାରା ଯାହାଙ୍କର ନଂ ଇ ଓ:ଆର୍: ଏସ୍: ୩/୫୨, ଓ: ଆର୍: ଜି: ୩୬/୪୮, ଓ: ଆର୍: ଜି: ୩୮/୪୮ ଓ ଓ: ଆର୍: ସି: ୩୦/୪୮ ରାସ୍ତା ସମୟରେ ହଜିଯାଇଥିଲେ । ଜଣାଯାଏ ଯେ ୧୯୪୫ ମସିହାରେ ଜନ୍ମ ନେଇଥିବା ପାରାଟି ଦିଲ୍ଲୀରୁ କଟକ ଫେରି ଆସିଲା, କିନ୍ତୁ ୧୯୪୮, ୧୯୪୯ରେ ଜନ୍ମ ନେଇଥିବା ପାରା ଫେରିପାରି ନଥିଲେ । ସେହି ଆନ୍ତର୍ଜାତୀୟ ଡାକଟିକଟ ପ୍ରଦର୍ଶନୀରେ ତତ୍କାଳୀନ ଯୋଗାଯୋଗ ମନ୍ତ୍ରୀ, ପ୍ରେସ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ ଅଫିସରୁ ପ୍ରଦର୍ଶନୀ ପଡ଼ିଆକୁ ପାରା ସାହାଯ୍ୟରେ ଖବର ପଠାଇଥିଲେ । ସେହି ସମୟରେ ତତ୍କାଳୀନ ରାଷ୍ଟ୍ରପତି, ରାଷ୍ଟ୍ରପତି ଭବନରୁ ପ୍ରଦର୍ଶନୀ ସ୍ଥଳରେ ଉପସ୍ଥିତ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପ୍ରଦର୍ଶନୀର ଶୁଭକାମନାର ବାର୍ତ୍ତା ପାରା ସାହାଯ୍ୟରେ ପଠାଇଥିଲେ ।

## ବନ୍ୟାରେ ବାର୍ତ୍ତା ବିନିମୟ

୧୯୫୫ ଓ ୧୯୬୦ ମସିହାରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟାର ଖବର ତଥା ସାହାଯ୍ୟକାରୀ ଦଳଙ୍କଠାରୁ ପୋଲିସ ଷ୍ଟେସନ ପର୍ଯ୍ୟନ୍ତ ଖବରର ଆଦାନ ପ୍ରଦାନ ପାରାମାନଙ୍କ ଦ୍ୱାରା ସମ୍ଭବ ହୋଇଥିଲା । ପରବର୍ତ୍ତୀ କାଳରେ ଭୟାବହ ବନ୍ୟା, ବର୍ଷା ଓ ଝଡ଼ ଯୋଗୁଁ ପୋଲିସ ବେତାର କେନ୍ଦ୍ର ତଥା ଡାକତାର ବିଭାଗର ସଂଯୋଗ ବିଚ୍ଛିନ୍ନ ହୋଇଯାଉଥିବାବେଳେ ପାରାମାନଙ୍କ ଦ୍ୱାରା ସମ୍ବାଦ ଆଦାନ ପ୍ରଦାନ କରାଯାଇ ପରିସ୍ଥିତିର ମୁକାବିଲା କରାଯାଇଥିଲା ।

ପାରାମାନଙ୍କୁ କେବଳ ଯେ ସବୁବେଳେ କାମରେ ଲଗାଯାଏ ତା' ନୁହେଁ, ତାଙ୍କୁ ପ୍ରତ୍ୟହ ବ୍ୟାୟାମର କୌଶଳ ଶିକ୍ଷା ଦିଆଯାଏ ଓ ବର୍ଷକୁ ଥରେ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ପାଇଁ ଉଡ଼ାଣ କରାଯାଇ ଓଡ଼ିଶାର ରାଜ୍ୟସ୍ତରୀୟ ପୋଲିସ ଡ୍ୟୁଟି ପ୍ରତିଯୋଗିତାରେ ଦକ୍ଷ ଉଡ଼ାଣ ପାରାକୁ ସିଲ୍ଡ ଓ କପ୍ ଦେଇ ସମ୍ମାନିତ କରାଯାଏ । ଏହି ପାରା ଉଡ଼ାଣ ପ୍ରତିଯୋଗିତାର ଇତିହାସ ମଧ୍ୟ ବିଚିତ୍ର ।

## ମହାର୍ଘ ସମ୍ପଦ

ବିଦେଶରେ ଲୋକମାନେ ପାରା ପାଳନ କରି ସୌଖିନ୍‌ଭାବରେ ପାରା ଉଡ଼ାଣ ପ୍ରତିଯୋଗିତା କରିବାର ଅନେକ ଉଲ୍ଲେଖନୀୟ ଦୃଷ୍ଟାନ୍ତ ଅଛି । ୧୯୫୫ ମସିହା ଅଗଷ୍ଟ ମାସରେ ବେଲଜିୟମରେ ପାରା କ୍ଲବ ତରଫରୁ ଦୁଇହଜାର ପାରାଙ୍କର ଉଡ଼ାଣ ପ୍ରତିଯୋଗିତା (ମୋଟେଲବାନ୍‌କରୁ ରଚେସେଲ୍ ପର୍ଯ୍ୟନ୍ତ) ହୋଇଥିଲା । ଡାଇଓ୍ୟାନ୍‌ରେ

ପ୍ରତ୍ୟେକ ବର୍ଷ ପାରା ଉଡ଼ାଣ ପ୍ରତିଯୋଗିତା ହୋଇଥାଏ । ୧୯୦୫ ମସିହାରୁ ଏହା ହେଉଛି । ଏହି ପାରା ଉଡ଼ାଣ ପ୍ରତିଯୋଗିତାରେ ୧୦୦୦ ଜଣ ମେମ୍ବର ଥିବା ଗୋଟିଏ କ୍ଲବ ତରଫରୁ ୨୬ ଲକ୍ଷ ଆମେରିକାନ ଡଲାର ଖର୍ଚ୍ଚ ନୂଏ ବଂ ପ୍ରତିଯୋଗିତାରେ ଜିତିଥିବା ପ୍ରତିଯୋଗୀମାନଙ୍କୁ ୨ଲକ୍ଷରୁ ନୂନକଷ ଡଲାର ପୁରସ୍କାର ମିଳିଥାଏ । ତାଇୱାନ୍ ଦେଶରେ ବର୍ତ୍ତମାନ ବି ଘୋଡ଼ା ଦୌଡ଼ପରି ଏହା ଏକ ନିଶାର ଖେଳ, ତାଇୱାନ୍‌ରେ ମିଳୁଥିବା ପାରା ଦୁଇଶହ ଡଲାରରେ ବିକ୍ରୟ ହୁଏ ଏବଂ ଉଚ୍ଚ ଜାତୀୟ ପ୍ରଶିକ୍ଷଣ ଉଡ଼ାଣ ପାରାର ଦାମ୍ ପଚାଶ ହଜାର ଡଲାରରୁ ଅଧିକ ।

ନିମ୍ନରେ ଭାରତରେ ହୋଇଥିବା ପରୋଉ ପାରା ଉଡ଼ାଣ ପ୍ରତିଯୋଗିତାର କେତେକ ବିବରଣୀ ପ୍ରଦାନ କରାଗଲା ।

| ତାରିଖ | କେଉଁଠାରୁ କେଉଁଠାକୁ | ଦୂରତ୍ୱ |
|---|---|---|
| ୧୮ ଫେବ୍ରୁଆରୀ, ୧୯୩୧ | ଆସାନସୋଲରୁ କଲିକତା | ୧୩୨ ମାଇଲ |
| ୩୧ ଡିସେମ୍ବର, ୧୯୩୧ | ହଜାରିବାଗରୁ କଲିକତା | ୨୧୫ ମାଇଲ |
| ୧୧ ଜାନୁଆରୀ, ୧୯୩୩ | ଚନ୍ଦନନଗରରୁ କଲିକତା | ୨୦ ମାଇଲ |
| ୨ ଅକ୍ଟୋବର, ୧୯୩୩ | ପୁରୀରୁ କଲିକତା | ୩୧୦ ମାଇଲ |
| ୧୪ ଅକ୍ଟୋବର, ୧୯୬୦ | ବର୍ଦ୍ଧମାନରୁ କଲିକତା | |
| ୧୮ ଅକ୍ଟୋବର, ୧୯୬୦ | ଚନ୍ଦନନଗରରୁ କଲିକତା | ୨୦ ମାଇଲ |
| ୮ ଏପ୍ରିଲ, ୧୯୪୧ | କଲ୍ୟାଣରୁ ବମ୍ବେ | ୩୨ ମାଇଲ |
| ୧୬ ମାର୍ଚ୍ଚ, ୧୯୬୩ | ବିରଳା ଇଣ୍ଡଷ୍ଟ୍ରିଆଲ ଓ ଟେକ୍‌ନୋଲୋଜିକାଲ୍ ମିଉଜିୟମ୍ କଲିକତାରୁ ସୁରେନ୍ଦ୍ରନାଥ ବେନାର୍ଜୀ ରୋଡ୍, କଲିକତା । | |

ଓଡ଼ିଶା ପୋଲିସ ପାରା ବାହିନୀର ବିଗତ ପାଞ୍ଚବର୍ଷର ଉଡ଼ାଣ ପ୍ରତିଯୋଗିତାର ବିବରଣୀ ନିମ୍ନରେ ପ୍ରଦତ୍ତ ହେଲା ।

| ମସିହା | ପାରାର ନାମ | ସ୍ଥାନ | ଦୂରତ୍ୱ | ଉଡ଼ାଣ ସମୟ |
|---|---|---|---|---|
| ୧୯୮୧ | ORS 2/81 | ବରଗଡ଼-ସମ୍ବଲପୁର | ୧୦୪ କି. ମି. | ୫୧-୪୫ମି. |
| ୧୯୮୨ | FTC 12/81 | ବାଲିଗୁଡ଼ା-ଫୁଲବାଣୀ | ୮୪ କି. ମି. | ୫୧-୫୦ମି. |
| ୧୯୮୩ | ORD 8/83 | କାମାକ୍ଷାନଗର-ଢେଙ୍କାନାଳ । | ୩୩ କି. ମି. | ୫୦-୩୫ମି. |
| ୧୯୮୪ | ORM 42/82 | ଅନୁଗୁଳ-କଟକ | ୧୩୨ କି.ମି. | ୫୧-୧୫ମି. |
| ୧୯୮୫ | ORD 2/85 | କଟକ-କେଉଁଝର | ୨୦୫ କି. ମି. | ୫୨-୨୩ମି. |
| ୧୯୮୬ | ORKD 2/86 | ଖଡ଼ିଆଳ-ଭବାନୀପାଟଣା | ୮୦ କି. ମି. | । |
| ୧୯୮୭ | ORBD 5/87 | ବାଲିଗୁଡ଼ା-ଫୁଲବାଣୀ | ୮୪ କି. ମି. | ୫୫-୦୦ମି. |
| ୧୯୮୮ | ORSG 2/88 | ସମ୍ବଲପୁର-ବଲାଙ୍ଗିର | ୧୨୦ କି. ମି. | ୫୧-୨୦ମି. |
| ୧୯୮୯ | ORD 2/89 | ବେଦବ୍ୟାସ-ସୁନ୍ଦରଗଡ଼ | ୧୦୦ କି. ମି. | ୫୦-୫୫ମି. |

ବି: ଦ୍ର:– ଅଙ୍କଗୁଡ଼ିକରେ ଗୋଟା ଦୂରତ୍ୱ ଉଲ୍ଲେଖ କରାଯାଇଛି ।

## ବିପ୍ଲାଥଣୀ ବନ୍ୟାରେ

ପାରାମାନଙ୍କର ଏହି ଉଲ୍ଲେଖନୀୟ ସେବା ଆଧୁନିକ ଯୁଗର ବେତାର ଯୋଗାଯୋଗ ବ୍ୟବସ୍ଥା ଯୋଗୁ ସ୍ମୃତିଗର୍ଭରେ ଲୀନ ହେବାକୁ ଯାଉଥିବା ସମୟରେ ୧୯୮୨ ମସିହା ଓଡ଼ିଶାର ବନ୍ୟାରେ ବାଙ୍କୀ ସହର ଯେତେବେଳେ ଜଳମଗ୍ନ, ବେତାର କେନ୍ଦ୍ର ବନ୍ଦ ହୋଇଯାଇଛି, ଡାକତାର ବିଭାଗର ଟେଲିଗ୍ରାଫ୍ ଓ ଟେଲିଫୋନ୍ ଲାଇନ୍ ଅଚଳ ହୋଇପଡ଼ିଛି, ବାଙ୍କୀରେ ଥିବା ପାରା କେନ୍ଦ୍ରରୁ ପାରା ଆସି କଟକରେ ବନ୍ୟା ସମୟର ଖବର ଜଣାଇଥିଲା । ଅବଶ୍ୟ ପରେ ତୁରନ୍ତ ପଦକ୍ଷେପ ଯୋଗୁ ନୂତନ ବେତାର ଯନ୍ତ୍ର ପଠାହୋଇ ବାଙ୍କୀରୁ କଟକ ବେତାର ଯୋଗାଯୋଗ କରାଯାଇଥିଲା । ଏହି ଉତ୍କର୍ଷତାକୁ ତତ୍କାଳୀନ ପୋଲିସ ବେତାର ବିଭାଗର ଡି: ଆଇ: ଜି: ଶ୍ରୀ ଆର୍: ଏମ୍: ପଟ୍ଟନାୟକଙ୍କର ଓ ଡାକତାର ବିଭାଗର ଜେନେରାଲ୍ ମ୍ୟାନେଜରଙ୍କ ଯୋଗୁ ୧୯୮୩ ମସିହା ଉତ୍କଳ ଦିବସ ଦିନ ପୋଲିସ ବିଭାଗ ତରଫରୁ ଏକ ବିଶେଷ ଆବରଣ (ସ୍ପେସିଆଲ, ଫାର୍ଷ୍ଟଡେ କଭର) କରାଯାଇଥିଲା ଏବଂ ସେଦିନ ଓଡ଼ିଶା ପୋଲିସ ଗଠନ ଦିବସ ହୋଇଥିବାରୁ ପାରା ସେବା ବ୍ୟବସ୍ଥା (କ୍ୟାନସେଲେସନ୍ ଷ୍ଟାମ୍ପିଙ୍ଗ୍) କରାଯାଇଥିଲା । ୧୯୮୩ ମସିହାରୁ ବାରମ୍ବାର ଚେଷ୍ଟା କରିବା ଫଳରେ ପୋଲିସର ପାରା ଯୋଗାଯୋଗ ବ୍ୟବସ୍ଥା ଏକ ନୂତନ ଜୀବନ ପାଇଲା । ଏହାପରେ ପାରା ଡାକ ବ୍ୟବସ୍ଥା ବର୍ତ୍ତମାନ ସୁଦ୍ଧା ଅଛିବୋଲି ଅନେକ ସ୍ଥାନରେ ପ୍ରକାଶିତ ହେବାପରେ ୟୁ: ଏନ୍: ଆଇ:, ଦୂରଦର୍ଶନ ଓ କେତେକ ସାମ୍ବାଦିକମାନେ ବିଭିନ୍ନ ପତ୍ରିକାରେ ପ୍ରକାଶ କରିଥିଲେ । ଭାରତୀୟ ଡାକ ବିଭାଗ "ପିଜନ୍ ପୋଷ୍ଟ" ନାମରେ ଗୋଟିଏ ଡାକ ଟିକଟ ପ୍ରଚଳନ କରାଇଥିଲେ, ଯାହାକି "ଓ: ଆର୍: ପି: ଇ: ଏକ୍ସ-୮୯" ଅର୍ଥାତ୍ ରାଜ୍ୟ ଡାକ ଟିକଟ ପ୍ରଦର୍ଶନୀରେ "ଫାଷ୍ଟ ଡେ କଭର" ହିସାବରେ ଉଦ୍‌ଘାଟିତ ହୋଇଥିଲା । ସେହି ସମୟରେ ପାରା ସାହାଯ୍ୟରେ ଅନେକ ସମ୍ବାଦ ପ୍ରଦର୍ଶନୀ ହିସାବରେ ଆଦାନ ପ୍ରଦାନ କରାଯାଇଥିଲା । ଯାହାକୁ ଡାକ ବିଭାଗ ଗୋଟିକୁ ୫୦ ଟଙ୍କା ହିସାବରେ ବିକ୍ରୟ କରିଥିଲେ ।

ଗତ ୧୦ ଡିସେମ୍ବର ୧୯୮୯ ମସିହାରେ କଟକ ନଗର ହଜାର ବର୍ଷ ପୂର୍ତ୍ତୀ ଉପଲକ୍ଷେ ଭାରତର ରାଷ୍ଟ୍ରପତି ଶାନ୍ତିଦୂତ ରୂପେ ଓଡ଼ିଶା ପୋଲିସ ବାହିନୀର ପାରାଙ୍କୁ ଉଡ଼ାଇଥିଲେ ।

## ନିର୍ବାଚନ ଯୋଗାଯୋଗ

ଗତ ଦୁଇଟି ନିର୍ବାଚନରେ ଫୁଲବାଣୀ, ସମ୍ବଲପୁର, କେଉଁଝର, ଗଞ୍ଜାମ ଓ କଳାହାଣ୍ଡି ଜିଲ୍ଲାରେ ପାରା ଡାକ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଥିଲା । ଯେଉଁ ସ୍ଥାନରେ ବେତାର କେନ୍ଦ୍ରମାନ ପ୍ରତିଷ୍ଠା ହୋଇପାରି ନଥିଲା ଓ ଶୃଙ୍ଖଳା ଦୃଷ୍ଟିରୁ ଉତ୍ତେଜନାପୂର୍ଣ୍ଣ ଥିଲା, ସେ ସ୍ଥାନମାନଙ୍କୁ ଆଗରୁ ଚିହ୍ନିତ କରି ପ୍ରଶିକ୍ଷଣ ଦିଆଯାଇ ପାରାମାନଙ୍କୁ ବ୍ୟବହାର କରାଯାଇଥିଲା ।

ଅଦ୍ୟାବଧି ସବୁ ପୋଲିସ ଆଉଟ୍‌ପୋଷ୍ଟରେ ବେତାର ଯନ୍ତ୍ର ଯୋଗାଇ ଦିଆଯାଇ ପାରିନାହିଁ । କେତେକ ସ୍ଥାନରେ ଭୌଗଳିକ ପରିସ୍ଥିତି ଯୋଗୁ ବେତାର ଯନ୍ତ୍ର ଦ୍ୱାରା ଯୋଗାଯୋଗ ସମ୍ପର୍କ ସ୍ଥାପନ ହୋଇପାରୁନାହିଁ । ସେହି ପ୍ରକାର କିଛି ଆଉଟ୍‌ପୋଷ୍ଟରେ ଓ ସେହି ଆଉଟ୍‌ପୋଷ୍ଟର ମୁଖ୍ୟ ପୋଲିସ ଷ୍ଟେସନ୍‌ରେ ପାରା କେନ୍ଦ୍ରମାନ ସ୍ଥାପନ କରାଯାଇ ପାରା ଡାକ ଯୋଗାଯୋଗ ବ୍ୟବସ୍ଥା ପୋଲିସ ବେତାର ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯାଉଛି ।

କୌଣସି ଏକ ଯୋଗାଯୋଗ ବ୍ୟବସ୍ଥାର ଦକ୍ଷତା ତାର ନିର୍ଭରଯୋ– ଗ୍ୟତା ଉପରେ ବସ୍ତୁତଃ ନିର୍ଭରଶୀଳ ହୋଇଥାଏ । ଏଣୁ ବେତାର ଯୋଗାଯୋଗ ବ୍ୟବସ୍ଥାରେ "ଯୋଗାଯୋଗ" ଉନ୍ନତ ଥିଲେ ମଧ୍ୟ ଦୁଇଟି ଷ୍ଟେସନ ମଧ୍ୟ ଯୋଗାଣ ଦିଆଯାଇଥାଏ । ଯାହାଫଳରେ, ଗୋଟିଏ ପଥ ହଠାତ୍ ଖରାପ ହୋଇଗଲେ ଅନ୍ୟ ପଦ୍ଧତି ଦ୍ୱାରା କାର୍ଯ୍ୟ ଚଳାଇ ଦିଆଯାଏ । କିନ୍ତୁ ହଠାତ୍ ବର୍ଷା ହୋଇ, ବର୍ଷା ବା ବାତ୍ୟା ଯୋଗୁ କେବୁଲ୍ ଛିଣ୍ଡିଗଲେ ବା ପାଣି ପଡ଼ି ସେଟ୍ ଅକାମୀ ହୋଇଗଲେ ବା ଷ୍ଟେସନ୍ ମଧ୍ୟରେ ପାଣି ପଶିଗଲେ ଦୁଇଟି ବଦଳରେ କୋଡ଼ିଏଟି ସେଟ୍ ଥିଲେ ମଧ୍ୟ ଯୋଗାଯୋଗ ବିଚ୍ଛିନ୍ନ ରହେ । ଏଣୁ ଏହା ଶହେ ପ୍ରତିଶତ ନିର୍ଭରଯୋଗ୍ୟ ନୁହେଁ । ଆଧୁନିକ ଉପଗ୍ରହ ଯୋଗାଯୋଗ ମାଧ୍ୟମ ମଧ୍ୟ ଖୁବ୍ କମ୍ ସମୟରେ ହେଲେ ମଧ୍ୟ କିଛି ସମୟ ପାଇଁ ଶତ ପ୍ରତିଶତ ନିର୍ଭରଯୋଗ୍ୟ ନୁହେଁ । କିନ୍ତୁ ପାରା ଡାକ ଯୋଗାଯୋଗ ବ୍ୟବସ୍ଥାରେ ଯଦି ହଠାତ୍ କୌଣସି ଏକ କେନ୍ଦ୍ରର ସବୁ ପାରା ମରି ନଯାଆନ୍ତି ତାହେଲେ ଶତ ପ୍ରତିଶତ ନିର୍ଭରଯୋଗ୍ୟ । ପାରା ଡାକ ବ୍ୟବସ୍ଥାର ଅନନ୍ୟ ବୈଶିଷ୍ଟ୍ୟ ହେଉଛି ଏହାର ନିର୍ଭରଯୋଗ୍ୟତା । ଏହି ଶତ ପ୍ରତିଶତ ନିର୍ଭରଯୋଗ୍ୟ ପାରା ଡାକ ଯୋଗାଯୋଗ ବ୍ୟବସ୍ଥା ଆଧୁନିକ ଯୁଗର ଯେ କୌଣସି ବୈଜ୍ଞାନିକ ଯୋଗାଯୋଗ ବ୍ୟବସ୍ଥାରେ ତା'ର ବୈଶିଷ୍ଟ୍ୟ ପ୍ରତିପାଦିତ କରି ପାରିବ, ଏଥିରେ ସନ୍ଦେହ ନାହିଁ ।

ଅସ୍ଥାୟୀ ଅଧୀକ୍ଷକ,
ବେତାର ଯୋଗାଯୋଗ ବିଭାଗ,
ଓଡ଼ିଶା, କଟକ ।

## ପାରମ୍ପରିକ ବିବାହ ମେଳା

'ବିବାହ ମେଳା' ଶବ୍ଦଟି ଆଶ୍ଚର୍ଯ୍ୟ ଲାଗିପାରେ । କିନ୍ତୁ ଆମରି ଦେଶରେ ହିଁ ଏହା ଅନୁଷ୍ଠିତ ହୁଏ । ବିହାର ପ୍ରଦେଶର ଏକମାତ୍ର ସୌରଠ ସଭା ବିବାହ ମେଳା ଆୟୋଜନ କରିଥାଏ । ଏଠାରେ ବହୁ ସଂଖ୍ୟାରେ ବିବାହ ସମ୍ପନ୍ନ ହୁଏ । ପ୍ରାୟ ୪୦୦ ବର୍ଷର ପରମ୍ପରା ଥିବା ଏହି ସଙ୍ଗଠନ ଚଳିତ ବର୍ଷ ୫,୦୦୦ ନରନାରୀଙ୍କୁ ବିବାହ ବନ୍ଧନରେ ଆବଦ୍ଧ କରିଛି ।

ଉତ୍ତର ବିହାରର ମଧୁବନୀ ଜିଲ୍ଲା ସୁନ୍ଦର ଚିତ୍ରକଳା ପାଇଁ ଦୁନିଆ ପ୍ରସିଦ୍ଧ । ଏଇ ମାତ୍ର ଶେଷ ହୋଇଥିବା ମେଳା ସଉରାଠିରେ ଅନୁଷ୍ଠିତ ହୋଇଥିଲା । ସେଠାରେ ବହୁ ସଂଖ୍ୟକ ଯୋଗ୍ୟ ବରପାତ୍ର ଏକତ୍ରିତ ହୋଇଥିଲେ । ସେମାନେ ଫିକା ଗୋଲାପି ରଙ୍ଗର ଧୋତି ପରିଧାନ କରି କନ୍ୟା ପିତାମାନଙ୍କ ସହିତ ନିଜର ବିବାହ ବିଷୟରେ ଆଲୋଚନା କରିଥିଲେ ।

ବିଶ୍ୱାସ କରାଯାଏ ଯେ ଏହି 'ସଭା' ବହୁ ଶତାବ୍ଦୀ ପୂର୍ବେ ଆରମ୍ଭ ହୋଇଥିଲା । ବିନା ଯୌତୁକରେ ସରଳ ଓ ନିରାଡମ୍ବର ବିବାହ ସମ୍ପାଦନ କରିବା ଥିଲା ଏହାର ମୁଖ୍ୟ ଉଦ୍ଦେଶ୍ୟ । ବାସ୍ତବରେ, ଏହି ମେଳା ବିବାହ ଋତୁର ଶେଷଭାଗରେ ବର୍ଷକୁ ଥରେ ସପ୍ତାହ ବ୍ୟାପୀ ଚାଲେ । ସାଧାରଣତଃ ଅନ୍ୟତ୍ର ସମ୍ବନ୍ଧ ଠିକ୍ ହୋଇ ନପାରିଲେ ବରକନ୍ୟାମାନେ ଏହି ସଭାରେ ପୁନଶ୍ଚ ସମ୍ପର୍କ ସ୍ଥାପନ ପ୍ରୟାସ କରନ୍ତି ।

ବୟୋବୃଦ୍ଧଙ୍କ କଥାନୁଯାୟୀ ଏହି ପ୍ରଥା ମହାରାଜା ହରସିଂହ ଦେଓ ପ୍ରଚଳିତ କରିଥିଲେ । ଚତୁର୍ଦ୍ଦଶ ଶତାବ୍ଦୀରେ ସେ ମିଥିଳାଞ୍ଚଳରେ ଶାସନ କରୁଥିଲେ । ସେ କନ୍ୟା ପିତାମାନଙ୍କ ସମସ୍ୟା ଦୂର କରିବା ପାଇଁ ଯୌତୁକଶୂନ୍ୟ ବିବାହ ପ୍ରଥା ପ୍ରବର୍ତ୍ତିତ କରିଥିଲେ ।

ଉକ୍ତ ପ୍ରଥାର ପୂର୍ଣ୍ଣ ବିବରଣୀରୁ ଜଣାପଡ଼େ, ପଞ୍ଜିକାରଙ୍କ ମତାନୁଯାୟୀ ପ୍ରଥମେ କନ୍ୟାର ଅଭିଭାବକ ଏକ ଯୋଗ୍ୟ ବରପାତ୍ର ଠିକ୍ କରିବା ପାଇଁ ଅନୁରୋଧ କରନ୍ତି । ନିର୍ବନ୍ଧ ସମ୍ପର୍କରେ ଆଲୋଚନା ପରେ ଉଭୟ ପକ୍ଷ ଗୋତ୍ର ଇତ୍ୟାଦି ତନଖିବା ପାଇଁ ପଞ୍ଜିକାରଙ୍କୁ ଅନୁରୋଧ କରନ୍ତି ।

ଯଦି ଏହା ଉଭୟ ପକ୍ଷ ପାଇଁ ଉପଯୁକ୍ତ ବିବେଚିତ ହୁଏ ତେବେ ପଞ୍ଜିକାର ବିବାହ ସମ୍ପାଦନ ପାଇଁ ସୁପାରିଶ କରନ୍ତି – ଏକ କ୍ଷୁଦ୍ର ତାଳପତ୍ରରେ ସେ ଯୋଗ୍ୟ ବିବେଚନାର ପ୍ରମାଣପତ୍ର ପ୍ରଦାନ କରନ୍ତି ।

ଏହି ପଞ୍ଜିକାରଙ୍କ ଅନୁସାରେ ପ୍ରତ୍ୟେକ ମୈଥିଳି ବ୍ରାହ୍ମଣଙ୍କ ବିଷୟ "ବଂଶାବଳୀ"ରେ ଲିପିବଦ୍ଧ ଅଛି । ଏହି ପ୍ରାଚୀନ ଲେଖାଗାରରେ ଯାହାର ନାମ ନାହିଁ ସେ ମୈଥିଳି ବ୍ରାହ୍ମଣ ରୂପେ ସ୍ୱୀକୃତ ନୁହନ୍ତି ବୋଲି ସେମାନଙ୍କ ମଧ୍ୟରୁ ଜଣେ ପଞ୍ଜିକାର ଦାବୀ କରିଛନ୍ତି ।

# ମଜୁରୀ ବୃଦ୍ଧି ଏକ ଐତିହାସିକ ପଦକ୍ଷେପ

ଶ୍ରୀ ଗଙ୍ଗାଧର ସ୍ୱାଇଁ

ଦୀର୍ଘ ୨୭ ବର୍ଷ ପରେ ପୁନର୍ବାର ଓଡ଼ିଶାର ଶାସନ କ୍ଷମତାକୁ ଫେରି ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବାର ମାତ୍ର ୧୮ ଦିନ ମଧ୍ୟରେ ଶ୍ରୀ ବିଜୁ ପଟ୍ଟନାୟକ ସର୍ବନିମ୍ନ ମଜୁରୀ ୧୧ ଟଙ୍କାରୁ ୨୫ ଟଙ୍କାକୁ ବୃଦ୍ଧି କରି ଓଡ଼ିଶାର ଅଗଣିତ ଶ୍ରମଜୀବୀ ଭାଇ ଭଉଣୀମାନଙ୍କ ମନରେ ଆଶା ଓ ଆନନ୍ଦ ସଂଚ୍ଚାର କରିଛନ୍ତି ।

ବିଗତ ୪୨ ବର୍ଷ ଶାସନ କାଳ ଭିତରେ କୌଣସି ମୁଖ୍ୟମନ୍ତ୍ରୀ ଏପରି ସହାନୁଭୂତିଶୀଳ ମାନବବାଦୀ ନିଷ୍ପତ୍ତି ଗ୍ରହଣ କରିଥିବାର ନଜିର ନାହିଁ । ତେଣୁ ଏହା ନିଶ୍ଚିତ ଭାବେ ଏକ ଐତିହାସିକ ପଦକ୍ଷେପ । ଇତିହାସ ଯଥାର୍ଥ ଭାବେ ତାଙ୍କୁ ଦରଦୀ ନେତାର ଆଖ୍ୟା ପ୍ରଦାନ କରି ତାହାକୁ ସ୍ୱର୍ଣ୍ଣାକ୍ଷରରେ ଯେ ଲିପିବଦ୍ଧ କରି ରଖିବ ଏଥିରେ କୌଣସି ସନ୍ଦେହ ନାହିଁ ।

ମୁଖ୍ୟମନ୍ତ୍ରୀଙ୍କର ଏତାଦୃଶ ନିଷ୍ପତ୍ତି ଗ୍ରହଣ ମୂଳରେ ଖଟିଖିଆ ମେହନତି ମଣିଷ ପ୍ରତି ଯେ ସମ୍ବେଦନା ଭରି ରହିଛି ଏହା ସର୍ବଜନ ବିଦିତ ।

ଓଡ଼ିଶା ଅପେକ୍ଷାକୃତ ସ୍ୱଳ୍ପ ସମୃଦ୍ଧ ରାଜ୍ୟ । ତାହାର ପ୍ରାୟ ଅର୍ଦ୍ଧାଧିକ ଲୋକ ଦାରିଦ୍ର୍ୟର ସୀମାରେଖା ତଳେ ରହିଛନ୍ତି ଓ ଶ୍ରମଜୀବୀଭାବେ କାଳାତିପାତ କରୁଛନ୍ତି । ସେମାନଙ୍କ ମଧ୍ୟରୁ କେତେକ କୃଷିଶ୍ରମିକ କେତେକ ଶିଳ୍ପ ଶ୍ରମିକ ଆଉ କେତେକ ଖାଦାନ ଶ୍ରମିକ ।

ପ୍ରତିଦିନ ସେମାନେ ଖରାଦରାରେ ଶିଝି, ଝଡ଼ି ବର୍ଷାରେ ଭିଜି ଭୁଡ଼ି, କାକର ଖାଇ, ଗଛ ମୂଳେ କିମ୍ବା ଝୁମ୍ପୁଡ଼ି ତଳେ ପଡ଼ି ରହି 'ଅନବରତ' ଶ୍ରମଦାନ କରି ଚାଲିଥାନ୍ତି; ସଞ୍ଜବେଳେ ଯାଇ ଏଗାରଟା ଟଙ୍କା ମାତ୍ର ମଜୁରୀ ଅଣ୍ଟାରେ ମାରି ସଞ୍ଜରେ ଘରକୁ ଫେରନ୍ତି । ପ୍ରତ୍ୟେକ ଘରେ ସ୍ତ୍ରୀ ଆଉ ପିଲାଛୁଆ ଭୁକ ଭୁକିଲା ପେଟ ବିକଳରେ ଅନେଇ ବସିଥାନ୍ତି ଶ୍ରମିକର ଫେରିବା ବାଟକୁ ।

ହାଟ ବଜାରରେ ମୁଣ୍ଡିରେ ବୁଲାବୁଲି କରି ସଉଦା କିଣିବାର ସଉକ ତାର ନଥାଏ, ତା'ଛଡ଼ା ଆକାଶ ଛୁଆଁ ବଜାର ଭାଉ ତା'ଭିତରକୁ ସହଜରେ ସେ ପଶି ପାରେନି, ବାହାରେ, ବାହାରେ ରହି ପ୍ରାୟ ଦୁଇ କେଜି ଚାଉଳ କିମ୍ବା ମାଣ୍ଡିଆ, କିଛି ଲୁଣ, ତେନ୍ତୁଳି ମେଞ୍ଚେ, ଲଙ୍କା ଦୁଇ ଖଣ୍ଡଟା ବସ ଗାମୁଛା କାନିଟାରେ ଯତନରେ ବାନ୍ଧି ଅଣନିଶ୍ୱାସୀ ହୋଇ ପଳାନ୍ତି ଦଉଡ଼େ । ଘର ଭିତରକୁ ପଶୁ ପଶୁ ଶୁଣେ, ପାଣି ନାହିଁ, କଳଟା ପାଖରେ ଲମ୍ବା ଧାଡ଼ି ଲାଗିଛି, ଚୁଲି ମୁହଁରେ ଧୂଆ ହୋଇଥିବା ଡାଳ କେରାକରେ ଶୁଖିଲା ଗଛ୍ଚାକ ଫୁଟିବକି ନାହିଁ ସନ୍ଦେହ । ଯାହାବି ହଉ, ପିଖା ଦରସିଝା କରି ସେମାନେ ଖାଇ ବସନ୍ତି, କେମିତି ସେ ଓଳିକ ବଞ୍ଚିଯିବା ପାଇଁ । ଆସନ୍ତା କାଲି ପାଇଁ ତାଙ୍କର ଭଗବାନ ଭରସା ।

କାମ ନାହିଁ ତ ଖୋରାକ ନାହିଁ । ଖଟିଖିଆ ମଣିଷ ଓଳିଏ ଖାଇଲେ ଆଉ ଓଳିକି ଚିନ୍ତାରେ ଥାଏ । ତାର ଦିନକର ମଜୁରୀରେ ଅଣ୍ଟୁଥିଲା ଲୁଗା ଖଣ୍ଡେ ବି ସେ କିଣି ପାରେନି । ଋଣ କରେ । ସାହୁକାର ଓ ମହାଜନର ତୋଡ଼ବାଡ଼ ସହି ନପାରି ଦାଦନ ଶ୍ରମିକ ହୋଇ ରାଜ୍ୟ ଛାଡ଼ି ବିଦେଶକୁ ପଳାଇ ଥାଏ । ସଂସାରଟା ତାର ଉଜୁଡ଼ି ଯାଏ । ବିଦେଶରେ ମରି ହଜିଗଲେ ଖବର ନବାକୁ କେହି ନଥାଏ । ଏହା ହେଲା ଆମ ସାମାଜିକ ଜୀବନର ନିଖୁଣ କରୁଣ ଚିତ୍ର । ତାର ପ୍ରଧାନ କାରଣ ହେଲା ଦେଶ ଅର୍ଥନୀତିର ଲଗାମଗୁଡ଼ିକ ବିତ୍ତଶାଳୀମାନଙ୍କ ହାତରେ । ତେଣୁ ଶ୍ରମିକର ଅବସ୍ଥାରେ ଆଜି ଏପରି ବିପର୍ଯ୍ୟୟ ଦେଖା ଦେଉଛି । ଯନ୍ତ୍ର ରାକ୍ଷସ ତାର ସର୍ବଗ୍ରାସୀ ଜିହ୍ୱା ବିସ୍ତାର କରି ଶ୍ରମିକ ସମାଜର ମୁଖ ସ୍ୱଚ୍ଛନ୍ଦ ଗ୍ରାସ କରିବାକୁ ବସିଲାଣି ।

ଦୀର୍ଘକାଳ ଧରି ଓଡ଼ିଶାର ଶାସନ କ୍ଷମତାରୁ ଦୂରରେ ରହି ମଧ୍ୟ ବିଜୁ ପଟ୍ଟନାୟକ ଶ୍ରମଜୀବୀ ଓଡ଼ିଆ ଭାଇ ଭଉଣୀ ଓ ପୁଅ ଝିଅମାନଙ୍କର ଦୁର୍ଦ୍ଦଶା ଓ ପ୍ରକୃତ ଆବଶ୍ୟକତା ସମ୍ପର୍କରେ ବେଶ୍ ସଚେତନ ଥିଲେ ।

ଓଡ଼ିଶାର ଅନାହାର ମୃତ୍ୟୁ ଖବର ସେ ବରାବର ରଖୁଥିଲେ । ସେଥିପାଇଁ ସେ ଶୋଷଣ ଓ ଅନାଚାର ବିରୁଦ୍ଧରେ ସଂଗ୍ରାମ ଜାରୀ ରଖିଥିଲେ । ଦାରିଦ୍ର୍ୟ ବିରୁଦ୍ଧରେ ସେ ଅନବରତ ସଂଗ୍ରାମଶୀଳ । ଦେଢ଼କୋଟିରୁ ଅଧିକ ଓଡ଼ିଆ ଶ୍ରମଜୀବୀମାନଙ୍କର ବହୁବିଧ ସମସ୍ୟା ଓ ଦୁରାବସ୍ଥାର କରୁଣ ଚିତ୍ର ତାଙ୍କ ମାନସପଟରେ ବିଷଣ୍ଣତାର ସୀମାରେଖା ଅଙ୍କନ କରି ନାହିଁ, ଦୁଃସାହସର ସହିତ ସମାଧାନର ଲକ୍ଷ୍ୟ ଅଭିମୁଖେ

ପାଇଁ ଦ୍ରୁତଗତିରେ କରି ଦେଇଛି ଅଙ୍ଗୀକାର । ଶାସନ କ୍ଷମତାକୁ ଆସିବା ପରେ ମଜୁରୀ ବୃଦ୍ଧି କରିବା ପାଇଁ ସେ ନିଷ୍ପତ୍ତି ଗ୍ରହଣ କଲେ । କାରଣ ସେ ଭଲ ଭାବରେ ଜାଣିଥିଲେ ଯେ ଜଣେ ଖଟିଖିଆର ଜୀବନ ଧାରଣ ମାନ ଉନ୍ନତ ନହେଲେ ରାଷ୍ଟ୍ରର ସାମୂହିକ ଉନ୍ନତି ବିଡ଼ମ୍ବିତ ହେବ ।

ଗତ ମାର୍ଚ୍ଚ ମାସ ୨୩ ତାରିଖ ଦିନ ଗୋଟିଏ ବହୁଳ ପ୍ରଚାରିତ ସମ୍ବାଦପତ୍ରରେ ପ୍ରଥମ ସ୍ତମ୍ଭରେ ନିମ୍ନୋକ୍ତ ଶିରୋନାମା ପ୍ରକାଶ ପାଇଲା :

"ପାରାଦୀପଠାରେ ରାଜ୍ୟର ଦ୍ୱିତୀୟ ଇସ୍ପାତ କାରଖାନା ପ୍ରତିଷ୍ଠା ନିଶ୍ଚିତ – ଶ୍ରମିକମାନଙ୍କର ସର୍ବନିମ୍ନ ମଜୁରୀ ୨୫ ଟଙ୍କା ହେଲା" ।

ଏହି ସମ୍ବାଦଟି ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କଲା । କିଛି ଲୋକ ଆଶ୍ଚର୍ଯ୍ୟ ହେଲେ । କେହି କେହି ମଧ୍ୟ ବିରୋଧ କଲେ । କିନ୍ତୁ ରାଜ୍ୟ ଜନସଂଖ୍ୟାର ଅଧିକାଂଶ ଶ୍ରମଜୀବୀ ଆନନ୍ଦରେ ବିଭୋର ହୋଇ ପଡ଼ିଲେ । କାରଣ ଅତୀତରେ ଶାସକବର୍ଗ ସେମାନଙ୍କ ପ୍ରତି ଏପରି ଅନୁକମ୍ପା ପ୍ରଦର୍ଶନ କରିବା ତ ଦୂରର କଥା ସେମାନେ "ସବୁ ହାତକୁ କାମ" ଓ "ଋଣ ଛାତ୍ର" ପ୍ରଭୃତି କ୍ରାନ୍ତିକାରୀ କାର୍ଯ୍ୟକ୍ରମ ସାର୍ଥକ ଭାବେ ରୂପାୟିତ କରିପାରି ନଥିଲେ ।

ମଜୁରୀ ବୃଦ୍ଧି କରାଯାଇଛି ସେହିମାନଙ୍କ ପାଇଁ ଯେଉଁମାନେ ସମାଜରେ ଚିର ଅବହେଳିତ ହୋଇ ଆସୁଥିଲେ, ଦାନା କଷ୍ଟ ଭୋଗୁଥିଲେ । ଧର୍ଷଣ, କଷଣ ଓ ଶୋଷଣ ଭଳି ନାନା ପ୍ରକାର ନିର୍ଯାତନା ସହି ଆସୁଥିଲେ । ଯାହାର କପାଳରେ ଅନାହାର ମୃତ୍ୟୁ ଲେଖାଥିଲା, ପେଟ ଦାଉରୁ ରକ୍ଷା ପାଇବା ପାଇଁ ଯିଏ ନିଜର ପିଲାଛୁଆଗୁଡ଼ାକୁ ଗୋରୁଗାଈ, ଛେଳିମେଣ୍ଢା ପରି ବଜାରରେ ବିକ୍ରୀ କରୁଥିଲା । ଔଷଧ ଟୋପାଏ ଯାହା ପାଇଁ ସାତ ସପନ ଥିଲା । ଯୌବନ ଅବସ୍ଥାରେ ଦେହଟାକୁ ଢାଙ୍କିବା ପାଇଁ ଯାହାର ଖିଅଟା ଲୁଗା ଖଣ୍ଡେ ପାଉ ନଥିଲା । ସେହି ମେହନତି ମଣିଷମାନଙ୍କ ପାଇଁ କେଇଟା ଟଙ୍କା ମଜୁରୀ ଆକାରରେ ବଢ଼େଇ ଦିଆଯାଇଛି । ତେବେ ସେଥିପାଇଁ ଏତେ ବିତର୍କ କାହିଁକି ?

ଦେଶ ପାଇଁ ସେମାନଙ୍କର ଅବଦାନ ସାମାନ୍ୟ ନୁହେଁ । ୨୫ ଟଙ୍କା ମଜୁରୀ ସେମାନଙ୍କୁ ଦିଆଗଲେ ଦେଶଟା କଣ ସତରେ ଉଜୁଡ଼ି ଯିବ ନା ଋଣ ଭାରରେ ବୁଡ଼ିଯିବ ? ଅଧା ପେଟଖିଆ ସେ ଶ୍ରମିକ ଭାଇଟି ୨୫ ଟଙ୍କା ମଜୁରୀ ନେଇ ଯଦି ଶାନ୍ତିରେ କୁଟୁମ୍ବ ପ୍ରତିପୋଷଣ କରେ ତେବେ ସତରେ କ'ଣ ଦେଶରେ ଉତ୍କଟ ଖାଦ୍ୟ ସମସ୍ୟା ସୃଷ୍ଟି ହେବ ନା ଉତ୍ପାଦନ ହ୍ରାସ ପାଇବ ? କଥାରେ ଅଛି ଆବଶ୍ୟକତା ହିଁ ଉଦ୍ଭାବନର ଜନନୀ. ପଞ୍ଜାବ ସରକାର ତ ୩୦ ଟଙ୍କା ମଜୁରୀ ଦେଇ ଆସୁଛନ୍ତି । ତେବେ ଏଥିପାଇଁ ଏତେ ବିସ୍ତୃତ ଆଲୋଚନା ଚାଲିଛି କାହିଁକି ?

ଅବଶ୍ୟ ବିଳାସପୂର୍ଣ୍ଣ ଜୀବନର ରଙ୍ଗୀନ୍ ସ୍ୱପ୍ନ କିଛିଟା ପାଣ୍ଡୁର ହୋଇପାରେ । କିନ୍ତୁ ଶ୍ରମିକମାନଙ୍କ ସହିତ ମାଲିକମାନଙ୍କର ସୁସମ୍ପର୍କ ଓ ସହଯୋଗ ବୃଦ୍ଧି ପାଇଲେ ଦେଶର ଉତ୍ପାଦନ ଯୁଗାନ୍ତକାରୀ ହୋଇପାରିବ । ତେଣୁ ସେମାନଙ୍କର ସମସ୍ୟା କ'ଣ ଆପେ ଆପେ ଦୂରେଇ ଯିବନି ? ତେବେ ବିରୋଧ କାହିଁକି ? ଯୁକ୍ତି ଛଳରେ କୁହାଯାଇ ପାରେ, ବଜାର ଦରକୁ ଦୃଷ୍ଟିରେ ରଖି ମହଙ୍ଗା ଭତ୍ତା ଭଳି ଅନ୍ୟାନ୍ୟ ଭତ୍ତା ସବୁକୁ ଯେପରି ଭାବେ ବୃଦ୍ଧି କରାଯାଉଛି ସେହିପରିଭାବେ ଶ୍ରମିକ ମଜୁରୀ ହାର ବୃଦ୍ଧି ପାଇଁ ଧ୍ୟାନ ଦିଆଯିବ ନାହିଁ କାହିଁକି ? ଗାଁମାନଙ୍କରେ କେହି କେହି କଥା ହୁଅନ୍ତି ସ୍ୱାଧୀନତା ପ୍ରାପ୍ତିର ଅବ୍ୟବହିତ ପରେ ଅର୍ଥାତ୍ ୫୦/୫୨ ବର୍ଷ ତଳେ ଗୋଟିଏ ଶାବଳର ମୂଲ୍ୟ ଯାହା ଥିଲା ବର୍ତ୍ତମାନ ଗୋଟିଏ ଛୁଞ୍ଚିର ମୂଲ୍ୟ ପ୍ରାୟ ତା'ସହିତ ସମାନ ହେଲାଣି । ସେହିପରି ଦିନେ ଜୋତାର ମୂଲ୍ୟ ସେତେବେଳେ ଯାହା ଥିଲା ବର୍ତ୍ତମାନ ସେହି ଜୋତାକୁ ସଫା କରୁଥିବା ପଲିସ୍ ବା ରଙ୍ଗ ଡବାଟିର ମୂଲ୍ୟ ମଧ୍ୟ ସେଇଆ ହେଲାଣି । ତେବେ ସେହି ଅନୁପାତରେ ଜଣେ ଶ୍ରମିକ ମଜୁରୀ ଯୁକ୍ତିଯୁକ୍ତ ଭାବେ ଅଧିକ ହେବ ନାହିଁ କାହିଁକି ?

ତେଣୁ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ହେଲେ ମଧ୍ୟ ଅଭିନନ୍ଦନ ବାଣ୍ଟିଏ ଏହା ସପକ୍ଷରେ ବାଢ଼ିବା ପାଇଁ ସେହି ନିରୀହ, ଅଶିକ୍ଷିତ ଓ ଅସଂଗଠିତ ମଣିଷମାନେ ଅସମର୍ଥ ହୋଇଥାନ୍ତି । ସେମାନଙ୍କର ଆନ୍ତରିକ ଓ ନୀରବ ସମର୍ଥନ ଦୈନନ୍ଦିନ ଜଞ୍ଜାଳର ଚିମ୍‌ନୀ ଧୂଆଁରେ ମିଳାଇ ଯାଏ, କ୍ଷେତ ବାଡ଼ିରେ ହଜିଯାଏ ଓ ବଣ ଜଙ୍ଗଲର ଗିରି ଗୁହାରେ ଲୁଚିଯାଏ । ସେମାନଙ୍କର ନିଜର ବୋଲି ଜଣେ ହେଲେ କେହି ନଥାଏ ଯିଏ ତାଙ୍କ ସୁଖ ଦୁଃଖର ବାର୍ତ୍ତାଟିଏ ଆଣି ରାଜଧାନୀର ପ୍ରଶସ୍ତ ରାଜଦାଣ୍ଡରେ ପକେଇ ପାରିବ । ତେଣୁ "ବିଜୁବାବୁ" ସେମାନଙ୍କର ଖାସ ଲୋକ । ସେ ସେମାନଙ୍କର ଦରଦ ବୁଝି ମଜୁରୀ ବୃଦ୍ଧି ଘୋଷଣା କରିଛନ୍ତି ।

ଶ୍ରମିକ ନେତା,
ଓ: ସି: ସି: ଲିମିଟେଡ୍,
ୟୁନିଟ୍–୮, ଭୁବନେଶ୍ୱର ।

ଗତ ସଂଖ୍ୟାରେ ପ୍ରକାଶିତ ଏରୋଡ୍ରମ୍ ବିଦ୍ୟାଳୟର ବାର୍ଷିକୋତ୍ସବ ଫଟୋରେ ବିଧାନସଭା ବାଚସ୍ପତିଙ୍କ ନାମ ପ୍ରକାଶିତ ହୋଇଛି । କିନ୍ତୁ ଚିତ୍ରରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ସହିତ ପାଟକୁରାର ପୂର୍ବତନ ଏମ୍.ଏଲ୍.ଏ. ଶ୍ରୀ ରାଜକିଶୋର ନାୟକ ମଞ୍ଚ ଉପରେ ଆସୀନ ।

— ସହ ସମ୍ପାଦକ

# ତୁଳସୀପତ୍ରରେ 'ଗୀତଗୋବିନ୍ଦ'

ଶ୍ରୀ ଗଣେଶ ପ୍ରସାଦ ପରିଜା

ପଦ୍ମା ! ଗୀତଗୋବିନ୍ଦ ମୋର ଅତି ପ୍ରିୟ । ମୁଁ ଚାହେଁ ତୁଳସୀପତ୍ର ଉପରେ ଚନ୍ଦନରେ ଗୀତଗୋବିନ୍ଦ ଲେଖି ତୁ ମୋତେ ସମର୍ପଣ କରିବୁ । ମୁଁ ବିଶ୍ୱକୁ ଦେଖାଇ ଦେବି ଦୁଇଟି ପ୍ରିୟ ମୋ ହୃଦୟର ନିକଟତର ।

ହଠାତ୍ ନିଦ ଭାଙ୍ଗିଗଲା ପଦ୍ମାର । ସେ ବିଛଣା ଉପରେ ଉଠି ବସିଲେ । ସେ ଭାବିଲେ ନିଦରେ ଶୋଇ ଯାହା ଦେଖୁଛନ୍ତି ତାହା ସ୍ୱପ୍ନ । ସେହି ସ୍ୱପ୍ନ କଥାକୁ ସତ ବୁଝି ତୁଳସୀପତ୍ରରେ ଗୀତଗୋବିନ୍ଦ ଲେଖି ସମର୍ପଣ କରିବା ଠିକ୍ ହେବ ନାହିଁ । ପୁଣି ଶ୍ରୀଜଗନ୍ନାଥଙ୍କ ସେବକମାନେ ତାହା କରାଇ ଦେବାରେ ବାଧା ଦେଇ ପାରନ୍ତି । ସେମାନେ ବାଧା ଦେଲେ ଆଉ ସମର୍ପଣ କରିବା ସହଜ ହେବ ନାହିଁ । ପୁଣି ଗୀତଗୋବିନ୍ଦ ଦ୍ୱାଦଶ ସର୍ଗରେ ସମାପ୍ତ ହୋଇଛି । ଏତେ ଗୁଡାଏ ଶ୍ଳୋକ ଲେଖିବାକୁ ଯେଉଁଭଳି ବହୁ ତୁଳସୀପତ୍ର ଆବଶ୍ୟକ ସେହିଭଳି ଯଥେଷ୍ଟ ସମୟ ଦରକାର ତାହା ଲେଖିବା ପାଇଁ । ଗୋଟିଏ ଦିନର ତୁଳସୀପତ୍ର ତା' ଆରଦିନକୁ ରହିଲେ ମଉଳି ଯିବ । ତେଣୁ ଏହା ସମ୍ଭବପର ନୁହେଁ ।

ତଥାପି ପଦ୍ମାର ହୃଦୟ ଭିତରେ କିଏ ଯେପରି ରହି ରହି କହୁଛି, ପଦ୍ମାଃ ଗୀତଗୋବିନ୍ଦ ମୋର ଅତି ପ୍ରିୟ । ତୁ ତୁଳସୀ ପତ୍ରରେ ତାହା ଲେଖ ମୋତେ ସମର୍ପଣ କର ।

ମହାପ୍ରଭୁ ! ତାହା କରିବା ମୋ ପକ୍ଷରେ ସହଜସାଧ୍ୟ ନୁହେଁ । ମନ୍ଦିର କଥା କରିବା ପାଇଁ ଗଲେ ପ୍ରଥମେ ଆପଣଙ୍କ ସେବକମାନେ ବାଧା ଦେବେ । ମୁଁ ଜଣେ ସ୍ତ୍ରୀଲୋକ । ପୁଣି ଗୀତଗୋବିନ୍ଦ ଲେଖକର ଧର୍ମପତ୍ନୀ । କୌଣସି ବିବାଦରେ ଉପନୀତ ହୋଇ ସଫଳ କାମ ହେବା ମୋ ପକ୍ଷରେ ମୋଟେ ସହଜ ନୁହେଁ । ପ୍ରଥମେ ଗୀତଗୋବିନ୍ଦ ଲେଖିବାକୁ ଗୁଡାଏ ତୁଳସୀପତ୍ର ଦରକାର । ତୁଳସୀପତ୍ର ଯଦି ମିଳେ, ସେସବୁରେ ଗୀତଗୋବିନ୍ଦ ଲେଖିବାକୁ ମୁଁ ଏକା ପାରିବି ନାହିଁ । ମୋତେ କ୍ଷମା ଦିଅନ୍ତୁ ମହାପ୍ରଭୁ । ଏଥିପାଇଁ ମୁଁ ଅପାରଗ ।

ପୁଣି ଟିକିଏ ପରେ ପଦ୍ମା ଭାବିଲା, ମହାପ୍ରଭୁ ଯେତେବେଳେ ଚାହୁଁଛନ୍ତି ତାଙ୍କୁ ନାସ୍ତି କରିଦେବା ଅପରାଧ ବରଂ ଚେଷ୍ଟା କରିବା ଦରକାର । ଯଦି ନହୁଏ ତେବେ ଦୋଷ ଲାଗିବ ନାହିଁ । କିନ୍ତୁ ଯଦି ସେ କହନ୍ତି ଅଥଚ ତାଙ୍କୁ ସମର୍ପଣ କରି ନହୁଏ ? କାହିଁକି ନା ରାଜା ଆଉ ଗୋଟିଏ ଗୀତଗୋବିନ୍ଦ ଲେଖିଛନ୍ତି । ରାଜା ଆଉ ତାଙ୍କ ଲୋକେ କହୁଛନ୍ତି ସେ ଗୀତଗୋବିନ୍ଦ ମୋ ସ୍ୱାମୀଙ୍କ ଲେଖାଠାରୁ ଆହୁରି ଅଧିକ ସରସ ଆଉ ସୁନ୍ଦର । ମନ୍ଦିରର ପଣ୍ଡା ପଡ଼ିଆରୀମାନେ ରାଜାଙ୍କ ସପକ୍ଷରେ । ସେମାନେ ପ୍ରଚାର ଚଳାଇଛନ୍ତି ରାଜାଙ୍କ ଗୀତଗୋବିନ୍ଦର କଣିକାଏ ସରି ନୁହେଁ ଜୟଦେବଙ୍କ ଗୀତଗୋବିନ୍ଦ । ଏପରି ଅବସ୍ଥାରେ ତୁଳସୀପତ୍ରରେ ଗୀତଗୋବିନ୍ଦ ଲେଖି ସମର୍ପଣ ହେବ କିପରି ? ପତ୍ର ସଂଗ୍ରହ କରି ଲେଖିସାରିଲା ପରେ ଯଦି ସମର୍ପଣ ନହୁଏ ତେବେ ଦୁଃଖ ଲାଗିବ ।

ତାହାହେଲେ କ'ଣ ସେଭଳି ଚେଷ୍ଟା କରିବା ଉଚିତ ନୁହେଁ ? ପଦ୍ମା ଅନେଇଲା ନୀଳଚକ୍ର ଆଡକୁ । ମନେ ମନେ କହିଲା, ହେ ମହାପ୍ରଭୁ, ଯଦି ତୁମେ ଇଚ୍ଛା କରିଛ ଗୀତଗୋବିନ୍ଦ ଲିଖିତ ତୁଳସୀପତ୍ରରେ ଶୋଭିତ ହେବା ପାଇଁ ତେବେ ତୁଳସୀପତ୍ର ମୋ ପାଖକୁ ପଠାଇଦେଲେ ସେଥିରେ ଗୀତଗୋବିନ୍ଦ ଲେଖି ତୁମକୁ ସମର୍ପଣ କରିବି ।

ନୀଳଚକ୍ରକୁ ଅନାଇ ତା' ମନ କଥା କହି ସାରିଲା ପରେ ପୁଣି ସେ ମନେ ମନେ ହସିବାକୁ ଆରମ୍ଭ କଲା, ଆରେ ଏ କ'ଣ ମୁଁ କରୁଛି ? ମୋ କଥା ମୁତାବକ ଜଗତରେ ଯେ ନାଥ ସେ କ'ଣ ତୁଳସୀପତ୍ର ପଠାଇ ଦେବେ ? ଯଦି ନପଠାଇ ଦେବେ ତେବେ କହିଲେ କାହିଁକି ? ସେ କ'ଣ ଜାଣୁ ନାହାନ୍ତି ପଦ୍ମା ଗୋଟିଏ

ସ୍ୱଲୋକ । ଗୀତଗୋବିନ୍ଦର ସମସ୍ତ ପଦ ଲେଖିବା ପାଇଁ ବହୁ ତୁଳସୀପତ୍ର ଆବଶ୍ୟକ ସେତକ ସେ ଯୋଗାଡ କରିବ କେଉଁଠୁ ?

ପଦ୍ମା ଭାବି ଚାଲିଥାଏ ଆଗପଛ ବହୁ କଥା । ବେଳ କେତେ ହେଲାଣି ତାଙ୍କୁ ଜଣା ପଡୁ ନଥାଏ । ହଠାତ୍ କାହାର ପାଟି ସେ ଶୁଣିଲା । କିଏ ଯେପରି ଜଣେ ବାହାରେ ତାଙ୍କୁ ଡାକୁଛି । ହୁଏତ କେହି ତାଙ୍କ ସ୍ୱାମୀ ଜୟଦେବଙ୍କୁ ଖୋଜୁଥିବ । ସେ ତ କେତେଦିନ ଲାଗି ପୁରୁଷୋତ୍ତମ ବାହାରକୁ ଚାଲିଯାଇଛନ୍ତି । ଯାଇବେଳେ କହି ଯାଇଛନ୍ତି, ତାଙ୍କର ଫେରିବାକୁ କେତେ ଦିନ ଲାଗି ପାରେ । ପଦ୍ମା ଦାଣ୍ଡ କବାଟ ଫିଟାଇ ଅନାଇଲେ । ଜଣେ କିଏ ଟୋକେଇଟିଏ ମୁଣ୍ଡ ଉପରେ ରଖି ଛିଡା ହୋଇଛି । ପଦ୍ମା ପଚାରିଲା, "କାହାକୁ ଖୋଜୁଛ ? ଗୋସେଇଁଙ୍କୁ ? ସେ ନାହାନ୍ତି ।" ଲୋକଟି କହିଲା, "ସାଆନ୍ତେ ତୁଳସୀପତ୍ର ତୁମ ଘରେ ଦେଇଯିବାକୁ ପଠାଇଛନ୍ତି ।"

– ସାଆନ୍ତେ ? ସେ କୋଉ ସାଆନ୍ତେ ?

– ଏଇ ଆମ କାଳିଆ ସାଆନ୍ତେ । ଆପଣ ତାଙ୍କୁ ଚିହ୍ନି ନାହାନ୍ତି ? ସେ ତ ଗୋସେଇଁଙ୍କୁ ଭଲଭାବରେ ଚିହ୍ନନ୍ତି । ସେ କହୁଥିଲେ ତୁମେ କୁଆଡେ ଖବର ପଠାଇଥିଲ ତୁଳସୀ ପତ୍ର ପାଇଁ ।

କ୍ଷଣକ ପାଇଁ ଗମ୍ଭୀର ହୋଇଗଲେ ପଦ୍ମା । ସେ ମନେ ମନେ ଭାବିଲେ କାଳିଆ ସାଆନ୍ତ କ'ଣ ବଡ ଦେଉଳର ଜଗନ୍ନାଥ ? ତାପରେ ମୁହଁରେ ହସ ଫୁଟାଇ କହିଲେ, "କେଉଁ କାଳିଆ ସାଆନ୍ତ କହିଲ ? ତାଙ୍କ ଘର କ'ଣ ଏହି ପୁରୁଷୋତ୍ତମରେ– ଯାହାଙ୍କୁ ସମସ୍ତେ ନୀଳାଚଳ ନାଥ କହନ୍ତି, ସେ କ'ଣ ସେହି ?"

ଲୋକଟି କହିଲା, "ହଁ, ପୁରୁଷୋତ୍ତମରେ ତାଙ୍କର ଘର ଅଛି । ସେହିଭଳି ବହୁ ସ୍ଥାନରେ ଦୂର ଦୂରାନ୍ତରେ ତାଙ୍କର ଘରଥିବାର ମୁଁ ଶୁଣିଛି । ତାଙ୍କର ଆଉ କ'ଣ ନାଁ ଥିବ ମୁଁ ଜାଣିନାହିଁ । ମୁଁ ଜାଣେ ଲୋକେ ତାଙ୍କୁ କାଳିଆ ସାଆନ୍ତ ବୋଲି ଡାକନ୍ତି । ମା ! ମୋର କେତେ କାମ ଅଛି । ସାଆନ୍ତେ କହିଲେ ତୁ ଏଇଲେ ଯାଇ ତୁଳସୀପତ୍ରତକ ଦେଇ ଫେରିଆ ।"

ଦାଣ୍ଡ ପିଣ୍ଡାରେ ତୁଳସୀପତ୍ର ଟୋକେଇଟି ଥୋଇ ଲୋକଟି ଦାଣ୍ଡ ଆଡକୁ ଚାଲିଗଲା । ପଦ୍ମା ତା'ର ଯିବା ପଥକୁ କିଛି ସମୟ ଅନାଇ ରହିଲେ । ତା'ପରେ ଭାବିଲେ ଖାଲି ଅନେଇ ରହିଲେ ତ ହେବ ନାହିଁ, ତୁଳସୀପତ୍ରତକ ନେଇ ଗୀତଗୋବିନ୍ଦ ଲେଖିବା ଦରକାର । କାଳିଆ ସାଆନ୍ତ କିଏ ତାହା ଭାବିବାକୁ ବହୁତ ବେଳ ଅଛି । ବଡଲୋକେ କହିଛନ୍ତି କାମ କଲା ଲୋକ ବସି ପଛ କଥା ଚିନ୍ତା କରେ ନାହିଁ ।

ପଦ୍ମା ତୁଳସୀପତ୍ର ଟୋକେଇଟି ନେଇ ଭିତରକୁ ଚାଲିଗଲା । ଟୋକେଇଟିରେ ପତ୍ର ଭରପୁର । ସବୁଗୁଡିକ ବଡବଡ ପତ୍ର । ଗୋଟିଏ ପତ୍ରରେ ଖୁସିରେ ତିନିଧାଡି ଲେଖିହେବ ।

ପଦ୍ମା ଚନ୍ଦନ ଘୋରି ବସିଲା । ଘୋରିଲା ବେଳେ ଭାବୁଥାଏ, ଗୀତଗୋବିନ୍ଦର ଦ୍ୱାଦଶ ସର୍ଗ । ଏତେଗୁଡାଏ ଶ୍ଳୋକକୁ ଏଇ କେଇ ଘଣ୍ଟା ଭିତରେ ସେ କିପରି ଲେଖିଦେବ ? ଏହା ବଡ ଅସମ୍ଭବ କଥା ।

ଅସମ୍ଭବ କଥା ? ନୀଳଚକ୍ରକୁ ଅନାଇ ତୁଳସୀପତ୍ର ମାଗିବା କ'ଣ ଦରକାର ଥିଲା ? ମାଗିବା ପୂର୍ବରୁ ତା'ର ଉଚିତ ଥିଲା ଭାବିବା, ଯଦି ତୁଳସୀପତ୍ର କେହି ଦେଇଯାଏ ତେବେ ସେ ଲେଖି ପାରିବ ତ ?

ଅଚ୍ଛା କାଳିଆ ସାଆନ୍ତ ତୁଳସୀପତ୍ର ପଠାଇଲେ, ସେ କ'ଣ ଲେଖିବାର ବନ୍ଦୋବସ୍ତ କରିବେ ନାହିଁ ? ସେ କରିବେ, ଏହି ଧାରଣା ଧରି ରହିଗଲେ ତ ହେବ ନାହିଁ । ଲେଖୁ ଲେଖୁ ଯେତିକି ହେବ ସେତିକି କରିବା ଦରକାର ।

ଏହିଭଳି ଏଣୁ ତେଣୁ ଭାବୁ ଭାବୁ ଚନ୍ଦନ ଘୋରା ହୋଇଗଲା । ଘୋରା ସରିବା ସଙ୍ଗେସଙ୍ଗେ ତୁଳସୀପତ୍ର ଆଣି ଗୀତଗୋବିନ୍ଦର ପଦ ରଚନା ସେ ଆରମ୍ଭ କରିଦେଲେ । ଗୋଟିଏ ପତ୍ର ଲେଖା ସରିଗଲେ ତାକୁ ସଫା ଲୁଗା ବିଛାଇ ସୁଖାଇ ଦିଅନ୍ତି । ତା'ପରେ ଆଉ ଗୋଟିଏ ପତ୍ର ଧରନ୍ତି । ଏହିଭଳି ଗୋଟିକୁ ଗୋଟି ପତ୍ର ସେ ଅବିରାମ ଗତିରେ ଲେଖି ଚାଲନ୍ତି । ଶ୍ଳୋକ ପରେ ଶ୍ଳୋକ ଲେଖୁଲେଖୁ ଗୋଟିଏ ସର୍ଗ ସରିଯାଏ । ତା'ପରେ ଦ୍ୱିତୀୟ ସର୍ଗର ଆରମ୍ଭ । ଦ୍ୱିତୀୟ ପରେ ତୃତୀୟ । ତୃତୀୟ ପରେ ପୁଣି ଆରମ୍ଭ ହୁଏ ଚତୁର୍ଥ ।

ରାତି ଆସିଗଲା । ଦୀପ ଲଗାଇ ଗୀତଗୋବିନ୍ଦର ପଦଗୁଡିକ ତୁଳସୀପତ୍ରରେ ଲେଖି ବସିଲେ ପଦ୍ମା । ନା – ଏହା କେବେ ସମ୍ଭବ ନୁହେଁ । ସକାଳ ପୂର୍ବରୁ ଏହା କେବେ ସରିପାରିବ ନାହିଁ । ଲେଖା ନସରିଲେ ସମର୍ପଣ ହୋଇପାରିବ ନାହିଁ ।

ହେ ମହାପ୍ରଭୁ ! ପଦ୍ମା ନିରୁପାୟ । ବେଳକୁ ବେଳ ସେ କ୍ଳାନ୍ତ ଅବସନ୍ନ ହୋଇପଡୁଛି । ଅଙ୍ଗେଅଙ୍ଗେ ଅନୁଭବ କରୁଛି କ୍ଳାନ୍ତର ଏକ ଶିଥିଳ ପରଶ । ଅବଶ ହୋଇ ଆସୁଛି ସାରା ଦେହ । ତୁମ ଇଚ୍ଛା ତୁମେ ପୂରଣ କର ।

ହେ କାଳିଆ ସାଆନ୍ତ ! ତୁମେ କିଏ, ପଦ୍ମା ଜାଣି ପାରୁନାହିଁ । ମୁଁ ଜଣେ ମଣିଷ । ମୋର ସ୍ୱାମୀ ମହାପ୍ରଭୁଙ୍କର ଭକ୍ତ ହେଲେ ବି ସେ ମଣିଷ । ତେଣୁ ମାନବ ହୋଇ କାହାକୁ ବା ଆମେ ଚହ୍ନି ପାରିବୁ – ଜାଣି ପାରିବୁ ? ତୁମେ ଯଦି ଅନ୍ତର୍ଯାମୀ ହୋଇଥାଅ ତେବେ ଯେଉଁଭଳି ତୁଳସୀପତ୍ର ପଠାଇଦେଲେ, ସେହିଭଳି ଲେଖାଇବାର ବନ୍ଦୋବସ୍ତ କର ।

ପଦ୍ମା ଆଉ ପାରୁନାହିଁ । ଏଣିକି ଲେଖିବା ପାଇଁ ଚେଷ୍ଟାକଲେ ଅକ୍ଷର, ଶବ୍ଦ, ପଦ ଭୁଲ ହୋଇଯିବ । ଭ୍ରମପୂର୍ଣ୍ଣ ଲେଖା ମହାପ୍ରଭୁଙ୍କୁ ସମର୍ପଣ କରିବା ବିଡମ୍ବନା । ଏହା ଦ୍ୱାରା ଅପରାଧ ହେବ ।

ହଠାତ୍ ବାହାର କବାଟ ଠକ୍‌ଠକ୍ ହେବାର ଶବ୍ଦ ହେଲା । କିଏ ଜଣେ ଡାକୁଛି ନିଶ୍ଚୟ । ଏ ରାତିରେ ସେ କିଏ ? କାହିଁକି ଆସି ଡାକୁଛି ? ସେ କ'ଣ ଜାଣେ ନାହିଁ ଘରେ ଗୋସେଇଁ ନାହାନ୍ତି ବୋଲି ।

ପଦ୍ମା ପଚାରିଲେ, "କିଏ ?" ଉତ୍ତର ଆସିଲା, "କାଳିଆ ସାଆନ୍ତ ପଠାଇଛନ୍ତି ଆପଣ କବାଟ ଖୋଲନ୍ତୁ ।"

ପଦ୍ମା ଥତମତ ହୋଇ କବାଟ ଖୋଲିଦେଲେ । ଦେଖିଲେ ଦୁଇଜଣ ବୈଷ୍ଣବ ସାଧୁ । ବେକରେ ସେମାନଙ୍କର ତୁଳସୀର ମାଳ । କପାଳରେ ହରେକୃଷ୍ଣ ତିଳକ । ଧଳାବସ୍ତ୍ର ଖଣ୍ଡେ ପିନ୍ଧିଛନ୍ତି, ଆଉ ଧଳାଚାଦର ଉତ୍ତରୀ ରୂପେ କାନ୍ଧରେ ପଡିଛି ।

ପଦ୍ମା କିଛି ପଚାରିବା ପୂର୍ବରୁ ସେମାନଙ୍କ ମଧ୍ୟରୁ ଜଣେ କହିଲେ, "କାଳିଆ ସାଆନ୍ତ ଆମକୁ ଡାକି ପଠାଇଲେ ତୁଳସୀପତ୍ରରେ ଗୀତଗୋବିନ୍ଦ ଆପଣ ଲେଖୁଛନ୍ତି । ଏତେଗୁଡାଏ ପଦ ଜଣେ ଲେଖିବା ସମ୍ଭବ ନୁହେଁ । ତେଣୁ ବର୍ତ୍ତମାନ ଆପଣ କେଉଁ ପର୍ଯ୍ୟନ୍ତ କହି ଅବଶିଷ୍ଟ ପତ୍ର, ଚନ୍ଦନ ଦେଲେ ଆମେ ଲେଖିଦେବୁ ।"

– କାଳିଆ ସାଆନ୍ତ କିଏ ? ସେ ବା କିପରି ଜାଣିଲେ, ମୁଁ ଗୀତଗୋବିନ୍ଦ ପଦଗୁଡିକୁ ତୁଳସୀପତ୍ରରେ ଲେଖୁଛି ବୋଲି ?

– ଆଁ, ଆପଣ କାଳିଆ ସାଆନ୍ତଙ୍କୁ ଜାଣନ୍ତି ନାହିଁ ? ସେ ତ ଆପଣଙ୍କୁ ଭଲଭାବରେ ଜାଣନ୍ତି । ସେ ଏହି ପୁରୁଷୋତ୍ତମରେ ରହନ୍ତି । ସେ ଅନ୍ୟର ଦୁଃଖ ସହି ପାରନ୍ତି ନାହିଁ । ଦୁଃଖ ଅସୁବିଧାରେ ପଡି କେହି ଯଦି ତାଙ୍କୁ ନିଜର ପରିସ୍ଥିତି ଜଣାଏ ତେବେ ସେ ସଙ୍ଗେସଙ୍ଗେ ତାକୁ ସାହାଯ୍ୟ କରନ୍ତି । ସେ ଆମ ବୈଷ୍ଣବମାନଙ୍କୁ ବହୁତ ଶ୍ରଦ୍ଧା କରନ୍ତି । ଆପଣ ସିନା ତାଙ୍କୁ ଜାଣି ନାହାନ୍ତି, ହେ ଜୟଦେବ ଗୋସେଇଁ ତାଙ୍କୁ ଭଲକରି ଚିହ୍ନନ୍ତି । ଗୋସେଇଁ ଫେରିଲା ପରେ ଆପଣ ତାଙ୍କୁ ପଚାରିବେ । ତାଙ୍କ ସାହାଯ୍ୟ ନ ପାଇଥିଲେ ଗୋସେଇଁ କ'ଣ ଗୀତଗୋବିନ୍ଦ ଲେଖି ପାରିଥାନ୍ତେ ନା ପୁରୁଷୋତ୍ତମରେ ରହି ପାରିଥାନ୍ତେ ?

ପଦ୍ମା ବିସ୍ମିତ ହେଲେ ତାଙ୍କ କଥା ଶୁଣି । ଗୋସେଇଁ କେବେ ଦିନେ ତ କାଳିଆ ସାଆନ୍ତଙ୍କ କଥା କହିନାହାନ୍ତି । ହେଉ, ଗୋସେଇଁ ଆସିଲେ ସେ ତାଙ୍କୁ ପଚାରି ବୁଝିନେବେ । ସେମାନେ ଗୀତଗୋବିନ୍ଦ କେଉଁଠୁ ଲେଖିବେ ତାହା ବତାଇ ଦେଇ ତୁଳସୀପତ୍ର ଆଉ ଚନ୍ଦନ ତାଙ୍କୁ ପ୍ରଥମେ ଦେଇଦେବା ଦରକାର ।

ପଦ୍ମା ତୁଳସୀପତ୍ର ଓ ଚନ୍ଦନ ଦେଇ କେଉଁ ପର୍ଯ୍ୟନ୍ତ ଲେଖା ସରିଛି ବତାଇ ଦେଲେ ।

ଦେବଶର୍ମାଙ୍କ ଏକମାତ୍ର ସନ୍ତାନ ହେଉଛି ପଦ୍ମା । ଦେବଶର୍ମା ନିସନ୍ତାନ ଥିଲେ । ସେ ଶ୍ରୀକ୍ଷେତ୍ର ଆସି ମହାପ୍ରଭୁଙ୍କୁ ପ୍ରାର୍ଥନା କରିବା ପରେ ତାଙ୍କ ପତ୍ନୀଙ୍କର ସନ୍ତାନବତୀ ହେବାର ସଙ୍କେତ ଦେଖାଦେଲା । ଶ୍ରୀକ୍ଷେତ୍ର ଆସି କଳ୍ପବଟରେ ଗୋଡି ବାନ୍ଧିଦେଇ ମହାପ୍ରଭୁଙ୍କୁ କହି ପାଇଥିଲେ, ପୁଅଟିଏ ହେଲେ ସେ ସନ୍ନ୍ୟାସୀ ହୋଇ ଶ୍ରୀଜଗନ୍ନାଥଙ୍କର ଗୁଣକୀର୍ତ୍ତନ କରିବ । ଯଦି ପୁଅ ନହୋଇ ଝିଅ ହୁଏ ତେବେ ସେ ମହାପ୍ରଭୁଙ୍କର ସେବିକା ହେବ । ସୌଭାଗ୍ୟ ହେଉ ଦୁର୍ଭାଗ୍ୟ ହେଉ, ତାଙ୍କର ଝିଅଟିଏ ହେଲା । ସେହି ଝିଅଟିର ନାମ ଦେବଶର୍ମା ରଖିଲେ ପଦ୍ମା ।

ଝିଅଟି ବଡ ହେଲା । ତା'ର ରୂପଗୁଣ ସମସ୍ତଙ୍କୁ ମୁଗ୍ଧକଲା । ବଡ ହେଲା ପରେ ସେ ଝିଅଟିକୁ ସେ ଶ୍ରୀଜଗନ୍ନାଥଙ୍କୁ ସମର୍ପଣ କରାଯିବ ଏକଥା ଦେବଶର୍ମା ସମ୍ପୂର୍ଣ୍ଣ ଭୁଲିଗଲେ । ସେ ଗୋଟିଏ ବ୍ରାହ୍ମଣ ପିଲା ଖୋଜିଲେ ଘରଜୋଇଁ କରି ରଖିବାକୁ । ସେଭଳି ପିଲା ମିଳିଲେ କିନ୍ତୁ ବାହାଘର ପୂର୍ବରୁ ସେ ପିଲାର ମୃତ୍ୟୁହେଲା । ସେ ଜଗନ୍ନାଥଙ୍କର, ଅନ୍ୟ କିଏ ତାଙ୍କୁ ଗ୍ରହଣ କରିବ ? ଏହିଭଳି ତିନୋଟି ଯୁବକଙ୍କ ମୃତ୍ୟୁ ପରେ ପଦ୍ମା ବେମାର ପଡିଲା । କବିରାଜଙ୍କର କୌଣସି ଔଷଧ କାମ କଲା ନାହିଁ । ଶେଷରେ ପଦ୍ମାର ମା' ଶ୍ରୀଜଗନ୍ନାଥଙ୍କ ଚିତ୍ରପଟ୍ଟ ପାଖରେ ମୁଣ୍ଡପିଟି କହିଲେ, "ମହାପ୍ରଭୁ ! ଯାହା ଭୁଲ୍ ହେବାର ହୋଇ ସରିଛି, ଏଣିକି ଆଉ ଭୁଲ୍ ହେବ ନାହିଁ । ପଦ୍ମା ଭଲ ହୋଇଗଲେ ତାକୁ ନେଇ ଆପଣଙ୍କ ପାଖରେ ସମର୍ପଣ କରିଦେଇ ଆସିବୁ ।"

ଜଗନ୍ନାଥ ତାଙ୍କ ଡାକ ଶୁଣିଲେ । ସେହିଦିନୁ ସେ ଆରୋଗ୍ୟ ଲାଭ କରିବାକୁ ଲାଗିଲା । ଭଲ କରି ଟିକିଏ ସୁସ୍ଥ ହେଲା ପରେ ପଦ୍ମାକୁ ଧରି ବାପା ମା' ପୁରୁଷୋତ୍ତମ ଆସିଲେ । ସେଠାରେ ସେମାନେ ଶ୍ରୀଜଗନ୍ନାଥଙ୍କୁ ସମର୍ପଣ କରି ଚାଲିଯିବା କଥା । ତିନ୍ତେ ପୁରୁଷୋତ୍ତମରେ ସେମାନେ ଥିଲାବେଳେ ଦେବଶର୍ମା ସ୍ୱପ୍ନ ଦେଖିଲେ, ମହାପ୍ରଭୁ ତାଙ୍କୁ କହୁଛନ୍ତି, "ଦେବଶର୍ମା ! ପଦ୍ମାକୁ ତୁମେ ଜୟଦେବଙ୍କୁ ସମର୍ପଣ କର । ସେ ମୋର ଜଣେ ଭକ୍ତ । ପ୍ରାଚୀନଦୀ କୂଳରେ କେନ୍ଦୁଲିଶାସନରୁ ଆସି ତା'ର ସମସ୍ତ କିଛି ମୋତେ ସମର୍ପଣ କରି ଏଠାରେ ଅଛି । ତା' ମୋ ମଧ୍ୟରେ କୌଣସି ପ୍ରଭେଦ ନାହିଁ । ତୁ କାଲି ପଦ୍ମାକୁ ତାକୁ ସମର୍ପଣ କରିବୁ ।"

ତା' ଆରଦିନ ସକାଳେ ପଦ୍ମାକୁ ଧରି ଦେବଶର୍ମା ଖୋଜିଲେ ଜୟଦେବଙ୍କୁ । ସେହି ସମୟରେ ଜୟଦେବ ଜଣେ ସାଧାରଣ ଲୋକଭାବେ ପୁରୁଷୋତ୍ତମରେ ରହୁଥିଲେ । ସେଭଳି ତାଙ୍କୁ କେହି ଚିହ୍ନି ନଥିଲେ । ଦେବଶର୍ମା ବହୁ ଖୋଜିଲା ପରେ ସେ ଜୟଦେବଙ୍କ ଭେଟ ପାଇଲେ । ମାତ୍ର ଜୟଦେବ ପଦ୍ମାଙ୍କୁ ଗ୍ରହଣ କରିବାକୁ ଅନିଚ୍ଛୁକ । ସେ କହିଲେ, "ମୁଁ ମୋ ଘରଦ୍ୱାର ତ୍ୟାଗକରି ସନ୍ନ୍ୟାସବ୍ରତ ଗ୍ରହଣ କରି ସାରିଛି । ଏ ଅବସ୍ଥାରେ ପଦ୍ମାକୁ ଗ୍ରହଣ କରି ସଂସାର କରିବା ସମ୍ଭବ ନୁହେଁ ।" ଦେବଶର୍ମା ବହୁ ବୁଝାଇଲା ପରେ ଜୟଦେବ ଯେତେବେଳେ ଶୁଣିଲେ ନାହିଁ, ସେତେବେଳେ ସେ ପଦ୍ମାକୁ କହିଲେ, "ମା ! ମହାପ୍ରଭୁ ନିର୍ଦ୍ଦେଶ ଦେଇଛନ୍ତି ଏହି ହେଉଛନ୍ତି ତୋର ସ୍ୱାମୀ । ଆମେ ଜନ୍ମ କରିଛୁ ସିନା, କିନ୍ତୁ ତୋ ଭାଗ୍ୟ ଉପରେ କୌଣସି ହାତ ନାହିଁ । ଏହି ଶ୍ରୀକ୍ଷେତ୍ରରେ ଶ୍ରୀମନ୍ଦିର ଭିତରେ ମହାପ୍ରଭୁଙ୍କ ନିର୍ଦ୍ଦେଶରେ ତୋତେ ତା'ପାଖରେ ଛାଡି ଚାଲିଯାଉଛି । ଦେଖିବି ତୋ ଭାଗ୍ୟରେ ଯାହାଥିବ ।"

ଦେବଶର୍ମା ଚାଲିଗଲେ । ସେଠାରେ ମହାପ୍ରଭୁଙ୍କର ଜଣେ ବୃଦ୍ଧ ସେବକ ଥିଲେ । ତାଙ୍କର ନିକଟରେ ପଦ୍ମା ବୟସର ଗୋଟିଏ ଝିଅ ମରି ଯାଇଥିଲା । ସେ ପଦ୍ମାର ଅବସ୍ଥା ଲକ୍ଷ୍ୟ କରି ଜୟଦେବଙ୍କୁ ବହୁତ ବୁଝାଇଲେ, ତାଙ୍କ କଥା ମଧ୍ୟ ଜୟଦେବ ଶୁଣିଲେ ନାହିଁ । ଶେଷରେ ସେହି ବୃଦ୍ଧଙ୍କ ନିର୍ଦ୍ଦେଶରେ ପଦ୍ମା ଜୟଦେବଙ୍କ ପିଛା ଧରିଲେ । ସେତେବେଳେ ଜୟଦେବ ପୁରୁଷୋତ୍ତମ କ୍ଷେତ୍ରରେ କୁଟିଆଟିଏ କରି ରହୁଥିଲେ । ଜୟଦେବ କୁଟିଆ ଭିତରେ ପଶି ବନ୍ଦ କରିଦେଲେ ତା'ର ଦ୍ୱାର । ସାରାରାତି ପଦ୍ମା କୁଟିଆ ବାହାରେ ବସି ଡାକି ଚାଲିଲେ ମହାପ୍ରଭୁଙ୍କୁ । ବର୍ତ୍ତମାନ ତାଙ୍କଛଡା ତା'ର ଆଉ କେହି ସାହାଭରସା ନାହିଁ ।

କୁଟିଆ ଭିତରେ ରହିଲେ ମଧ୍ୟ ଜୟଦେବଙ୍କୁ ନିଦ ନାହିଁ । ଗୋଟାଏ ଝିଅ ତା' ବାପର ନିର୍ଦ୍ଦେଶରେ ତାଙ୍କୁ ଅନୁସରଣ କରି ବାହାରେ ବସିଛି । ଏ ପରିସ୍ଥିତିରେ ତାଙ୍କୁ ନିଦ ଆସିବ କିପରି ? ତଥାପି ସେ କେତେବେଳପାଏଁ ବା ଚେଇଁବେ ? ପାହାନ୍ତି ପହରକୁ ଜୟଦେବଙ୍କ ଆଖି ଟିକିଏ ମୁଦି ହୋଇ ଆସିଥାଏ । ହଠାତ୍ ସେ ଦେଖିଲେ ମହାପ୍ରଭୁ ଜଗନ୍ନାଥ ତାଙ୍କୁ ଡାକି କହୁଛନ୍ତି, "ଜୟଦେବ ! ତୋ ପ୍ରତି ଏହା ହେଉଛି ମୋର ଆଦେଶ । ପଦ୍ମାକୁ ତୁ ବିବାହ କରିବୁ । ତାସମ୍ପର୍କରେ ଆସିଲା ପରେ ତୋ ମଧ୍ୟରେ କବିତ୍ୱ ପରିପ୍ରକାଶ ହେବ । ମୋତେ ତୁଷ୍ଟ କରେ

ସୃଷ୍ଟି କରି ରାଧା ପ୍ରେମର ଯେଉଁ ସୁନ୍ଦର ଆଲେଖ୍ୟକୁ ତୁ ଲେଖନୀମୁନରେ ଅଙ୍କିଥିବୁ ତାହା କାଳକାଳକୁ ତୋତେ ଅମର କରିବ ।"

ଏହାପରେ ଜୟଦେବଙ୍କର ଆଉ ଦ୍ୱିମତ ହେବାର କିଛି କାରଣ ନାହିଁ । ତା' ଆରଦିନ ସେ ପଦ୍ମାକୁ ପତ୍ନୀଭାବେ ଗ୍ରହଣ କଲେ । ସେହି ଶ୍ରୀକ୍ଷେତ୍ରରେ ପତିପତ୍ନୀ ଦୁହେଁ ବଡ କୁଡିଆଟିଏ କରି ରହିଲେ । ଏ ମଧ୍ୟରେ ଜୟଦେବ ଗୀତଗୋବିନ୍ଦ ଲେଖି ସାରିଛନ୍ତି । ତାହା ଲୋକସମାଜରେ ବେଶ୍ ଆଦର ଲାଭ କରିପାରିଛି । ବିଶେଷଭାବରେ ଶ୍ରୀଜଗନ୍ନାଥଙ୍କର ଅତି ପ୍ରିୟ ହୋଇପାରିଛି ।

ସକାଳ ହେବା ପୂର୍ବରୁ ସମସ୍ତ ଗୀତଗୋବିନ୍ଦର ଶ୍ଳୋକଗୁଡିକ ତୁଳସୀପତ୍ରରେ ଲେଖା ସରିଗଲା ସଙ୍ଗେସଙ୍ଗେ ଲେଖୁଥିବା ଦୁଇଜଣ ବୈଷ୍ଣବ ବିଦାହୋଇ ଚାଲିଗଲେ । ଏଣିକି ପଦ୍ମାର ସେଗୁଡିକ ସମର୍ପଣ କରିବା କଥା । ପଦ୍ମାର ମନରେ ଅସମ୍ଭବ ଦ୍ୱନ୍ଦ୍ୱ-ନିଶ୍ଚୟ ସମର୍ପଣ ହୋଇପାରିବ । ମହାପ୍ରଭୁ ଯେତେବେଳେ ନିଜେ ଚାହୁଁଛନ୍ତି, ସେତେବେଳେ ବାରଣ କିଏ କରିବ ? ମନରେ ତା'ର ଅସୀମ ଆନନ୍ଦ । ତା'ସ୍ୱାମୀଙ୍କ ଲିଖିତ ଗୀତଗୋବିନ୍ଦ ତୁଳସୀପତ୍ରରେ ନିଜେ ଲେଖି, ଅନ୍ୟଦ୍ୱାରା ଲେଖାଇ ମହାପ୍ରଭୁଙ୍କୁ ସମର୍ପଣ କରିବ । କେବଳ ଆଜି ଗୋଟିଏ ଦିନ ନୁହେଁ, ଯଦି ତାହା ମହାପ୍ରଭୁଙ୍କର ଅତି ପ୍ରିୟ ବୋଲି ଗୃହୀତ ହୁଏ, ତେବେ ଯୁଗଯୁଗ ପାଇଁ ତୁଳସୀରେ ଗୀତଗୋବିନ୍ଦ ଲେଖି ସମର୍ପଣ କରିବା ପ୍ରଥା ରୂପେ ରହିଯିବ ।

ବୈଷ୍ଣବ ଦୁଇଜଣ ବିଦା ହୋଇ ଚାଲିଗଲା ବେଳକୁ ସକାଳ ହୋଇ ପୂର୍ବାଭାସ ପୂର୍ବ ନଭରେ ଫୁଟି ଉଠୁଥାଏ । ପଦ୍ମା ଆଉ ଡେରି ନକରି ସ୍ନାନ ଶୌଚ ପାଇଁ ବାହାରିଗଲେ । ମନ ତାଙ୍କର ଚଞ୍ଚଳ । ଶ୍ରୀମନ୍ଦିରରେ ଦିଅଁଙ୍କର ମାଜଣା ହେବା ପୂର୍ବରୁ ତୁଳସୀ ପହଞ୍ଚିବା ଦରକାର ।

ସକାଳ ହେବା ପୂର୍ବରୁ ଦିଅଁଙ୍କ ଦର୍ଶନ ଲାଗି ତେତିଶି କୋଟି ଦେବତା ଆସନ୍ତି । ସେମାନେ ମହାପ୍ରଭୁଙ୍କୁ ଜଣାନ୍ତି ଦୁନିଆଁର ଭଲ, ମନ୍ଦ, କ୍ଷତି, ଲାଭ । ତା' ପରେପରେ ମଣିଷମାନଙ୍କର ପାଳି ପଡେ । ସେତେବେଳେ ଭିତରଛୁ ମହାପାତ୍ର, ପାଳିଆ ମେକାପ, ପ୍ରତିହାରୀ, ଅଖଣ୍ଡ ମେକାପ ସିଂହଦ୍ୱାରରେ ଉପସ୍ଥିତ ହୁଅନ୍ତି ଓ ମୁକ୍ତି ସିଂହଦ୍ୱାରର ଚାବି ଖୋଲନ୍ତି, ସେତେବେଳେ ଦେବତାମାନେ ମହାପ୍ରଭୁଙ୍କଠାରୁ ବିଦାୟ ନେଇ ଚାଲିଯିବାକୁ ତତ୍ପର ହୁଅନ୍ତି । ଏମାନେ ସିଂହଦ୍ୱାରଠାରୁ ବାଜା ବଜାଇ ଦେଉଳ ଅଡକୁ ଆଗେଇ ଯାଆନ୍ତି । ବାଜା ବାଜିବା ଅର୍ଥ ସେମାନଙ୍କୁ ଜଣାଇଦେବା, ହେ ଦିଗପାଳ ! ହେ ଦେବଗଣ ! ଆପଣମାନେ ବିଦାୟ ନିଅନ୍ତୁ ।

ସେବକମାନେ ଶ୍ରୀମନ୍ଦିର ଅଡକୁ ଆଗେଇଯାଇ ଜୟବିଜୟ ଦ୍ୱାରରେ ପହଞ୍ଚନ୍ତି । ପୂର୍ବ ରାତିରେ ତଳିଛୁ ସେ ଦ୍ୱାରରେ ଲାଗିଥିବା ମାଟିର ମୁଦର ମୁଦ ଦେଇଥାନ୍ତି । ସକାଳେ ତାହାକୁ ପରୀକ୍ଷା କରନ୍ତି ଭିତରଛୁ ମହାପାତ୍ର । ମୁଦ ଠିକ୍ ଅଛି ଜାଣିଲା ପରେ ଦ୍ୱାର ଖୋଲାଯାଏ । ସେତେବେଳକୁ ଆଉ କୌଣସି ଦେବତା ସେଠାରେ ନଥା'ନ୍ତି । ଏହାପରେ ଅଖଣ୍ଡ ମେକାପ ଭିତରକୁ ଯାଇ ଦୀପ ଲଗାଇ ଦିଅନ୍ତି ।

ପଦ୍ମା ଠିକ୍ ସମୟରେ ଗୀତଗୋବିନ୍ଦ ଲେଖା ହୋଇଥିବା ତୁଳସୀପତ୍ର ଧରି ପହଞ୍ଚିଲେ । ପଦ୍ମାଙ୍କର ତୁଳସୀପତ୍ର ଟୋକେଇଟି ଦେଖି ସେବକମାନେ ପରସ୍ପରକୁ ପ୍ରଶ୍ନବୋଧୀ ଚକ୍ଷୁରେ ଅନାଇଲେ—ଅର୍ଥାତ୍ ସେ କ'ଣ ? ମହାପ୍ରଭୁଙ୍କର ଯେତେ ଫୁଲ ଆବଶ୍ୟକ ହୁଏ ତାହା ଦୟଣାମାଳୀ ଯୋଗେଇଥାନ୍ତି । ପଦ୍ମାଙ୍କର ଟୋକେଇଟି ଦେଖି ଦୟଣାମାଳୀ ପଚାରିଲେ, "ସେ କ'ଣ ?"

ଉତ୍ତରରେ ପଦ୍ମା କହିଲେ, "ଗୀତଗୋବିନ୍ଦ ଚନ୍ଦନରେ ଲେଖା ହୋଇଥିବା ତୁଳସୀପତ୍ର ।"

ସିଂହାରୀ ପଚାରିଲେ, "ଗୀତଗୋବିନ୍ଦ ଚନ୍ଦନରେ ଲେଖା ହୋଇଥିବା ତୁଳସୀପତ୍ର ? କାହାର ଗୀତଗୋବିନ୍ଦ—ମହାରାଜାଙ୍କର ତୁମ ସ୍ୱାମୀ ଜୟଦେବଙ୍କର ? କିନ୍ତୁ ଏଭଳି ତ ଆଗରୁ ବିଧି ନଥିଲା ?"

ପଦ୍ମା କହିଲେ, "ମହାପ୍ରଭୁ ମୋତେ ଆଦେଶ କରିଥିଲେ, ଜୟଦେବଙ୍କ ଲିଖିତ ଗୀତଗୋବିନ୍ଦ ଚନ୍ଦନ ଦ୍ୱାରା ତୁଳସୀପତ୍ରରେ ଲେଖି ତାଙ୍କୁ ସମର୍ପଣ କରିବାକୁ । ମୁଁ ମହାପ୍ରଭୁଙ୍କ ଆଦେଶ କେବଳ ପାଳନ କରିଛି ମହାଭାଗ !"

— ନା, ଏହା ସମର୍ପଣ ହୋଇ ପାରିବ ନାହିଁ । ଯାହା ପୂର୍ବରୁ କରାଯାଇ ନାହିଁ, ତାହା ବର୍ତ୍ତମାନ ହୋଇ ପାରିବ ନାହିଁ । ଏ ବିଷୟରେ ତୁମେ ମହାରାଜାଙ୍କ ପାଖରେ ଅଭିଯୋଗ କରିପାର । ମହାପ୍ରଭୁ ତୁମକୁ ଆଦେଶ କଲେ ଗୀତଗୋବିନ୍ଦ ଲେଖି ସମର୍ପଣ କରିବାକୁ, ଆଉ ଆମକୁ ତ ନିର୍ଦ୍ଦେଶ ଦେଲେ ନାହିଁ ସେସବୁ ଲାଗି କରିବା ପାଇଁ ?

ଖୁଣ୍ଟିଆ କହିଲେ, "ଆମେସବୁ ଦିଅଁଙ୍କର କିଏ କି ସେ ଆମକୁ କହିବେ ? ନିଜେ ଦିଅଁ ଯାଇ ଗୀତଗୋବିନ୍ଦ ଲେଖିଦେଇ ଆସିଲେ, ତାହା ଯେ ଦେଖିଥିଲେ ତାଙ୍କୁ ଆଦେଶ ଦେବେ ନା ତୁମକୁ କାହିଁକି ଦେବେ ? ଯେତେବେଳେ ମହାପ୍ରଭୁଙ୍କ ଆଶୀର୍ବାଦରେ ଏ ମହିୟସୀ ନାରୀ ଜନ୍ମଗ୍ରହଣ କରିଥିଲେ, ସେତେବେଳେ ସେ ମହାପ୍ରଭୁଙ୍କ ନାମରେ ଯେତେ ଯାହା କହିବାର କହିପାରିବେ । ଆମେସବୁ କେହି ତାଙ୍କୁ କିଛି କହିପାରିବୁ ନାହିଁ ।"

ସୁଆର ବଡୁ ସେଠାରେ ଛିଡା ହୋଇଥିଲେ, ସେ କହିଲେ, "ହେଉ ତୁଳସୀପତ୍ର ତ, ମହାପ୍ରଭୁଙ୍କ ଉପରେ ଚଢେଇଦେଲେ କ'ଣ ଅସୁବିଧା ହୁଅନ୍ତା ? ସିଂହାରୀ ବେଶ କଲାବେଳେ ଚଢେଇ ଦିଅନ୍ତୁ ।"

"ହେଉ ହେଉ, ବହୁତ୍ କହି ଦେଲଣି । ତୁମେ ତୁମ ରୋଷଘରକୁ ଯାଅ । ତୁଛାଟାରେ ଏସବୁ ବିଷୟରେ ମୁଣ୍ଡ ଖେଳାଇବା ଉଚିତ ନୁହେଁ । କହିଲେ, ସିଂହାରୀ ବେଶ କଲାବେଳେ ଚଢେଇ ଦିଅନ୍ତୁ । ସିଂହାରୀ କାହିଁକି ଚଢେଇବ ? ତୁମେ ଚଢେଇ ଦେଉନା —" ଖୁଣ୍ଟିଆ କହିଲେ ।

ସୁଆରେ ନୀରବ ହୋଇଗଲେ ସିଂହାରୀ କଥାରେ । ବଲ୍ଲଭ ଭୋଗ ପରେ ସକାଳ ଧୂପ ହେବା ପାଇଁ ଅଣଚସର ପିଣ୍ଡି ଓ ଭିତରବେଢା ସଫା କରିବା ସୁଆର-ବଡୁଙ୍କର କାମ । ତା'ଛଡା କୋଠଭୋଗ ମଧ୍ୟ ସେମାନେ କରିଥାନ୍ତି । ତେଣୁ ତୁଳସୀ ଲାଗି କରାଇବାରେ ତାଙ୍କର ମୁଣ୍ଡ ପୂରାଇବା ଉଚିତ ନୁହେଁ । ଏହାପରେ ପଦ୍ମା କ'ଣ କରିବେ ତାହା ସେ ଭାବୁଥାନ୍ତି । ମହାପ୍ରଭୁଙ୍କ ସେବକମାନେ ଦେଖେଇ ଦେଖେଇ ଯେଉଁସବୁ କଥା କହିଲେ, ସେ କଥାଗୁଡାକ ଯେପରି ଛୁଞ୍ଚିଭଳି ତାଙ୍କ ଦେହରେ, ମୁଣ୍ଡରେ ପଶିଯାଉଛି । ତାହାର ଯନ୍ତ୍ରଣାରେ ସେ ଛଟପଟ ହେବାକୁ

ଲାଗିଲେ । ସେ ମହାରାଜାଙ୍କୁ ଜଣାଇ ପାରନ୍ତେ । ମାତ୍ର ମହାରାଜା ପୁରସ୍ତମରେ ନାହାନ୍ତି । ଥିଲେ ସେ ଉପଯୁକ୍ତ ବିଚାର କରିବେ ଏ ଧାରଣା ତାଙ୍କର ନାହିଁ । ଗଜପତି ପୁରୁଷୋତ୍ତମ ଦେବ ନିଜେ ଲେଖନ୍ତୁ ବା ତାଙ୍କ ପାଖରେ ଥିବା କବିଚନ୍ଦ୍ର ରାୟ ଦିବାକର ମିଶ୍ର ଲେଖନ୍ତୁ, ତାହା ପୁରୁଷୋତ୍ତମଙ୍କ ନାମରେ ରଚିତ ହୋଇଛି । ସେହି ଗୀତଗୋବିନ୍ଦ ଜୟଦେବଙ୍କ ଗୀତଗୋବିନ୍ଦଠାରୁ ଉତ୍କୃଷ୍ଟ ବୋଲି ରାଜାଙ୍କ ଲୋକେ କହୁଛନ୍ତି । ତେଣୁ ଜୟଦେବଙ୍କ ଗୀତଗୋବିନ୍ଦର ଶ୍ଳୋକଗୁଡ଼ିକ ଚନ୍ଦନ ଦ୍ୱାରା ତୁଳସୀରେ ଲେଖାହୋଇ ମହାପ୍ରଭୁଙ୍କୁ ସମର୍ପିତ ହେବା କଥାକୁ ମହାରାଜ କାହିଁକି ସମର୍ଥନ କରିବେ ? ବରଂ ସେ ଏଥିପାଇଁ ରାଜ ଦରବାରରେ ଅପମାନିତା ହେବା ସ୍ୱାଭାବିକ ।

ତୁଳସୀପତ୍ର ଟୋକେଇଟି ଧରି ପଦ୍ମା ଚିନ୍ତା ହୋଇଥାନ୍ତି ଜୟ ବିଜୟ ଦ୍ୱାର ପାଖରେ । ମହାପ୍ରଭୁଙ୍କ ସେବକମାନେ ତାଙ୍କୁ ଚାହିଁଥାନ୍ତି କଣେଇ । ଏହାଦ୍ୱାରା ଅସ୍ୱସ୍ତି ଅନୁଭବ କରୁଥାନ୍ତି ପଦ୍ମା । କ'ଣ କରିବେ ତାଙ୍କୁ ଉପାୟ ଦେଖାଯାଉ ନଥାଏ । ହେ ଜଗନ୍ନାଥ ତୁମେ କ'ଣ ଶେଷରେ ଏୟା କଲ ? ଗୀତଗୋବିନ୍ଦ ତୁଳସୀପତ୍ରରେ ଲେଖାଇ ସମର୍ପଣ କରିବାକୁ କହିଲ । ତୁଳସୀ ପତ୍ର କାଳିଆ ସାଆନ୍ତ ପଠାଇଲେ । ଲୋକ ବି ପଠାଇଲେ ଲେଖାଇବା ପାଇଁ । ଶେଷରେ ସମର୍ପଣ କରିବାକୁ ଆଣିଲା ବେଳକୁ ତୁମ ସେବକମାନେ ନାହିଁ କରୁଛନ୍ତି–ପୁଣି ଥଟ୍ଟା କରି କେତେ କଥା କହୁଛନ୍ତି । ସବୁ ଘଟୁଛି ତୁମରି ଆଗରେ । ସବୁ ଶୁଣି ସବୁ ଦେଖି ତୁମେ ମହାପ୍ରଭୁ ନୀରବ ରହୁଛ । ତାହାହେଲେ ତୁମେ କ'ଣ ମୋତେ ଅପମାନିତ କରିବାକୁ ଏଭଳି ବ୍ୟବସ୍ଥା କରିଥିଲ–କାହିଁକି ? କି ଅପରାଧ ମୁଁ ତୁମର କରିଥିଲି ।

ବୁଢା ଗୋଛିକାର ସେଠାରେ ଠିଆ ହୋଇଥିଲେ । ସେ କହିଲେ, "ଯା ମା, ଠିଆ ହେଲୁ କାହିଁକି ? ଯଦି ପାରିବୁ ମହାରାଜାଙ୍କ ଅନୁମତି ଆଣିଲେ ତୋ ତୁଳସୀ ଲାଗି ହେବ ନ ହେଲେ ଶ୍ୱେତଗଙ୍ଗାରେ କି ସମୁଦ୍ରରେ ମେଲି ଦେବୁ ।"

ଏଥର ପଦ୍ମା ଫେରିଲେ । ତା ଆଖିରେ ଲୁହ ଟଳମଳ ହେଉଥାଏ । ମନ୍ଦିରରୁ ବାହାରି ସେ ବେଢା ଭିତର ଦେଇ ଆସେଇଗଲା ଆଡକୁ । ସିଂହଦ୍ୱାର ଆଗରେ ବାଇଶି ପାହାଚ, ପାହାଚ ପରେ ପାହାଚ ଡେଇଁ ଡେଇଁ ସେ ବଡ ଦାଣ୍ଡରେ ପାଦ ଦେଲା । ସେହିଠାରେ ସେ ସ୍ଥିତା ହୋଇଗଲା ଟିକିଏ । ଚିନ୍ତା କଲା କୁଆଡେ ଯିବ ? ମହାରାଜାଙ୍କଠାରୁ ତ ଅନୁମତି ଆଣି ହେବ ନାହିଁ । ସବୁତକ ପାଣିରେ ପକେଇଦେବା ଭଲ । ସେ ପାଣି କ'ଣ ସମୁଦ୍ର ନା ଶ୍ୱେତଗଙ୍ଗା ? .... ନା, ନା ସମୁଦ୍ରରେ ପକେଇ ଦେବା ଭଲ ।

ପଦ୍ମା ଧାଇଁ ଚାଲିଲେ ସମୁଦ୍ର ଆଡକୁ । ଅଭିଯୋଗ, ଅଭିମାନରେ ଭାରି ହୋଇଯାଇଥାଏ ତାଙ୍କର ମନ, ହୃଦୟ । ହେ ମହାପ୍ରଭୁ ! ତୁମେ କୃଷ୍ଣ ଅବତାରରେ ଗୋପୀମାନଙ୍କୁ କେତେ ହଇରାଣ ନ କରିଛ – ସେହି ସ୍ୱଭାବ କ'ଣ ଏବେ ବି ତୁମର ରହିଛି ? ସେଥିପାଇଁ ମୋତେ ଅପମାନିତା, ଲାଞ୍ଛିତା କରୁଛ ?

ଆଖି ଧାର ଧାର ହୋଇ ଲୁହ ବୋହି ଆସୁଥାଏ ପଦ୍ମାର । ଅଭିମାନରେ ଫୁଲି ଉଠୁଥାଏ ତା'ର ନାକ । ବାଷ୍ପାକୁଳ କଣ୍ଠରୁ ନିର୍ଗତ ହେଉଥାଏ କେବଳ ମହାପ୍ରଭୁ ଶବ୍ଦ । ସେ ଧାଇଁ ଚାଲିଥାଏ ସମୁଦ୍ର ଆଡକୁ ।

ହେଇ ସମୁଦ୍ର ପାଖେଇ ଆସିଲା । ଘୁ ଘୁ ଗର୍ଜନ କରି ସମୁଦ୍ର ପାଣି ଧାଇଁ ଆସୁଛି କୂଳକୁ । କୂଳରେ ପାଣି ଅଡଖାଟ କରାଟି ହୋଇ ପଡି ପୁଣି ଫେରି ଯାଉଛି ସମୁଦ୍ର ଭିତରକୁ । ପୁଣି ସମୁଦ୍ର ମଝିରୁ ଲହଡିମାଳା କୂଳ ଆଡକୁ ଧାଇଁ ଆସୁଛି । ସତେ ଯେପରି ସେ କହୁଛି, "ଦେ ପଦ୍ମା; ଗୀତଗୋବିନ୍ଦ ଲେଖା ହୋଇଥିବା ତୁଳସୀପତ୍ରଗୁଡିକୁ ମୋ ବକ୍ଷରେ ମେଲି ଦେ । ସେହି ପତ୍ରଗୁଡ଼ିକୁ ଦେହରେ ଧାରଣ କରି ତାପିତ ହୃଦୟକୁ ଟିକିଏ ଶାନ୍ତ କରେ । ହୁଏତ ପାରିବ ତୁଳସୀପତ୍ରଗୁଡିକୁ ମୁଁ ପରକ୍ଷଣରେ କୂଳରେ, ସମୁଦ୍ର ବାଲିରେ ଫୋପାଡି ଦେବି । କିନ୍ତୁ ଚନ୍ଦନରେ ଲିଖିତ ଗୀତଗୋବିନ୍ଦର ପଦଗୁଡ଼ିକୁ ମୁଁ ମୋ ଭିତରେ ସାଉଣ୍ଟି ରଖିବି ।" ସମୁଦ୍ରର ଘୁଘୁ ଗର୍ଜନ ସହିତ ନିଜ ସ୍ୱର ମିଶାଇ ପଦ୍ମା କହିଲା, "ହେ କାଳିଆ ସାଆନ୍ତ ! ତୁମେ କିଏ ମୁଁ ଜାଣେ ନାହିଁ । ତୁମ ପଠାଇଥିବା ତୁଳସୀପତ୍ର, ତୁମରି ଲୋକ ଦୁଇଜଣ ସେହି ପତ୍ରରେ ଗୀତଗୋବିନ୍ଦ ଲେଖିଦେଇ ଯାଇଥିଲେ ତାହାକୁ ଏହି ସମୁଦ୍ରର ନୀଳ ଜଳରେ ମେଲି ଦେଉଛି । ସେଥିପାଇଁ ମୋତେ ତୁମେ ଦୋଷ ଦେବ ନାହିଁ । ମୋର ଆଉ କିଛି ଉପାୟ ନାହିଁ – ଗୋଟାଏ ସ୍ତ୍ରୀଲୋକର କେତେ ବା ଶକ୍ତି ଅଛି ?"

ପଦ୍ମା ଟୋକେଇର ସମସ୍ତ ତୁଳସୀପତ୍ରକୁ ସମୁଦ୍ର ପାଣିରେ ପକାଇ ଦେଲେ ।

ନୀଳ ସମୁଦ୍ର ପାଣିରେ ସବୁଜ ତୁଳସୀପତ୍ରଗୁଡିକ ଖେଳେଇ ହୋଇଗଲା ।

– ଏଁ–ଏ କ'ଣ ହେଲା ? ଘୁଘୁ ହୋଇ ମାଡି ଆସୁଥିବା ସମୁଦ୍ର ଜଳ ସ୍ଥିର ହୋଇଗଲା କାହିଁକି ? ତା'ର ସେହି ଭୟଙ୍କର ଶବ୍ଦ ବି ଆଉ ଶୁଣା ଯାଉନାହିଁ । ସତେ କ'ଣ ହେଲା ତା'ର ?

– ପଦ୍ମା ! କାଳିଆ ସାଆନ୍ତ ତୋ ତୁଳସୀପତ୍ରଗୁଡିକୁ ନିଜ ହୃଦୟରେ ଧାରଣ କରିଛନ୍ତି । ଗର୍ବିତ ସେବକଙ୍କର ଗର୍ବ ଖଣ୍ଡନ ହୋଇଛି । ତୁ ବଡଦେଉଳକୁ ଯାଇ ଦେଖ ନୀଳାଦ୍ରିନାଥ ସେହି କାଳିଆ ସାଆନ୍ତ କିପରି ଗୀତଗୋବିନ୍ଦ ଲେଖା ହୋଇଥିବା ତୁଳସୀପତ୍ରରେ ଶୋଭିତ ହୋଇଛନ୍ତି ।

ପଦ୍ମା ଚାହିଁଲା ସମୁଦ୍ର ଭିତରକୁ । କାହିଁ ଗୋଟିଏ ବି ପତ୍ର ସମୁଦ୍ର ପାଣିରେ ନାହିଁ ? ତାହାହେଲେ ପତ୍ରଗୁଡିକୁ ମହାପ୍ରଭୁ ସମୁଦ୍ର ପାଣିରୁ ଛାଣି ନେଇଗଲେ ?

ପଦ୍ମା ଧାଇଁଲା ଉତ୍ତର ମୁହାଁ ହୋଇ ଶ୍ରୀମନ୍ଦିର ଆଡକୁ । କେଉଁ ଖେପାରେ ସମୁଦ୍ର ବାଲିକୁ ପଛରେ ପକାଇ ସେ ପହଞ୍ଚିଗଲା ବଡଦାଣ୍ଡରେ । ବଡଦାଣ୍ଡରେ ବହୁ ଲୋକ ଠିଆ ହୋଇଛନ୍ତି ପଦ୍ମାକୁ ଦେଖି ସମସ୍ତଙ୍କ ମୁହଁରେ ଗୋଟାଏ ବିସ୍ମୟର ଚିହ୍ନ । କାହାଠାରୁ କିଛି ବୁଝିବା ତା'ର ଆବଶ୍ୟକ ନାହିଁ । ସେ ପାହାଚ ପରେ ପାହାଚ ଉଠି ସିଂହଦ୍ୱାରରେ ପହଞ୍ଚିଗଲା । ତା'ପରେ ଧାଇଁଗଲା ଶ୍ରୀମନ୍ଦିର ଭିତରକୁ । ମହାପ୍ରଭୁଙ୍କ ସେବକମାନେ ତା' ଯିବା ପଥରୁ ଆଡେଇ ହୋଇଗଲେ । କେହି ତାଙ୍କୁ କିଛି କହିଲେ ନାହିଁ ।

ଜୟ ବିଜୟ ଦ୍ୱାର ପାଖରେ ଠିଆ ହୋଇ ପଦ୍ମା ଦେଖିଲା ଗୀତଗୋବିନ୍ଦ ଲେଖାଥିବା ତୁଳସୀପତ୍ର ମହାପ୍ରଭୁଙ୍କ ଦେହସାରା ବିଛେଇ ହୋଇ ରହିଛି ।


ପଣ୍ଡା ଉଚ୍ଛି ଗଦ୍‌ଗଦ୍ ହୋଇ ବଡ ପାଟିରେ କହି ଉଠିଲା, 'ହେ ମହାପ୍ରଭୁ ! କାଳିଆ ସାଆନ୍ତ !''

ବାସ୍ ସେତିକି । ଆଉ ସେ କିଛି କହି ପାରିଲା ନାହିଁ । ହୃଦୟର କୋହ ତା'ର କଣ୍ଠରୋଧ କରିଦେଲା ସେ ସେହିଠାରେ ପ୍ରଭୁଙ୍କ ପ୍ରଣତି ଜଣାଇଲା ।

ଠିକ ସେତିକିବେଳେ କେହି ଜଣେ ଭକ୍ତ ଗାଇ ଉଠିଲେ—

ପ୍ରଳୟପୟୋଧିଜଳେ ଧୃତବାନସି ବେଦମ୍
ବିହିତ ବହିତ୍ର ଚରିତ୍ରମଖେଦମ୍
କେଶବଧୃତ ମୀନଶରୀର ଜୟ ଜଗଦୀଶ ହରେ ॥


କ୍ୱାଟରସ୍ ନଂ.–୭୭, ଟାଇପ୍–୪, ଡେଲ୍ଟା କଲୋନି,
ଭୁବନେଶ୍ୱର–୧୨ ।





ଦୁର୍ନ୍ତ ଗତିର ହିଲ୍ଲୋଳେ ଆଜି ପୂର୍ଣ୍ଣ ବଳେ
ଧାଇଁ ଆସିଅଛି ମୌସୁମୀ ମୁହିଁ ଶୃଙ୍ଗ ପରେ

# ବହୁବିଧ ପର୍ଯ୍ୟଟନ ବିଭବର ଗନ୍ତାଘର

# ଓଡ଼ିଶା






- କଳା ଓ ଭାସ୍କର୍ଯ୍ୟରେ ପରିପୂର୍ଣ୍ଣ କୋଣାର୍କ, ଭୁବନେଶ୍ୱର, ପୁରୀ, ଖିଚିଙ୍ଗ, ଖଣ୍ଡଗିରି, ଉଦୟଗିରି, ରାଣୀପୁର-ଝରିଆଲ ଇତ୍ୟାଦି
- ଧଉଳି, ରତ୍ନଗିରି, ଲଳିତଗିରି ଓ ଉଦୟଗିରିର ବୌଦ୍ଧକୀର୍ତ୍ତି
- ପୁରୀ, କୋଣାର୍କ, ଚାନ୍ଦିପୁର, ଗୋପାଳପୁର ଓ ଚନ୍ଦନେଶ୍ୱରର ଦର୍ଶନୀୟ ବେଳାଭୂମି
- ଶିମିଳିପାଳ, ଟିକରପଡ଼ା, ଉଷାକୋଠି ଓ ଭିତର-କନିକାର ଅଭୟାରଣ୍ୟ
- ନୌକାବିହାର ଓ ବିଭିନ୍ନ ଜାତିର ପକ୍ଷୀଦର୍ଶନ ପାଇଁ ଉପଯୁକ୍ତ ଚିଲିକା ହ୍ରଦ
- ଚିରସ୍ରୋତା ନିର୍ଝରର କୁଳୁକୁଳୁ ନାଦରେ ଝଙ୍କୃତ ନୃସିଂହନାଥ, ହରିଶଙ୍କର, ଯୋରଣ୍ଡା, ବରେହିପାଣି, ଖଣ୍ଡାଧାର, ବାଗ୍ରା ଓ ପ୍ରଧାନପାଟ
- ଅତ୍ରି, ତପ୍ତପାଣି ଓ ଦେଉଳଝରିର ଉଷ୍ଣପ୍ରସ୍ରବଣ

ଏହିପରି ଆହୁରି ଅନେକ

ନିଜର କର୍ମମୟ ଜୀବନରୁ କିଛି ସମୟ ନେଇ ଆନନ୍ଦ ଉପଭୋଗ କରିବାର ସୁବର୍ଣ୍ଣ ସୁଯୋଗ ହରାନ୍ତୁ ନାହିଁ ।

ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମଙ୍କ ଦ୍ୱାରା ପରିଚାଳିତ ପାନ୍ଥନିବାସ ଓ ସଂପ୍ରଦର୍ଶିତ ଭ୍ରମଣ ବ୍ୟବସ୍ଥା କେବଳ ଆପଣମାନଙ୍କ ପାଇଁ ହିଁ ଉଦ୍ଦିଷ୍ଟ । ସବିଶେଷ ବିବରଣୀ ପାଇଁ ପ୍ରତ୍ୟେକ ଜିଲ୍ଲା ତଥା ଦିଲ୍ଲୀ, କଲିକତା ଓ ମାନ୍ଦ୍ରାଜଠାରେ ଥିବା ପର୍ଯ୍ୟଟନ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

ଓଡ଼ିଶା
ପର୍ଯ୍ୟଟନ

ପର୍ଯ୍ୟଟନ ବିଭାଗ
ଓଡ଼ିଶା ସରକାର
ଭୁବନେଶ୍ୱର - ୭୫୧୦୧୪

# ବିଶ୍ୱନାଥ ଦାସଙ୍କ ଦେଶପ୍ରୀତି

ଡକ୍ଟର୍ ନାରାୟଣ ହଜାରୀ
କୁମାରୀ ସଂଘମିତ୍ରା ବୁଦ୍ଧପ୍ରିୟା

ପୂର୍ବତନ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ସ୍ୱର୍ଗତ କୁମାର ମଙ୍ଗଳମ୍ 'ଶ୍ରୀ'ଯୁକ୍ତ ବିଶ୍ୱନାଥ ଦାସଙ୍କୁ ଏକଦା ପ୍ରଶଂସା କରି କହିଥିଲେ, "ସେ ଦେଶର ଜଣେ ବ୍ୟକ୍ତି ଯାହାଙ୍କ ଚରିତ୍ର ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିହେବ ନାହିଁ।"

ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ପ୍ରବୀଣ ସାରଥି, ଓଡ଼ିଶାର ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ, ଉତ୍ତରପ୍ରଦେଶର ପୂର୍ବତନ ରାଜ୍ୟପାଳ, ଲୋକ ସେବକ ମଣ୍ଡଳର ପ୍ରାକ୍ତନ ସଭାପତି, ଦକ୍ଷିଣ ଓଡ଼ିଶାର ମିଶ୍ରଣ ଆନ୍ଦୋଳନର ଅନ୍ୟତମ ପ୍ରଧାନ ରଥୀ, ଜନନାୟକ ବିଶ୍ୱନାଥ ଦାସ ଜଣେ ସ୍ୱାଭିମାନୀ ଦୃଢ଼ମନା, ଜନସେବକ ଥିଲେ।

୧୮୮୯ ମସିହା ମାର୍ଚ୍ଚ ୮ ତାରିଖ ଦିନ ଗଞ୍ଜାମ ଜିଲ୍ଲାର ବେଲଗୁଣ୍ଠା ଗ୍ରାମରେ ଜନ୍ମଲାଭ କରିଥିଲେ। ସେ ଗ୍ରାମରୁ ମାଇନର୍ ପାଶ୍ କରି କଟକ ଆସିଥିଲେ। ଏଠାରେ ଭିକ୍ଟୋରିଆ ହାଇସ୍କୁଲ୍‌ରେ ଅଧ୍ୟୟନ କଲେ। ଏହାର ନାମ ଏବେ ଭକ୍ତମଧୁ ବିଦ୍ୟାପୀଠ। ସେଠାରୁ ମାଟ୍ରିକ ପାଶ୍ କରି, ରେଭେନ୍ସା କଲେଜରୁ ଏଫ୍. ଏ. (First Arts) ଓ ବି. ଏ. ପାଶ୍ କଲେ। କଟକରେ ଛାତ୍ର ଥିବାବେଳେ ଦେଶପ୍ରାଣ ମଧୁସୂଦନ ଦାସ ଏବଂ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସହିତ ପରିଚିତ ହୋଇଥିଲେ। ତା'ପରେ କଲିକତାରୁ ବି. ଏଲ୍. ପାଶ୍ କରି, ୧୯୨୦ ମସିହାରେ ବ୍ରହ୍ମପୁରରେ ଓକିଲାତି କଲେ।

ପଣ୍ଡିତ ଗୋପବନ୍ଧୁଙ୍କ ପରି ସେ ଯୌବନରେ ମୃତଦାର ହୋଇଥିଲେ। ମାତ୍ର ବର୍ଷ ବୟସରେ ତାଙ୍କର ପତ୍ନୀ ବିୟୋଗ ଘଟିଥିଲା। ଦ୍ୱିତୀୟ ଥର ବିବାହ କରିବାକୁ ତାଙ୍କ ଉପରେ ପରିବାର ଓ ବନ୍ଧୁବାନ୍ଧବଙ୍କ ପକ୍ଷରୁ ଯଥେଷ୍ଟ ଚାପ ପ୍ରୟୋଗ କରାଯାଇଥିଲା। କିନ୍ତୁ ସେ ଟଳି ନଥିଲେ। ସେ ବର୍ଷ ବଞ୍ଚିଥିଲେ ମଧ୍ୟ, ଦୀର୍ଘ ଜୀବନ ବ୍ରହ୍ମଚାରୀ ଭାବରେ କଟାଇଥିଲେ।

ସେ ଆଚାର୍ଯ୍ୟ ହରିହର ଶଶିଭୂଷଣ ରଥ, ନିରଞ୍ଜନ ପଟ୍ଟନାୟକ, ଲାଲମୋହନ ପଟ୍ଟନାୟକ ପ୍ରମୁଖଙ୍କ ସହିତ ବିଭିନ୍ନ ସାମାଜିକ ସମସ୍ୟା ବିଷୟରେ ଆଲୋଚନା କରୁଥିଲେ। ବିଶେଷରେ କୃଷକମାନଙ୍କ ସମସ୍ୟା ମୁଖ୍ୟ

ଦେଶର ତତ୍କାଳୀନ ରାଜନୀତିକ ବାତାବରଣ ତାଙ୍କର ସ୍ପର୍ଶକାତର ମନକୁ ଆନ୍ଦୋଳିତ କରିଥିଲା। ୧୯୨୧ ମସିହାରେ ଦେଶର ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ। ୧୯୨୧ରୁ ୧୯୩୦ ମସିହା ପର୍ଯ୍ୟନ୍ତ ଗଞ୍ଜାମ ଜିଲ୍ଲାରୁ ମାନ୍ଦ୍ରାଜ ବ୍ୟବସ୍ଥା ସଭାକୁ ସଭ୍ୟ ରୂପେ ନିର୍ବାଚିତ ହୋଇଥିଲେ। ଗଞ୍ଜାମ ଜିଲ୍ଲା ସେତେବେଳେ ମାନ୍ଦ୍ରାଜ ପ୍ରଦେଶର ଅନ୍ତର୍ଭୁକ୍ତ ଥିଲା। ୧୯୩୦ ମସିହାରେ କଂଗ୍ରେସ କାର୍ଯ୍ୟକାରୀ କମିଟିର ନିର୍ଦ୍ଦେଶକ୍ରମେ ମାନ୍ଦ୍ରାଜ ବ୍ୟବସ୍ଥା ସଭାରୁ ଇସ୍ତଫା ଦେଇଥିଲେ। ତାପରେ ଲବଣ ସତ୍ୟାଗ୍ରହ ଆନ୍ଦୋଳନରେ ଯୋଗ ଦେଇଥିଲେ। ସେଥିପାଇଁ ତାଙ୍କୁ ଭେଲୋର୍ ସେଣ୍ଟ୍ରାଲ୍ ଜେଲ୍‌ରେ ବର୍ଷେକାଳ କାରାବରଣ କରିବାକୁ ପଡ଼ିଥିଲା। ଜେଲ୍‌ରୁ ମୁକ୍ତ ହେଲାପରେ ତତ୍କାଳୀନ ଜମିଦାରମାନଙ୍କ ପ୍ରଜା ଶୋଷଣ ଏବଂ ଅତ୍ୟାଚାର ବିରୋଧରେ ଏକ ଟାଣୁଆ ଆନ୍ଦୋଳନ ଆରମ୍ଭ କରିଥିଲେ। ସମଗ୍ର ମାନ୍ଦ୍ରାଜ ପ୍ରଦେଶରେ ସେ ଏକ ଟାଣୁଆ ରାଏତ ସଂଘ ସଙ୍ଗଠକ ଭାବେ ଖ୍ୟାତି ଅର୍ଜନ କରିଥିଲେ।

ମାନ୍ଦ୍ରାଜ ବ୍ୟବସ୍ଥା ସଭାରେ ଭାରତର କେତେକ ଉଚ୍ଚକୋଟୀର ନେତୃସ୍ଥାନୀୟ ରାଜନୀତିକଙ୍କ ସହିତ ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ଥିଲେ ଏ. ରାମସ୍ୱାମୀ, ମୁଦାଲିୟର, ସୁବ୍ରମଣ୍ୟମ୍ ଆୟାର, ଶିବସ୍ୱାମୀ ଆୟାର, ଭାରତର ପ୍ରାକ୍ତନ ଅର୍ଥମନ୍ତ୍ରୀ ସମ୍ମୁଖମ୍ ଚେଟ୍ଟୀ, ସତ୍ୟମୂର୍ତ୍ତୀ ଏବଂ ଚକ୍ରବର୍ତ୍ତୀ ରାଜଗୋପାଳାଚାରୀ।

୧୯୩୬ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା। ୧୯୩୭ ଏପ୍ରିଲ୍ ପହିଲାରେ ପାରଳାଖେମୁଣ୍ଡିର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେଓ ତିନିମାସ ପାଇଁ ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ହେଲେ। ଜୁଲାଇ ମାସରେ ବିଶ୍ୱନାଥ ଦାସ ଓଡ଼ିଶାର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ହେଲେ। ତାଙ୍କର ମନ୍ତ୍ରୀମଣ୍ଡଳର ଅନ୍ୟ ସଦସ୍ୟମାନେ ହେଲେ କଟକର ନିତ୍ୟାନନ୍ଦ କାନୁନ୍‌ଗୋ ଓ ସମ୍ବଲପୁରର ବୋଧରାମ ଦୁବେ। ୧୯୩୯ ନଭେମ୍ବର ପର୍ଯ୍ୟନ୍ତ ଏହି ମନ୍ତ୍ରୀମଣ୍ଡଳ କାର୍ଯ୍ୟ କରିଥିଲା।

ସେହି ସ୍ୱଳ୍ପ ସମୟ ମଧ୍ୟରେ ଘଟିଥିବା କେତେକ ଗୁରୁତ୍ୱପୂର୍ଣ୍ଣ ଘଟଣା ଓଡ଼ିଶାର ଇତିହାସରେ ସ୍ମରଣୀୟ ହୋଇ ରହିଛି। ସେତେବେଳେ

ଓଡ଼ିଶା ଗଡ଼ଜାତମାନଙ୍କରେ ରାଜୁତ୍ୱ ଶାସନର ଅତ୍ୟାଚାର ବିରୁଦ୍ଧରେ ଗଡ଼ଜାତବାସୀମାନେ ସ୍ୱତଃସ୍ଫୂର୍ତ୍ତ ଆନ୍ଦୋଳନ ଆରମ୍ଭ କରିଥିଲେ। ଢେଙ୍କାନାଳ ପ୍ରଜାମଣ୍ଡଳ ଆନ୍ଦୋଳନ ବେଳେ, ରାଜନ୍ୟ ସଂରକ୍ଷଣ ଆଇନ୍ (ପ୍ରିନ୍ସେସ୍ ପ୍ରୋଟେକ୍ସନ୍ ଆକ୍ଟ) ପ୍ରୟୋଗ କରି ଓଡ଼ିଶାରୁ ସଶସ୍ତ୍ର ପୁଲିସ୍ ପ୍ରେରଣ କରିବା ପାଇଁ ରାଜ୍ୟପାଳ ଉଦ୍ୟମ କରିଥିଲେ। ଶ୍ରୀଯୁକ୍ତ ଦାସ ଏପରି ଜନସ୍ୱାର୍ଥ ବିରୋଧୀ ଆଇନ୍‌ର ପ୍ରୟୋଗକୁ ଦୃଢ଼ଭାବରେ ବିରୋଧ କରି ପ୍ରତିହତ କରିଥିଲେ।

ଆଉ ଗୋଟିଏ ଘଟଣାରେ ବିଶ୍ୱନାଥ ଦାସଙ୍କ ଦୃଢ଼ତା ଓ ଆତ୍ମସମ୍ମାନବୋଧ ସାରା ଭାରତରେ ଚହଳ ପକାଇଦେଲା। ୧୯୩୮ ମସିହାରେ ଓଡ଼ିଶାର ଲାଟ୍ ସାର୍ ଜନ୍ ହବାକ୍ ଛୁଟି ନେବାରେ, ତାଙ୍କ ସ୍ଥାନରେ ଇଂରେଜ ସରକାର ଓଡ଼ିଶାର ତତ୍କାଳୀନ ରାଜସ୍ୱ ମେମ୍ବର ଡେନ୍‌ଙ୍କୁ ଓଡ଼ିଶାର ଲାଟ୍ ରୂପେ ନିଯୁକ୍ତି ଦେଲେ। ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସ ଏହାର ଘୋର ପ୍ରତିବାଦ କଲେ। ରାଜସ୍ୱ ମେମ୍ବର ତାଙ୍କର ଅଧସ୍ତନ କର୍ମଚାରୀ; ସେ ତାଙ୍କ ଉପରେ ଉପସ୍ଥାପିତ ହେବେ କିପରି? ଡେନ୍ ଲାଟ୍ ହେଲେ ତାଙ୍କର ମନ୍ତ୍ରୀମଣ୍ଡଳ ଇସ୍ତଫା ଦେବ ବୋଲି ଘୋଷଣା କଲେ। ଶ୍ରୀଯୁକ୍ତ ଦାସଙ୍କର ଏହି ନୀତିକୁ କଂଗ୍ରେସ କାର୍ଯ୍ୟକାରୀ କମିଟି ପୂର୍ଣ୍ଣ ସମର୍ଥନ କରିଥିଲେ। ମହାତ୍ମା ଗାନ୍ଧି 'ହରିଜନ' ପତ୍ରିକାରେ ଏହି ଦାବୀକୁ ସମର୍ଥନ କଲେ। ଶେଷରେ ବ୍ରିଟିଶ ସରକାରଙ୍କୁ ତାଙ୍କର ଆଦେଶ ବଦଳାଇବାକୁ ପଡ଼ିଥିଲା ଏବଂ ଡେନ୍ ଲାଟ୍ ହୋଇପାରି ନଥିଲେ। ଇଂରେଜ ସରକାରଙ୍କ ମର୍ଯ୍ୟାଦା ରକ୍ଷା ପାଇଁ ଜନ୍ ହବାକ୍ ଛୁଟି ନନେଇ ନିଜ ପଦବୀରେ ରହିବାକୁ ବାଧ୍ୟ ହୋଇଥିଲେ। ସମଗ୍ର ଭାରତରେ ବିଶ୍ୱନାଥ ଦାସଙ୍କ ନିର୍ଭୀକତା ପ୍ରକଟିତ ହେଲା। ଦେଶ ପ୍ରୀତି ଓ ଜାତୀୟତାର ଚରମ ପରାକାଷ୍ଠା ରକ୍ଷା ହେଲା। ଏପରି ଦୃଢ଼ତା ସ୍ୱାଧୀନ ଭାରତରେ ମଧ୍ୟ ଦେଖିବାକୁ ମିଳେନା।

ଥରେ ମୁଖ୍ୟ ସଚିବ ମାନସ୍‌ଫିଲ୍ଡ ଓ ଅନ୍ୟ ସଚିବମାନେ ବିଶ୍ୱନାଥ ଦାସଙ୍କୁ ରାତ୍ରି ଭୋଜନ ପାଇଁ ଡାକିଥିଲେ। ପାଶ୍ଚାତ୍ୟ ଢାଞ୍ଚାରେ ସମସ୍ତ ବ୍ୟବସ୍ଥା ହୋଇଥିଲା। ବିଶ୍ୱନାଥ ଦାସ ଗୋରା ସଚିବମାନଙ୍କୁ ରାତ୍ରି ଭୋଜନ ପାଇଁ ନିମନ୍ତ୍ରଣ କରି ଖାଣ୍ଟି ଓଡ଼ିଆ ପଦ୍ଧତିରେ ତଳେ ବସାଇ କଦଳୀ ପତ୍ରରେ ଖୁଆଇଥିଲେ। ନିଜର ଦୃଢ଼ତା ବଳରେ ରାଜ୍ୟପାଳଙ୍କ ବିରୋଧ ସତ୍ତ୍ୱେ ସେ ଜଣେ ଜୁନିୟର ଅଫିସର ସାମୁଏଲ୍ ଦାସଙ୍କୁ ତାଙ୍କ ଶାସନ କାଳରେ ସେକ୍ରେଟେରୀ କରି ଆଣିଥିଲେ।

ତତ୍କାଳୀନ ବଡ଼ଲାଟ୍ ଲର୍ଡ଼ ଲିନ୍‌ଲିଥଗୋ ଓଡ଼ିଶା ଗସ୍ତରେ ଆସିଥିଲେ। ପ୍ରଧାନମନ୍ତ୍ରୀଭାବେ ତାଙ୍କୁ ସାକ୍ଷାତ କରିବାବେଳେ, ଖଦଡ଼ ଧୋତି ଓ ପଞ୍ଜାବୀ ଛାଡ଼ି ପ୍ୟାଣ୍ଟକୋଟ ପିନ୍ଧିବାକୁ ତତ୍କାଳୀନ ଓଡ଼ିଶାର ଗୋରା ଲାଟ୍ ପ୍ରବଳ ଚାପ ଦେଲେ। ତା' ବିରୋଧରେ ଦୃଢ଼ ରହି ଶ୍ରୀ ଦାସ ଧୋତି ପଞ୍ଜାବୀରେ ଯାଇ ତାଙ୍କୁ ସାକ୍ଷାତ କଲେ। ଏହା ତାଙ୍କର ନୈତିକ ବଳ ଓ ସ୍ୱଦେଶ ପ୍ରୀତିର ଆଲେଖ୍ୟ ବହନ କରେ।

ବିଶ୍ୱନାଥ ଦାସ ପ୍ରଧାନମନ୍ତ୍ରୀ ଥିଲାବେଳେ ବାଲେଶ୍ୱରରେ ଜଣେ ପ୍ରବଳ ପରାକ୍ରମୀ ଗୋରା ଏସ୍. ପି. ଥିଲେ। ସେ କାହାକୁ ମାନୁ ନଥିଲେ। ତାଙ୍କର ପରାକ୍ରମରେ ଲୋକମାନେ ଥରହର ହେଉଥିଲେ। ଏ କଥା ପ୍ରଧାନମନ୍ତ୍ରୀଙ୍କ କାନରେ ପଡ଼ିଲା। ସେ ବାଲେଶ୍ୱର ଜିଲ୍ଲାକୁ ଗସ୍ତରେ ଗଲେ। ପ୍ରଧାନମନ୍ତ୍ରୀ ରେଳଗାଡ଼ିରେ ଯାଇ ବାଲେଶ୍ୱରରେ ପହଞ୍ଚିଲେ। ସେ ଟ୍ରେନ୍‌ରୁ ଓହ୍ଲାଇଲେ। ଭିଡ଼ ଭିତରେ ଜଣେ ପୁଲିସ୍ ଅଫିସର ତାଙ୍କ ସମ୍ମୁଖରେ ଆସି ସଲାମ୍ କଲେ। ପ୍ରଧାନମନ୍ତ୍ରୀ ସଲାମ୍ ଗ୍ରହଣ ନକରି ତାଙ୍କୁ ଇଂରାଜୀରେ ପଚାରିଲେ ଆପଣ କିଏ? ଉତ୍ତର ଆସିଲା, ମୁଁ ଏ ଜିଲ୍ଲାର ଏସ୍. ପି.। ପ୍ରଧାନମନ୍ତ୍ରୀ ମନ୍ତବ୍ୟ ଦେଲେ ଆପଣ ଆଇ. ପି. ହୋଇ ଦେଶର ପ୍ରଧାନମନ୍ତ୍ରୀଙ୍କୁ କିପରି ସାଲ୍ୟୁଟ୍ କରିବାକୁ ପଡ଼େ ଜାଣନ୍ତି ନାହିଁ। ମୋ ଆଗରେ ଠିଆ ହୋଇ ସାଲ୍ୟୁଟ୍ କରି ବାଟ ଓଗାଳିବାକୁ ଆପଣଙ୍କୁ କହିଲା କିଏ? ଆପଣ ପୋଲିସ୍ ମାନୁଆଲ୍ ପଢ଼ି କାଲି କୈଫିୟତ୍ ଦାଖଲ କରନ୍ତୁ। ଆଇ. ପି. ଅଫିସର ଫେରି ମାନୁଆଲ ଦେଖିଲେ। ଲେଖାଅଛି, ସାଇଡ୍‌ରେ ସାଲ୍ୟୁଟ୍ କରି ବାଟ ଛାଡ଼ିଦେବାକୁ ହେବ। ସାହେବଙ୍କର ଗର୍ବ ଭାଙ୍ଗିଗଲା। ସେ ଛୁଟିରେ ଗଲେ। ଆଉ ଫେରିଲେ ନାହିଁ।

ବିଶ୍ୱନାଥ ଦାସ ପ୍ରଜାସତ୍ୱ ଆଇନ୍‌ର ସଂଶୋଧନ କରି ନାଗରିକମାନଙ୍କୁ ଗଛ ଓ ମାଛରେ ସ୍ୱତ୍ୱ ପ୍ରଦାନ କଲେ। ଲୋକମାନଙ୍କୁ ନିଜେ ରୋପଣ କରିଥିବା ଗଛର ଫଳ ଓ ନିଜେ ବଢ଼ାଇଥିବା ପୋଖରୀର ମାଛ ଉପରେ ସ୍ୱତ୍ୱ ଦେଇଥିଲେ। ସେତେବେଳେ ପ୍ରଜାମାନଙ୍କ ବାଡ଼ିରେ ଥିବା ଗଛରୁ ଫଳ ତୋଳିବା ଓ ପୋଖରୀରୁ ମାଛ ମାରିବା ଅଧିକାର ଜମିଦାରମାନଙ୍କର ଥିଲା। ପ୍ରଜାର ନଥିଲା।

ସେ ଓଡ଼ିଶାରେ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ଲାଗି ପଣ୍ଡିତ ନୀଳକଣ୍ଠ ଦାସଙ୍କ ଅଧ୍ୟକ୍ଷତାରେ ବିଶ୍ୱବିଦ୍ୟାଳୟ କମିଟି ବସାଇଥିଲେ। ଏହାର ସୁପାରିଶ ବଳରେ ୧୯୪୩ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହୋଇଥିଲା।

ଦ୍ୱିତୀୟ ମହାଯୁଦ୍ଧ ଆସିଲା। ୧୯୩୯ ମସିହାରେ ସବୁ ପ୍ରଦେଶରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ଇସ୍ତଫା ଦେଲେ। ୧୯୪୨ର ଭାରତ ଛାଡ଼ ଆନ୍ଦୋଳନରେ ବିଶ୍ୱନାଥ ଦାସ କାରାବରଣ କଲେ।

ଯୁଦ୍ଧ ୧୯୪୫ରେ ଶେଷ ହେଲା। ୧୯୪୬ ମସିହାରେ ସେ ନିର୍ବାଚନ ଲଢ଼ିଲେ। ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହେଲେ। ତାଙ୍କ ରାଜନୀତିକ ପ୍ରତିଦ୍ୱନ୍ଦ୍ୱୀମାନେ ତାଙ୍କ ବିରୁଦ୍ଧରେ ଏକ ନିର୍ବାଚନ ମକଦ୍ଦମା କଲେ। ବିଶ୍ୱନାଥ ଦାସ ଉକ୍ତ ନିର୍ବାଚନ ସମୟରେ କଂଗ୍ରେସର ସଭାପତି ଥିଲେ। ଉମାଚରଣ ପଟ୍ଟନାୟକଙ୍କୁ କେନ୍ଦ୍ର ସଂସଦକୁ ନିର୍ବାଚିତ କରାଇଥିଲେ। ସୁଦକ୍ଷ ବ୍ୟବସ୍ଥାପକ ପଟ୍ଟନାୟକ ପ୍ରତିରକ୍ଷା ବିଷୟରେ ଦକ୍ଷତାର ସହିତ ଆଲୋଚନା କରୁଥିଲେ। ନିର୍ବାଚନ ମକଦ୍ଦମାରେ ପ୍ରମାଣିତ ହେଲା ଯେ, ବିଶ୍ୱନାଥ ଦାସ ପଟ୍ଟନାୟକଙ୍କ ନିର୍ବାଚନ ପାଇଁ ନିର୍ଦ୍ଧାରିତ ଅର୍ଥଠାରୁ ଅଧିକ ବ୍ୟୟ କରିଥିଲେ। ସେ ଛଅବର୍ଷ ପର୍ଯ୍ୟନ୍ତ ଆଉ କୌଣସି ନିର୍ବାଚନରେ ଲଢ଼ିପାରିବେ ନାହିଁ ବୋଲି ଦଣ୍ଡ ପାଇଲେ। ୧୯୫୪ ମସିହାରେ ରାଜ୍ୟସଭାକୁ ନିର୍ବାଚିତ ହେଲେ।

୧୯୬୨ ମସିହାରୁ ପାଞ୍ଚବର୍ଷ ସେ ଉତ୍ତର ପ୍ରଦେଶର ରାଜ୍ୟପାଳ ହେଲେ। ରାଜ୍ୟପାଳ ଥାଇ ଯାହା କିଛି ଅର୍ଜନ କରିଥିଲେ, ସେ ପାଣ୍ଠିକୁ ବିନିଯୋଗ କରି ଚତୁର୍ଦ୍ଧାମରେ ଚାରିଗୋଟି ବେଦ ଭବନ ନ୍ୟାସ ପ୍ରତିଷ୍ଠା କରି ବୈଦିକ ସଂସ୍କୃତିର ପ୍ରଚାର ଓ ଦରିଦ୍ର ବିଦ୍ୟାର୍ଥୀମାନଙ୍କ ସାହାଯ୍ୟ ପାଇଁ ବ୍ୟବସ୍ଥା କରିଥିଲେ।

୧୯୭୧ ମସିହାରେ ଓଡ଼ିଶା ଶାସନରେ ରାଜନୀତିକ ସଙ୍କଟ ଉପୁଜିଥିଲା। ତାଙ୍କପରି ଜଣେ ପ୍ରବୀଣ ରାଜନୀତିକ ଓଡ଼ିଶା ମିଳିତ ସାମ୍ମୁଖ୍ୟ ବିଧାନସଭା ଦଳର ସର୍ବସମ୍ମତିକ୍ରମେ ନେତା ନିର୍ବାଚିତ ହୋଇ ମୁଖ୍ୟମନ୍ତ୍ରୀ ପଦ ଗ୍ରହଣ କରିଥିଲେ। ଶାସନକ୍ଷେତ୍ରରୁ ଦୁର୍ନୀତିର ବିଲୋପ ସାଧନ କରିବା ଏବଂ ନୈତିକତାର ପ୍ରତିଷ୍ଠା କରିବା ପାଇଁ ସେ ବିଶେଷ ଉଦ୍ୟମ କରିଥିଲେ। ସରକାରୀ କର୍ମଚାରୀମାନଙ୍କ ମଧ୍ୟରେ ନିର୍ଭୀକତା, ସ୍ପଷ୍ଟବାଦିତା ଓ ସାହସ ବୃଦ୍ଧି ହେଉ, ଏହା ସେ ଚାହୁଁଥିଲେ।

ଆୟୁର୍ବେଦ ବ୍ୟତୀତ ଅନ୍ୟ ଔଷଧ ବ୍ୟବହାର କରୁନଥିଲେ। ଓଡ଼ିଶାରେ ଏକ ଆୟୁର୍ବେଦ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ତାଙ୍କର ଆଗ୍ରହ ଥିଲା। ପ୍ରାକୃତିକ ଚିକିତ୍ସା ପ୍ରତି ତାଙ୍କର ଅନୁରାଗ ଥିଲା। ସେ ନିୟମିତ ଭାବରେ ଆସନ, ପ୍ରାଣାୟାମ ଓ ବ୍ୟାୟାମ କରୁଥିଲେ। ଶୃଙ୍ଖଳା ଓ ସମୟାନୁବର୍ତ୍ତିତା ତାଙ୍କର ଗୁଣ ଥିଲା। ତାଙ୍କର ଚିନ୍ତା ନଥିଲା। ସେ ମିତବ୍ୟୟୀ ଥିଲେ।

ପ୍ରବଳ ବିରୋଧସତ୍ତ୍ୱେ ଗୋହତ୍ୟା ନିରୋଧ ବିଲ୍‌କୁ ପାର୍ଲ୍ୟାମେଣ୍ଟରେ ଉପସ୍ଥାପନ କରି ତାଙ୍କର ନିର୍ଭୀକତାର ପରିଚୟ ଦିଏ। ଏକଦା ଆଣ୍ଟନି ଦେବା ତାଙ୍କର ନିର୍ଭୀକତାର ପରିଚୟ ଦିଏ। ଏକଦା ଧର୍ମନିରପେକ୍ଷତାର ଅର୍ଥ କରିବାକୁ ଯାଇ ନେହେରୁଙ୍କର ସମାଲୋଚନାର ଉତ୍ତର ଦେଇ କହିଥିଲେ, "ଧର୍ମ ନିରପେକ୍ଷତା ଅର୍ଥ ଧର୍ମହୀନତା ହେବା ନୁହେଁ। ଏହାର ଅର୍ଥ ସମସ୍ତ ଧର୍ମକୁ ସମ୍ମାନ ଦେବା।"

ସେ ମୁଖ୍ୟମନ୍ତ୍ରୀ ଥିବାବେଳେ ବିଭିନ୍ନ ପର୍ବପର୍ବାଣି ଦିବସ ପୂର୍ଣ୍ଣିମା, ଅମାବାସ୍ୟା ଏବଂ ବୁଦ୍ଧ, ମହାତ୍ମାଗାନ୍ଧୀ ଆଦି ମହାପୁରୁଷଙ୍କ ଜନ୍ମଦିନମାନଙ୍କରେ ପଶୁହତ୍ୟା ନିଷେଧ କରିଥିଲେ।

ତାଙ୍କର ବଳିଷ୍ଠ ଚରିତ୍ର, ଦୃଢ଼ ଆତ୍ମବିଶ୍ୱାସ, ନୈତିକ ମୂଲ୍ୟବୋଧ, ଦେଶପ୍ରାଣତା, ନିଷ୍ଠାପରତା, ସରଳତା, ଆନ୍ତରିକତା, ନିରହଙ୍କାରୀତା ଅତି ସାଧାରଣ ଜୀବନରେ ବିରଳ। ସେ ଧର୍ମପରାୟଣ ଥିଲେ। ସେ ଜଣେ ସଂସ୍କୃତି ସମ୍ପନ୍ନ ବ୍ୟକ୍ତି ଥିଲେ ଏବଂ ପ୍ରାଚୀନ ଧର୍ମ, ସଂସ୍କୃତିର ପୁନରୁତ୍ଥାନ ପାଇଁ ସର୍ବଦା ବ୍ୟାକୁଳ ଥିଲେ। ଭାରତୀୟ ସଂସ୍କୃତି, ପରମ୍ପରା ଓ ଐତିହ୍ୟର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ। ସାଧୁତା, ମହାନୁଭବତା ତାଙ୍କର ବୈଶିଷ୍ଟ୍ୟ ଥିଲା। ସେ ଗଭୀର ଆତ୍ମବିଶ୍ୱାସୀ ଥିଲେ। ବିନା ତ୍ୟାଗରେ ଆତ୍ମବିଶ୍ୱାସ ସମ୍ଭବ ନୁହେଁ।

ସେ ଦୁର୍ନୀତିମୁକ୍ତ ଓ ନିଷ୍କଳଙ୍କ ଥିଲେ। ଶାସନର ଅଧିକାରୀ ଥିବାବେଳେ ଓ ବ୍ୟକ୍ତିଗତ ଭାବରେ ତାଙ୍କର ସାଧୁତା ଉପରେ କେବେ କେହି ସନ୍ଦେହ କରି ନାହିଁ। ସେ ସ୍ନେହୀ ଓ ସହାନୁଭୂତିଶୀଳ ଥିଲେ।

ବିଶ୍ୱନାଥ ଦାସଙ୍କ ଚରିତ୍ରର ବୈଶିଷ୍ଟ୍ୟ ନିମ୍ନଲିଖିତ ଭାଷଣରୁ ଜଣାପଡ଼େ। ୧୯୭୧ ମସିହା ଏପ୍ରିଲ୍ ୩ ତାରିଖରେ ଓଡ଼ିଶା ନବଗଠିତ ସରକାର ଶପଥ ଗ୍ରହଣ କଲାପରେ ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ଦାସ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ବେତାର ଭାଷଣ ଦେଇ କହିଥିଲେ – "ଆଜି ଦେଶରେ ଯାହାକୁ ପଚାରିଲେ, ସେ ସାମ୍ୟବାଦ ଚାହାନ୍ତି ବୋଲି କହୁଛନ୍ତି; କିନ୍ତୁ ସାମ୍ୟବାଦର ବିଷୟବସ୍ତୁ କ'ଣ ତାର ଉତ୍ତରଟି କହିବା ନିତାନ୍ତ କଠୋର। ସାମ୍ୟବାଦ ଖାଲି ମୁହଁରେ କହିଲେ ଆସିଯାଏ ନାହିଁ। ଆଚରଣରେ ସାମ୍ୟବାଦ ଦେଖାଇବାକୁ ହେବ। ଆମର ପୂର୍ବ ପୁରୁଷରୁ ଋଷି ମହର୍ଷିମାନେ ଆଚରଣଯୁକ୍ତ ସାମ୍ୟବାଦକୁ ପ୍ରକୃଷ୍ଟ ସ୍ଥାନ ଦେଇ ଆସିଛନ୍ତି। ମୁଁ ଯାହା ଦେଖୁଛି, ଆଜିର ସାମ୍ୟବାଦ ହେଉଛି – ଦଳଗତ ସୀମା ଦେଇ ଯେ ଦଳଭୁକ୍ତ ହେଲେ, ସେହିମାନେ ହିଁ ହେଲେ ସାମ୍ୟବାଦୀ। ମୁଁ ସେହିପରି ସାମ୍ୟବାଦୀଙ୍କୁ ଜୁହାର କରି ଦୂରରେ ରହିବାକୁ ଇଚ୍ଛା କରୁଛି। ମୁଁ ଭାବେ ଯେ, 'ଗୀତା'ରେ ସାମ୍ୟବାଦର ଯେଉଁ ପରିକଳ୍ପନା କରାଯାଇଛି, ତା'ଠାରୁ ବଳି ଆଉ ଉତ୍କୃଷ୍ଟ ସାମ୍ୟବାଦ ଅନ୍ୟତ୍ର ପାଇବା ସମ୍ଭବ ନୁହେଁ। ବିଷ୍ଣୁ ସହସ୍ର ନାମରେ ମଧ୍ୟ ସାମ୍ୟବାଦ ବିଷୟ ଉଲ୍ଲେଖ କରାଯାଇଛି। ଅର୍ଥାତ୍ ଯେ ସମସ୍ତଙ୍କୁ ସାମ୍ୟ ଦୃଷ୍ଟିରେ ଦେଖୁବ, ସେ ହିଁ ପ୍ରକୃତ ସାମ୍ୟବାଦୀ। ଏହି ସାମ୍ୟବାଦ ଆଚରଣ ଦ୍ୱାରା ହିଁ ହୋଇପାରେ। ମୁଁ ସାମ୍ୟବାଦୀ ନହୋଇ 'ସାମ୍ୟବାଦ', 'ସାମ୍ୟବାଦ' କହିବି ଏବଂ ସାମ୍ୟବାଦରେ ଗଡ଼ି ଚାଲିବି – ଏହାଦ୍ୱାରା ସାମ୍ୟବାଦ ଆସି ପାରେନା। ସାମ୍ୟବାଦ ହେଉଛି ସାର୍ବଜନୀନ। ଏହି ସାମ୍ୟବାଦକୁ ପ୍ରକୃତ ଉପଲବ୍ଧି କରିବାକୁ ହେଲେ ସମାଜ ତାର ଦୃଷ୍ଟିକୋଣ ବଦଳାଇବା ଦରକାର, ଆଚରଣ ବଦଳାଇବା ଓ ପରିବର୍ତ୍ତନ କରିବା ଦରକାର। ସେଥିପାଇଁ ଆମ 'ସ୍ମୃତି'ରେ କୁହାଯାଇଛି, ଆଚାରରୁ ଧର୍ମ ଜାତ ହୁଏ। ମନୁଷ୍ୟର ଉତ୍କୃଷ୍ଟ ପନ୍ଥା ହେଉଛି ଧର୍ମ। ଏହି ସାମ୍ୟବାଦ ଆମେ ଚାହୁଁ।"

"ଏହି ସାମ୍ୟବାଦ ଯଦି ଆମକୁ ଉପଲବ୍ଧି କରିବାକୁ ହେବ, ତାହାହେଲେ ଆମକୁ ଶୃଙ୍ଖଳାବଦ୍ଧ ଜୀବନ ଅବଲମ୍ବନ କରିବାକୁ ହେବ। ଏଥିପାଇଁ ଆମକୁ ବିଧିବଦ୍ଧ ଭାବରେ ପରିଶ୍ରମ କରିବାକୁ ପଡ଼ିବ ଏବଂ ସଂସ୍କୃତି ତଥା ସମାଜକୁ ଆମକୁ ସେବା ଦାନ କରିବାକୁ ପଡ଼ିବ। ଯେଉଁ ମନୁଷ୍ୟ ବା ଯେଉଁ ବ୍ୟକ୍ତି ନିଜର ସେବା ସମାଜକୁ ଓ ସଂସ୍କୃତିକୁ ଦେଇପାରି ନାହିଁ, ତାର ସାମ୍ୟବାଦ କହିବାର ଅଧିକାର ନାହିଁ। ସେବା ଓ ତ୍ୟାଗ ଉପରେ ପ୍ରତିଷ୍ଠିତ ଏପରି ଯେଉଁ ସାମ୍ୟବାଦ, ତାହାହିଁ ଆମର ଆବଶ୍ୟକ। ଏ ଆସ୍ଥା ଯେଉଁ ସାମ୍ୟବାଦରେ ନାହିଁ, ସେ ସାମ୍ୟବାଦର କିଛି ଅର୍ଥ ନାହିଁ। ସାମ୍ୟବାଦ କହିବା ପୂର୍ବରୁ ବା ସାମ୍ୟବାଦ ପରିକଳ୍ପନା କରିବା ପୂର୍ବରୁ ନିଜର ଆଚରଣ, ନିଜର କାର୍ଯ୍ୟକ୍ରମ, ନିଜର ଆଭିମୁଖ୍ୟ, ନିଜର ଦୃଷ୍ଟିକୋଣ ପରିବର୍ତ୍ତନ କରିବା ଆବଶ୍ୟକ। ମୋର ଭଗବାନଙ୍କ ନିକଟରେ ପ୍ରାର୍ଥନା ଯେ, ଏହି ସାମ୍ୟବାଦ ଆପଣମାନଙ୍କୁ ମିଳୁ। ପ୍ରାଚୀନ ଭାରତୀୟ ସମ୍ପ୍ରଦାୟ ସର୍ବଦା ସାମ୍ୟବାଦୀ ସମ୍ପ୍ରଦାୟ। ପୁରାଣ ପଢ଼ନ୍ତୁ, ଇତିହାସ ଦେଖନ୍ତୁ, ଇତିବୃତ୍ତ ଦେଖନ୍ତୁ ଭାରତରେ ସାମ୍ୟବାଦ ବ୍ୟତୀତ ଆଉ କିଛି ନାହିଁ। ମୋର ବୟସ ଯେତିକି ବଢ଼ି ଚାଲିଛି, ଦେଶରେ ସାମ୍ୟବାଦ ଭାବ ସେତିକି କମିଯିବା ଦେଖୁଛି। କିନ୍ତୁ ସମସ୍ତେ କହୁଛନ୍ତି, ଆମେ ସାମ୍ୟବାଦୀ, ଆମକୁ ସାମ୍ୟବାଦ ଲୋଡ଼ା। ସମାଜକୁ ଦାନ କରି ତ୍ୟାଗ ଭାବରେ ସମାଜର ସେବା କରିବି – ଏ କଥା କେହି ଭାବୁ ନାହାନ୍ତି। ସଞ୍ଚୟ ବୃଦ୍ଧିରେ ସମସ୍ତେ ଚାଲିଛନ୍ତି। ତେଣୁ ଏଭଳି 'ସାମ୍ୟବାଦ' କରିବା ଉଚିତ ନୁହେଁ। ଆଚରଣ ପ୍ରସିଦ୍ଧ, ଆଚରଣ ପ୍ରତିଷ୍ଠିତ ସାମ୍ୟବାଦ ପ୍ରକୃତ ସାମ୍ୟବାଦ। ଭଗବାନ, ଆଜି ଆମକୁ ଏହି ସାମ୍ୟବାଦ ଦିଅନ୍ତୁ।"

ରାଜନୀତି ବିଜ୍ଞାନ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର।



# ଆଦିବାସୀ ଭାଷାର ଲିପି

*ଖଗେଶ୍ୱର ମହାପାତ୍ର*

ଓଡ଼ିଶାରେ ସରକାରୀଭାବେ ସ୍ୱୀକୃତ (ସଂଶୋଧିତ ବିଧି ସଂ ୧୦୮, ୧୯୭୬) ଆଦିବାସୀ ଉପଜାତିର ସଂଖ୍ୟା ୬୨, ଯଦିଓ କ୍ଷେତ୍ର ଅନୁସନ୍ଧାନ ଫଳରେ ଆଉ କେତେକ ଉପଜାତି ସମ୍ପ୍ରତି ନିରୂପିତ ହେଉଛନ୍ତି । ରାଜ୍ୟ ଭାଷା ଓଡ଼ିଆ ସହିତ ଆଦୌ ସମ୍ପର୍କ ନଥିବା ପ୍ରାୟ ୩୦ ପ୍ରକାରର ଭାଷା ସେମାନେ ବ୍ୟବହାର କରନ୍ତି । ସେଥିରୁ କିଛି ଦ୍ରାବିଡ଼ ଭାଷା–ପରିବାର ସହିତ ସମ୍ପୃକ୍ତ ଭାଷା, ଯଥା–ଓଲାରି ଗାଦବା, ଗଣ୍ଡୀ, ଜାତପୁ, କୁଇ, କୁଭି, କଣ୍ଡା, କିସାନ, କୟା, କୁରୁଖ, ପାର୍ଜୀ ଇତ୍ୟାଦି ଏବଂ କିଛି ଅଷ୍ଟ୍ରିକ (ମୁଣ୍ଡା) ଭାଷା–ପରିବାର ଅନ୍ତର୍ଗତ ଭାଷା, ଯଥା–ବଣ୍ଡା, ଡିଡାଇ, ଗାଦବା, ସଉରା, ପାରେଙ୍ଗା, ଜୁଆଙ୍ଗ, ଖଡ଼ିଆ, ସାନ୍ତାଳ, ହୋ, ମୁଣ୍ଡାରୀ, କୋଡ଼ା, ବିରହୋର ଇତ୍ୟାଦି । ଏ ସମସ୍ତ ଭାଷାର ଲିପି ନାହିଁ, ଏଗୁଡ଼ିକ ସମ୍ପୂର୍ଣ୍ଣ କଥିତ ଭାଷା ।

କଥିତ ଆଦିବାସୀ ଭାଷା ଲିଖିତ ରୂପେ ପ୍ରଥମେ ପ୍ରକାଶ କଲେ ମିଶନାରୀମାନେ । ଏଥିପାଇଁ ବ୍ୟବହୃତ ହେଲା ରୋମନ୍ ଲିପି । ଏଥିରେ ଅନେକ ଭାଷାର ବାଇବେଲ୍ ଓ ଖ୍ରୀଷ୍ଟଧର୍ମ ସମ୍ବନ୍ଧୀୟ ଲେଖା ଲିପିବଦ୍ଧ ହୋଇଛି । ତା'ପରେ ଓଡ଼ିଆ ଲିପିରେ ଲେଖିବାର କେହି ବିଧିବଦ୍ଧ ଚେଷ୍ଟାକରି ନଥିବା ଅସଙ୍ଗତ ମନେହୁଏ । ସମ୍ଭବତଃ ସେହି କାରଣରୁ ଆଦିବାସୀ ସମାଜରେ ପୁନର୍ଜାଗରଣର ବାତାବରଣ ସୃଷ୍ଟି ହେବା ସଙ୍ଗେ ସଙ୍ଗେ ନିଜସ୍ୱ ଲିପି ଉଦ୍ଭାବନ ପାଇଁ ତାଙ୍କ ପକ୍ଷରୁ ଉଦ୍ୟମ କରାଗଲା । ଫଳତଃ କ୍ରମଶଃ କିଛି ଆଦିବାସୀ ସମ୍ପ୍ରଦାୟ ନିଜ ଭାଷା ପାଇଁ ସ୍ୱତନ୍ତ୍ର ଲିପି ଉଦ୍ଭାବନରେ ଲାଗିଛନ୍ତି । ଅଦ୍ୟାବଧି ଚାରୋଟି ସମ୍ପ୍ରଦାୟ ନିଜର ଭାଷା ପାଇଁ ନିଜର ଲିପି ଉଦ୍ଭାବନ କରିଛନ୍ତି । ସେମାନେ ହେଲେ – ସାନ୍ତାଳ, ସଉରା, ହୋ ଏବଂ କନ୍ଧ (କୁଇ ଭାଷାଭାଷୀ) । ଏହି ଲିପି ଚତୁଷ୍ଟୟର ସଂକ୍ଷିପ୍ତ ପରିଚୟ ଦ୍ରଷ୍ଟବ୍ୟ ।

## ସାନ୍ତାଳୀ ଲିପି (ଅଲଚିକି)

ସାନ୍ତାଳୀ ଲିପିର ଉଦ୍ଭାବକ ପଣ୍ଡିତ ରଘୁନାଥ ମୁର୍ମୁ (୧୯୦୫–୧୯୮୨) । ସେ ୧୯୩୪–୧୯୩୬ ବେଳକୁ ଏହା ସୃଷ୍ଟି କଲେ । ବିଭିନ୍ନ ବସ୍ତୁ ଓ ବ୍ୟବହାରରେ ସାଙ୍କେତିକ ଚିହ୍ନ ଅନୁରୂପରେ ବର୍ଣ୍ଣ ସମୂହର ରୂପ ନିର୍ଦ୍ଧାରଣ କରିଛନ୍ତି । ଏହି ଲିପିମାଳାରେ ନିମ୍ନଲିଖିତ ବର୍ଣ୍ଣମାଳା ଅନ୍ତର୍ଭୁକ୍ତ ।

| ସ୍ୱର | ବ୍ୟଞ୍ଜନ | | | |
|---|---|---|---|---|
| ଅ | ଅତ୍ | ଅଘଃ | ଅଂ | ଅଲ୍ |
| ଆ | ଆକ୍ | ଆଜ୍ | ଆମ୍ | ଆଓ |
| ଇ | ଇସ୍ | ଇହ୍ | ଇଞ୍ଜ୍ | ଇର୍ |
| ଉ | ଉଚ୍ | ଉଦ୍ | ଉଣ୍ | ଉୟ |
| ଏ | ଏପ୍ | ଏଡ୍ | ଏନ୍ | ଏର୍ |
| ଓ | ଓଟ୍ | ଓବ୍ | ଓଁ | ଓହ୍ |

ଏହି ଲିପିରେ ମୁଦ୍ରଣ ପାଇଁ ଛାପାଖାନା ଅଛି ଓ ମୁଦ୍ରିତ ପୁସ୍ତକାବଳୀ ଉପଲବ୍ଧ ହୁଏ ।

## ସଉରା ଲିପି (ସୋରାଙ୍ଗ ସୋମ୍ପେଙ୍ଗ)

ସଉରା ଲିପିର ଉଦ୍ଭାବକ ଗୁରୁ ମଙ୍ଗେଇ ଗମାଙ୍ଗ (୧୯୧୬–୧୯୮୦) । ସେ ୧୯୩୬ ବେଳକୁ ଏହା ପ୍ରଚଳନ କଲେ । ସଉରା ଜାତିର ଭିନ୍ନ ଦେବଦେବୀଙ୍କ ନାମର ମୂଳ ଅକ୍ଷର ଧରି ସେ ନିମ୍ନଲିଖିତ ବର୍ଣ୍ଣମାଳା ସୃଷ୍ଟି କଲେ ଓ ପ୍ରତ୍ୟେକର ନାମକରଣ କଲେ ।

ବ୍ୟଞ୍ଜନ–ସା ଟା ବା ସ୍ର ଡା ଗା
ମା ଙ୍ଗା ଲା ନା ଓ୍ୱା ପା
ୟା ରା ହା କା ଜା ଞା

ସ୍ୱର–ଆ ଏ ଇ ଉ ଓ ଅ୍ୟାୟ

ବିଶେଷ ଅକ୍ଷର–ମାୟା

ଏହି ଲିପିରେ ମୁଦ୍ରଣ ପାଇଁ ଛାପାଖାନା ଉପରଗା (ଗୁଣପୁରଠାରେ) ଅଛି ଏବଂ ଅନେକଗୁଡ଼ିଏ ପୁସ୍ତକ ଛପାଯାଇଛି ।

## ହୋ ଲିପି

ଶ୍ରୀ କୋଲଲକୋ ବୋଦରା (ଝିଙ୍କପାଣି, ସିଂହଭୂମି) ଲିଖିତ ଏକ ପୁସ୍ତକରୁ ସଂଗୃହୀତ ।

ସ୍ୱର—ଅ ଯ ଇ ଉ ଏ ଓ ଂ ଃ

ବ୍ୟଞ୍ଜନ—ଙ ଗ କ ଞ ଜ ଚ ଣ ଡ଼ ଟ ନ ଦ ତ ମ ବ ପ ହ
ଲ ଡ ର ଷ ସ

## ଗନ୍ଧ ଲିପି (କୁଇ ଲିପି ବର୍ଣ୍ଣମାଳା)

ଏହାର ଉଦ୍ଭାବକ ନିଖିଳ ଉତ୍କଳ କୁଇ ସମାଜ ୟୁନିୟନ (ରେଜି:)ର ସଭାପତି ଶ୍ରୀ ଦୟାନିଧି ମାଲିକ । ଏହି ଲିପି ସହିତ ଓଡ଼ିଆ ଓ ଦେବନାଗରୀ ଲିପି ପ୍ରୟୋଗ କରି ସେ କୁଇ ଭାଷାର ଏକ ବ୍ୟାକରଣ ପ୍ରଣୟନ କରିଛନ୍ତି ।

ସ୍ୱରବର୍ଣ୍ଣ—ଅ ଆ ଇ ଉ ଋ ଏ ଓ ଂ ଃ ँ.

ବ୍ୟଞ୍ଜନବର୍ଣ୍ଣ—କ ଗ ଙ ଚ ଦ ଞ ଟ ଡ ନ ତ ଦ ନ ପ ବ ମ ର ସ ହ ୟ
ଲ ଢ଼

ବର୍ତ୍ତମାନ ପ୍ରଶ୍ନ ହେଉଛି ଯେ ଏହି ଲିପିଗୁଡ଼ିକର ଉଦ୍ଭାବନ ହେବାର କାରଣ କ'ଣ ଏବଂ ଉପଯୋଗୀତା କେତେ ?

ସ୍ୱାଧୀନତା ସଂଗ୍ରାମ କାଳରେ ଦେଶର ସବୁ ଅଞ୍ଚଳର ଓ ସବୁ ଶ୍ରେଣୀର ଲୋକଙ୍କ ମଧ୍ୟରେ ଏକ ଜାଗରଣ ସୃଷ୍ଟି ହେଲା । ବିଶେଷତଃ ଅନୁନ୍ନତ ଶ୍ରେଣୀର ଲୋକମାନଙ୍କୁ ତାଙ୍କର ମାନବିକ ଓ ନାଗରିକ ଅଧିକାର ସମ୍ପର୍କରେ ସଚେତନ କରାଇ ଜାତୀୟ ମୁଖ୍ୟଧାରା ସହ ସମ୍ପୃକ୍ତ କରିବାକୁ ଉଦ୍ୟମ କରାଗଲା । ଏହା ଫଳରେ ଅନ୍ୟ ଗୋଷ୍ଠୀଠାରୁ ବିଚ୍ଛିନ୍ନ ଓ ନିଜ ଗୋଷ୍ଠୀ ଭିତରେ ବିଖଣ୍ଡିତ ହୋଇ ରହିଥିବା ଆଦିବାସୀ ସମାଜ ଯଥେଷ୍ଟ ଉଦ୍‌ବୁଦ୍ଧ ହେଲା । ସେମାନେ ଆତ୍ମ ସଚେତନ ହେବା ସଙ୍ଗେ ଆତ୍ମ ପ୍ରତିଷ୍ଠା ପାଇଁ ଆଗ୍ରହୀ ହେଲେ । ସେମାନଙ୍କ ମଧ୍ୟରେ ଉପଜାତୀୟବୋଧ ଜାଗ୍ରତ ହେବା ସଙ୍ଗେ ତାହାର ସ୍ୱାତନ୍ତ୍ର୍ୟ ଓ ମହତ୍ୱ ପ୍ରଦର୍ଶନ ପାଇଁ ନିଜର ଐତିହ୍ୟ, ସଂସ୍କୃତି, ଭାଷା ଓ ସଂସ୍ଥାରେ ସଙ୍ଗଠନ କରାଗଲା । ଏହି ପରିସ୍ଥିତିରେ ଭାଷାତାତ୍ତ୍ୱିକ ସ୍ୱାତନ୍ତ୍ର୍ୟ ସତ୍ତାର ସୁଦୃଢ଼ୀକରଣ ନିମନ୍ତେ ରୋମାନ୍ ବା ଓଡ଼ିଆ ଲିପି ଗ୍ରହଣ କରିବା ପରିବର୍ତ୍ତେ ନିଜର ଲିପି ପାଇଁ ଉଦ୍ୟମ କରାଗଲା । ଶିକ୍ଷିତ ଓ ସଚେତନ ଆଦିବାସୀମାନଙ୍କ ମଧ୍ୟରେ ଏକ ଅବଧାରଣା ସୃଷ୍ଟି ହେଲା ଯେ ଭାଷାର ସାକାର ରୂପ ଲିପିରେ ହିଁ ଉପଲବ୍ଧି ହୁଏ ଏବଂ ଏହି ଲିପି ଯଦି ସ୍ୱତନ୍ତ୍ରଭାବେ ତାଙ୍କ ଭାଷାନୁଗତ ନହୁଏ, ଭାଷାର ସ୍ୱତନ୍ତ୍ର ସ୍ୱରୂପ ପରିସ୍ଫୁଟ ହେବନାହିଁ, ଅନ୍ୟ ଯେଉଁ ଲିପିରେ ଲେଖାଯିବ ତାହାର ଉପଭାଷାଭଳି ହେବ । ଯଦିଓ ଏଭଳି ଅବଧାରଣା ଠିକ୍ ନୁହେଁ, କାରଣ ଦେବନାଗରୀ ଲିପିରେ ହିନ୍ଦୀ ଓ ମରାଠୀ, ବଙ୍ଗଳା ଲିପିରେ ବଙ୍ଗଳା ଓ ଅସମୀୟା, ଉତ୍ତର-ପୂର୍ବାଞ୍ଚଳୀୟ ଆଦିବାସୀ ଭାଷା ସମୂହ ରୋମାନ ଲିପିରେ ଲେଖାଯାଏ, ତଥାପି ଉପଜାତୀୟତାବୋଧରେ ଭାବପ୍ରବଣତାରେ ଉଦ୍‌ବୁଦ୍ଧ କେତେକ ଆଦିବାସୀ ସମାଜ ଏହାକୁ ଅବଧାରିତ ସତ୍ୟବୋଲି ଗ୍ରହଣ କରିଥିଲେ । ତେଣୁ କ୍ରମଶଃ ସାନ୍ତାଳ, ସଉରା, ହୋ ପରେ କୁଇ ଏବେ କୁଇ ଲିପି ବାହାରିଛି । ଅନ୍ୟାନ୍ୟ ଭାଷାର ଲିପି ଏହି ଧାରାରେ ଯେ କ୍ରମଶଃ ପ୍ରକାଶିତ ହେବ ତାହାର ବି ସମ୍ଭାବନା ଅଛି ।

ଲିପିର ସୃଷ୍ଟି ସହିତ ତାହାର ଉପଯୋଗ ଆବଶ୍ୟକ । ତେଣୁ ଏଥିରେ ଲେଖା ପଢ଼ା ହେଲେ ହିଁ ଉପଯୋଗିତା ଜଣାଯାଏ । ଏଯାବତ୍ ଉଦ୍ଭାବିତ ସବୁଗୋଟି ଲିପିର ଉପଯୋଗ ପାଇଁ ଉତ୍ସାହୀ କର୍ମୀମାନେ ଚେଷ୍ଟା କରୁଛନ୍ତି । ସାନ୍ତାଳୀ ଓ ସଉରା ଲିପିରେ ବହି ଛପାଇବା ପାଇଁ ଛାପାଖାନା ପ୍ରତିଷ୍ଠା କରାଯାଇ ଅନେକ ବହି ପ୍ରକାଶ ପାଇଛି । ଲିପିରେ ଶିକ୍ଷା ଦେବାପାଇଁ ଶିକ୍ଷାଦାନ କେନ୍ଦ୍ରମାନ ସଙ୍ଗଠିତ ହୋଇଛି । ପଶ୍ଚିମ ବଙ୍ଗରେ ସାନ୍ତାଳୀ ଲିପି ସରକାରୀ ସ୍ୱୀକୃତି ପାଇଲା ପରେ ଓଡ଼ିଶାରେ ମଧ୍ୟ ଅନୁରୂପ ଦାବୀ ହେଉଛି ଏବଂ ପ୍ରାଥମିକସ୍ତରରେ ବିଦ୍ୟାଳୟରେ ଏହି ଲିପିରେ ଶିକ୍ଷା ଦେବାପାଇଁ ପ୍ରସ୍ତାବ କରାଯାଉଛି । ସରକାରୀ ପୃଷ୍ଠପୋଷକତା ପାଇଲେ ଲିପିର ପ୍ରସାର ଘଟିବାରେ ଅବଶ୍ୟ କିଛି ସୁବିଧା ହୋଇପାରେ ।

ମାତ୍ର ଅନ୍ୟ ପକ୍ଷରେ ଲିପିର ପ୍ରଚଳନରେ ନିମ୍ନଲିଖିତ ପ୍ରତିବନ୍ଧକମାନ ବିଚାର୍ଯ୍ୟ : ଗୋଟିଏ ଆଦିବାସୀ ଗୋଷ୍ଠୀ ଏକାଧିକ ଶାଖାରେ ବିଭକ୍ତ, ଗୋଟିଏ ଉପଜାତି ଯେପରି ସାରା ରାଜ୍ୟରେ ଭିନ୍ନ ଭିନ୍ନ ସ୍ଥାନରେ ବିକ୍ଷିପ୍ତ ସେପରି ଏକାଧିକ ଉପଜାତି ଏକ ଏକ ସ୍ଥାନରେ କେନ୍ଦ୍ରୀଭୂତ ଏବଂ ଏକ ବିଦ୍ୟାଳୟର ଏକ ଶ୍ରେଣୀରେ ଏକାଧିକ ଉପଜାତିର ଛାତ୍ରଛାତ୍ରୀ ପାଠରତ । ଏହାବ୍ୟତୀତ ରାଜ୍ୟ ଭାଷା ଓ ଲିପି ପ୍ରତ୍ୟେକଙ୍କୁ ପ୍ରାୟ ଉଚ୍ଚତର ଶ୍ରେଣୀରେ ଶିଖିବାକୁ ହିଁ ପଡ଼ିବ, ଅନ୍ୟଥା ସେମାନେ ଉଚ୍ଚଶିକ୍ଷା ଲାଭରୁ ବଞ୍ଚିତ ହେବେ ତଥା ମୁଖ୍ୟ ସ୍ରୋତଠାରୁ ବିଚ୍ଛିନ୍ନ ରହିଯିବେ । ଏହି ଅସୁବିଧାମାନ ଉପଲବ୍ଧି ପୂର୍ବକ ଜାତୀୟ ଶିକ୍ଷା କମିଶନ ମାତୃଭାଷା ମାଧ୍ୟମରେ ପ୍ରାଥମିକ ଶିକ୍ଷାଦାନର ସମର୍ଥନ କରିଥିଲେ ହେଁ, ଏଥିପାଇଁ ରାଜ୍ୟ ଭାଷାର ଲିପି ଉପଯୋଗ କରିବାକୁ ସୁପାରିଶ କରିଛନ୍ତି ।

ଏହି ପରିସ୍ଥିତିରେ ଏକ ପକ୍ଷରେ ଆଦିବାସୀ ଭାଷାର ସୁରକ୍ଷା ଓ ସମୃଦ୍ଧି ପ୍ରତି କର୍ତ୍ତବ୍ୟ ଏବଂ ଅନ୍ୟ ପକ୍ଷରେ ପ୍ରତ୍ୟେକଟି ଭାଷା ପାଇଁ ସ୍ୱତନ୍ତ୍ର ଲିପି ପ୍ରଚଳନର ଜଟିଳ ପରିସ୍ଥିତି ପ୍ରତି ସତର୍କତା ଉଭୟ ଆଦିବାସୀ ଓ ରାଜ୍ୟର ଅନ୍ୟାନ୍ୟ ଅଧିବାସୀଙ୍କର ବିଚାର୍ଯ୍ୟ । ○○

ନିର୍ଦ୍ଦେଶକ,
ଆଦିବାସୀ ଭାଷା ଓ ସଂସ୍କୃତି
ଏକାଡେମୀ ଏବଂ ହରିଜନ ଓ
ଆଦିବାସୀ ଗବେଷଣା ଓ ପ୍ରଶିକ୍ଷଣ
ପ୍ରତିଷ୍ଠାନ, ଭୁବନେଶ୍ୱର ।

■ ଏକ ସ୍ୱାଧୀନ ରାଷ୍ଟ୍ରରେ ପ୍ରତ୍ୟେକେ ନିଜ ନିଜର ଶାସନ କର୍ତ୍ତା । ପ୍ରତ୍ୟେକେ ନିଜ ନିଜକୁ ଏଭଳି ଭାବେ ଶାସନ କରନ୍ତି ଯେପରିକି ପଡୋଶୀଙ୍କ ପ୍ରତି କୌଣସି ପ୍ରତିବନ୍ଧକ ସୃଷ୍ଟି ହୁଏ ନାହିଁ ।

—ଗାନ୍ଧିଜୀ

# ପର୍ଯ୍ୟଟନ ସୁଖ ଓ ଆନନ୍ଦର ଉତ୍ସ

ପର୍ଯ୍ୟଟକ ମାନଙ୍କ ସୁଖସୁବିଧା ନିମିତ୍ତ ବିଭିନ୍ନ ଦର୍ଶନୀୟ ସ୍ଥାନରେ ରାତ୍ରିଯାପନ, ଖାଦ୍ୟପେୟ ଓ ଭ୍ରମଣ ପାଇଁ ରାଜ୍ୟସରକାରଙ୍କ ପର୍ଯ୍ୟଟନ ବିଭାଗ ଓ ପର୍ଯ୍ୟଟନ ଉନ୍ନୟନ ନିଗମ ଦ୍ୱାରା ପରିଚାଳିତ ପାନ୍ଥନିବାସ, ପାନ୍ଥଶାଳା ଓ ଅରଣ୍ୟ ନିବାସ ମାନଙ୍କରେ ସୁବ୍ୟବସ୍ଥା ରହିଅଛି ।

**ପାନ୍ଥନିବାସ** - ଭୁବନେଶ୍ୱର, ପୁରୀ, କୋଣାର୍କ, ବରକୁଲ, ରମ୍ଭା, ଗୋପାଳପୁର, ସମ୍ବଲପୁର, ନୃସିଂହନାଥ, କଟକ, ତପ୍ତପାଣି ଓ ରାଉରକେଲା

**ପାନ୍ଥଶାଳା** - ଧବଳେଶ୍ୱର, ଯାଜପୁର, ପଥରାଜପୁର, ଆରଡି, ପଞ୍ଚଲିଙ୍ଗେଶ୍ୱର, ଚନ୍ଦନେଶ୍ୱର ଓ ଗୁପ୍ତେଶ୍ୱର

**ଅରଣ୍ୟନିବାସ** - ଲୁଲୁଙ୍ଗ (ଶିମିଳିପାଳ)

ଏ ସମସ୍ତ ସୁବିଧାର ସୁଯୋଗନେଇ ପର୍ଯ୍ୟଟନର ସର୍ବାଙ୍ଗୀନ ବିକାଶରେ ସହଯୋଗ କରନ୍ତୁ । ସବିଶେଷ ବିବରଣୀ ପାଇଁ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ଥିବା ପର୍ଯ୍ୟଟନ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ ।

ପର୍ଯ୍ୟଟନ ବିଭାଗ
ଓଡ଼ିଶା ସରକାର
ଭୁବନେଶ୍ୱର



# କୃଷ୍ଣଚନ୍ଦ୍ର ଗଜପତିଙ୍କ ସାଂସ୍କୃତିକ ବ୍ୟକ୍ତିତ୍ୱ

*ରାଜେନ୍ଦ୍ର ଷଡ଼ଙ୍ଗୀ*

ଓଡ଼ିଆ ସାହିତ୍ୟ, ସଂସ୍କୃତି ତଥା ଓଡ଼ିଶାର ସଂରକ୍ଷଣରେ ତିନୋଟି ଗଡ଼ଜାତ ରାଜାଙ୍କର ଅବଦାନ ଅବିସ୍ମରଣୀୟ । ସେମାନେ ହେଲେ ମୟୂରଭଞ୍ଜର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ, ବାଲେଶ୍ୱରର ରାଜା ବୈକୁଣ୍ଠନାଥ ଦେ ଏବଂ ପାରଳାଖେମୁଣ୍ଡିର ମହାରାଜା କୃଷ୍ଣଚନ୍ଦ୍ର ନାରାୟଣ ଦେବ। ଏମାନଙ୍କ ମଧ୍ୟରୁ ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ସାହିତ୍ୟ ପ୍ରୀତି ବୈକୁଣ୍ଠନାଥଙ୍କ ଓଡ଼ିଆ ଭାଷା ସୁରକ୍ଷାରେ ସହାୟତା ତଥା ମହାରାଜା କୃଷ୍ଣଚନ୍ଦ୍ରଙ୍କର ଓଡ଼ିଶାପ୍ରଦେଶ ଗଠନ ପାଇଁ ଅଦମ୍ୟ ପ୍ରଚେଷ୍ଟା ଓଡ଼ିଆ ଜାତି ସ୍ମରଣରେ ଚିରଦିନ ଦେଦୀପ୍ୟମାନ ହୋଇ ରହିବ ।

ମୁଖ୍ୟତଃ ଓଡ଼ିଶାପ୍ରଦେଶ ଗଠନ ଦ୍ୱାରା ଓଡ଼ିଆ ଭାଷାଭାଷୀଙ୍କର ଏକତ୍ରୀକରଣ ଗଜପତି କୃଷ୍ଣଚନ୍ଦ୍ରଙ୍କର ଦାନ । ମହାରାଜାଙ୍କର ସ୍ୱଭୂମି ପ୍ରୀତି ଅତି ପ୍ରବଳ । ସେ ଆପଣା ମାଟିରେ ଓଡ଼ିଆ ପ୍ରାଣର ହୃଦସ୍ପନ୍ଦନକୁ ଅନୁଭବ କରିଛନ୍ତି । ଦେଖିଛନ୍ତି ମଧ୍ୟ । ବଙ୍ଗୀୟମାନଙ୍କ ଦ୍ୱାରା ଉତ୍ତର ଓଡ଼ିଶା, ମଧ୍ୟପ୍ରଦେଶ ଓ ବିହାର ଦ୍ୱାରା ପଶ୍ଚିମ ଓଡ଼ିଶା ସର୍ବୋପରି ଆନ୍ଧ୍ର ଦ୍ୱାରା ଦକ୍ଷିଣ ଓଡ଼ିଶା ବିଶେଷକରି ଗଞ୍ଜାମ ଅଧିବାସୀଙ୍କ ପ୍ରତି ତେଲୁଗୁ ଭାଷୀମାନଙ୍କର ବ୍ୟବହାରକୁ ସେ ଅଙ୍ଗେ ନିଭାଇଛନ୍ତି । ତେଣୁ ଏହା ହିଁ ତାଙ୍କୁ ଭବିଷ୍ୟତରେ ସ୍ୱତନ୍ତ୍ର ଉତ୍କଳ ନିର୍ମାଣରେ ପ୍ରେରଣା ଦେଇଛି ଏବଂ ମୁଖ୍ୟ ପୁରୋଧାଭାବରେ ଠିଆ କରାଇଛି । ଏଥିପାଇଁ ସେ ଆପଣା ପୁଞ୍ଜିରୁ ଅର୍ଥ ଖର୍ଚ୍ଚ କରିଛନ୍ତି, ଦଉଡ଼ିଛନ୍ତି ବ୍ରିଟିଶ୍ ଦରବାରକୁ ଓଡ଼ିଆମାନଙ୍କର ଦାବୀ ନେଇ । ଅବଶେଷରେ ସଫଳ ହୋଇଛି ତାଙ୍କର ପ୍ରଚେଷ୍ଟା । ଏଥିପାଇଁ ସେ ନବ ଉତ୍କଳର ନିର୍ମାତାଭାବରେ ଓଡ଼ିଶାବାସୀଙ୍କ ଦ୍ୱାରା ସ୍ୱୀକୃତ । ଏହା କୃଷ୍ଣଚନ୍ଦ୍ରଙ୍କ ବ୍ୟକ୍ତିତ୍ୱର ଏକ ଦିଗ । କିନ୍ତୁ ଆମେ ଅନେକ ସମୟରେ ଉତ୍କଳ ନିର୍ମାତା କୃଷ୍ଣଚନ୍ଦ୍ରଙ୍କୁ ସ୍ମରଣ କରି ତାଙ୍କ ବ୍ୟକ୍ତିତ୍ୱର ଅନ୍ୟ ପ୍ରମୁଖ ସାଂସ୍କୃତିକ ଦିଗଟିକୁ ପାଶୋରି ଦେଉ ।

ପାରଳାଖେମୁଣ୍ଡି ମୁଖ୍ୟତଃ ସାହିତ୍ୟ, ସଂସ୍କୃତି ପାଇଁ ପରିଚିତ । ଯଦିଓ ଆନ୍ଧ୍ରପ୍ରଦେଶର ନିକଟବର୍ତ୍ତୀ ତଥାପି ଏଠାରେ ଓଡ଼ିଆ ସାହିତ୍ୟର ଅଭିବୃଦ୍ଧି ଚର୍ଚ୍ଚା ହେଉଥିଲା । ଓଡ଼ିଶୀ ସଙ୍ଗୀତ ପାଇଁ ପାରଳାଖେମୁଣ୍ଡିର ଅବଦାନ ମଧ୍ୟ ଯଥେଷ୍ଟ । ଗୋପାଳକୃଷ୍ଣ ପଦାବଳୀର ସୃଷ୍ଟି ବୀଜ ଏଇଠି ପଲ୍ଲବିତ ଓ ପୁଷ୍ପିତ ।

କୃଷ୍ଣଚନ୍ଦ୍ରଙ୍କ ପିତା ଗୌରଚନ୍ଦ୍ର ଗଜପତି ଥିଲେ କଳାର ଶ୍ରେଷ୍ଠ ପୂଜାରୀ । ତାଙ୍କରି ହେପାଜତରେ ଗଢ଼ି ଉଠିଥିଲା ପଦ୍ମନାଭ ରଙ୍ଗାଳୟ । ଏଇଠି ଓଡ଼ିଶୀ ସଙ୍ଗୀତର ଆସର ଜମୁଥିଲା, ଭାରି ଚର୍ଚ୍ଚା ବି ହେଉଥିଲା ସାହିତ୍ୟର । ବୈଷ୍ଣବ ତତ୍ତ୍ୱଭିତ୍ତିକ କାବ୍ୟ ପଠିତ ହେଉଥିଲା, ଆଲୋଚିତ ହେଉଥିଲା । ତତ୍‌ସହିତ ବିଭିନ୍ନ ପ୍ରାଦେଶିକ ସାହିତ୍ୟ, ବିଶେଷ କରି ତେଲୁଗୁ ସାହିତ୍ୟର କମ୍ ଚର୍ଚ୍ଚା ହେଉନଥିଲା । ଏଭଳି ପରମ୍ପରାରୁ କୃଷ୍ଣଚନ୍ଦ୍ରଙ୍କ ଜନ୍ମ । ତେଣୁ ସେ ଆପଣା ମାଟିର ଗୌରବ ତଥା ଆପଣା ବଂଶର ପରମ୍ପରା ରକ୍ଷାରେ କେବେ ବୀତଶ୍ରଦ୍ଧ ହୋଇନାହାନ୍ତି । ପିତାଙ୍କ ମୃତ୍ୟୁ ପରେ ସେ ହେଲେ ଏକକୋଟି ଟଙ୍କାର ମାଲିକ । ଏହା ଚେମ୍ବୁନ୍ ବ୍ୟାଙ୍କ୍ ତଥା ମ୍ୟୁନିସିପାଲିଟିରେ ଗଚ୍ଛିତ ଥିଲା । ସେହି ଅର୍ଥକୁ ସେ ବିଭିନ୍ନ ପରିକଳ୍ପନାରେ ବିନିଯୋଗ କରିଛନ୍ତି । ଉତ୍କଳ ପ୍ରଦେଶ ଗଠନ, ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ପ୍ରସାର ପାଇଁ ସେ ମୁକ୍ତ ହସ୍ତରେ ଦାନ କରିଛନ୍ତି । ଚାହିଁଥିଲେ, ଆଧୁନିକ ଶିକ୍ଷା ସହିତ ଆଧୁନିକ ସଭ୍ୟତା ମୋହରେ ସେ ସ୍ୱଚ୍ଛ ଜୀବନଯାପନ କରି ପାରିଥାନ୍ତେ, ଭୋଗବିଳାସରେ ଅର୍ଥକୁ ଉଡ଼ାଇଦେଇ ପାରିଥାନ୍ତେ । କିନ୍ତୁ ଦେଶ ଓ ଜାତିଠାରୁ ବ୍ୟକ୍ତିଗତ ସୁଖସ୍ୱାଚ୍ଛନ୍ଦ୍ୟକୁ ସେ ଗୁରୁତ୍ୱ ଦେଇନଥିଲେ ।

ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପ୍ରତି ତାଙ୍କ ଅବଦାନକୁ ସ୍ମରଣ କରାଯାଉ । କଲେଜ ଶିକ୍ଷା ସମାପ୍ତି ପରେ ୧୯୧୩ ମସିହାରେ ସେ ପାରଳାର ରାଜଗାଦି ପ୍ରାପ୍ତ ହେଲେ । ସେତେବେଳେ ସେ ପିତାଙ୍କ ପ୍ରତିଷ୍ଠିତ ପଦ୍ମନାଭ ରଙ୍ଗାଳୟକୁ ସ୍ଥାୟୀ ରଙ୍ଗମଞ୍ଚ ରୂପେ ନିର୍ମାଣ କରାଇଥିଲେ । ତା'ର ତତ୍ତ୍ୱାବଧାରକ ଥିଲେ ଅପନ୍ନା ପଣ୍ଡିତ । ଏ ଜଣେ ବିଖ୍ୟାତ ନାଟ୍ୟକାର । ଏହାଙ୍କ ରଚିତ ଅନେକ ନାଟକ ଏହି ରଙ୍ଗମଞ୍ଚରେ ଅଭିନୀତ ହୋଇଥିଲା । ରାଜପୃଷ୍ଠପୋଷକତାରେ ତାଙ୍କର ଲେଖନୀ ପୁଷ୍ଟିକରି ଚାଲିଥିଲା – ନବାନୁରାଗ, ଗୋଷ୍ଠମିଳନ, ନବଉତ୍କଣ୍ଠା, କାଳୀୟଦଳନ, ନବଲୀଳାବିଳାସ, ସୀତାବନବାସ ପ୍ରଭୃତି ଲୀଳା

ସମ୍ବଳିତ ପୁସ୍ତକ; ଚଞ୍ଚଳ କୁମାରୀ, ହେମଚନ୍ଦ୍ର, କନୌଜ କୁମାରୀ ପ୍ରଭୃତି ଐତିହାସିକ ନାଟକ ତଥା ବିଜୟ ବସନ୍ତ, ଚନ୍ଦ୍ରହାସ ପ୍ରଭୃତି ଅନ୍ୟାନ୍ୟ ବିଷୟୀଭୂତ ନାଟକ । ଆପଣାଙ୍କ ପୁତ୍ର ସୀମାଦ୍ରି ପରିଛା ମଧ୍ୟ ଜଣେ ନାଟ୍ୟକାର । ସେ ଚରିକଥା, ଅଭିମନ୍ୟୁବଧ, ବାଦଲ, ହମୀର ପ୍ରଭୃତି ପୌରାଣିକ ଓ ଐତିହାସିକ ନାଟକର ରଚୟିତା । ଏହି ନାଟକଗୁଡ଼ିକ–ରେ ଅଭିନୟ କରୁଥିଲେ ବଳଭଦ୍ର ଦାସ, ସୀମାଦ୍ରି ପଣ୍ଡା, ଦୟାନିଧି ପଟ୍ଟନାୟକ, କୃପାସିନ୍ଧୁ ପଟ୍ଟନାୟକ ପ୍ରଭୃତି । କିନ୍ତୁ ପରବର୍ତ୍ତୀ ସମୟରେ କୃଷ୍ଣଚନ୍ଦ୍ରଙ୍କ ସହ ମନାନ୍ତରରୁ ଆପଣା ପରିଛା ରଙ୍ଗାଳୟ ଦାୟିତ୍ୱରୁ ଅବ୍ୟାହତି ନେଇଥିଲେ ଏବଂ ନିଜ ପ୍ରତିଷ୍ଠିତ ମଠରେ ଏକ ଯାତ୍ରାଦଳ ଗଠନ କରିଥିଲେ । ଏହି ଆପଣାଙ୍କ ମଠ ଏବଂ ନାଟ୍ୟସାଧନା ସମ୍ପର୍କରେ ଜଣେ ଅନୁଭବୀଙ୍କର ବକ୍ତବ୍ୟକୁ ଗ୍ରହଣ କରାଯାଇପାରେ :

ଥାନ ସାହି ନିକଟସ୍ଥ ରାଜଗୁରୁସାହିକୁ ଲାଗି ଆପଣା ପରିଛାଙ୍କ ଗୋଟିଏ ମଠ ଅଛି । ସେଠାରେ ସ୍ୱର୍ଗୀୟ ଆପଣା ପରିଛା ନିଜେ ଏକ ପୁସ୍ତକାଳୟ ସ୍ଥାପନ କରିଥିଲେ । ତାଙ୍କ ମଠରେ ଓଡ଼ିଆ ସାହିତ୍ୟ, ନାଟକ ସଙ୍ଗୀତୋତ୍ତ୍ୱ ଆରମ୍ଭ କରି ଧର୍ମଚର୍ଚ୍ଚା ସଙ୍ଗେ ରାଜନୀତି ଓ ସମାଜଚର୍ଚ୍ଚା ପ୍ରତ୍ୟହ ସନ୍ଧ୍ୟା ସମୟରେ ଶିକ୍ଷିତ ଓଡ଼ିଆଙ୍କ ମଧ୍ୟରେ ହେଉଥିଲା । ଏପରିକି ତାହା ଓଡ଼ିଆମାନଙ୍କର ଏକ ମିଳନର ପୀଠ ଏବଂ କ୍ଲବଘର ।"

କିନ୍ତୁ ଆପଣାଙ୍କର ଏହି ମଠ ସ୍ଥାପନ, ଯାତ୍ରାଦଳ ଗଠନ[୯] ପ୍ରଭୃତିର ପ୍ରେରଣା ଭୂମି ଯେ ଗଜପତିଙ୍କ ପଦ୍ମନାଭ ରଙ୍ଗାଳୟ, ଏ କଥା ଆଦୌ ଅସ୍ୱୀକାର କରାଯାଇ ନପାରେ । ଆହୁରି ଅନେକ ଅଭିନେତା, ନାଟ୍ୟକାର, କବି, କଣ୍ଠଶିଳ୍ପୀ, ସଙ୍ଗୀତଜ୍ଞଙ୍କ ପ୍ରତିଭା ବିକାଶ ମୂଳରେ ରହିଥିଲା ଏହି ରଙ୍ଗାଳୟ । ମଞ୍ଚଶ୍ରୀ ସତ୍ୟନାରାୟଣ ପାତ୍ର, ଚକ୍ରପାଣି ପଟ୍ଟନାୟକ, ଶାସ୍ତ୍ରୀୟ ସଙ୍ଗୀତଜ୍ଞ ଉତ୍ପଳକମଳ ପାତ୍ର, ଅନନ୍ତ ପାତ୍ର, କବି ଟଙ୍କଧର ସୁବେଦାର ପ୍ରଭୃତି ଏମାନଙ୍କ ମଧ୍ୟରେ ପ୍ରଧାନ । ଏହି କଳାକାରମାନଙ୍କ ଦ୍ୱାରା ପଦ୍ମନାଭ ଗଜପତିଙ୍କ ଗୀତିନାଟ୍ୟ ତଥା ଗୋପାଳକୃଷ୍ଣ ପଦାବଳୀ ନୃତ୍ୟଛଳରେ ପରିବେଷିତ ହେଉଥିଲା । ଦୁଃସ୍ଥ କଳାକାରମାନଙ୍କ ପାଇଁ ବୃତ୍ତିର ବ୍ୟବସ୍ଥା ଥିଲା ଏବଂ ବଡ଼ ରାଧାକାନ୍ତ ମଠରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ବଡିଆ ବୃନ୍ଦାବନ ମାଧବ ପଟ୍ଟନାୟକ, ଟଙ୍କଧର ସୁବେଦାର ପ୍ରଭୃତି ଏହାଦ୍ୱାରା ଉପକୃତ ହୋଇଥିଲେ ।

ଗଜପତି ଆପଣା ଉଦ୍ୟମରେ ରାଜପ୍ରାସାଦରେ ଏକ ମୁଦ୍ରଣାଳୟ ସ୍ଥାପନ କରିଥିଲେ । ସେଥିରେ ବହୁ ଅପ୍ରକାଶିତ ପ୍ରାଚୀନ ଗ୍ରନ୍ଥମାନ ସଙ୍କଳନ କରି ପ୍ରକାଶ କରିବାର ଉଦ୍ୟମ ହୋଇଥିଲା । ଫଳରେ ବୈଷ୍ଣବଧର୍ମ ସମ୍ବଳିତ କାବ୍ୟ, ନାଟକ ଓ ସଙ୍ଗୀତ ଗ୍ରନ୍ଥମାନ ପ୍ରକାଶିତ ହୋଇପାରିଥିଲା । ଭକ୍ତକବି ଜଗନ୍ନାଥ ନାରାୟଣ ଦେବଙ୍କ "ଶ୍ରୀବୃନ୍ଦାବନ–ବିହାର" ମହାକାବ୍ୟ ପ୍ରଥମେ ଏଠାରେ ମୁଦ୍ରିତ ହୋଇଥିଲା । ଏହି କାବ୍ୟରେ ବୃନ୍ଦାବନ ତୀର୍ଥର ମହିମା ବର୍ଣ୍ଣନା ସହିତ ରାଧାକୃଷ୍ଣଙ୍କ ଲୀଳାମାନ ବର୍ଣ୍ଣିତ । ଏଥି ସହିତ କବି ଗୋପାଳକୃଷ୍ଣଙ୍କ ପଦାବଳୀ ସଙ୍କଳନ ଏବଂ ଗୌରହରି ପରିଛାଙ୍କ ଭକ୍ତି ସଙ୍ଗୀତର ପ୍ରକାଶନ ସମ୍ଭବ ହୋଇଥିଲା । ଅନ୍ୟାନ୍ୟ ଯେଉଁ ଗ୍ରନ୍ଥ ସବୁ ଗଜପତି ପ୍ରେସରୁ ମୁଦ୍ରିତ ହୋଇ ପ୍ରକାଶ ପାଇଥିଲା, ତାର ତାଲିକା ଏହିପରି :

(୧) କଳାବତୀ–ଅପଣା ପଣ୍ଡା, ୧୯୦୭
(୨) ନକ୍ଷତ୍ର ନିର୍ଣ୍ଣୟ–ବିଖ୍ୟାତ ନୀଳମଣି ପାଣିଗ୍ରାହୀ, ୧୯୧୪
(୩) ପ୍ରହ୍ଲାଦ ନାଟକ–ପଦ୍ମନାଭ ନାରାୟଣ ଦେବ, ୧୯୧୬
(୪) ଦାନ ପରୀକ୍ଷା–ପଦ୍ମନାଭ ନାରାୟଣ ଦେବ, ୧୯୨୦
(୫) ଧ୍ରୁବ ନାଟକ–ଗୌରଚନ୍ଦ୍ର ଗଜପତି ଦେବ, ୧୯୨୨
(୬) ବନମାଳୀ ଗୀତ ଓ ବୋଲି ଗୀତ–ଗୋପାଳକୃଷ୍ଣ ପଟ୍ଟନାୟକ, ୧୯୨୯ ।
(୭) ତରମାଳିକା (ତତ୍ତ୍ୱବୋଧିନୀ)–ଅପଣା ପଣ୍ଡା, ୧୯୩୦
(୮) ଗୋପାଳକୃଷ୍ଣ ବୋଲି–ଗୋପାଳକୃଷ୍ଣ, ୧୯୩୦
(୯) ଶ୍ରୀମଦ୍ ଭାଗବତ ମହାପଟଳ–ପଦ୍ମନାଭ ଦେବ, ୧୯୩୦
(୧୦) ହିତରତ୍ନାବଳୀ–ପ୍ରହରାଜ କବି, ୧୯୩୬
(୧୧) ଶ୍ରୀମଦ୍ ଭାଗବତ ମହାତ୍ମ୍ୟ–ଶ୍ରୀ ଶ୍ରୀ ପଦ୍ମନାଭ ଦେବ, ୧୯୩୮ ।
(୧୨) ପାରଳା ପ୍ରଶଂସା–ନୀଳମଣି ରଥଶର୍ମା, ୧୯୩୯
(୧୩) ତାଳସର୍ବସ୍ୱାର ସଂଗ୍ରହ–ପଦ୍ମନାଭ ନାରାୟଣ ଦେବ ସଙ୍କଳିତ, ୧୯୪୨ ।
(୧୪) ଶ୍ରୀକଳଙ୍କ ଭଞ୍ଜନ–ଗୋବର୍ଦ୍ଧନ ରଥଶର୍ମା, ୧୯୪୫

କୃଷ୍ଣଚନ୍ଦ୍ର ଓଡ଼ିଶୀ ସଙ୍ଗୀତର ଅନନ୍ୟ ରସିକ ଓ ଭକ୍ତ । ପ୍ରାଚୀନ ପଦାବଳୀ ଶ୍ରବଣ ଗାୟନରେ ତାଙ୍କର ଅପାର ଆଗ୍ରହ ଥିଲା । ସତରେ ପାରଳାଖେମୁଣ୍ଡି ସଙ୍ଗୀତ ପାଇଁ ପ୍ରସିଦ୍ଧ; ପୁଣି ପରମ୍ପରାକ୍ରମେ ଏଠାରେ କେଉଁ ପୂର୍ବପୁରୁଷରୁ ସଙ୍ଗୀତର ଚର୍ଚ୍ଚା ହୋଇ ଆସୁଅଛି । ତାହାର ଆବେଦନ ଏହାଙ୍କ ନିକଟରେ ନିଷ୍ଫଳ ହୁଅନ୍ତା ବା କିପରି ? ସେ ଏକାନ୍ତରେ ସଙ୍ଗୀତ ଗାନ କରିବାର ଏବଂ ସଙ୍ଗୀତ ଚର୍ଚ୍ଚାରେ ଅଂଶଗ୍ରହଣ କରିବାର ନଜିର ରହିଛି ।

"ଅନେକ ସମୟରେ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ଏକାନ୍ତରେ କବି ଗୋପାଳକୃଷ୍ଣଙ୍କ ରଚିତ ଭକ୍ତି ସଙ୍ଗୀତ ଧୀରେ ଧୀରେ ଗାନ କରୁଥିବା ଏ ଲେଖକ ଶୁଣିଛି । ତାଙ୍କର ପ୍ରିୟ ଗାନଟି ହେଉଛି :

ରସ ମାନସ ରାଧିକେଶ
ଯାର ରସ କଥାରେ
ମେବିତ ଶୁକ ସନକ ଶେଷ
ଅନତି ନତ ମଥାରେ....॥

ସେ ଗୋଟିଏ ସଙ୍ଗୀତ ଗୋଷ୍ଠୀ ଗଠନ କରି ବିଭିନ୍ନ ସମୟରେ ସଙ୍ଗୀତ ସମାରୋହମାନ କରାଉଥିଲେ । ସେଥିରେ ମୁଖ୍ୟ ଅଂଶ ନେଉଥିଲେ ବେହେଲାବାଦକ ସୂର୍ଯ୍ୟନାରାୟଣ ଅନ୍ୟମାନଙ୍କ ମଧ୍ୟରେ କୁମ୍ପାନା ପାତ୍ରୁଲୁ (ବୀଣାବାଦକ), ରଙ୍ଗନାୟକୁଲୁ (ତବଲାବାଦକ) ଓ ଅପର୍ଣ୍ଣା ପାଣିଗ୍ରାହୀ (ଅନ୍ଧ ଆପଣା) ଗାୟକ । ଏମାନେ ସମସ୍ତେ ମହାରାଜାଙ୍କଠାରୁ ମାସିକ ଦରମା ପାଉଥିଲେ[୨] ।"

ଗଜପତିଙ୍କର ସାହିତ୍ୟ ପ୍ରୀତି କୌଣସି ଗୁଣରେ କମ୍ ନୁହେଁ । ସେ ବିଦ୍ୱାନ ଓ ସାହିତ୍ୟିକମାନଙ୍କ ସହିତ କାବ୍ୟ, କବିତା ଓ ନାଟକାଦିର ଆଲୋଚନା କରୁଥିଲେ । ତାଙ୍କରି ପୃଷ୍ଠପୋଷକତାରେ ଓଡ଼ିଆ ଓ ତେଲୁଗୁ ଭାଷା ଓ ସାହିତ୍ୟର ତୁଳନାତ୍ମକ ଆଲୋଚନାମାନ ଅନୁଷ୍ଠିତ ହେଉଥିଲା । ଓଡ଼ିଆ ସାହିତ୍ୟର ବିକାଶ ଦିଗରେ ବିଶେଷ କରି ଓଡ଼ିଆ ପୁସ୍ତକ ପ୍ରକାଶନ କ୍ଷେତ୍ରରେ ସେ ଅର୍ଥ ସାହାଯ୍ୟଠାରୁ ଆରମ୍ଭ କରି ଅନେକ କୃତିର ପ୍ରକାଶନ ଦାୟିତ୍ୱ ସେ ନିଜେ ବହନ କରିଛନ୍ତି । ଆମ ସାହିତ୍ୟର ଯେଉଁ କେତେକ ବିଶିଷ୍ଟ କୃତି ଗଜପତିଙ୍କର ଆର୍ଥିକ ଅନୁଦାନ ଓ ପୃଷ୍ଠପୋଷକତାରେ ପ୍ରକାଶ ପାଇଥିଲା । ସେମାନଙ୍କ ମଧ୍ୟରେ ଜଗବନ୍ଧୁଙ୍କ 'ପ୍ରାଚୀନ ଉତ୍କଳ', ଗୋପୀନାଥ ନନ୍ଦଙ୍କ 'ଶବ୍ଦତତ୍ତ୍ୱବୋଧ ଅଭିଧାନ', 'ଓଡ଼ିଆ ଭାଷାତତ୍ତ୍ୱ' ଏବଂ ପୂର୍ଣ୍ଣଚନ୍ଦ୍ର ଓଡ଼ିଆ 'ଭାଷାକୋଷ'ର ପଞ୍ଚମ ଖଣ୍ଡ ଓ ଗୌରହରି ଗ୍ରନ୍ଥାବଳୀ ପ୍ରଧାନ ।

"ଶବ୍ଦତତ୍ତ୍ୱବୋଧ ଅଭିଧାନ" ସଙ୍କଳନ କାଳରେ ପଣ୍ଡିତ ଗୋପୀନାଥ ନନ୍ଦ କିପରି ସାହାଯ୍ୟ ଓ ସହଯୋଗ ପାଇଥିଲେ ସେହି ଅନୁଭୂତିକୁ ଗ୍ରହଣ କରାଯାଇ ପାରେ । ପଣ୍ଡିତ ନନ୍ଦ ଓଡ଼ିଶାର ବହୁ ବିଶିଷ୍ଟ ବ୍ୟକ୍ତି ଓ ଅନୁଷ୍ଠାନ ନିକଟରେ ଏହି ଗ୍ରନ୍ଥର ମୁଦ୍ରଣ ଓ ପ୍ରକାଶନ ପାଇଁ ସାହାଯ୍ୟ ଭିକ୍ଷା କରିଥିଲେ, କିନ୍ତୁ ପରିଶେଷରେ ସମସ୍ତଙ୍କୁ ଜଣାଇଦେବା ଉଚିତ ଯେ ଏ ସବୁ ହୋଇ ସୁଦ୍ଧା ଅର୍ଥାଭାବ ଦୂର ହୋଇନଥିଲା । ତେବେ ଗ୍ରନ୍ଥଖଣ୍ଡିକ କିପରି ମୁଦ୍ରିତ ହୋଇ ପାରିବ, କିପରି ବା ପ୍ରଚୁର ସାହାଯ୍ୟ

ଗ୍ରହଣ ହୋଇପାରିବ, ଏହି ଚିନ୍ତାରେ ଚିନ୍ତିତ ହୋଇ ଆସ୍ମମାନଙ୍କର ବିଦ୍ୟୋତ୍ସାହୀ ପାରଳାଖେମୁଣ୍ଡିର ବର୍ତ୍ତମାନ ସୁଧାକର ସ୍ୱଦେଶ ପ୍ରେମିକ ସାହିତ୍ୟବିନୋଦ ଶ୍ରୀମାନ୍ ଶ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ମହାରାଜ ମହୋଦୟଙ୍କ ଛାମୁରେ ଆମୂଳାନ୍ତ ବିଷୟ ନିବେଦନ କଲି। ଆମର ସୌଭାଗ୍ୟକ୍ରମେ ସେହି ପ୍ରତିଭାପୁଞ୍ଜ ମହୋଦୟ ପ୍ରାର୍ଥନାଟି ସାଦରେ ଗ୍ରହଣ କରି ତିନିସହସ୍ର ଟଙ୍କା ପ୍ରଦାନ କରି ଅଛନ୍ତି ଏବଂ ଗ୍ରନ୍ଥର ଶୁଦ୍ଧ ଲିପି ଲେଖନାର୍ଥ ଛଅମାସ ପର୍ଯ୍ୟନ୍ତ ମୋତେ କଲେଜ କାର୍ଯ୍ୟରୁ ଅବ୍ୟାହତି ଦେଇ ନିଯୋଗ କ୍ରମରେ ଅବସର ଦେଇଅଛନ୍ତି। × × × × ମୁଁ ଏହି ଅଭିଧାନ ଗ୍ରନ୍ଥିର ଲେଖକ ମାତ୍ର, କିନ୍ତୁ ଶ୍ରୀମାନ୍ ପାରଳାଧୀଶ୍ୱର ମହାରାଜ ମହୋଦୟ ଏହାର ପରିପୋଷକ ଓ ଜୀବନଦାତା ଅଟନ୍ତି।"

ମହାରାଜାଙ୍କ ସାହିତ୍ୟ ପ୍ରୀତି ଓ ପୃଷ୍ଠପୋଷକତାରେ ମୁଗ୍ଧ ହୋଇ ପଣ୍ଡିତ ଗୋପୀନାଥ ନିଜର "ଜାନକୀ ପରିଣୟ" ନାଟକଠାରୁ ଆରମ୍ଭ କରି ଶବ୍ଦବୋଧ ଅଭିଧାନ ପର୍ଯ୍ୟନ୍ତ ଅଧିକାଂଶ ଗ୍ରନ୍ଥ ଗଜପତିଙ୍କ ନାମରେ ଉତ୍ସର୍ଗ କରିଥିଲେ(୪)। ପରବର୍ତ୍ତୀ କାଳରେ "ଓଡ଼ିଆ ଶବ୍ଦତତ୍ତ୍ୱ" ଗ୍ରନ୍ଥ ପ୍ରକାଶନ କାଳରେ ମଧ୍ୟ ତିନିଶତ ଟଙ୍କା ଆର୍ଥିକ ସାହାଯ୍ୟପ୍ରାପ୍ତ ହୋଇଥିବା ବିଷୟ ଉକ୍ତ ଗ୍ରନ୍ଥ ପ୍ରସ୍ତାରେ ବିବୃତ ଏବଂ ଏହି ଗ୍ରନ୍ଥଟି ମଧ୍ୟ ମହାରାଜାଙ୍କ ନାମରେ ଉତ୍ସର୍ଗୀକୃତ।

"ପ୍ରାଚୀନ ଉତ୍କଳ"ର ପ୍ରକାଶନ କାଳରେ ଶ୍ରୀ ଜଗବନ୍ଧୁ ସିଂହ ଗଜପତିଙ୍କର ପୃଷ୍ଠପୋଷକତା ଲାଭ କରିଥିଲେ ଏବଂ ତାଙ୍କ ନାମରେ ଉତ୍ସର୍ଗ କରିଥିଲେ। ସେହିପରି "ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ"ର ମୁଦ୍ରଣ କାଳରେ ଗୋପାଳଚନ୍ଦ୍ର ପ୍ରହରାଜ ମଧ୍ୟ ୫,୦୦୦ ଟଙ୍କା ଅର୍ଥ ସାହାଯ୍ୟ ପାଇଥିଲେ।

ଏହିପରି ଗଜପତିଙ୍କର ସାହିତ୍ୟାନୁରାଗର ଶତଶତ ପ୍ରମାଣ ରହିଛି, ଯଦି ଗଜପତିଙ୍କଠାରୁ ସାହାଯ୍ୟ ଓ ପ୍ରେରଣା ପାଇନଥିଲେ ଏହି ମୂଲ୍ୟବାନ ଗ୍ରନ୍ଥଗୁଡ଼ିକ ପ୍ରକାଶ ପାଇବାରେ ବିଳମ୍ବ ହୋଇଥାନ୍ତା କିମ୍ବା ଆଦୌ ପ୍ରକାଶ ନଥାନ୍ତା ମଧ୍ୟ।

ବିବିଧ ଗ୍ରନ୍ଥ ସଂଗ୍ରହ କରି ସେ ନିଜର ଏକ ଲାଇବ୍ରେରୀ ଗଠନ କରିଥିଲେ। ଏହା ପ୍ରାଇଭେଟ୍ ଲାଇବ୍ରେରୀ ନାମରେ ପରିଚିତ। ବହୁ ମୂଲ୍ୟବାନ ପୁସ୍ତକ ଏଥିରେ ରହିଥିଲା। ନିଜର ଅବସର ସମୟରେ ଗଜପତି ଏହି ଗ୍ରନ୍ଥାଗାରରେ ବିଭିନ୍ନ ବିଦ୍ୱାନଙ୍କ ସହ ସାହିତ୍ୟାଲୋଚନାରେ ବ୍ୟସ୍ତ ରହୁଥିଲେ।

ମହାରାଜାଙ୍କ ଶିକ୍ଷାପ୍ରୀତି ତାଙ୍କ ସାଂସ୍କୃତିକ ଜୀବନର ଅନ୍ୟ ଏକ ଦିଗ। ଗଜପତି ନିଜ ପ୍ରଚେଷ୍ଟାରେ ବହୁ ବିଦ୍ୟାଳୟ ସ୍ଥାପନ କରିଥିଲେ। ପାରଳାଖେମୁଣ୍ଡିର ଦ୍ୱିତୀୟ ଶ୍ରେଣୀ ମହାବିଦ୍ୟାଳୟ ଏକ ପ୍ରଥମ ଶ୍ରେଣୀ ମହାବିଦ୍ୟାଳୟ ରୂପେ ସ୍ୱୀକୃତି ପାଇଥିଲା। ଏହି କଲେଜର ଜନ୍ମ ଠାରୁ ୧୯୩୬ ସାଲ ଅକ୍ଟୋବର ମାସ ଛଅ ତାରିଖ ପର୍ଯ୍ୟନ୍ତ ମହାରାଜ ନିଜେ ଏହାର ପରିଚାଳନା ଦାୟିତ୍ୱ ନେଇଥିଲେ। ମେଧାବୀ ଛାତ୍ରମାନଙ୍କୁ ବୃତ୍ତିର ବ୍ୟବସ୍ଥା ଥିଲା। ଏପରିକି ବହୁ ଗରିବ ଛାତ୍ରଙ୍କର ଖାଇବା ପିଇବାଠାରୁ ଆରମ୍ଭ କରି ସମସ୍ତ ଅଧ୍ୟୟନ ଖର୍ଚ୍ଚ ଗଜପତି ନିଜେ ବହନ କରୁଥିଲେ। ସ୍କୁଲଠାରୁ କଲେଜ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନମାନ ଯତ୍ନ ନେବା ପାଇଁ ହାକିମ ନିଜେ ବୁଝୁଥିଲେ। ସାକ୍ଷାତ ସମୟରେ ଶିକ୍ଷକମାନଙ୍କର ବ୍ୟକ୍ତିଗତ ଅସୁବିଧା ମହାରାଜ ପଚାରି ତଦନୁଯାୟୀ ପଦକ୍ଷେପ ନେଉଥିଲେ। ଶିକ୍ଷାନୁଷ୍ଠାନମାନଙ୍କ ମଧ୍ୟରେ ଭେଦଭାବ, ସଂକୀର୍ଣ୍ଣ ମନୋବୃତ୍ତିର ଦୂରୀକରଣ ପାଇଁ ସେ ଯଥାସମ୍ଭବ ଚେଷ୍ଟା କରୁଥିଲେ। ଏ ସମ୍ପର୍କରେ ପ୍ରମାଣଟିଏ ଦିଆଯାଇପାରେ :

"ମୋର ମନେପଡୁଛି ଦିନେ ମହାରାଜ ନିଜେ ଆମ କ୍ଲାସକୁ ଆସିଥିଲେ। ଏହି ଅପ୍ରତ୍ୟାଶିତ ଆଗମନ ହେତୁ ସ୍କୁଲରେ ସମସ୍ତେ ସତର୍କ ହୋଇଗଲେ। × × × ମୋ ପାଖରେ ସେତେବେଳେ ଗୋଟିଏ ଧୋବା ପିଲା ବସିଥାଏ। × × × ସେତେବେଳେ ଧୋବା ଜାତି ଏକ ଅସ୍ପୃଶ୍ୟ ଜାତି ରୂପେ ବିବେଚିତ ହେଉଥିଲା। ମୁଁ ସେହି ଧୋବା ପିଲା ପାଖରେ ବସିବା ଦେଖି ମହାରାଜା ଟିକିଏ ମୁରୁକି ହସିଦେଇ ଆମର ଅଭିବାଦନ ଗ୍ରହଣ କଲେ। × × × ଓଡ଼ିଶା ପ୍ରଦେଶ ଗଠନ ପରେ ସେ ଯେତେବେଳେ ପ୍ରଧାନମନ୍ତ୍ରୀ ହୋଇ 'ଉତ୍କଳ ୟୁନିଭରସିଟି' ବିଲ୍ ବିଧାନସଭାରେ ଆଗତ କରି × × × କହିଥିଲେ, ପାରଳାଖେମୁଣ୍ଡି କଲେଜରେ ଆମେ ଜାତିପାଣ ଭେଦ ରଖିନାହୁଁ। ଏକା ଆସନରେ ମୋ ଗାନ୍ଧିଗୁରୁଙ୍କ ପୁଅ ସଙ୍ଗେ ଗୋଟିଏ ତଥାକଥିତ ଅସ୍ପୃଶ୍ୟ ଧୋବା ପିଲା ବସି ପଢ଼ିବା ମୁଁ ନିଜେ ଦେଖିଛି(୬)।"

ପାରଳାଖେମୁଣ୍ଡିଠାରେ ଓଡ଼ିଶାର ଦ୍ୱିତୀୟ ସଂସ୍କୃତ କଲେଜ ପ୍ରତିଷ୍ଠା, ବର୍ଦ୍ଧକୀ ବିଦ୍ୟାଳୟ ଏବଂ ଓଡ଼ିଆ, ତେଲୁଗୁ ବାଳିକାମାନଙ୍କ ପାଇଁ ବାଳିକା ବିଦ୍ୟାଳୟ ପ୍ରତିଷ୍ଠା ତାଙ୍କରି ସଂସ୍କୃତ ଭାଷା ପ୍ରୀତି, ନାରୀ ଶିକ୍ଷାପ୍ରତି ଉଦାର ଦୃଷ୍ଟି ଭଙ୍ଗୀର ପରିଚୟ ଦିଏ।

ଏହା ବ୍ୟତୀତ କଣ୍ଟୋରର ଗବେଷଣା ମନ୍ଦିର ଓ କୃଷିତତ୍ତ୍ୱ ସମ୍ବନ୍ଧୀୟ ଅନୁଶୀଳନ ପାଇଁ ଯଥାକ୍ରମେ ଏକଲକ୍ଷ ଓ କୋଡ଼ିଏ ହଜାର ଟଙ୍କା କୃଷ୍ଣଚନ୍ଦ୍ର ଦାନ କରିଥିଲେ। ଓଡ଼ିଶାର ମୁଖ୍ୟମନ୍ତ୍ରୀତ୍ୱ କାଳରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା, କଟକର ଚିକିତ୍ସା ମହାବିଦ୍ୟାଳୟ ସ୍ଥାପନ ଆଦି ତାଙ୍କ ଶିକ୍ଷା ପ୍ରତି ସଶ୍ରଦ୍ଧ ଦୃଷ୍ଟିର ପରିଚୟ ଦିଏ।

ପାରଳାଖେମୁଣ୍ଡି ପରିଚାଳନା ଦାୟିତ୍ୱ ଗ୍ରହଣ କରିବା ପରେ ସେ ଶିକ୍ଷାନୁଷ୍ଠାନମାନଙ୍କରେ ସ୍ଥାନୀୟ ଶିକ୍ଷିତମାନଙ୍କୁ ଶିକ୍ଷକଭାବରେ ନିଯୁକ୍ତି ଦେଉଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏଥିପୂର୍ବରୁ ଏହି ସମସ୍ତ ଅନୁଷ୍ଠାନମାନଙ୍କରେ ତେଲୁଗୁମାନଙ୍କର ବିଶେଷ ପ୍ରାଧାନ୍ୟ ରହି ଆସୁଥିଲା।

ଗଜପତିଙ୍କ କ୍ରୀଡ଼ା ପ୍ରୀତିର ପଟାନ୍ତର ନାହିଁ। ସେ ନିଜେ ଜଣେ ଦକ୍ଷ ଖେଳାଳୀ ଥିଲେ। କ୍ରିକେଟ ପ୍ରତି ତାଙ୍କର ପ୍ରଚ୍ଛନ୍ନ ଆଗ୍ରହ ଥିଲା। ପ୍ରାସାଦ ସଂଲଗ୍ନ ପଡ଼ିଆରେ ଉତ୍ତମ ଘାସ ରୋପଣ କରାଯାଇ ଏକ ଖେଳପଡ଼ିଆ ସେ ତିଆରି କରାଇଥିଲେ। ଏଠାରେ ଖେଳୁଥିବା କ୍ରିକେଟ ଖେଳାଳୀମାନେ ଭାରତର ବହୁ ଜାଗାରେ ସୁନାମ ଅର୍ଜନ କରିଥିଲେ। ଖେଳାଳୀମାନଙ୍କୁ ଉତ୍ସାହିତ କରିବା ପାଇଁ ସେ ସେମାନଙ୍କୁ ସବେତନ ବିଭିନ୍ନ କର୍ମରେ ନିଯୁକ୍ତ କରିଥିଲେ; ଯାହାକି ଆଜି ବିଭିନ୍ନ କମ୍ପାନୀ ଏବଂ ସରକାରୀ ସଂସ୍ଥାମାନଙ୍କରେ ପରିଦୃଷ୍ଟ ହୁଏ। ଫଳତଃ କ୍ରୀଡ଼ାବିତ୍‌ମାନେ ନିଜର ଭରଣପୋଷଣ ସହିତ ଖେଳ ପ୍ରତି ମନଯୋଗୀ ହେବାରେ କୌଣସି ଅସୁବିଧା ନଥିଲା। କ୍ରିକେଟ ବ୍ୟତୀତ ଫୁଟବଲ୍, ଟେନିସ୍ ଓ ଘୋଡ଼ାଦୌଡ଼ ପ୍ରତି ତାଙ୍କର ଆଗ୍ରହ କିଛି କମ୍ ନଥିଲା।

ବିଭିନ୍ନ ଅନୁଷ୍ଠାନ ଯଥା–କୋଇମ୍ବାଟୁରର କୃଷି ମହାବିଦ୍ୟାଳୟର ପରାମର୍ଶଦାତା ଓ ପରିଦର୍ଶକ ରୂପେ ଦିଲ୍ଲୀସ୍ଥିତ ଭାରତୀୟ ଗବେଷଣା ପାଣ୍ଠି ଅନୁଷ୍ଠାନ। ଲଣ୍ଡନର ରୟାଲ ଏସିଆଟିକ୍ ସୋସାଇଟିର ସଦସ୍ୟଭାବେ ଏବଂ ଅନ୍ୟାନ୍ୟ ବହୁ ଅନୁଷ୍ଠାନ ସହିତ ସମ୍ପୃକ୍ତି; ଗୁଣପୁରଠାରୁ ନୂଆପଡ଼ା ୫୬ ମାଇଲ ରେଳପଥ ନିର୍ମାଣ, ଗଜପତି ଷ୍ଟିଲ୍ ଇଣ୍ଡଷ୍ଟ୍ରି ଏବଂ ଶ୍ରୀକାକୁଳମ୍‌ର ଲବଣ କାରଖାନା ସ୍ଥାପନ ତାଙ୍କର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ପ୍ରତି ଗଭୀର ଆଗ୍ରହର ସ୍ୱାକ୍ଷରୀ।

ଜଣେ ସଂସ୍କୃତିସମ୍ପନ୍ନ ବ୍ୟକ୍ତିର ଯେଉଁ ସବୁ ଗୁଣ ରହିବା କଥା ତାହାର ଅଧିକାରୀ ଥିଲେ ଗଜପତି। ସାହିତ୍ୟ, ସଙ୍ଗୀତ, ସଂସ୍କୃତି, ଶିକ୍ଷା, ବିଜ୍ଞାନ ଓ କାରିଗରୀ କୌଶଳର ଉନ୍ନତି, ପ୍ରତ୍ୟେ ବ୍ୟକ୍ତି ପ୍ରତି ସମ୍ମାନ ପ୍ରକୃତି ପ୍ରତି ତାଙ୍କର ନିବିଡ଼ ଦୃଷ୍ଟି ରହିଥିଲା। ସମଦ୍ୟାନୁବର୍ତ୍ତିତା, ସଚ୍ଚୋଟତା ଓ ସହିଷ୍ଣୁତା ଇତ୍ୟାଦି ଗୁଣର ସେ ଅଧିକାରୀ ଥିଲେ। କିନ୍ତୁ ପରବର୍ତ୍ତୀ ରାଜନୀତିରେ ଏ ଗୁଣଗୁଡ଼ିକର ଅଭାବ ଦେଖି ସେ ରାଜନୀତିରୁ ସନ୍ନ୍ୟାସ ନେଇଥିଲେ।

ଡାଏରୀ ଲେଖିବା, ଖେଳିବା, ଗ୍ରନ୍ଥ ଅଧ୍ୟୟନ, ସାହିତ୍ୟ ଓ ସଙ୍ଗୀତରେ ଚର୍ଚ୍ଚା ତାଙ୍କର ଦୈନନ୍ଦିନ କର୍ମ ଥିଲା । ଗଜପତିଙ୍କ ଶାସନ କାଳରେ ଓଡ଼ିଶା ସମ୍ପର୍କରେ ଫିଲ୍ଡ ମାର୍ଶାଲ୍ ଭିସ୍‌କାଉଣ୍ଟ ୱେଭେଲ୍ ଦେଇଥିବା ମନ୍ତବ୍ୟକୁ ଉଦ୍ଧାର କରି ପରିଶେଷରେ ଏତିକି କୁହାଯାଇପାରେ : "My impression of Orissa is that it is a most friendly province in which the officials are on good terms with one another and with a leading Indian(୬)"


ସହାୟକ ଗ୍ରନ୍ଥ :

(୧) ରୂପାୟନ–୪ର୍ଥ ବର୍ଷ, ୫ମ ସଂଖ୍ୟା, ୧୯୮୨

(୨) ରୂପାୟନ–୪ର୍ଥ ବର୍ଷ, ୬ଷ୍ଠ ଓ ୭ମ ସଂଖ୍ୟା, ୧୯୮୨

(୩) ରୂପାୟନ–୪ର୍ଥ ବର୍ଷ, ୮ମ ଓ ୯ମ ସଂଖ୍ୟା, ୧୯୮୨

(୪) କୃଷ୍ଣଚନ୍ଦ୍ରଗଜପତି ସ୍ମରଣିକା–୧୯୮୨

(୫) ଶବ୍ଦତତ୍ତ୍ୱବୋଧ ଅଭିଧାନ– ପଣ୍ଡିତ ଗୋପୀନାଥ ନନ୍ଦ


ମାର୍ଫତ୍–ଉତ୍କଳ ସାଂସ୍କୃତିକ ସମାଜ, ନୂଆସାହି, ରାଜ୍ଞୀନଗର, ଗଞ୍ଜାମ–୭୬୨ ୦୭୨

(୧) ମୋ ଜୀବନ ଓ ସଂଗ୍ରାମ–(୨) ପଦ୍ମଶ୍ରୀ ଡକ୍ଟର ସତ୍ୟନାରାୟଣ ରାଜଗୁରୁ, ରୂପାୟନ ୪ର୍ଥ ବର୍ଷ, ୫ମ ସଂଖ୍ୟା, ୧୯୮୨ ।

(୨) କୃଷ୍ଣଚନ୍ଦ୍ର ଗଜପତିଙ୍କ ଚରିତ୍ର ଓ ଧର୍ମଭୀରୁତା–ଡକ୍ଟର ସତ୍ୟନାରାୟଣ ରାଜଗୁରୁ ରୂପାୟନ–ଗଜପତି ବିଶେଷାଙ୍କ, ୪ର୍ଥ ବର୍ଷ, ୬ଷ୍ଠ ଓ ୭ମ ସଂଖ୍ୟା, ୧୯୮୨ ।

(୩) ବିଜ୍ଞାପନ–ଶବ୍ଦତତ୍ତ୍ୱବୋଧ ଅଭିଧାନ–ପଣ୍ଡିତ ଗୋପୀନାଥ ନନ୍ଦଶର୍ମା, ପ୍ରଥମ ସଂସ୍କରଣ ।

(୪) ଉତ୍ସର୍ଗପତ୍ର–ଶବ୍ଦତତ୍ତ୍ୱବୋଧ ଅଭିଧାନ–ପଣ୍ଡିତ ଗୋପୀନାଥ ନନ୍ଦଶର୍ମା, ପ୍ରଥମ ସଂସ୍କରଣ ।

(୫) ମୋର ଜୀବନ ସଂଗ୍ରାମ (୯) ଡକ୍ଟର ସତ୍ୟନାରାୟଣ ରାଜଗୁରୁ–ରୂପାୟନ, ୪ର୍ଥ ବର୍ଷ, ୮ମ ଓ ୯ମ ସଂଖ୍ୟା, ୧୯୮୨ ।

(୬) କୃଷ୍ଣଚନ୍ଦ୍ର ଗଜପତି ସ୍ମରଣିକା–୧୯୮୨, ପୃ–୧୯ (ଇଂରାଜୀ ବିଭାଗ)

## ଇନ୍ଦ୍ରାବତୀ ପ୍ରକଳ୍ପ ତ୍ୱରାନ୍ୱିତ କରାଇବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇ କହିଛନ୍ତି ଯେ ଉପର ଇନ୍ଦ୍ରାବତୀ ପ୍ରକଳ୍ପର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କଲେ କଳାହାଣ୍ଡିର ବହୁ ବର୍ଷର ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳ ଆବଶ୍ୟକ ମୁତାବକ ଜଳସେଚନ ସୁବିଧା ପାଇବ ।

ଗତ ୧୪ ଜୁନରେ ସଚିବାଳୟର ସଭାକକ୍ଷରେ ଅନୁଷ୍ଠିତ ଚତୁର୍ଥ କଣ୍ଟ୍ରୋଲ୍ ବୋର୍ଡ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ଦୀର୍ଘ ୪ ବର୍ଷ ପରେ ଏହି ପ୍ରକଳ୍ପ ଅଧୀନରେ ହେଉଥିବା କାର୍ଯ୍ୟକଳାପକୁ ସମୀକ୍ଷା କରିଥିଲେ । ତତ୍ ସଙ୍ଗେସଙ୍ଗେ ସେ ଜଳସେଚନ ପଦ୍ଧତିର ପରିସର ଓ ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ ଯେପରି ସମ୍ପୂର୍ଣ୍ଣ ହେବ ତାହା ଉପରେ ଗୁରୁତ୍ୱ ଦେଇଥିଲେ । ଜଳସେଚନ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ବିଜୟ ମହାପାତ୍ର ଉକ୍ତ ସଭାରେ ପ୍ରକଳ୍ପର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ ।

ଉପର ଇନ୍ଦ୍ରବତୀ ପ୍ରକଳ୍ପ ଏକ ବହୁମୁଖୀ ପ୍ରକଳ୍ପ । ଏଥିରେ ଚାରୋଟି ବନ୍ଧ, ଆଠଟି ପରିଖା ନିର୍ମାଣ କରାଯିବାର ବ୍ୟବସ୍ଥା ରହିଛି, ଯାହାର ୨,୩୦୦ କ୍ୟୁସେକ୍ ଜଳଧାରଣ କରିବା କ୍ଷମତା ରହିଛି । କଳାହାଣ୍ଡି ଜିଲ୍ଲା ଧର୍ମଗଡ ଅଞ୍ଚଳର ସମୁଦାୟ ୧,୦୯,୩୦୦ ହେକ୍ଟର ଜମି ପୁରାତନ ମରୁଡ଼ି କ୍ଳିଷ୍ଟ ଅଞ୍ଚଳଭାବେ ଜଣାଶୁଣା । ସେସବୁ ଏହି ପ୍ରକଳ୍ପ ଦ୍ୱାରା ଜଳସେଚିତ ହୋଇପାରିବ । ଏହି ଜଳସେଚନ ସଙ୍କଳ୍ପ ଫଳପ୍ରଦ ହେଲେ ଯେପରି ଏହାର ପରିସରକୁ ୧୯,୫୦୦ ହେକ୍ଟର୍ ପର୍ଯ୍ୟନ୍ତ ବୃଦ୍ଧି କରାଯାଇ ପାରିବ, ତାହା ଉପରେ ବର୍ତ୍ତମାନ ପରୀକ୍ଷାନିରୀକ୍ଷା ଚାଲିଛି । ଏହି ବନ୍ଧ କାମ ୧୯୯୧/୯୨ ମଧ୍ୟରେ ସମ୍ପୂର୍ଣ୍ଣ ହୋଇଯିବ । ଏହା ସହିତ ଏଥିରେ ସଂଲଗ୍ନ କେନାଲ ଓ ସୁଡ଼ଙ୍ଗ ମଧ୍ୟ ୧୯୯୧ ସୁଦ୍ଧା ଶେଷ କରିବାର ଯୋଜନା ଅଛି । ଏହା ନିର୍ଦ୍ଧାରିତ ସମୟ ୧୯୯୪ ମାର୍ଚ୍ଚ ମଧ୍ୟରେ ସମ୍ପୂର୍ଣ୍ଣ ହେବ । ତତ୍ ସଙ୍ଗେସଙ୍ଗେ ୬୦୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ପାୱାର ହାଉସ ନିର୍ମାଣ କାର୍ଯ୍ୟ ମଧ୍ୟ ଦ୍ରୁତଭାବେ ଅଗ୍ରଗତି କରୁଛି ।

ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ ଯେ ଏହି ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ପରିବାର ନିମିତ୍ତ ପୁନର୍ବାସ ଯୋଜନା ଆବଶ୍ୟକ । ଚଳିତ ବର୍ଷ ମଧ୍ୟରେ ୯୬୦ଟି ପରିବାର ଏହି ଯୋଜନାରେ ଉପକୃତ ହୋଇପାରିବେ । ପରିବାର ସ୍ଥାନାନ୍ତର କାର୍ଯ୍ୟ ଧୀରେଧୀରେ ଚାଲିଛି । ପ୍ରାୟ ୬୦୦ ପରିବାର ନିଜର ପସନ୍ଦ ମୁତାବକ ସ୍ଥାନକୁ ଚାଲିଗଲେଣି । ଆଗାମୀ ଏକ ବର୍ଷ ମଧ୍ୟରେ ଅବଶିଷ୍ଟ ପରିବାରଗୁଡ଼ିକର ପୁନର୍ବାସ ପାଇଁ ବିଧିବଦ୍ଧ ଯୋଜନା କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ କହିଥିଲେ । ଓଡ଼ିଶା ସରକାରଙ୍କ ଅନୁସୃତ ପ୍ରଗତିଶୀଳ ପୁନର୍ବାସ ନିୟମ ଲାଗୁ ସମଗ୍ର ଦେଶରେ ଅଦ୍ୱିତୀୟ ବୋଲି ମତ ବ୍ୟକ୍ତ କରି ସେ ଜଙ୍ଗଲ ବିଭାଗ ଓ ବିହନ ସଂରକ୍ଷଣ ବିଭାଗ ଅବବାହିକା ଅଞ୍ଚଳରେ ବୃକ୍ଷରୋପଣ କରିବା ପାଇଁ ଆହ୍ୱାନ ଦେଇଥିଲେ ।

# ଅତୀନ୍ଦ୍ରିୟ ମନସ୍ତତ୍ତ୍ୱ ଏକ ପ୍ରହସନ କି ?

ଡକ୍ଟର୍ ଫକୀର ମୋହନ ସାହୁ

କଳ୍ପନା ଓ ବାସ୍ତବତା ମଧ୍ୟରେ ଲୁଚକାଳି କେବଳ ଆମର ଦୈନନ୍ଦିନ ଜୀବନରେ ଘଟେ ନାହିଁ, ବୈଜ୍ଞାନିକ ଚିନ୍ତା ରାଜ୍ୟରେ ମଧ୍ୟ ଏହା ଅନୁଭୂତ ହୁଏ। କେବେ କଳ୍ପନା ପରି ଦେଖା ଯାଉଥିବା ଘଟଣା ସବୁ ବୈଜ୍ଞାନିକର ହାତରେ ବାସ୍ତବତାର ରୂପ ନିଏ। ପୁଣି କେତେ କେତେ ଆଜିର ବାସ୍ତବତା ମିଥ୍ୟା ବୋଲି ପ୍ରମାଣିତ ହୋଇ ଦୂରକୁ ଘୁଞ୍ଚିଯାଏ। ମନସ୍ତତ୍ତ୍ୱର ଏପରି କେତେକ ଦିଗ ରହିଛି ଯେଉଁଠାରେ ଗଳ୍ପ ପ୍ରବାଦଠାରୁ ବାସ୍ତବ ସତ୍ୟକୁ ପୃଥକ କରିବା କଷ୍ଟକର ହୋଇପଡ଼େ। ବାହ୍ୟ ପ୍ରକୃତିକୁ ବୁଝିବା ପାଇଁ ମଣିଷ ମନରେ ଯେତିକି ପିପାସା ନିଜର ଅନ୍ତଃପ୍ରକୃତିକୁ ବୁଝିବା ପାଇଁ ତା'ଠାରୁ ଅଧିକ ବଳବତୀ ଆଶା। ତଥାପି ମଣିଷ ମନର କାର୍ଯ୍ୟକଳାପ ଓ ବାହ୍ୟ ଜଗତ ସହିତ ତାର କାର୍ଯ୍ୟକୁ ଚିହ୍ନିବା ସହଜସାଧ୍ୟ ନୁହେଁ। ଅତୀନ୍ଦ୍ରିୟ ମନସ୍ତତ୍ତ୍ୱ ବା PARAPSYCHOLOGY ଏପରି ଏକ କ୍ଷେତ୍ର ଯେଉଁଠାରେ କଳ୍ପନା ଓ ବାସ୍ତବତାର ଲୁଚକାଳି ଅହରହ ଚାଲି ଆସିଛି।

ଅତୀନ୍ଦ୍ରିୟ ମନସ୍ତତ୍ତ୍ୱର ବିକାଶ ବହୁ ଦିନର ନୁହେଁ। ମଣିଷ ମନର ଅଜ୍ଞାତ ଦିଗ ସହିତ ଏହା ସମ୍ପୃକ୍ତ। ମଣିଷ ନିଜର ଇନ୍ଦ୍ରିୟମାନଙ୍କୁ ବ୍ୟବହାର ନକରି ବାହ୍ୟ ଜଗତ ସମ୍ପର୍କରେ କିପରି ସୂଚନା ପାଏ – ତା'ର ବିଧିବଦ୍ଧ ଗବେଷଣା ଅତୀନ୍ଦ୍ରିୟ ମନସ୍ତତ୍ତ୍ୱର ଅନୁଶୀଳନର ସାମଗ୍ରୀ. ମଣିଷର ଏଭଳି ଅନୁଭୂତିର ବହୁ ସଂଖ୍ୟକ ଉଦାହରଣ ରହିଛି। ଦୁଇଟି ଉଦାହରଣ ଦ୍ୱାରା ଏହାକୁ ସ୍ପଷ୍ଟ କରାଯାଇ ପାରେ।

ଥରେ ଜଣେ ମହିଳା ଏପରି ଏକ ଅନୁଭୂତିର ବର୍ଣ୍ଣନା ଦେଇଥିଲେ। ମହିଳା ଜଣକ ସକାଳୁ ଉଠି ଖବର କାଗଜ ପଢ଼ିବା ଆରମ୍ଭ କରିଛନ୍ତି। ତାଙ୍କର ପିଲିବେଳର ଛିଅ ଅନ୍ୟ ଗୋଟିଏ ଘରେ ଖୁସିରେ ଖେଳୁଥାଏ। ମହିଳା ଜଣଙ୍କ ଆଖିରେ ପଡ଼ିଗଲା ଖବର କାଗଜରେ ବାହାରିଥିବା ଏକ ଚମତ୍କାର ଖବର। ସେ ପଢ଼ିବାକୁ ପାଇଲେ କୌଣସି ଏକ ହୋଟେଲରେ ପ୍ରାୟ କୋଡ଼ିଏ ବର୍ଷ ଧରି ବିବାହ ଭୋଜି ଅନ୍ୟାନ୍ୟ ଉତ୍ସବରେ ରୋଷେଇଆଣୀ ରୂପେ କାର୍ଯ୍ୟ କରୁଥିବା ମହିଳା ଜଣକ ମହିଳା ନୁହନ୍ତି, ସେ ଜଣେ ପୁରୁଷ ଲୋକ। ଖବରଟି ପଢ଼ା ସରିଛି କି ନାହିଁ, ଏପରି ସମୟରେ ଅନ୍ୟ ଘରେ ଖେଳୁଥିବା ସାନ ଝିଅଟି ଦୌଡ଼ି ଆସି ମା'ଙ୍କୁ କହିଲା "ମା' ଆମ ଘରେ ପୂଜାରୀଟି କ'ଣ ନକରେ! ସେ ରୋଷେଇଆଣୀ କାମ କରେ, କିନ୍ତୁ ସ୍ତ୍ରୀ ନୁହେଁ, ସେ ଗୋଟେ ପୁରୁଷ ଲୋକ।"

ଏଠାରେ ମହିଳା ଜଣଙ୍କ ଖବର କାଗଜରେ ସମ୍ବାଦ ଓ ନିଜ ଘରର ଘଟଣାର ସାମଞ୍ଜସ୍ୟ ବିଶ୍ୱାସ କରି ପାରିଲେ ନାହିଁ।

ଅନ୍ୟ ଗୋଟେ ଘଟଣା ମଧ୍ୟ ଉଲ୍ଲେଖ କରାଯାଇ ପାରେ। ଥରେ ଜଣେ ଭଦ୍ରମହିଳା ସ୍ୱପ୍ନ ଦେଖିଲେ ଯେ ତାଙ୍କ ସ୍ୱାମୀଙ୍କର ଜଣେ ଭାଇ ମରି ଯାଇଛନ୍ତି ଏବଂ ତାଙ୍କ ମା' ଫୋନ୍ କରି ସେ କଥା ତାଙ୍କୁ ଜଣାଉଛି ଆଉ ମଧ୍ୟ ଦେଖିଲେ ତାଙ୍କ ମା' ଖୁବ୍ ଜୋରରେ ଚିତ୍କାର କରି କାନ୍ଦୁଛନ୍ତି। ପରେ ପରେ ତାଙ୍କର ନିଦ ଭାଙ୍ଗିଗଲା ଓ ମନ ଖୁବ୍ ଖରାପ ଲାଗିଲା। ସେ ଏ କଥା ତାଙ୍କ ସ୍ୱାମୀଙ୍କୁ କହିବାରୁ ତାଙ୍କ ସ୍ୱାମୀ ତାଙ୍କୁ ଥଟ୍ଟା କଲେ। କିନ୍ତୁ ପରଦିନ ଫୋନ୍ ଆସିଲା ଏବଂ ଭଦ୍ରମହିଳା ଜଣକ ଫୋନ୍ ଧରିଲେ। ଫୋନ୍‌ରେ ତାଙ୍କର ମା' ଚିତ୍କାର କରି କାନ୍ଦୁଥାନ୍ତି। ସେ କହିଲେ ଯେ ତାଙ୍କ ସ୍ୱାମୀ ଗଛରୁ ପଡ଼ି ସକାଳେ ମରି ଯାଇଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ ଭଦ୍ରମହିଳାଙ୍କ ସ୍ୱପ୍ନଟି ଦିଅର ଥିଲେ ମଧ୍ୟ ସେ ଏକ ନିର୍ଦ୍ଦିଷ୍ଟ ଦିଅରଙ୍କ ମୃତ୍ୟୁ ସ୍ୱପ୍ନରେ ଦେଖିଥିଲେ।

ଏହିଭଳି ଉଦାହରଣ ଓ ବ୍ୟକ୍ତି ପ୍ରତି ଅନୁଭୂତି ବର୍ଣ୍ଣନାରେ ଆମ ଦେଶରେ ଶେଷ ନାହିଁ। କୌଣସି ଇନ୍ଦ୍ରିୟାନୁଭୂତି ନଥାଇ ମଧ୍ୟ ବିଭିନ୍ନ ସ୍ୱପ୍ନର ଘଟଣା ସତ ହେବା ଶୁଣାଯାଏ। ଆମ ଦେଶରେ କାଳିସୀର ବିଭିନ୍ନ ବର୍ଣ୍ଣନା, ଗୁଣିଆ ସାହାଯ୍ୟରେ ହଜିଥିବା ବିଭିନ୍ନ ବସ୍ତୁର ସନ୍ଧାନ ଏବଂ ଅନ୍ୟଠାରେ ଘଟୁଥିବା ଘଟଣାର ପ୍ରଭାବ ମାନସିକ ଓ ଶାରୀରିକ ପରିବର୍ତ୍ତନ ଏ ସବୁ ଉଦାହରଣମାନଙ୍କରେ ଅନ୍ତର୍ଭୁକ୍ତ। ଏଠାରେ କେତେ ପରିମାଣରେ ବାସ୍ତବତା ରହିଛି ତାହାର ବିଜ୍ଞାନ ସମ୍ମତ ଅନୁଶୀଳନ ବହୁଦିନ ଧରି ହୋଇପାରି ନଥିଲା। ଏଗୁଡ଼ିକର ଲୋକପ୍ରିୟତା ଏତେ ବେଶୀ ଯେ ଏହାକୁ ପୁରାପୁରି ଉଡ଼ାଇ ଦେବା ମଧ୍ୟ ସମ୍ଭବ ନଥିଲା।

ଅତି ପ୍ରିୟ ମନସ୍ତତ୍ତ୍ୱର ବିଧିବଦ୍ଧ ଗବେଷଣା ୧୯୮୦ ମସିହାର ଆମେରିକାର ଡିଉକ୍ ୟୁନିଭରସିଟିରେ ଆରମ୍ଭ ହୁଏ। ଏହି ବିଶ୍ୱବିଦ୍ୟାଳୟର ଜଣେ ତରୁଣ ଅଧ୍ୟାପକ ରାଇନ୍ ଏହାକୁ ବୈଜ୍ଞାନିକ

ରୂପରେଖ ଦିଅନ୍ତି । ରାଇନ୍ ବିଶ୍ୱାସ କରୁଥିଲେ ଯେ କେତେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ଇନ୍ଦ୍ରିୟର ବିନା ସାହାଯ୍ୟରେ ବାହ୍ୟ ଜଗତକୁ ପ୍ରତ୍ୟକ୍ଷ କରିପାରନ୍ତି । ଏହାକୁ ପରୀକ୍ଷା କରିବା ପାଇଁ ସେ ଦଶଟି ପୃଥକ୍ ପୃଥକ୍ କାଗଜରେ ଶୂନ୍ୟଠାରୁ ନଅ ପର୍ଯ୍ୟନ୍ତ ସଂଖ୍ୟା ଲେଖି ପ୍ରତ୍ୟେକ କାଗଜକୁ ଗୋଟିଏ ଗୋଟିଏ ମୁଦା ଲଫାପା ମଧ୍ୟରେ ରଖିଲେ । ଏହି ଦଶଟି ଲଫାପାକୁ ପ୍ରତି ଛାତ୍ରକୁ ଦେଇ କେଉଁ ଲଫାପା ଭିତରେ କେଉଁ ସଂଖ୍ୟା ରହିଛି ଅନୁମାନ କରିବା ପାଇଁ ନିର୍ଦ୍ଦେଶ ଦେଲେ । କହିବା ଅନାବଶ୍ୟକ ଯେ Chance ବା ଆକସ୍ମିକତାର ନିୟମ ଅନୁଯାୟୀ ଜଣେ ଛାତ୍ର ଦଶଟି ମଧ୍ୟରୁ ଗୋଟିକ ଠିକ୍ କରି କହିପାରେ, ମାତ୍ର ଦେଖାଗଲା ଯେ ଅଛ କେତେଜଣ ଛାତ୍ର ଏହାଠାରୁ ଅଧିକ ସଂଖ୍ୟକ ଲଫାପା ମଧ୍ୟରେ ଥିବା ସଂଖ୍ୟାକୁ ସଠିକ ଭାବେ କହି ପାରିଛନ୍ତି । ବିଶେଷ କରି ଆଡାମ୍ ଲିନ୍‌ମେୟାର ନାମକ ଜଣେ ଛାତ୍ରଙ୍କ ଅତୀନ୍ଦ୍ରିୟ ପ୍ରତ୍ୟକ୍ଷ ଅତି ବିସ୍ମୟକର । ୧୯୩୦ରୁ ୧୯୩୩ ମଧ୍ୟରେ ଲିନ୍‌ମେୟାରଙ୍କୁ ୩୨,୭୮୭ ଥର ଅନୁମାନ କରିବାକୁ କୁହାଯାଇ ଦେଖାଗଲା ଯେ ସେ ଖୁବ୍ ବେଶୀ ଥର ସଠିକ ଭାବରେ ଅନୁମାନ କରି ପାରୁଛନ୍ତି । ପରେ ପରେ ରାଇନ୍ ସଂଖ୍ୟା ବଦଳରେ ବିଭିନ୍ନ ଜ୍ୟାମିତିକ ଚିହ୍ନ ବ୍ୟବହାର କରି E S P କାର୍ଡ ତିଆରି କଲେ । ଯୁକ୍ତ ଚିହ୍ନ, ତାରକା ଚିହ୍ନ, ବୃତ୍ତ, ବର୍ଗକ୍ଷେତ୍ର ଏବଂ ତରଙ୍ଗାୟିତ ରେଖାର ୫ଟି କାର୍ଡ ତିଆରି କରି ପ୍ରତି କାର୍ଡ଼ରୁ ୫ଟି ଲେଖା ନେଇ ୨୫ଟି କାର୍ଡ଼ର ଏକ ଥାକ ତିଆରି କରାଗଲା । ବିଭିନ୍ନ ଛାତ୍ରମାନଙ୍କୁ ପ୍ରତି କାର୍ଡ଼କୁ ନଦେଖି ଏଥିରେ ଥିବା ଛବିକୁ ଅନୁମାନ କରିବାକୁ କୁହାଗଲା । ଏହି E S P କାର୍ଡ଼ କେବଳ ଡିଉକ୍ ବିଶ୍ୱବିଦ୍ୟାଳୟରେ ପୃଥିବୀରେ ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟରେ ବ୍ୟବହାର କରାଗଲା । ଲିନ୍‌ମେୟାରଙ୍କ ବ୍ୟତୀତ ପର୍ସ ଓ ଅନ୍ୟାନ୍ୟ ଛାତ୍ରମାନେ ଅତୀନ୍ଦ୍ରିୟ ଅନୁଭୂତିର ପ୍ରମାଣ ଦର୍ଶାଇଥିଲେ ।

ଅତୀନ୍ଦ୍ରିୟ ଅନୁଭୂତି ପ୍ରତ୍ୟକ୍ଷ ବ୍ୟତୀତ ଅନ୍ୟ ଗୋଟିଏ ଦିଗ ଦୃଷ୍ଟିକୁ ଆସିଲା ତାହା ହେଉଛି ମାନସିକ ଚଳନ ବା P K । ବସ୍ତୁ ଜଗତ ଉପରେ ମନର ଆଧିପତ୍ୟ ଏହା ଦର୍ଶାଇଥାଏ । ଦୃଢ଼ ଭାବରେ କୌଣସି ଘଟଣାକୁ ଭାବି ଘଟଣା ବା ବସ୍ତୁକୁ ପରିବର୍ତ୍ତନ କରିବା ମାନସିକ ଚଳନର ଦୃଷ୍ଟାନ୍ତ । ଏକ ସଂକ୍ଷିପ୍ତ ଉଦାହରଣ ଦିଆଯାଇ ପାରେ । ଜଣେ ବ୍ୟକ୍ତିଙ୍କର ଭାଇ ବହୁ ଦୂରରେ ବିଶ୍ୱଯୁଦ୍ଧରେ ଲିପ୍ତ ଥାଆନ୍ତି । ବ୍ୟକ୍ତି ଜଣଙ୍କ ତାଙ୍କ କ୍ଷେତ ଘରେ ବସି ଆରାମ କରୁଥାଆନ୍ତି । ତାଙ୍କର କ୍ଷେତ ଘରେ ଥିବା କାନ୍ଥ ଘଣ୍ଟାଟି ବର୍ଷ ବର୍ଷ ଧରି ଚାଲୁ ନଥିଲା । ହଠାତ୍ ତାଙ୍କ ଆଖିରେ ପଡ଼ିଲା ଯେ ଘଣ୍ଟାଟି ଚାଲିବାକୁ ଆରମ୍ଭ କରିଛି । ତାଙ୍କୁ ଖୁବ୍ ଆଶ୍ଚର୍ଯ୍ୟ ଲାଗିଲା । ଠିକ୍ ସେହି ସମୟରେ ତାଙ୍କ କୁକୁରଟି ଭୁକିବାକୁ ଲାଗିଲା । ଅଳ୍ପ କିଛି ଦିନ ପରେ ସେ ଟେଲିଗ୍ରାମ୍ ପାଇଲେ ଯେ ତାଙ୍କ ଭାଇ ବିଶ୍ୱଯୁଦ୍ଧରେ ନିହତ ହୋଇଛନ୍ତି । କେବଳ ସେତିକି ନୁହେଁ ମନର ଆଧିପତ୍ୟରେ ଅନ୍ୟାନ୍ୟ ଘଟଣାକୁ ମଧ୍ୟ ନିୟନ୍ତ୍ରିତ କରାଯାଇ ପାରେ । ଜୁଆଡ଼ିମାନେ ଯେପରି ଭଲ ଜୁଆ ଖେଳନ୍ତି କୌଣସି ବ୍ୟକ୍ତି ନିଜର ଅଦୃଶ୍ୟ ଶକ୍ତି ବଳରେ ତାସ୍‌କୁ ନିଜ ଆୟତ୍ତରେ ରଖିପାରନ୍ତି ।


E S P ଓ P K ର ଏହିପରି ବହୁ ମନଛୁଆଁ ବ୍ୟକ୍ତିଗତ ଅନୁଭୂତି ଡିଉକ୍ ବିଶ୍ୱବିଦ୍ୟାଳୟରେ ସଂଗୃହୀତ ହୋଇଛି । କିନ୍ତୁ ଅତୀନ୍ଦ୍ରିୟ ମନସ୍ତତ୍ତ୍ୱ ଗବେଷଣାଗାର ବ୍ୟତୀତ ଅତୀନ୍ଦ୍ରିୟ ମନସ୍ତତ୍ତ୍ୱର ବିଜ୍ଞାନ ପତ୍ରିକା ପ୍ରକାଶିତ ହୋଇଛି । ଇଂଲଣ୍ଡ ଓ ଆମେରିକା ବ୍ୟତୀତ ସୁଇଡେନ୍, ଡେନ୍‌ମାର୍କ, ହଲାଣ୍ଡ, ଫ୍ରାନ୍ସ, ଜର୍ମାନୀ, ଚେକୋସ୍ଲୋଭାକିଆ, ସୋଭିଏତ୍ ରୁଷିଆ, ଦକ୍ଷିଣ ଆଫ୍ରିକା, ଜାପାନ୍, ଆର୍ଜେଣ୍ଟିନା ଓ ଚିଲିରେ ଏ ସମ୍ବନ୍ଧୀୟ ଗବେଷଣା ପ୍ରତିଷ୍ଠାନ ଜନ୍ମ ନେଇଛି । ଭାରତରେ ରାଜସ୍ଥାନସ୍ଥିତ ଜୟପୁର ବିଶ୍ୱବିଦ୍ୟାଳୟରେ ମଧ୍ୟ ଏ ପ୍ରକାର ଗବେଷଣା କରାଯାଉଛି ।

ଏ ସମସ୍ତ ଗବେଷଣା ସତ୍ତ୍ୱେ ଅତୀନ୍ଦ୍ରିୟ ମନସ୍ତତ୍ତ୍ୱର ତଥ୍ୟକୁ ବିଜ୍ଞାନୀ ସମାଜ ପୁରାପୁରି ଭାବରେ ଗ୍ରହଣ କରି ପାରି ନାହାନ୍ତି । ପ୍ରଥମତଃ ଆଧୁନିକ ମନ ବିଜ୍ଞାନ ମୁଖ୍ୟତଃ ଇନ୍ଦ୍ରିୟାନୁଭୂତ ଅଭିଜ୍ଞତା ଉପରେ ପର୍ଯ୍ୟବସିତ । ଅତୀନ୍ଦ୍ରିୟ ମନସ୍ତତ୍ତ୍ୱର ଭାବଧାରା ସାଧାରଣ ବାସ୍ତବମୁଖୀ ଭାବଧାରାର ପ୍ରତିକୂଳ । ପ୍ରଥମତଃ ଅତୀନ୍ଦ୍ରିୟ ମନସ୍ତତ୍ତ୍ୱର ତଥ୍ୟ ପାଇଁ ସ୍ୱପ୍ନ ଓ ଅନ୍ୟାନ୍ୟ ବ୍ୟକ୍ତିଗତ ଘଟଣାଗୁଡ଼ିକ ସାଧାରଣ ଜୀବନରୁ ନିଆଯାଇଛି । ତା'ଛଡ଼ା କେତେକ ତଥ୍ୟ ଗବେଷଣାଗାର ମଧ୍ୟରେ ପରୀକ୍ଷିତ ହୋଇଥିଲେ ହେଁ ଗବେଷଣାଗାରଗୁଡ଼ିକରେ ପୂର୍ଣ୍ଣ ଭାବରେ ନିୟନ୍ତ୍ରଣ ପ୍ରତିଷ୍ଠା କରାଯାଇ ପାରି ନାହିଁ । ଦ୍ୱିତୀୟତଃ ଡିଉକ୍ ବିଶ୍ୱବିଦ୍ୟାଳୟରେ ମିଳିଥିବା ତଥ୍ୟ ଅନ୍ୟାନ୍ୟ ସ୍ଥାନରେ ପୂର୍ଣ୍ଣ ଭାବରେ ମିଳି ନାହିଁ । ପୁନରାବୃତ୍ତି ବୈଜ୍ଞାନିକ ପଦ୍ଧତିର ଏକ ବିଶିଷ୍ଟ ଅଙ୍ଗ । ଏହାର ଅଭାବରେ ମନଛୁଆଁ ତଥ୍ୟକୁ ବିଜ୍ଞାନ ସମ୍ମତି ରୂପରେଖ ଦେବା ସମ୍ଭବ ନୁହେଁ ।

ବିଜ୍ଞାନାଗାରର ବ୍ୟବହାର ସତ୍ତ୍ୱେ ବହୁ ଅସମାହିତ ପ୍ରଶ୍ନ ଏହାର ଗ୍ରହଣୀୟତାକୁ ଜଟିଳ କରିଛି । କେଉଁ ମାଧ୍ୟମ ଦେଇ ଏହି ଅତୀନ୍ଦ୍ରିୟ ଶକ୍ତି ଗତି କରେ ? ସମସ୍ତଙ୍କ ମେ ଜଣେ ବ୍ୟକ୍ତିର ଏହି ଶକ୍ତି କାହିଁକି ? ବ୍ୟକ୍ତିଟି ନିଜେ ଜାଣିପାରୁ ନଥିଲେ ମଧ୍ୟ ତା'ର ମସ୍ତିଷ୍କର କ୍ରିୟାକଳାପ ଏହା ସହିତ ସମ୍ପୃକ୍ତ ଥାଇପାରେ । ଏହାର ସମାଧାନ ପ୍ରଶ୍ନକୁ ଜଟିଳ କରିଛି । ମୋଟ ଉପରେ ଅଧିକ ଶକ୍ତିଶାଳୀ ପରୀକ୍ଷା ନିରୀକ୍ଷା ଏବଂ ଅଧିକ ପରିମାଣରେ ଏ ଦିଗରେ ଗବେଷଣା ନହେବା ପର୍ଯ୍ୟନ୍ତ ଅତୀନ୍ଦ୍ରିୟ ମନସ୍ତତ୍ତ୍ୱର ଫଳାଫଳକୁ ଏକ ସନ୍ଦିଗ୍ଧ ମନରେ ବିଚାର କରିବାକୁ ହେବ ।

ପ୍ରାଧ୍ୟାପକ, ମନସ୍ତତ୍ତ୍ୱ
ଉତ୍କଳ ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର ।






ରାଜ୍ୟପାଳ ଶ୍ରୀ ଶର୍ମା
ରାଉରକେଲାରେ
ଏକ ଶିଶୁ ଚିକିତ୍ସାଳୟ
ଉଦ୍‌ଘାଟନ କରୁଛନ୍ତି



ରାଜ୍ୟପାଳ ଶ୍ରୀ ଶର୍ମା ସୂଚନା
ଭବନରେ କୃତୀ ସାହିତ୍ୟିକମାନଙ୍କୁ
ରାଜ୍ୟ ଏକାଡେମୀ ପୁରସ୍କାର
ପ୍ରଦାନ କରୁଛନ୍ତି ।



ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନ୍‌ର
ଚେୟାରମ୍ୟାନ୍ ଶ୍ରୀ ଲଲାଟେନ୍ଦୁ
ପରିଡା ରାଜ୍ୟପାଳଙ୍କୁ
୧୯୮୭/୮୮ ଏବଂ ୧୯୮୮/୮୯
ମସିହାର ବାର୍ଷିକ ବିବରଣୀ ପୁସ୍ତିକା
ପ୍ରଦାନ କରୁଛନ୍ତି ।
ପାର୍ଶ୍ୱରେ ସଦସ୍ୟ ଶ୍ରୀ ବି. ସି.
କାନୁନଗୋ ଓ ଶ୍ରୀ ଏ. ନନ୍ଦ ।


ଅର୍ଥ ମନ୍ତ୍ରୀ ଶ୍ରୀ ନରସିଂହ ମିଶ୍ର
ବୋଲାଙ୍ଗିର ଜିଲ୍ଲାସ୍ତରୀୟ ପ୍ରଦର୍ଶନୀ
ଉଦ୍ଘାଟନ କରି
ବୁଲି ବୁଲି ଦେଖୁଛନ୍ତି ।









ପ୍ରଦର୍ଶନୀ ଉଦ୍ଘାଟନ ଉତ୍ସବରେ ଏମ୍.ପି





NATIONAL BOARD OF EXAMINATION
SEMINAR ON
HIGHER MEDICAL EDUCATION
28th, 29th April, 1990 AT-Hotel Kalinga Ashok, Bhubaneswar












SENATOR 1090






2ND ANNUAL DAY CEREMONY OF
ORISSA ARCHITECTURAL ASSISTANTS ASSOCIATION
Courtesy SIKARIA CONSTRUCTION (P) LTD CUTTACK





ଲୋକ ସମ୍ପର୍କ ବିଭାଗର ପ୍ରଦର୍ଶନୀ କକ୍ଷରେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ଶ୍ରୀ ଯାଦବ ମାଝୀ

ସଂସ୍କୃତି, ପର୍ଯ୍ୟଟନ ଓ କ୍ରୀଡା ମନ୍ତ୍ରୀ ଶ୍ରୀ ପଦ୍ମନାଭ ବେହେରା 'କ୍ରାନ୍ତିଧାରା' ଦ୍ୱାରା ଆୟୋଜିତ 'ସାହିତ୍ୟ ଓ ସଂସ୍କୃତିକୁ ନୂତନ ଆହ୍ୱାନ'' ଶୀର୍ଷକ ଆଲୋଚନା ଚକ୍ରରେ ସ୍ମରଣିକା ଉଦ୍‌ଘାଟନ କରୁଛନ୍ତି ।
(ଭୁବନେଶ୍ୱର : ଜୁନ୍ ୨୫)



# ଲୁଣି ପାଣିରେ ଚିଙ୍ଗୁଡ଼ି ଚାଷ

ଡାଃ ଶ୍ୟାମାକୁମାରୀ ମିଶ୍ର

ଦେଶର ଜନସଂଖ୍ୟା ବୃଦ୍ଧି ସହ ତାଳ ରଖି ଖାଦ୍ୟ ସାମଗ୍ରୀ ଉତ୍ପାଦନର ଆବଶ୍ୟକତା ସହଜରେ ଅନୁମେୟ । ଅବଶ୍ୟ, କୃଷିଜାତ ଫସଲର ଉତ୍ପାଦନ ହାର ବିଗତ ଦଶନ୍ଧିରେ ଉଲ୍ଲେଖନୀୟଭାବେ ବୃଦ୍ଧି ହୋଇପାରିଛି । କିନ୍ତୁ ପ୍ରୋଟିନ୍ ଜାତୀୟ ଖାଦ୍ୟ, ଯାହାକି ପ୍ରାଣୀଜ ପଦାର୍ଥରୁ ମିଳିଥାଏ, ତାହା ଆବଶ୍ୟକ ମୁତାବକ ଉତ୍ପାଦନ ହୋଇପାରୁ ନାହିଁ । ଶରୀରର ଅଭିବୃଦ୍ଧି ନିମନ୍ତେ ପ୍ରୋଟିନ୍ ଜାତୀୟ ଖାଦ୍ୟ ନିତାନ୍ତ ଆବଶ୍ୟକ । ଏହାକୁ ଦୃଷ୍ଟିରେ ରଖି କୁକୁଡ଼ା ପାଳନ, ଗୋ-ପାଳନ ଓ ଘୁଷୁରିପାଳନ ଉପରେ ଯେପରି ଗୁରୁତ୍ୱ ଦିଆଯାଉଛି, ସେହିପରି ମାଛଚାଷ ଓ ଚିଙ୍ଗୁଡ଼ି ଚାଷ କରିବା ପାଇଁ ଚାଷୀମାନଙ୍କୁ ସବୁ ପ୍ରକାର ଆର୍ଥିକ ସହାୟତା ଓ ଆଧୁନିକ ବୈଷୟିକ ଜ୍ଞାନ କୌଶଳ ଯୋଗାଇ ଦେବାକୁ ପଡ଼ିବ ।

ଚିଙ୍ଗୁଡ଼ି ଚାଷ ଅନ୍ୟ ଯେ କୌଣସି ବ୍ୟବସାୟ ଅପେକ୍ଷା ଅଧିକ ଲାଭଜନକ । ବିଦେଶରେ ଚିଙ୍ଗୁଡ଼ିର ଚାହିଦା ବେଶୀ । ପ୍ରତିବର୍ଷ ଭାରତରୁ ବହୁ ପରିମାଣରେ ଚିଙ୍ଗୁଡ଼ି ବିଦେଶକୁ ରପ୍ତାନୀ ହେଉଛି । ତାଇୱାନ, ଜାପାନ ଓ ଫିଲିପାଇନ୍ସ ଚିଙ୍ଗୁଡ଼ି ଉତ୍ପାଦନରେ ପୃଥିବୀରେ ଅଗ୍ରଣୀ । ଏହି ଦେଶଗୁଡ଼ିକ ଆଧୁନିକ ବୈଜ୍ଞାନିକ ପଦ୍ଧତି ଅନୁସରଣ କରି ଏକର ପିଛା ବର୍ଷକୁ ପ୍ରାୟ ୧୦,୦୦୦ କିଃ ଗ୍ରାଃ ପର୍ଯ୍ୟନ୍ତ ଉତ୍ପାଦନ କରି ପାରୁଛନ୍ତି ।

## କେଉଁ ଜାତୀୟ ଚିଙ୍ଗୁଡ଼ି ଚାଷ କରିବ :

ସାଧାରଣତଃ ଓଡ଼ିଶାରେ ଦୁଇ ପ୍ରକାରର ଚିଙ୍ଗୁଡ଼ି ଚାଷ କରାଯାଏ । ଭାରତୀୟ ଧଳା ଚିଙ୍ଗୁଡ଼ି ବା ଚାପଡ଼ା (Pineus indicus) ଓ ବାଘୁଆ ଚିଙ୍ଗୁଡ଼ି ବା ବାଗଦା (Pineus monodon) । ଏହି ଦୁଇ ଜାତୀୟ ଚିଙ୍ଗୁଡ଼ି ଅଳ୍ପ ସମୟରେ ବଡ଼ ବଡ଼ ଆକାରର ହୁଅନ୍ତି । ବାଗଦା ଚିଙ୍ଗୁଡ଼ି ତିନିମାସ ମଧ୍ୟରେ ପ୍ରାୟ ୩୦ ଗ୍ରାମ୍ ଓଜନ ହୁଅନ୍ତି । ପ୍ରାୟ ୧୦୦ ଦିନ ଭିତରେ ବାଗଦା ଚାଷୀଙ୍କ ବିକ୍ରି କରିବା ଉପଯୋଗୀ ହୋଇଯାଏ । ଏହା ବର୍ଷକୁ ଦୁଇଥର ଉତ୍ପାଦନ କରାଯାଇ ପାରେ । ତେଣୁ ବାଗଦା ଚିଙ୍ଗୁଡ଼ି ଚାଷ ଲାଭଜନକ ।

## ସ୍ଥାନ ନିରୂପଣ ଓ ପୋଖରୀ ତିଆରି :

ଓଡ଼ିଶାରେ ପ୍ରାୟ ୨୪,୦୦୦ ହେକ୍ଟର୍ ସମୁଦ୍ର ଉପକୂଳବର୍ତ୍ତୀ ଉପଯୁକ୍ତ ଲୁଣା ଅଞ୍ଚଳ ଲୁଣି ଚିଙ୍ଗୁଡ଼ି ଚାଷ କରିବା ପାଇଁ ଚିହ୍ନଟ କରାଯାଇଛି । ଏହି ଅଞ୍ଚଳ କୃଷି ପାଇଁ ଅନୁପଯୁକ୍ତ । କିନ୍ତୁ ଏହି ଅଞ୍ଚଳ ଲୁଣି ଚିଙ୍ଗୁଡ଼ି ଚାଷ ପାଇଁ ପ୍ରକୃଷ୍ଟ । ନିମ୍ନଲିଖିତ ବିଷୟ ପ୍ରତି ଦୃଷ୍ଟି ରଖି ପୋଖରୀ ତିଆରି କରାଯିବା ଉଚିତ ।

(୧) ସମୁଦ୍ର ଉପକୂଳବର୍ତ୍ତୀ ସମତଳ ଅଞ୍ଚଳ ଓ ପ୍ରଦୂଷଣମୁକ୍ତ ନଦୀ ମୁହାଣ ନିକଟବର୍ତ୍ତୀ ଅଗଭୀର ଅଞ୍ଚଳ ପୋଖରୀ ପୋଖରୀ ନିର୍ମାଣ ପାଇଁ ବାଛିବା ଉଚିତ ।

(୨) ଏହି ଅଞ୍ଚଳ ପ୍ରାକୃତିକ ବିପର୍ଯ୍ୟୟ, ଯଥା : ବନ୍ୟା, ମରୁଡ଼ି ଓ ମୃତ୍ତିକା କ୍ଷୟରୁ ମୁକ୍ତ ଥିବ ।

(୩) ଚିଙ୍ଗୁଡ଼ି ଚାଷ ପାଇଁ କ୍ଷାର ଜଳର ଆବଶ୍ୟକତା ଦୃଷ୍ଟିରୁ ନଦୀ ମୁହାଣ ଅଞ୍ଚଳରେ ଥିବା ଜମି ଏଥିପାଇଁ ଉତ୍କୃଷ୍ଟତମ ।

ଆବଦ୍ଧ ଜଳରେ ଚିଙ୍ଗୁଡ଼ି ଚାଷ ପାଇଁ ଏକ ଏକର ବିଶିଷ୍ଟ ପୋଖରୀ କିପରି ତିଆରି କରିବ ନିମ୍ନରେ ପ୍ରଦତ୍ତ କରାଗଲା :

(୧) ଚିଙ୍ଗୁଡ଼ି ଚାଷ କରିବା ପୂର୍ବରୁ ପୋଖରୀରେ ଥିବା ଅନ୍ୟାନ୍ୟ ଶିକାରୀ ମାଛ ଓ ଜୀବମାନଙ୍କୁ ମାରିଦେବା ଉଚିତ । ପ୍ରତି ଘନ ମିଟର ଜଳ ପାଇଁ ୧ କିଃ ଗ୍ରାଃ ମହୁଆ ପିଡ଼ିଆ ଚିଙ୍ଗୁଡ଼ି ଛାଡ଼ିବାର ପ୍ରାୟ ୩ ସପ୍ତାହ ପୂର୍ବରୁ ପୋଖରୀରେ ପକାଇବ । ତା'ପରେ ପାଣି ପୁରାପୁରି ନିଷ୍କାସନ କରିଦେବ ।

(୨) ପୋଖରୀ ତଳ ମାଟିକୁ ହାଣି କିମ୍ବା ହଳ କରି ହାଲୁକା କରିବ । କାଦୁଆ ମାଟି ସହ ଅଳ୍ପ ବାଲି ମିଶିଥିବା ଉଚିତ ।

(୩) ଚିଙ୍ଗୁଡ଼ି ଚାଷ ପାଇଁ ୧ରୁ ଦେଢ଼ ମିଟର ଗଭୀର ଜଳ ରହିବା ଦରକାର ।

(ଗ) ପ୍ରଥମ ଦଫାରେ ୨୦୦ କି: ଗ୍ରା: ସିପଚୁନ/ପଥର ଚୁନ ପାଣିରେ ଗୋଳାଇ ପକାଇବ ।

(ଘ) ୩/୪ ଦିନ ପରେ କଞ୍ଚା ଗୋବର ପ୍ରାୟ ୧,୩୦୦ କି: ଗ୍ରା: ପାଣିରେ ଭଲ ଭାବରେ ମିଶାଇ ପୋଖରୀରେ ପକାଇବ ।

(ଙ) ଗୋବର ପକାଇବାର ୩/୪ ଦିନ ପରେ ସୁପର ଫସ୍‌ଫେଟ ୨୦ କି: ଗ୍ରା: ଓ ୟୁରିଆ ୨୦ କି: ଗ୍ରା: ପକାଇବ ।

## ଜାଆଁଳ ସଂଗ୍ରହ :

ସାଧାରଣତଃ ଦୁଇଟି ଉପାୟରେ ଜାଆଁଳ ସଂଗ୍ରହ କରାଯାଏ । ପ୍ରଥମତଃ ଜାଆଁଳ ନଦୀ ମୁହାଣରୁ ଧରାଯାଏ । ଦ୍ୱିତୀୟତଃ ମଣିଷକୃତ ଆବଦ୍ଧ ଜଳାଶୟରେ ମାଈ ଓ ଅଣ୍ଡିରା ଚିଙ୍ଗୁଡ଼ି ରଖାଯାଇ କୃତ୍ରିମ ଉପାୟରେ ପ୍ରଜନନ କରାଯାଇ ଉତ୍କୃଷ୍ଟ ଜାଆଁଳ ଉତ୍ପାଦନ କରାଯାଏ । ସମ୍ପ୍ରତି ଓଡ଼ିଶାର ବିଭିନ୍ନ ସ୍ଥାନରେ ହେଚେରୀ ପ୍ରତିଷ୍ଠା କରାଯାଇ କୃତ୍ରିମ ଉପାୟରେ ଜାଆଁଳ ସଂଗ୍ରହ କରାଯାଉଛି । ସମୁଦ୍ରଜାତ ସାମଗ୍ରୀ ରପ୍ତାନୀ ଉନ୍ନୟନ ପ୍ରାଧିକରଣର (M. P. E. D. A.) ଆନୁକୂଲ୍ୟରେ ଗୋପାଳପୁରଠାରେ ଏକ ଉନ୍ନତ ଧରଣର ହେଚେରୀ ପ୍ରତିଷ୍ଠା କରାଯାଇଛି ।

ପ୍ରାୟ ବର୍ଷସାରା ବାଗଦା ଓ ସ୍ୱପଡ଼ା ଜାଆଁଳ ନଦୀ ମୁହାଣରେ ମିଳିଥାଏ । ବାଗ୍‌ଦା ଜାଆଁଳ ବହୁ ପରିମାଣରେ ଏପ୍ରିଲ୍‌ଠାରୁ ଜୁନ୍ ଓ ନଭେମ୍ବରରୁ ଫେବୃଆରୀ ମାସ ମଧ୍ୟରେ ମିଳିଥାଏ; ସ୍ୱପଡ଼ା ଜାଆଁଳ ମାର୍ଚ୍ଚରୁ ଜୁଲାଇ ଓ ନଭେମ୍ବରରୁ ଜାନୁଆରୀ ମାସଯାଏ ମିଳିଥାଏ ।

## ଜାଆଁଳ କେବେ ଛାଡ଼ିବ ଓ କେତେ ପରିମାଣରେ :

ସାର ପ୍ରୟୋଗର ୨୦ ଦିନ ପରେ ଜାଆଁଳ ଛାଡ଼ିବା ପାଇଁ ପୋଖରୀ ଉପଯୁକ୍ତ । ଜାଆଁଳଗୁଡ଼ିକ ସମାନ ଆକାରର (୨୫ ମି: ମି:ରୁ ୪୦ ମି: ମି:) ହେବା ଉଚିତ । ପାଣିରେ ଛାଡ଼ିବା ପୂର୍ବରୁ ଜାଆଁଳଗୁଡ଼ିକୁ କନାର ଡାପା ଭିତରେ ୩/୪ ଘଣ୍ଟା ପର୍ଯ୍ୟନ୍ତ ବୁଡ଼ାଇ ରଖିବ । ସୁସ୍ଥ ସବଳ ଜାଆଁଳ ପାଣିରେ ଛାଡ଼ିବ । ସକାଳ ୭ଟାରୁ ୮ଟା ଭିତରେ ଜାଆଁଳ ଛାଡ଼ିବା ଉଚିତ । ପାଣି ଗରମ ଥିଲେ ଜାଆଁଳ ଛାଡ଼ିବା ଅନୁଚିତ ।

କେତେ ପରିମାଣରେ ଜାଆଁଳ ଛଡ଼ାଯିବ । ତାହା ପୋଖରୀର ଉର୍ବରତା ଓ ଆୟତନ ଉପରେ ନିର୍ଭର କରେ । କେରଳରେ ଏକର ପିଛା ୨୦,୦୦୦ ଜାଆଁଳ ଛଡ଼ାଯାଏ । କିନ୍ତୁ ଓଡ଼ିଶାରେ ୮,୦୦୦ ଜାଆଁଳ ଏକର ପିଛା ଛଡ଼ାଯାଏ । ଏହାଠାରୁ ଅଧିକ ପରିମାଣର ଜାଆଁଳ ଛାଡ଼ିବା ଉଚିତ ନୁହେଁ ।

## ଖାଦ୍ୟ :

ପ୍ରାକୃତିକ ଖାଦ୍ୟ ପ୍ରଚୁର ପରିମାଣରେ ଜାଆଁଳମାନଙ୍କୁ ମିଳି ନଥାଏ । ତେଣୁ କୃତ୍ରିମ ଖାଦ୍ୟର ଆବଶ୍ୟକତା ରହିଛି । ପୁଷ୍ଟିକର ଖାଦ୍ୟ ଦେଲେ ଜାଆଁଳଗୁଡ଼ିକ ଶୀଘ୍ର ବଢ଼ନ୍ତି ଓ ବଡ଼ ବଡ଼ ଆକାରର ହୁଅନ୍ତି । ଆବଶ୍ୟକ ମୁତାବକ ଖାଦ୍ୟ ଦେବା ଉଚିତ । ବଳକା ଖାଦ୍ୟ ପାଣିରେ ରହିଲେ ପାଣି ଦୂଷିତ ହୁଏ । ବାଦାମ ପିଡ଼ିଆ ଏକ ଭାଗ ଓ ମାଛ ଗୁଣ୍ଡ (Trash fish powder) ଏକ ଭାଗ ପାଣିରେ ବତୁରାଇ ମିଶ୍ରଣ (dough) ତିଆରି କରି ଖାଇବାକୁ ଦେବ । ଏହି ମିଶ୍ରଣକୁ ୮/୯ଟି ମାଟି ପଲମରେ ରଖି ପାଣିରେ ବୁଡ଼ାଇ ରଖିବ । ପ୍ରଥମ ୩୦ ଦିନ ଏହିପରି ଖାଦ୍ୟ ଦୈନିକ ୫୦୦ ଗ୍ରାମ ଲେଖାଏଁ ଦେବ । ଦ୍ୱିତୀୟ ୩୦ ଦିନ ଦୈନିକ ୧.୫ରୁ ୨ କି: ଗ୍ରା ହିସାବରେ ଓ ତୃତୀୟ ୩୦ ଦିନ ଦୈନିକ ୩ରୁ ୪ କି: ଗ୍ରା: ହିସାବରେ ଖାଦ୍ୟ ଦେବ । ପ୍ରଥମ ମାସ ପରେ ଗେଣ୍ଡା ଓ ଶାମୁକା ମାଂସକୁ ସରୁ କାଟି ଦୈନିକ ୫୦୦ରୁ ୮୦୦ ଗ୍ରାମ୍ ପର୍ଯ୍ୟନ୍ତ ଦେବ ।

## ସାର ପ୍ରୟୋଗ :

ପ୍ରତି ମାସରେ ପୋଖରୀରେ କଞ୍ଚା ଗୋବର, ସୁପର ଫସ୍‌ଫେଟ୍ ଓ ୟୁରିଆ ନିର୍ଦ୍ଦିଷ୍ଟ ପରିମାଣରେ ପ୍ରୟୋଗ କରିବା ଆବଶ୍ୟକ ।

(୧) ପ୍ରଥମ ଦଫା ଗୋବର ପଡ଼ିବାର ୩୦, ୬୦ ଓ ୯୦ ଦିନ ପରେ କଞ୍ଚା ଗୋବର ପ୍ରତିଥର ୪୦୦ କି: ଗ୍ରା: ଲେଖାଏଁ ପୋଖରୀରେ ପକାଇବ ।

(୨) ପ୍ରଥମ ଦଫା ସୁପର ଫସ୍‌ଫେଟ୍ ଓ ୟୁରିଆ ପକାଇବାର ଠିକ୍ ୩୦, ୬୦, ଓ ୯୦ ଦିନ ପରେ ସୁପର ଫସ୍‌ଫେଟ୍ ୧୦ କି: ଗ୍ରା: ଓ ୟୁରିଆ ୧୦ କି: ଗ୍ରା: ହିସାବରେ ପ୍ରତିଥର ପକାଇବ । ପୋଖରୀ ପାଣି ସବୁଜ ରଙ୍ଗ ଦେଖାଗଲେ କଞ୍ଚା ଗୋବର ଓ ସାର ପ୍ରୟୋଗ ବନ୍ଦ କରିବା ଉଚିତ ।

ଜାଆଁଳ ଛାଡ଼ିବାର ୧୦୦ ଦିନ ପରେ ଚିଙ୍ଗୁଡ଼ି ବିକିବା ଯୋଗ୍ୟ ହୋଇଥାନ୍ତି । ୯୦ରୁ ୧୨୦ ଦିନ ଭିତରେ ଚିଙ୍ଗୁଡ଼ିର ଲମ୍ବ ପ୍ରାୟ ସାଢ଼େ ୬ ଇଞ୍ଚରୁ ଅଧିକ ହୋଇଥାଏ ।

## ପୋଖରୀର ଯତ୍ନ କିପରି ନେବ :

ଚିଙ୍ଗୁଡ଼ି ଚାଷ ସମୟରେ ପୋଖରୀର ଯତ୍ନ ନେବା ନିତାନ୍ତ ଆବଶ୍ୟକ । ସାମାନ୍ୟ ଅବହେଳା କଲେ ଚାଷୀକୁ କ୍ଷତିର ସମ୍ମୁଖୀନ ହେବାକୁ ପଡ଼େ ।

(୧) ପୋଖରୀରେ ଅନ୍ତତଃ ୧ରୁ ଦେଢ଼ ମିଟର ଗଭୀର ପାଣି ରହିବା ଆବଶ୍ୟକ ।

(୨) ବର୍ଷାଋତୁ ପୂର୍ବରୁ ପୋଖରୀ ଚାରିପଟ ହୁଡ଼ାକୁ ଭଲଭାବେ ମରାମତି କରିବ । ନଚେତ୍, ବର୍ଷାଦ୍ୱାରା ହୁଡ଼ାରୁ ମାଟି ଧୋଇ ହୋଇ ପୋଖରୀ ଭିତରକୁ ଯିବ ଓ ଗଭୀରତା କମାଇ ଦେବ ।

(୩) ପୋଖରୀ ଜଳରେ ଅମ୍ଳଜାନ, ଅମ୍ଳତ୍ୱ ଓ ଜଳରେ ଲବଣାକ୍ତ ଉପଯୁକ୍ତ ପରିମାଣରେ ଅଛି କି ନାହିଁ ଥରକୁ ଥର ପରୀକ୍ଷା କରି ଦେଖିବା ଉଚିତ ।

(୪) ପ୍ରତିମାସ ସାର ପ୍ରୟୋଗ ଦ୍ୱାରା ପାଣି ସବୁଜ ରଙ୍ଗ ହେଲେ ପାଣିରେ ସିପଚୁନ/ପଥର ଚୁନ ଏକର ପିଛା ୨୦ କି: ଗ୍ରା: ପକାଇବ । ଯଦି ଏଥିରେ ପାଣିର ରଙ୍ଗ ବଦଳିବ ନାହିଁ ତା'ହେଲେ ପାଣି ନିଷ୍କାସନ କରି ପୁନର୍ବାର ବିଶୁଦ୍ଧ ଜଳ ପୋଖରୀରେ ପକାଇବ ।

(୫) ପାଣି ଉପରେ ନଡ଼ିଆ ବାହୁଙ୍ଗା ପକାଇବ । ଖରାରୁ ରକ୍ଷା ପାଇବା ପାଇଁ ଚିଙ୍ଗୁଡ଼ିମାନେ ବାହୁଙ୍ଗା ତଳେ ଆଶ୍ରୟ ନେବେ କିମ୍ବା ପୋଖରୀର ଚତୁଃପାର୍ଶ୍ୱରେ ଗାତ ଖୋଳିଲେ ତା'ଭିତରେ ଆଶ୍ରୟ ନେବେ ।

ଏହିପରି କେତୋଟି ବିଷୟ ପ୍ରତି ଧ୍ୟାନ ଦେଇ ଚିଙ୍ଗୁଡ଼ି ଚାଷ କଲେ ...ଧିକ ଉତ୍ପାଦନ ହୋଇଥାଏ । ଚିଙ୍ଗୁଡ଼ି ଚାଷ ବର୍ଷକୁ ଦୁଇଥର କରାଯାଇ ପାରିବ । ଚିଙ୍ଗୁଡ଼ି ଚାଷ ଦ୍ୱାରା ଦେଶର ଅର୍ଥନୈତିକ ଅବସ୍ଥା ସ୍ୱଚ୍ଛଳ ହେବା ସଙ୍ଗେ ସଙ୍ଗେ ବୈଦେଶିକ ମୁଦ୍ରା ଅର୍ଜନ କରାଯାଇ ପାରିବ । ଦେଶରୁ ବେକାରୀ ସମସ୍ୟା ଦୂର କରାଯାଇ ପାରିବ । ଆତ୍ମନିର୍ଭରଶୀଳ ହେବା ପାଇଁ ବାସ୍ତବରେ ଏକ ଉତ୍କୃଷ୍ଟ ପନ୍ଥା ।

ଅଧ୍ୟାପିକା,
ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟ, ରଙ୍ଗାଇଲୁଣ୍ଡା, ବ୍ରହ୍ମପୁର–୭୬୦ ୦୦୭ ।

ଉଦ୍ବେଳିତ ନହୋଇ ମୁଁ ବିବେକାନନ୍ଦଙ୍କ ବିଷୟରେ ଲେଖିପାରୁନାହିଁ । ମାତ୍ର ଅଳ୍ପ କେତେକ ବ୍ୟକ୍ତି ତାଙ୍କୁ ବୁଝି ପାରିଥିଲେ କିମ୍ବା ତାଙ୍କର ଗଭୀରତା ମାପି ପାରିଥିଲେ । ଏପରି କି ଯେଉଁମାନେ ତାଙ୍କ ସହିତ ଘନିଷ୍ଠଭାବେ ସଂପୃକ୍ତ ଥିବାର ସୁଯୋଗ ଲାଭ କରିଥିଲେ, ସେମାନଙ୍କ ମଧ୍ୟରୁ ମାତ୍ର ଅଳ୍ପ କେତେକ ଏହା କରିପାରିଥିଲେ । ତାଙ୍କର ବ୍ୟକ୍ତିତ୍ୱ ଖୁବ୍ ଉଚ୍ଚକୋଟୀର, ଅଗାଧ ଓ ବହୁମୁଖୀ ଏବଂ ତାଙ୍କର ଶିକ୍ଷା ଓ ଦେଖାଠାରୁ ସ୍ୱତନ୍ତ୍ର ଏହି ବ୍ୟକ୍ତିତ୍ୱ ହିଁ ଦେଶବାସୀଙ୍କ ଉପରେ ଅପୂର୍ବ ପ୍ରଭାବ ବିସ୍ତାର କରିବାର ମୂଳ କାରଣ । ସ୍ୱାମୀ ବିବେକାନନ୍ଦ ତାଙ୍କ ଧ୍ୟାନରେ ଦ୍ୱିଧାହୀନ, କର୍ମରେ ଅବିଶ୍ରାନ୍ତ, ପ୍ରେମରେ ଉଦାର, ଜ୍ଞାନରେ ଅଗାଧ ଓ ବହୁମୁଖୀ, ଭାବୋଚ୍ଛ୍ୱାସମୟ ଆଘାତ ଦେବାରେ ନିର୍ମମ, ତଥାପି ଶିଶୁଭଳି ସରଳ । ଆମମାନଙ୍କର ଦୁନିଆରେ ଏକ ଦୁର୍ଲଭ ପୁରୁଷ ।

ସ୍ୱାମୀଜୀ ଜଣେ ପୂର୍ଣ୍ଣ ବୀର୍ଯ୍ୟବାନ ପୁରୁଷଥିଲେ ଏବଂ ତାଙ୍କର ସମଗ୍ର ସତ୍ତାରେ ସେ ଜଣେ ଯୋଦ୍ଧାଥିଲେ, ଜନ୍ମତଃ ସେ ଶକ୍ତି ଉପାସକ ଥିଲେ ଏବଂ ତାଙ୍କର ଦେଶବାସୀଙ୍କର ଉନ୍ନୟନ ପାଇଁ ବେଦାନ୍ତର ଏକ ବ୍ୟବହାରିକ ବ୍ୟାଖ୍ୟା ପ୍ରଦାନ କରିଥିଲେ 'ଶକ୍ତି' ଶକ୍ତି ହେଉ ଉପନିଷଦର କଥା–ଏହାହିଁ ଥିଲା ତାଙ୍କର ନିରବଚ୍ଛିନ୍ନ ଘୋଷଣା । ସେ ଚରିତ୍ର ଗଠନ ଉପରେ ସର୍ବାଧିକ ଗୁରୁତ୍ୱ ଅର୍ପଣ କରୁଥିଲେ ।

ମୁଁ ଘଣ୍ଟା ଘଣ୍ଟା ଧରି କହିପାରେ ମାତ୍ର ଏହି ମହାତ୍ମାଙ୍କ ପ୍ରତି ସାମାନ୍ୟ ଶ୍ରଦ୍ଧା ଜ୍ଞାପନ କରିବା ନିମିତ୍ତ ଅସମର୍ଥ ହେବି । ସେ ଏତେ ବିରାଟ, ଅସୀମ ଏତେ ବହୁମୁଖୀ, ସତ୍ୟ ସହିତ ପ୍ରତ୍ୟକ୍ଷ ଉପଲବ୍ଧି ସମନ୍ୱିତ ଉଚ୍ଚତମ ଆଧ୍ୟାତ୍ମିକ ସ୍ତରର ସେ ଏକ ଯୋଗୀ ଥିଲେ । ସେହି ସମୟରେ ତାଙ୍କର ସ୍ୱଦେଶ ଏବଂ ମାନବଜାତିର ନୈତିକ ଓ ଆଧ୍ୟାତ୍ମିକ ଉନ୍ନୟନ ପାଇଁ ସମଗ୍ର ଜୀବନ ଉତ୍ସର୍ଗ କରିଥିଲେ–ଏହିପରି ଭାବରେ ମୁଁ ତାଙ୍କର ବର୍ଣ୍ଣନା କରିପାରେ । ସେ ଜୀବିତ ଥିଲେ ମୁଁ ତାଙ୍କର ପଦଦର୍ଶନ କରିଥାଆନ୍ତି । ଯଦି ମୋର ଭୁଲ ନହୁଏ, ଆଧୁନିକ ଭାରତ ତାଙ୍କର ସୃଷ୍ଟି ।

—ସୁଭାଷଚନ୍ଦ୍ର ବୋଷ

# ଓଡ଼ିଶାର ଦେବଦାସୀ ପରମ୍ପରା

ବିଜୟିନୀ ଦାସ

ନାମରୁ ଅନୁମିତ ହୁଏ ଯେ ଦେବଦାସୀ ହିଁ ଦେବତାର ଦାସୀ । ଦେବତାଙ୍କ ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ ଅଥବା ସେବା, ପୂଜା, ଦେବାର୍ଚ୍ଚନାରେ ନିଯୁକ୍ତା କେବଳ କୁମାରୀ କନ୍ୟାମାନେ ହିଁ ଦେବଦାସୀ ନାମରେ ନାମିତା । ଏମାନେ ନିଜକୁ ଇଶ୍ୱରଙ୍କ ନିକଟରେ ସମର୍ପଣ କରି ସାରା ଜୀବନ କୁମାରୀ ରହନ୍ତି ।

ଦେବଦାସୀ ପ୍ରଥା ପୃଥିବୀର ଅଧିକାଂଶ ପ୍ରାନ୍ତରେ ଥିବା ଇତିହାସ କହେ । ବେବିଲୋନ୍, ସାଇପ୍ରସ୍ ଓ ସିରିଆରେ କୁମାରୀ କନ୍ୟାମାନେ ଦେବ ମନ୍ଦିରରେ ନିଜର କୁମାରୀତ୍ୱକୁ ଅର୍ଘ୍ୟ ଦେବାକୁ ପୁଣ୍ୟ କର୍ମ ବୋଲି ମନେ କରୁଥିଲେ ।

କିନ୍ତୁ ଭାରତରେ ଥିବା ଦେବଦାସୀ ପ୍ରଥା ଏକ ପବିତ୍ର ଓ ସାତ୍ତ୍ୱିକ ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ । ଦେବଦାସୀମାନେ ଆଜୀବନ କଠୋର ବ୍ରହ୍ମଚର୍ଯ୍ୟ ପାଳନ କରି ନୃତ୍ୟ ସଙ୍ଗୀତ ଦ୍ୱାରା ମନ୍ଦିରରେ ଦେବତାଙ୍କ ମନୋରଞ୍ଜନ କରନ୍ତି । ପ୍ରାଚୀନ ଭାରତରେ ମାତୃତନ୍ତ୍ରର ପ୍ରାଧାନ୍ୟ ଅଧିକ ଥିଲା । ତେଣୁ ନାରୀମାନେ ସମାଜରେ ପ୍ରାଧାନ୍ୟଲାଭ କରିଥିଲେ । ଦେବ ମନ୍ଦିରରେ ନାରୀମାନଙ୍କୁ ପୂଜା ଆରାଧନା ତଥା ପୁରୋହିତର ସ୍ଥାନ ଦିଆଯାଉଥିଲା । ସେମାନେ ଦେବାରାଧନା ନୃତ୍ୟ ସଙ୍ଗୀତ ମାଧ୍ୟମରେ କରୁଥିଲେ । କାଳକ୍ରମେ ପୁରୋହିତ ଦେବ ପୂଜାର ଦାୟିତ୍ୱ ଗ୍ରହଣ କଲେ ଓ ନାରୀମାନେ ମନ୍ଦିରରେ ନୃତ୍ୟ ଗୀତ କରି ଦେବଦାସୀଭାବେ ରହିଲେ ।

ଭାରତରେ ଯେଉଁ ଯେଉଁ ସ୍ଥାନରେ ଦେବଦାସୀ ପ୍ରଥା ପ୍ରଚଳିତ ଥିଲା ସେଗୁଡ଼ିକ ମଧ୍ୟରେ ଓଡ଼ିଶା, କାଶ୍ମୀର, ବଙ୍ଗଳା, ଗୁଜୁରାଟ, ରାଜସ୍ଥାନ, ମହାରାଷ୍ଟ୍ର, ଆନ୍ଧ୍ର, କର୍ଣ୍ଣାଟକ, ତାମିଲନାଡୁ ଓ କେରଳ ଇତ୍ୟାଦିର ନାମ ଉଲ୍ଲେଖଯୋଗ୍ୟ । ମହେଞ୍ଜୋଦାରୋରୁ ଖ୍ରୀ: ପୂ: ତୃତୀୟ ଶତାବ୍ଦୀର ନୃତ୍ୟରତା ବାଳିକାର ମୂର୍ତ୍ତି, ସପ୍ତମ ଶତାବ୍ଦୀର ଭାରତୀୟ ମନ୍ଦିର ଗାତ୍ରରେ ଖୋଦିତ ନର୍ତ୍ତକୀମାନଙ୍କ ମୂର୍ତ୍ତି ପ୍ରମାଣ ଦିଏ ଯେ ସେହି ସମୟରୁ ଦେବଦାସୀ ପ୍ରଥା ଭାରତରେ ପ୍ରଚଳିତ ।

## ଦକ୍ଷିଣ ଭାରତରେ ଦେବଦାସୀ ପରମ୍ପରା :

ଅନନ୍ତ ବର୍ମନ — ଚୋଳଗଙ୍ଗ ଦେବ ଓଡ଼ିଶାକୁ ଯେଉଁ ନୃତ୍ୟ ବିଶାରଦା କନ୍ୟାମାନଙ୍କୁ ଆଣି ମନ୍ଦିରରେ ଉତ୍ସର୍ଗ କରିଥିଲେ, ସେମାନେ ସମସ୍ତେ ତେଲଙ୍ଗୀ କନ୍ୟା, ଦକ୍ଷିଣ ଭାରତରେ ଦେବ ନର୍ତ୍ତକୀଭାବରେ ସେମାନେ ଗଣ୍ୟ ହୁଅନ୍ତି ।

ଏଥିରୁ ଅନୁମିତ ହୁଏ ଯେ, ଦକ୍ଷିଣ ଭାରତରେ ଦେବଦାସୀ ପ୍ରଥା ବହୁ ପ୍ରାଚୀନ କାଳରୁ ପ୍ରଚଳିତ । ଦକ୍ଷିଣ ଭାରତରେ ଦେବଦାସୀ ସଂଖ୍ୟା ଅନେକ ବେଶୀ । ୧୯୨୮ ଖ୍ରୀଷ୍ଟାବ୍ଦରେ ସମଗ୍ର ଦାକ୍ଷିଣାତ୍ୟର ବିଭିନ୍ନ ମନ୍ଦିରରେ ଏମାନଙ୍କ ସଂଖ୍ୟା ଦୁଇ ଲକ୍ଷରୁ କମ୍ ନଥିଲା । ଏପରିକି ୧୯୫୦ରେ ବିଶିଷ୍ଟ ଐତିହାସିକ ସାର୍ ମନିୟର୍ ଉଇଲିୟମ୍ସ୍ ତାଞ୍ଜୋର ମନ୍ଦିରରେ ଦଶଜଣ ଦେବଦାସୀ ନୃତ୍ୟ କରିବା ଦେଖିଛନ୍ତି ବୋଲି ଉଲ୍ଲେଖ କରି ଯାଇଛନ୍ତି । ଦକ୍ଷିଣ ଭାରତର ପ୍ରସିଦ୍ଧ ମନ୍ଦିର, ତିରୁପତି ମନ୍ଦିର, ମୀନାକ୍ଷି ମନ୍ଦିର ଓ ସୀମାଞ୍ଚଳମ୍‌ରେ ଏକଦା ଦେବଦାସୀ ସେବାସ କରୁଥିଲେ ବୋଲି ଐତିହାସିକ ପ୍ରମାଣ ଅଛି ।

ତାମିଲନାଡୁ ରାଜ୍ୟର ତିରଲପଟ ଜିଲ୍ଲାର ତନ୍ତୀ ସମ୍ପ୍ରଦାୟର ଲୋକମାନେ ନିଜର ଜ୍ୟେଷ୍ଠାମାନଙ୍କୁ ଦେବ ଦେବୀ ମନ୍ଦିରରେ ସମର୍ପଣ କରି ଦେଉଥିଲେ । କୋଏମ୍ବାଟୁର ଜିଲ୍ଲାର ପ୍ରତ୍ୟେକ ସଙ୍ଗୀତଜ୍ଞ ପରିବାରରେ ନିଶ୍ଚିତଭାବେ ଗୋଟିଏ କନ୍ୟାକୁ ମନ୍ଦିରକୁ ଦାନ କରିବା ପ୍ରଥା ପ୍ରଚଳିତ ଥିଲା । ଏହିପରିଭାବରେ ଦକ୍ଷିଣ ଭାରତରୁ ସମସ୍ତ ଛୋଟ ବଡ଼ ମନ୍ଦିରମାନଙ୍କରେ 'ଦେବଦାସୀ' ବା 'ଦେବରଟିସ୍ୱାଲ'ମାନଙ୍କ ସ୍ଥାନ ପୂଜକମାନଙ୍କଭଳି ଅପରିହାର୍ଯ୍ୟ ଥିଲା । ସେମାନେ ଦେବାରାଧନା ସମୟରେ ବିଭିନ୍ନ ଅଳଙ୍କାରରେ ମଣ୍ଡିତ ହୋଇ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରୁଥିଲେ । ସେମାନଙ୍କୁ ମର୍ତ୍ତ୍ୟରେ ଅପ୍ସରା ବୋଲି କୁହାଯାଉଥିଲା ।

ଓଡ଼ିଶାର ଖଣ୍ଡଗିରି ଗୁମ୍ଫାରେ ଖୋଦିତ ନର୍ତ୍ତକୀମାନଙ୍କ ମୂର୍ତ୍ତିରୁ ଜଣାଯାଏ ଯେ ଓଡ଼ିଶାର ଦେବଦାସୀ ପ୍ରଥା ଖ୍ରୀ: ପୂ: ପ୍ରଥମ ଶତାବ୍ଦୀରୁ ପ୍ରଚଳିତ ଥିଲା। କୋଣାର୍କର ମୃଦଙ୍ଗବାଦିନୀ, ନୃତ୍ୟରତା ନର୍ତ୍ତକୀମାନଙ୍କୁ ଦେଖିଲେ କିଏ ବା ଅବିଶ୍ୱାସ କରିବ ଯେ ଦେବ ମନ୍ଦିରରେ ପ୍ରତୀତ ହୋଇଛନ୍ତି ଏମାନେ ବି ଥିଲେ ରକ୍ତମାଂସର ମଣିଷ, ଦେବାଧୀନା !

## ଜଗନ୍ନାଥ ମନ୍ଦିର ଓ ଦେବଦାସୀ :

ଏହି ଦେବଦାସୀମାନେ ପ୍ରୟୋଜନ, ସମ୍ମାନ ଓ ସଂଖ୍ୟା ଦୃଷ୍ଟିରୁ ଅଧିକ ଥିଲେ ପୁରୀର ଶ୍ରୀଜଗନ୍ନାଥ ମନ୍ଦିରରେ। ସେମାନଙ୍କୁ 'ମାହାରୀ' କୁହାଯାଉଥିଲା। ମାହାରୀ ଅର୍ଥ ଯେ ପୂଜାରେ ନିପୁଣା। ମହ+ଆରୀ=ମାହାରୀ (ମହ ଅର୍ଥ 'ପୂଜା' ଓ ଆରୀ, ଏଠାରେ ନିପୁଣ ଅର୍ଥରେ ପ୍ରୟୋଗ କରାଯାଇଛି।)

(କ) ଐତିହାସିକ ପୃଷ୍ଠଭୂମି—ଅନନ୍ତ ବର୍ମନ ଚୋଡ଼ଗଙ୍ଗ ଦେବ ଦ୍ୱାଦଶ ଶତାବ୍ଦୀର ପ୍ରଥମ ଭାଗରେ ଓଡ଼ିଶା ଆକ୍ରମଣ କରିଥିଲେ ଓ ସେହି ସମୟରେ ନୃତ୍ୟ ସଙ୍ଗୀତରେ ଓଡ଼ିଶା ଶୀର୍ଷ ସ୍ଥାନଲାଭ କରିଥିଲା। ମନ୍ଦିରରେ ନାଟ ମଣ୍ଡପ ନିର୍ମାଣ କରି ସେ ପ୍ରାୟ ସ୍ୱଳିଶହ ଅପ୍ରାପ୍ତ ବୟସ୍କା କନ୍ୟାଙ୍କୁ ନୃତ୍ୟ ସଙ୍ଗୀତ ଶିକ୍ଷା ଦେଇ ଶ୍ରୀମନ୍ଦିରରେ ସେବା ପୂଜା (ନୃତ୍ୟ ଗୀତ ମାଧ୍ୟମରେ) କରିବା ପାଇଁ ସେମାନଙ୍କୁ ନିଯୁକ୍ତି କରିଥିଲେ ଓ ସେମାନଙ୍କ ପାଇଁ ନିଷ୍କର ଭୂମି ଖଞ୍ଜି ଦେଇଥିଲେ। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା ପୁରୀର ମାହାରୀ ସାହି, ମୃଦଙ୍ଗ ସାହି ନାମରେ ନାମିତ।

ଜଗନ୍ନାଥଙ୍କ ଛତିଶା ନିଯୋଗ ମଧ୍ୟରୁ ମାହାରୀ ମଧ୍ୟ ଗୋଟିଏ ନିଯୋଗ (ସେବାକାରୀ)। ଜଗନ୍ନାଥ ମନ୍ଦିର ଭୋଗ ଥାଳିରେ ମଧ୍ୟ ସେମାନଙ୍କର ଭାଗ ଥାଏ। ପ୍ରତ୍ୟେକଙ୍କୁ ମନ୍ଦିରରୁ "ଖେଇ" (ପଡ଼ି) ପ୍ରସାଦ ଦିଆଯାଇଥାଏ। ପ୍ରକାର ଭେଦରେ ଏମାନେ ଭିତର ଗାଉଣୀ, ବାହାର ଗାଉଣୀ, ନାଚୁଣୀ, ପଟୁଆରୀ, ରାଜଅଙ୍ଗିଲା ଓ ସାମାନ୍ୟ ମାହାରୀଭାବେ ଛଅ ଭାଗରେ ବିଭକ୍ତ। ଭିତର ଗାଉଣୀ ପ୍ରଭୁଙ୍କ ବଡ଼ ସିଂହାର ଧୂପବେଳେ ଗୀତଗୋବିନ୍ଦ ଗାନ କରେ। ନାଚୁଣୀ ସମ୍ପ୍ରଦାୟ ପାଳି ଅନୁସାରେ ପ୍ରଭାତ ଅବକାଶବେଳେ, ତୃତୀୟ ଧୂପବେଳେ ନୃତ୍ୟ କରିବା ବିଧି ଥିଲା। ପଟୁଆରୀମାନେ ଠାକୁରଙ୍କ ଉତ୍ସବ ଦିନରେ ନାଚୁଥିଲେ। ଶ୍ରୀଜିଉଙ୍କ ପହଡ଼ ସମୟରେ ଗୀତଗୋବିନ୍ଦ ଗାନ କରୁଥିବା ଏକମାତ୍ର ଶଶିମଣି ବୃଦ୍ଧା ଦେବଦାସୀ କୋକିଳ ମାହାରୀ ଜୀବିତ। ଆଉ କେତେଜଣ ଦେବଦାସୀ ସମ୍ପ୍ରଦାୟର ଅବଶେଷ ରୂପେ ରହିଛନ୍ତି। ସେମାନଙ୍କ ସଂଖ୍ୟା ପାଞ୍ଚ ବା ଛଅ। ସମସ୍ତେ ବୃଦ୍ଧା। ସେମାନେ ହେଲେ କୋକିଳ ମାହାରୀ, ପରଶୁ ମାହାରୀ, ଶଶିମଣି ଦେବୀ ଓ ... ପ୍ରିୟା। ନିକଟ ଅତୀତରେ ବୟୋଜ୍ୟେଷ୍ଠା ହରିପ୍ରିୟା ଦେବୀ ମର ଶରୀର ତ୍ୟାଗ କରିଛନ୍ତି।

(ଖ) ଦେବଦାସୀ ଅନୁଷ୍ଠାନର ସ୍ୱରୂପ—ଦେବଦାସୀ ସମ୍ପ୍ରଦାୟ ଏକ ସ୍ୱତନ୍ତ୍ର ସମ୍ପ୍ରଦାୟ। ସବର୍ଣ୍ଣ କିଶୋରୀମାନେ ପ୍ରଭୁଙ୍କ ସହ ଆନୁଷ୍ଠାନିକ ବିବାହ ପରେ (ବୟସ ୮ରୁ ୧୦ ବର୍ଷ) ଦେବଦାସୀଭାବେ ନୃତ୍ୟ ପରିବେଷଣ କରିବାକୁ ଯୋଗ୍ୟ ବିବେଚିତ ହୁଅନ୍ତି। ଏମାନେ ଅନ୍ୟଙ୍କୁ ବିବାହ କରନ୍ତି ନାହିଁ, ଆମିଷ ଖାଆନ୍ତି ନାହିଁ ଓ ହରି ମନ୍ଦିର ତିଳକ ଦିଅନ୍ତି। ଏହି କିଶୋରୀ ଦେବଦାସୀମାନେ ଯେତେବେଳେ ବୃଦ୍ଧା ବା ଅକ୍ଷମା ହୋଇଯାଆନ୍ତି, ଏମାନେ ପୋଷ୍ୟା କନ୍ୟାରୂପେ ଜଣକୁ ବାଛି ଦୀକ୍ଷା ପ୍ରଦାନ କରନ୍ତି ଓ ନୃତ୍ୟ ସଙ୍ଗୀତ ଶିକ୍ଷା ଦେଇ ପ୍ରଭୁଙ୍କ ମନୋରଞ୍ଜନ ପାଇଁ ଯୋଗ୍ୟା କରାନ୍ତି।

ଯେଉଁ ଦେବଦାସୀ ପୁରୁଷୋତ୍ତମ ଜଗନ୍ନାଥଙ୍କ ବ୍ୟତିରେକ ଅନ୍ୟ ପର ପୁରୁଷ ପ୍ରତି ଆକର୍ଷିତ ହୁଏ, ତାଙ୍କୁ ଶ୍ରୀମନ୍ଦିର ବାସନ୍ଦ କରାଯାଏ। ଏମାନଙ୍କ ମଧ୍ୟରୁ ଯେଉଁମାନେ ବିବାହ କରନ୍ତି, ସେମାନଙ୍କ ପୁତ୍ରମାନେ ନୃତ୍ୟ ସଙ୍ଗୀତ ଶିକ୍ଷା କରନ୍ତି ଏବଂ କନ୍ୟାମାନେ ନୃତ୍ୟ ସଙ୍ଗୀତ ଶିକ୍ଷା ପାଇଲେ ମଧ୍ୟ "ଦେବଦାସୀ" ହୋଇପାରନ୍ତି ନାହିଁ। କେବଳ ଅନ୍ୟ ଭଲ ସ୍ପୃଶ୍ୟ ଜାତିର କନ୍ୟାଙ୍କୁ ପୋଷ୍ୟ କନ୍ୟା ରୂପେ ଆଣି ଦେବଦାସୀର ଦୀକ୍ଷା ଗ୍ରହଣ କରାଇବାକୁ ପଡ଼ିଥାଏ। ଏମାନେ ନିଜ ନିଜ ସମ୍ପ୍ରଦାୟ ବ୍ୟତିରେକେ ଅନ୍ୟ ସମ୍ପ୍ରଦାୟର ପୁତ୍ର କନ୍ୟାଙ୍କୁ ବିବାହ ଦିଅନ୍ତି ନାହିଁ। ଶ୍ରୀଜଗନ୍ନାଥଙ୍କର ସମସ୍ତ ପୂଜା ଉତ୍ସବରେ ଏମାନଙ୍କର ଆବଶ୍ୟକତା ଅନୁଭୂତ ହୋଇଥାଏ। ଚାପବେଳେ ନୌକାରେ ନୃତ୍ୟ କରିବା, ପୁଷ୍ପାଭିଷେକରେ ମଙ୍ଗଳ ଗାନ କରିବା, ରୁକ୍ମିଣୀ ବିବାହରେ ରୁକ୍ମିଣୀ ରୂପରେ ଅଭିନୟ କରିବା, ବସନ୍ତ ପଞ୍ଚମୀରେ ବସନ୍ତ ନୃତ୍ୟ କରିବା, ଦୁର୍ଗା ପୂଜାରେ ବିମଳାଙ୍କ ମନ୍ଦିରରେ ମଙ୍ଗଳ ଗାନ କରିବା, ରଥ ଯାତ୍ରାରେ ହେରା ପଞ୍ଚମୀ ଦିନ ଗୁଣ୍ଡିଚା ଘରେ ଯାଇ ରଥ ଭାଙ୍ଗିବା, ରଥ ଯାତ୍ରାରେ ଲକ୍ଷ୍ମୀ ନାରାୟଣ ଭେଟବେଳେ ଲକ୍ଷ୍ମୀଙ୍କ ପ୍ରତିନିଧିତ୍ୱ କରିବା, ବାହୁଡ଼ାରେ ପ୍ରଭୁ ବଡ଼ଦେଉଳକୁ ବିଜେ କଲେ ଲକ୍ଷ୍ମୀଙ୍କ ପ୍ରତିନିଧିଭାବେ ଦେଉଳ ଦୁଆର ବନ୍ଦ କରି ଅଭିମାନରେ ସ୍ୱାମୀଙ୍କୁ ଭର୍ତ୍ସନା କରିବା, କୃଷ୍ଣ ଜନ୍ମବେଳେ ଦେବକୀ ଓ ଯଶୋମତୀ ରୂପେ ଠାକୁରଙ୍କ ଜନ୍ମୋତ୍ସବ ପାଳନ କରିବା ଇତ୍ୟାଦି କାର୍ଯ୍ୟ ଏମାନେ ସମ୍ପନ୍ନ କରିଥାନ୍ତି। ଏହି ସମ୍ପ୍ରଦାୟର ବର୍ଣ୍ଣନା ପଦ୍ମ ପୁରାଣ ଓ ସ୍କନ୍ଦ ପୁରାଣରେ ମଧ୍ୟ ଛନ୍ଦୋବଦ୍ଧ କରାଯାଇଛି।

(ଗ) ଓଡ଼ିଶାର ପୂର୍ବତନ ଗଡ଼ଜାତ ମନ୍ଦିର ଓ ଅନ୍ୟ ମନ୍ଦିରମାନଙ୍କରେ ଦେବଦାସୀ—କେବଳ ଶ୍ରୀମନ୍ଦିର ନୁହେଁ, ଓଡ଼ିଶାର ଆହୁରି ଅନେକ ଛୋଟ ବଡ଼ ଦେବ ମନ୍ଦିରରେ ଦେବଦାସୀ ବା ଦେବ ନର୍ତ୍ତକୀ ଥିବା ସେହି ମନ୍ଦିର ଗାତ୍ରର ଶିଳାଲେଖରୁ ଜଣାପଡ଼େ। ବାରିପଦା ଓ କେନ୍ଦୁଝର ଜଗନ୍ନାଥ ମନ୍ଦିରରେ ଦେବଦାସୀ ନୃତ୍ୟ ପ୍ରଚଳିତ ଥିଲା। କଟକ ଜିଲ୍ଲାର ନିଆଳି ନିକଟସ୍ଥ ଶୋଭନେଶ୍ୱର ମହାଦେବଙ୍କ ମନ୍ଦିରରେ ଦେବଦାସୀ ପ୍ରଥାର ପ୍ରଚଳନ ସମ୍ପର୍କରେ ସଂଲଗ୍ନ ଶିଳାଲେଖରୁ ଜଣାପଡ଼େ। ପୁରୀ ନିକଟସ୍ଥ ନିଆଳି ନୀଳମାଧବ ମନ୍ଦିରରେ ଦେବଦାସୀ ଖଞ୍ଜା ଯାଇଥିବା ମଧ୍ୟ ଶୁଣାଯାଏ। ଏତଦ୍‌ବ୍ୟତୀତ ଭୁବନେଶ୍ୱରର ଅନନ୍ତ ବାସୁଦେବ ମନ୍ଦିରରେ ମଧ୍ୟ ରାଣୀ ଚନ୍ଦ୍ରିକା ଦେବୀ (୧୦ଶ ଶତାବ୍ଦୀ) ପ୍ରତ୍ୟେକ ଧୂପବେଳେ ଦେବଦାସୀ ନୃତ୍ୟ ଖଞ୍ଜିଥିଲେ। କୋଣାର୍କ ମନ୍ଦିରର "ନଟୀ" ବା ଶିଳା କନ୍ୟାମାନେ ମଧ୍ୟ ଏହି ଦେବଦାସୀ ପ୍ରଥାର ମୂକସାକ୍ଷୀ ରୂପେ ଆଜି ମଧ୍ୟ ବିଦ୍ୟମାନ।

ଓଡ଼ିଶାର ସାହିତ୍ୟ, ସ୍ଥାପତ୍ୟ ଓ ନାଟ୍ୟ ପରମ୍ପରାରେ ଦେବଦାସୀ—ଓଡ଼ିଆ ସାହିତ୍ୟ ଇତିହାସର ଅତୀତ ପୃଷ୍ଠା ଉନ୍ମୋଚନ କଲେ ଦେଖାଯିବ ସାହିତ୍ୟ ବନ୍ଧିଥିଲା ସଙ୍ଗୀତର ଲହରୀରେ। ଗୋପାଳକୃଷ୍ଣ, କବି ସମ୍ରାଟ ଉପେନ୍ଦ୍ରଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ ପ୍ରଭୃତି କବିମାନେ ତାଳ, ଲୟ ଓ ଛନ୍ଦ ଭିତରେ ସାହିତ୍ୟର ସ୍ରୋତସ୍ୱିନୀକୁ ଝରାଇ ଦେଇଥିଲେ। କିନ୍ତୁ ଏହି କବିତା ରଚନା ମୂଳରେ ଯେଉଁମାନଙ୍କର ନିରବ ପ୍ରେରଣା ଥିଲା ସେମାନେ ହେଲେ ଏହି ଦେବଦାସୀ ସମ୍ପ୍ରଦାୟ। ଶ୍ରୀଜୀଉଙ୍କର ବିଭିନ୍ନ ଉତ୍ସବରେ ଭିନ୍ନ ଭିନ୍ନ ପ୍ରକାର ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିବାକୁ ସେମାନେ ଏହି କବିମାନଙ୍କର କବିତାବଳୀର ଆଶ୍ରୟ ନେଉଥିଲେ। ଶ୍ରୀଜଗନ୍ନାଥ ମନ୍ଦିରରେ ଦେବଦାସୀମାନଙ୍କ କଣ୍ଠରେ ଯେଉଁ ସଙ୍ଗୀତଗୁଡ଼ିକ ରୂପ ପାଉଥିଲା ସେଗୁଡ଼ିକ ଥିଲା ଏକ ନିର୍ଦ୍ଦିଷ୍ଟ କେତେକ କବିଙ୍କର ରଚନା। ଅମର କବି ଜୟଦେବଙ୍କର "ଗୀତଗୋବିନ୍ଦ" ରଚନାର ପ୍ରେରଣାଦାତ୍ରୀ

ସ୍ଥଳେ ଦେବଦାସୀ ପଦ୍ମାବତୀ ଯେ କି ପରବର୍ତ୍ତୀ ସମୟରେ ତାଙ୍କର ପତ୍ନୀ ହୋଇଥିଲେ ବୋଲି ଜନଶ୍ରୁତି ଅଛି। ଆଜି ମଧ୍ୟ ପ୍ରଭୁଙ୍କ ପହଡ଼ ସମୟରେ ଶ୍ରୀମନ୍ଦିରରେ ଗୀତଗୋବିନ୍ଦର ଅମର ପଦାବଳୀ ଗାନ କରାଯାଉଛି। ରହସ୍ୟମଞ୍ଜରୀ ଶଶି ସେଣା ଓ ରସକଲ୍ଲୋଳ ପ୍ରଭୃତି ଓଡ଼ିଆ କାବ୍ୟମାନଙ୍କରେ ଗାୟଣୀ ଓ ନର୍ତ୍ତକୀମାନଙ୍କର ଉଲ୍ଲେଖ ଥିବାର ଦେଖାଯାଏ।

ଓଡ଼ିଶାର ସ୍ଥାପତ୍ୟ କହିଲେ ହିଁ ବୁଝାଏ ମନ୍ଦିର ଗାତ୍ରରେ ଖୋଦିତ ସୁନ୍ଦରୀ ଶାଳଭଞ୍ଜିକାମାନଙ୍କର ନୃତ୍ୟରତ ମୂର୍ତ୍ତି। ପୁରୀ ମନ୍ଦିର, ଲିଙ୍ଗରାଜ ମନ୍ଦିର, ଅନନ୍ତ ବାସୁଦେବ ମନ୍ଦିର, ରାଜାରାଣୀ ମନ୍ଦିର ଓ ବ୍ରହ୍ମେଶ୍ୱର ମନ୍ଦିର ଗାତ୍ରରେ ଫୁଟି ଉଠିଛି ଅତୀତର ଏହି ଦେବଦାସୀମାନଙ୍କର ପ୍ରତିଛବି।

ଦେବଦାସୀମାନେ କେବଳ ମନ୍ଦିରରେ ନୃତ୍ୟ କରିବା ପରମ୍ପରା ଥିଲା। ଚୈତନ୍ୟଙ୍କ ଆଗମନରେ ଓଡ଼ିଶାରେ ବୈଷ୍ଣବ ପରମ୍ପରାର ପ୍ରଭାବରୁ ଦେବଦାସୀମାନେ ମଧ୍ୟ ବାଦ୍ ଯାଇ ନଥିଲେ। ରାୟ ରାମାନନ୍ଦ ଦେବଦାସୀ ବା ମାହାରୀମାନଙ୍କୁ ସ୍ୱରଚିତ "ଜଗନ୍ନାଥ ବଲ୍ଲଭ" ନାଟକ ଗୀତାଭିନୟ ଶିକ୍ଷା ଦେଇ ମନ୍ଦିର ବାହାରକୁ ଆଣି ମଞ୍ଚସ୍ଥ କରାଉଥିଲେ। ବୁଝି ଦେବଦାସୀମାନେ ଏହାର ଘୋର ବିରୋଧ କରିବାରୁ ରାୟ ରାମାନନ୍ଦ କିଶୋରମାନଙ୍କୁ ସେହି ଦେବଦାସୀମାନଙ୍କଭଳି ସଜାଇ ରାଧା, କୃଷ୍ଣ, ଦୂତୀ ଓ ଗୋପୀମାନଙ୍କ ଭୂମିକାରେ ଅଭିନୟ କରାଇଲେ। ତାହାକୁ ପରେ "ଗୋଟିପୁଅ ନୃତ୍ୟ" କୁହାଗଲା। ଆଜି ଯେଉଁ ଓଡ଼ିଶୀ ନୃତ୍ୟ ଦେଶ ବିଦେଶରେ ଖ୍ୟାତି ଅର୍ଜନ କରିପାରିଛି ତାହା ଏହି ମାହାରୀ ନୃତ୍ୟର ପ୍ରଭାବ। ଗୋଟିଏ କଥାରେ କହିବାକୁ ଗଲେ "ମାହାରୀ ନୃତ୍ୟ ଓଡ଼ିଶୀ ନୃତ୍ୟର ମାତାମହୀ"। ଦେବଦାସୀ ନୃତ୍ୟର ଗୋଟିପୁଅ ନୃତ୍ୟ, ଗୋଟିପୁଅ ନୃତ୍ୟରୁ ଓଡ଼ିଶୀ ନୃତ୍ୟ ହୋଇ ଏହି ଦେବଦାସୀ ନୃତ୍ୟ ପରମ୍ପରା ଆଜି ବଞ୍ଚି ରହିଛି।

## ଦେବଦାସୀ ଅନୁଷ୍ଠାନର ପ୍ରଭାବ ଓ ପରିଣତି–

ସାମାଜିକ, ଅର୍ଥନୈତିକ ଓ ଧାର୍ମିକ ମୂଲ୍ୟବୋଧର କ୍ରମଶଃ ଅବକ୍ଷୟ ଫଳରେ ଏ ସମ୍ପ୍ରଦାୟ ମଧ୍ୟ ଅବକ୍ଷୟର ଶିକାର ହୋଇପଡ଼ିଛି। ନାରୀ ଶିକ୍ଷା ଓ ନାରୀ ସ୍ୱାଧୀନତାର ପ୍ରସାର ଫଳରେ ଦେବଦାସୀମାନେ ଜୀବନର ଅନ୍ୟ ପାର୍ଶ୍ୱକୁ ମଧ୍ୟ ଆବିଷ୍କାର କରିବାକୁ ଅନେ ସକ୍ଷମ ହୋଇପାରିଛନ୍ତି। ରାଜତନ୍ତ୍ରର ଓ ଜମିଦାରୀର ଉଚ୍ଛେଦ ସହ ଏମାନଙ୍କର ପଡ଼ି ବା 'ଖୋଳ' ମଧ୍ୟ ସଙ୍କୁଚିତ ହୋଇଗଲା। ଜୀବନ ନିର୍ବାହ କରିବାକୁ କେହି କେହି ବିବାହ କଲେ, କେହି କେହି ନର୍ତ୍ତକୀ ଓ କେହି କେହି ଗଣିକାର ଜୀବନକୁ ଆଦରି ନେଲେ। ପୁରୁଷ କେନ୍ଦ୍ରିକ ସମାଜରେ ଦେବଭୋଗ୍ୟା ଦେବଦାସୀ କାମୁକ ରାଜା, ଜମିଦାର ଓ ଧନିକ ଗୋଷ୍ଠୀର 'ଭୋଗ୍ୟା' ରୂପେ, କେବେ ମନ୍ଦିରର ପୂଜକମାନଙ୍କ ରକ୍ଷିତାଭାବେ ହତଭାଗିନୀର ଜୀବନ ବିତାଇଲା ତ କେବେ ରାଜା, ଜମିଦାରମାନଙ୍କ କାମ ବାସନା ଚରିତାର୍ଥ କରିବାରେ ନିୟୋଜିତା ହେଲା। ପାରମ୍ପରିକ ପବିତ୍ରତା ରକ୍ଷା କରିବା ଆଉ ସମ୍ଭବ ହେଲା ନାହିଁ। ତେଣୁ ଗାନ୍ଧିଜୀ ଏହି ପତିତା ଭଉଣୀମାନଙ୍କର ମୁକ୍ତି ନିମନ୍ତେ ସ୍ୱର ଉତ୍ତୋଳନ କରିଥିଲେ ଯେ ମନ୍ଦିରମାନଙ୍କରେ ଦେବଦାସୀ ବା ଦେବ ନର୍ତ୍ତକୀମାନଙ୍କର ନୃତ୍ୟ ବନ୍ଦ କରାଯାଉ। କାରଣ ଧର୍ମ ନାମରେ ଏମାନଙ୍କୁ ଶୋଷଣ ବା ନିର୍ଯ୍ୟାତିତ କରାଯାଉଛି। ୧୯୨୭ ମସିହାରେ ମଧ୍ୟ ଦେବଦାସୀ ପ୍ରଥାର କ୍ରମ ଅବକ୍ଷୟର ସୂଚନା ପାଇ ସେମାନଙ୍କୁ ଗୋପନ ଗଣିକାବୃତ୍ତିରୁ ମୁକ୍ତ କରିବାକୁ ମାନ୍ଦ୍ରାଜ ବିଧାନ ପରିଷଦରେ ସ୍ୱର ଉତ୍ତୋଳନ ହୋଇଥିଲା। ଏହାର ନେତୃତ୍ୱ ନେଇଥିଲେ ଡଃ ମିସେସ୍ ମୁତୁଲକ୍ଷ୍ମୀ ରେଡ଼ି। ତାଙ୍କର ଦାବୀ ଥିଲା "ଭବିଷ୍ୟତରେ ଆଉ କୌଣସି ଶିଶୁକନ୍ୟା ବା ତରୁଣୀ ଧର୍ମ ମନ୍ଦିରରେ ଧର୍ମ ନାମରେ ଅସତ୍ ଉଦ୍ଦେଶ୍ୟ ସାଧନ ପାଇଁ ଉତ୍ସର୍ଗ ନହେଉ"।

୧୧ଶ/୧୨ଶ ଶତାବ୍ଦୀର ସମାଜର ଯେଉଁ ଦେବଦାସୀମାନଙ୍କର ସ୍ଥାନ ବହୁ ଉର୍ଦ୍ଧ୍ୱରେ ଥିଲା, ସେମାନଙ୍କ ଆସନ ୧୮ଶ/୧୯ଶ ଶତାବ୍ଦୀ ବେଳକୁ ନିମ୍ନାଭିମୁଖୀ ହେବାକୁ ଆରମ୍ଭ କଲା। କାରଣ୍ ମନ୍ଦିରର ପୂଜକମାନେ ପ୍ରଥମେ ଏହି ପବିତ୍ର ପରମ୍ପରାକୁ ସେମାନଙ୍କ ପାଶବିକ ବାସନାର ଇନ୍ଧନ କରିଥିଲେ। ଏହି ଭାବରେ ଦେବଭୋଗ୍ୟା ନାରୀଟି ଜନଭୋଗ୍ୟା ହୋଇ ସମାଜରେ ନିଜର ସମ୍ମାନ ହରାଇ ବସିଲା।

## ସାମ୍ପ୍ରତିକ କାଳରେ ଦେବଦାସୀଙ୍କର ଅବସ୍ଥା–

ବର୍ତ୍ତମାନ ଦେବଦାସୀ ସମ୍ପ୍ରଦାୟ ଲୁପ୍ତପ୍ରାୟ। ୧୯୫୬ ମସିହାରୁ ଆଇନ ପ୍ରଣୀତ ହୋଇ ଶ୍ରୀମନ୍ଦିରରେ ଦେବଦାସୀ ନୃତ୍ୟ ନିଷିଦ୍ଧ କରାଗଲା। ତା'ପରେ ଆଉ କୌଣସି ଦେବଦାସୀ ପୋଷ୍ୟକନ୍ୟା କରି ଶ୍ରୀଜୀଉଙ୍କ ନିକଟରେ ଦୀକ୍ଷା ଗ୍ରହଣ ବା ଶାଢ଼ୀ ବନ୍ଧାଇଲେ ନାହିଁ। ତେଣୁ ଯେଉଁ ଚାରିଜଣ କେତେଜଣ ଅବଶିଷ୍ଟ ରହିଥିଲେ, ମୃତ୍ୟୁ ସେମାନଙ୍କ ସଂଖ୍ୟା କମାଇ କମାଇ ପାଞ୍ଚ ଛଅ ଜଣରେ ବର୍ତ୍ତମାନ ସୀମିତ କରିଦେଇଛି। ଯେଉଁମାନେ ନୃତ୍ୟ ସଙ୍ଗୀତ ପରିବେଷଣ କରି ଶ୍ରୀଜଗନ୍ନାଥଙ୍କର ମାନବୀ ପତ୍ନୀ ରୂପେ ସାମ୍ରାଜ୍ଞୀର ଜୀବନ ବିତାଉଥିଲେ, ସେମାନେ ଅତି ଦୀନାହୀନା! ଦୁଇଓଳି ଦୁଇମୁଠା ପେଟପୂରା ଖାଇବା ମଧ୍ୟ ସମସ୍ୟା ହୋଇ ପଡ଼ିଛି। ସୁଖର କଥା, ବହୁ ବିଳମ୍ବରେ ସେମାନଙ୍କୁ ଓଡ଼ିଶା ସରକାର କଳାକାର ବୋଲି ସ୍ୱୀକୃତି ଦେଇ କେତେକଙ୍କୁ ମାସିକ ଦୁଇଶହ ଟଙ୍କା "କଳାକାର ଭତ୍ତା" ଦେଉଛନ୍ତି। ଏହା ସମୁଦ୍ରକୁ ଶଙ୍ଖେ ପାଣି। ତଥାପି ଏମାନଙ୍କ ମଧ୍ୟରୁ କୋକିଳପ୍ରଭା ଦେବୀ ଏବେ ମଧ୍ୟ ବଡ଼ ସିଂହାର ଧୂପବେଳେ ଗୀତଗୋବିନ୍ଦ ଗାନ କରିବାକୁ ଆସନ୍ତି ଓ କହନ୍ତି ଯେ ଏହା ତାଙ୍କ ଜୀବନର ସର୍ବଶ୍ରେଷ୍ଠ ଆନନ୍ଦ।

## ସାମ୍ପ୍ରତିକ କାଳରେ ଏ ଅନୁଷ୍ଠାନର ପ୍ରାସଙ୍ଗିକତା–

ବୟୋଜ୍ୟେଷ୍ଠା ମାହାରୀ ଶ୍ରୀମତୀ ହରିପ୍ରିୟା ଦେବୀ (ଭୂତପୂର୍ବ ମାହାରୀ) କହନ୍ତି – "ଦେବଦାସୀ ଅନୁଷ୍ଠାନ ଲୋପ ପାଇଯାଉଛି। ଏମାନେ ଦିନେ ନୃତ୍ୟ ସଙ୍ଗୀତକୁ ବଞ୍ଚାଇ ରଖିଥିଲେ। ଏ କଥା ଆଜି ସମସ୍ତେ ଭୁଲିଯାଉଛନ୍ତି। ଏଣେ କଳା ସଂସ୍କୃତିକୁ ସରକାର ତଥା ଜନସାଧାରଣ ଉତ୍ସାହିତ କରୁଥିବାବେଳେ "ମନ୍ଦିରରେ ଦେବଦାସୀ ନୃତ୍ୟ"କୁ ପୁନର୍ଜୀବିତ କରିବା କ'ଣ ଉଚିତ ନୁହେଁ? ଏହି ମର୍ମରେ ଓଡ଼ିଶା ସରକାରଙ୍କୁ କେତେଜଣ ଦରଖାସ୍ତ କରିଛନ୍ତି।

ହରିପ୍ରିୟା ଦେବୀଙ୍କର ଏ ଉକ୍ତି କେତେଦୂର ଯୁକ୍ତିଯୁକ୍ତ ତାହା ବିଭିନ୍ନ ଦୃଷ୍ଟିକୋଣରୁ ବିଚାରଣୀୟ। ତେବେ ଦେବଦାସୀ ପରମ୍ପରାର ପୁନର୍ଜୀବନ୍ୟାସ କରିବାକୁ ଆଜିର ସାମାଜିକ ଅର୍ଥନୈତିକ ଓ ନୈତିକ ଜୀବନ ଆଦୌ ଅନୁକୂଳ ନୁହେଁ। ଆବଶ୍ୟକ ବି ନୁହେଁ। ଅନ୍ୟ ସେବାୟତଙ୍କଭଳି ଯଦି ଦେବଦାସୀ ଶ୍ରୀଜୀଉଙ୍କର ସେବାୟତ, ତେବେ ଅନ୍ୟମାନେ (ପଣ୍ଡା, ଦଇତା ଓ ସେବାକାରୀମାନେ) ସଂସାରୀ ହେବେ ସେବାଯୋଗ୍ୟ ହେଉଥିବାଛଳେ ଦେବଦାସୀମାନଙ୍କ ପାଇଁ "ବିବାହ କରିପାରିବେ ନାହିଁ" ଭଳି କଠୋର ନିୟମ କାହିଁକି ଯେ ଥିଲା, ତାହା ସେତେବେଳର ନିୟାମକ ସମାଜର ବଡ଼ପଣ୍ଡାମାନେ କେବଳ କହିପାରିଥାନ୍ତେ। ବର୍ତ୍ତମାନର ପରିପ୍ରେକ୍ଷୀରେ ବିଚାର କଲେ ଏହା ଏକ ଉଦ୍ଦେଶ୍ୟମୂଳକ ଅଭିସନ୍ଧିଭଳି ପ୍ରତୀତ ହୁଏ। ଏହା ଧର୍ମ ନାମରେ ପ୍ରବୃତ୍ତି ଚରିତାର୍ଥର ଏକ ନିଛକ ଓ ନିରାପଦ ମାଧ୍ୟମ ବୋଧହୁଏ, ଯାହା ପରବର୍ତ୍ତୀ କାଳରେ ଦେବଦାସୀମାନଙ୍କ ବିଡ଼ମ୍ବିତ ଜୀବନଗାଥାରେ ପରିଣତ ହୋଇଥିଲା।

ଆଜି ସରକାରୀ ଓ ବେସରକାରୀସ୍ତରରେ କଳା, ସଂସ୍କୃତି ତଥା ନୃତ୍ୟ ସଙ୍ଗୀତର ପ୍ରସାର ପାଇଁ ଅନେକ ଅନୁଷ୍ଠାନ ଗଢ଼ି ଉଠିଛି, ଅନେକ ଯୁବତୀ ଶିଳ୍ପୀ ମଧ୍ୟ ଏହାକୁ ଜୀବିକା ରୂପେ ବାଛି ନେଇଛନ୍ତି। ତେଣୁ ମନ୍ଦିରକୁ କେନ୍ଦ୍ର କରି ନୃତ୍ୟର ପ୍ରସାର ପାଇଁ କୁମାରୀ କନ୍ୟାମାନଙ୍କୁ ନିଯୁକ୍ତି କରିବାର ଆବଶ୍ୟକତା ଆଉ ନାହିଁ। ଦେବଦାସୀ ଯେଉଁମାନେ ଓଡ଼ିଶୀ ସଙ୍ଗୀତରେ, ଭାସ୍କର୍ଯ୍ୟରେ, ନୃତ୍ୟରେ, ଇତିହାସରେ ଓ କିମ୍ବଦନ୍ତୀରେ।

# କୃଷି ପାଇଁ ଆଣବିକ ରଶ୍ମି

ଶ୍ରୀ ସୁବାସ ସାହୁ

ଆଜିକାଲି ଆଣବିକ ଶକ୍ତି ନାଁ ଶୁଣିଲେ ଆମ ଭିତରେ ଏକ ଶିହରଣ ଜାଗି ଉଠୁଛି । ଆଣବିକ ଶକ୍ତି ସହ ଆମେ ବୋମା ବିସ୍ଫୋରଣ, ଯୁଦ୍ଧ ଓ ତତ୍‌ଜନିତ ଧ୍ୱଂସଲୀଳାର କଳ୍ପନା କରି ଶଙ୍କିତ ହୋଇ ପଡୁଛୁ । କିନ୍ତୁ ଆଣବିକ ଶକ୍ତି ଆମର ଯେଉଁ ଉପକାର କରୁଛି ତାହା ଭୁଲିବାର ନୁହେଁ । ଏଥିରୁ ଉତ୍ପନ୍ନ ହେଉଥିବା ବିଦ୍ୟୁତ୍ ଶକ୍ତି ଆମ ଶକ୍ତି ସ୍ପୃହିଦା ମେଣ୍ଟାଇବା ପାଇଁ ଯେ ସକ୍ଷମ ହୋଇପାରିବ ଏ ବିଷୟରେ ମତ ପ୍ରକାଶ ପାଇଲାଣି । ଡାକ୍ତରୀ ବିଦ୍ୟାରେ ମଧ୍ୟ ଆଣବିକ ରଶ୍ମି ବ୍ୟବହାର କରି ରୋଗ ଚିକିତ୍ସା କରାଯିବା ସମ୍ଭବ ହୋଇଛି ।

କୃଷି କ୍ଷେତ୍ରରେ ଆଣବିକ ଶକ୍ତି ବହୁଳ ଭାବେ ବ୍ୟବହୃତ ହେଉଛି । କୃଷି ଉତ୍ପାଦନ ବୃଦ୍ଧି ନିମିତ୍ତ ନୂତନ ବିହନ ଆବିଷ୍କାର ଓ ଫସଲକୁ ରୋଗ ପୋକ ଦାଉରୁ ରକ୍ଷା କରିବା ପାଇଁ ଆଣବିକ ରଶ୍ମିକୁ ସଫଳ ଭାବେ ବ୍ୟବହାର କରାଗଲାଣି ।

ଜମିରେ ଥିବା ଖାଦ୍ୟସାର ଅନୁସାରେ ଜମିର ଉର୍ବରତା ନିର୍ଣ୍ଣୟ କରିବା ପାଇଁ ଆଣବିକ ରଶ୍ମି ବ୍ୟବହାର କରାଯାଉଅଛି । ଜମିର ଉର୍ବରତା ବୃଦ୍ଧି ତଥା ଅନୁର୍ବର ଜମିକୁ କୃଷି ଉପଯୋଗୀ କରିବା ପାଇଁ ଆଣବିକ ରଶ୍ମିକୁ ପ୍ରୟୋଗ କରି ସଫଳତା ହାସଲ କରାଯାଇ ପାରିଛି ।

ମ୍ୟୁଟେସନ୍ ପ୍ରଜନନ ପ୍ରକ୍ରିୟାରେ ଆଣବିକ ବିକିରଣ ଘଟାଇ ଅଧିକ ଅମଳକ୍ଷମ ବିହନ ଆବିଷ୍କାର କରାଯିବା ସମ୍ଭବ ହୋଇଛି । ଚୀନ୍‌ର ବୈଜ୍ଞାନିକମାନେ ଏ ଦିଗରେ ଉଲ୍ଲେଖନୀୟ ସଫଳତା ହାସଲ କରିପାରିଛନ୍ତି । ସେ ଦେଶରେ ଆଣବିକ ରଶ୍ମି ପ୍ରୟୋଗ କରି ଧାନ, ଗହମ, କପା, ମକା ଓ ସୋୟାବିନ୍‌ର ଅଧିକ ଅମଳକ୍ଷମ ବିହନମାନ ଆବିଷ୍କାର କରାଯାଇଅଛି । ଏଥିପାଇଁ ପ୍ରତିବର୍ଷ ଚୀନ୍ ପ୍ରାୟ ୧,୬୦୦ କୋଟି ଟଙ୍କା ହିସାବରେ ଅର୍ଥନୈତିକ ଲାଭ ପାଇପାରୁଛି । ଏବେ ଚୀନ୍‌ରେ ୯୦ ଲକ୍ଷ ହେକ୍ଟରରୁ ଅଧିକ ପରିମାଣ ଜମିରେ ଆଣବିକ ରଶ୍ମି ପ୍ରୟୋଗ କରି ଆବିଷ୍କାର କରାଯାଇଥିବା ବିହନ ବ୍ୟବହୃତ ହେଉଛି ।

ଆଣବିକ ରଶ୍ମି ପ୍ରୟୋଗ କରି ଉଦ୍ଭବ ହୋଇଥିବା ବିହନ କିସମଗୁଡ଼ିକ ଅଧିକ ଅମଳକ୍ଷମ, ରୋଗ ପୋକ ନିରୋଧକ ଏବଂ ମରୁଡ଼ି ସହନଶୀଳ ହୋଇପାରୁଛି । ସମ୍ପ୍ରତି ସମସ୍ତ ପୃଥିବୀରେ ଆଣବିକ ରଶ୍ମି ପ୍ରୟୋଗ କରି ୮୦୦ରୁ ଅଧିକ କିସମର ବିହନ ଆବିଷ୍କାର କରାଗଲାଣି ।

କେବଳ ଚୀନ୍‌ରେ ଦୀର୍ଘ ୨୫ ବର୍ଷର ଧାରାବାହିକ ଗବେଷଣା ପରେ ପ୍ରାୟ ୨୦୦ କିସମର ବିହନ ଆବିଷ୍କାର କରାଯାଇଅଛି । ତନ୍ମଧ୍ୟରୁ ଧାନର ଯାନ୍-ଫୁଙ୍ଗ-ସା କିସମଟି ଅନ୍ୟତମ । ଏହା ପୂର୍ବ ବିହନ ତୁଳନାରେ ୪୫ ଦିନ ପୂର୍ବରୁ ଅମଳ ହେବା ସହିତ ଅମଳ ପରିମାଣ ଶତକଡ଼ା ୧୦ ଭାଗ ବୃଦ୍ଧି ପାଇପାରିଛି । ଫଳରେ ଏହି କିସମର ଧାନ ଚାଷ କରିବା ପରେ ଜମିରେ ଆଉ ଏକ ଫସଲ ନେବା ସମ୍ଭବ ହୋଇପାରିବ । ଆଣବିକ ରଶ୍ମି ପ୍ରୟୋଗ ଫଳରେ ଶସ୍ୟରେ ଥିବା ଲାଇସିନ୍ ପରିମାଣ ଶତକଡ଼ା ଆଠରୁ ତେରଦ ଭାଗକୁ ବୃଦ୍ଧି କରାଯାଇ ପାରିଛି ।

ଅତୀତରେ ନୂଆଦିଲ୍ଲୀସ୍ଥିତ ଭାରତୀୟ କୃଷି ଗବେଷଣା ପ୍ରତିଷ୍ଠାନର କେତେଜଣ ବୈଜ୍ଞାନିକ ଆଣବିକ ରଶ୍ମି ବ୍ୟବହାର କରି ନୂଆ କିସମର ଧାନ ବାହାର କରି ପାରିଛନ୍ତି । ଏହି କିସମଗୁଡ଼ିକ ପାରମ୍ପରିକ ବିହନଠାରୁ ଅଧିକ ଅମଳ ଦେଇଥାଏ । ବନ୍ୟା ମରୁଡ଼ି ଆଦି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଏଗୁଡ଼ିକ ବିଶେଷ କ୍ଷତିଗ୍ରସ୍ତ ହୋଇ ନଥାଏ ।

କେତେକ ବୈଜ୍ଞାନିକ ଟସର ସୂତା ଉତ୍ପାଦନ ବୃଦ୍ଧି ପାଇଁ ଆଣବିକ ରଶ୍ମି ବ୍ୟବହାର କରି ସଫଳ ହୋଇଥିବାର ଜଣାଯାଏ । ଟସର ପୋକ ଉପରେ ଗାମା ରଶ୍ମି ପ୍ରୟୋଗ କରି ସେମାନେ ଟସର କୋଷା ଉତ୍ପାଦନକୁ ଶତକଡ଼ା ୨୦ ଭାଗ ବୃଦ୍ଧି କରିପାରିଛନ୍ତି ।

ଏଥି ସହିତ ଗାମା ରଶ୍ମି ପ୍ରଭାବରେ ଏକ ନୂଆ କିସମର ସୋୟାବିନ୍ ବାହାର କରାଯାଇଛି, ଯାହାକି ପୂର୍ବାପେକ୍ଷା ଶତକଡ଼ା ୨୫ ଭାଗ ଅଧିକ ଅମଳ ଦେଇପାରୁଛି । ଏହାର ଗୁଣାତ୍ମକମାନ ବୃଦ୍ଧି କରାଯିବା ସଙ୍ଗେ ସଙ୍ଗେ ଗଛର ରୋଗ ପୋକ ନିରୋଧ ଶକ୍ତି ମଧ୍ୟ ବୃଦ୍ଧି କରାଯାଇ ପାରିଛି । ବିହନକୁ ଅନେକ ଦିନ ପର୍ଯ୍ୟନ୍ତ ସୁରକ୍ଷିତ ଅବସ୍ଥାରେ ସାଇତି ରଖିବା ପାଇଁ ଗାମା ରଶ୍ମି ବେଶ୍ ପ୍ରଭାବ ପକାଉଥିବାର ଜଣାଯାଏ ।

ଫସଲର ଅନିଷ୍ଟ ସାଧନ କରୁଥିବା କୀଟମାନଙ୍କ ବିନାଶ ପାଇଁ ଆଣବିକ ଶକ୍ତିକୁ ବେଶ ସଫଳତାର ସହ ବ୍ୟବହାର କରାଯାଇ

ପାରୁଛି । କୀଟତତ୍ତ୍ୱବିତ୍‌ମାନଙ୍କ ମତରେ କୋବାଲ୍ଟ-୬୦ରୁ ବାହାରୁଥିବା ଗାମା ରଶ୍ମି ପ୍ରୟୋଗ କରି ପୁରୁଷ କୀଟର ପ୍ରଜନନ ଶକ୍ତି ନଷ୍ଟ କରି ଦିଆଯାଇ ପାରିବ । ଫଳରେ ସ୍ତ୍ରୀ କୀଟ ସହ ମିଳନ ହେଲେ ମଧ୍ୟ ଏମାନଙ୍କଠାରୁ ନୂଆ କୀଟ ଜନ୍ମ ନେଇପାରିବ ନାହିଁ । ତେଣୁ କୀଟମାନଙ୍କର ବଂଶ ବୃଦ୍ଧିକୁ ସହଜରେ ରୋକାଯାଇ ପାରିବ । ଏହାଦ୍ୱାରା ପରବର୍ତ୍ତୀ ସମୟରେ ଫସଲକୁ ପୋକ ଦାଉରୁ ରକ୍ଷା କରାଯିବା ସମ୍ଭବ ହୋଇପାରିବ ।

ସାର କାରଖାନାରେ ଆଣବିକ ଶକ୍ତିର ଫଳପ୍ରଦ ବ୍ୟବହାର ହେବା ସମ୍ଭବ ହୋଇଛି । କୌଣସି ରାସାୟନିକ ଯୌଗିକର ଉପାଦାନଗୁଡ଼ିକୁ ଠିକ୍ ଭାବେ ନିର୍ଣ୍ଣୟ କରିବା ପାଇଁ ଆଣବିକ ଶକ୍ତି ବ୍ୟବହାର କରାଯାଉଛି । ଫଳରେ ଉତ୍ପାଦିତ ହେଉଥିବା ସାରର ଗୁଣାତ୍ମକ ମାନ ବେଶ୍ ବୃଦ୍ଧି ପାଉଛି ।

ଡାଲି ଜାତୀୟ ଗଛର ଚେରରେ ଥିବା ଗାଣ୍ଠିରେ ଏକ ପ୍ରକାରର ବୀଜାଣୁ ଥାଆନ୍ତି । ସେମାନେ ବାୟୁମଣ୍ଡଳୀୟ ଯବକ୍ଷାରଜାନକୁ ଗଛ ପାଇଁ ଦରକାର ହେଉଥିବା ଯବକ୍ଷାର ଉପାଦାନରେ ପରିଣତ କରନ୍ତି । ଏହି ପ୍ରକ୍ରିୟାକୁ ଯବକ୍ଷାର ବିବନ୍ଧନ କୁହାଯାଇଥାଏ । ଭିଏନାର କେତେକ ବୈଜ୍ଞାନିକ ମତ ଦିଅନ୍ତି ଯେ ଆଣବିକ ରଶ୍ମି ବ୍ୟବହାର କରି ଗଛର ଯବକ୍ଷାର ବିବନ୍ଧନ କ୍ଷମତା ବୃଦ୍ଧି କରାଯାଇ ପାରିବ ।

ଅନ୍ୟ କେତେକ ବୈଜ୍ଞାନିକ ଡାଲି ଜାତୀୟ ଗଛର ଚେରରୁ ଏହି ଯବକ୍ଷାର ବିବନ୍ଧନକାରୀ ବୀଜାଣୁକୁ ଅଲଗା କରିବାକୁ ଚେଷ୍ଟା ଚଳାଉଛନ୍ତି । ଏହାକୁ ଅନ୍ୟ ଗଛରେ ପ୍ରବେଶ କରାଇ ପାରିଲେ ସମସ୍ତ ଗଛ ଯବକ୍ଷାର ବିବନ୍ଧନ କରିପାରିବ ବୋଲି ସେମାନେ ମତ ଦିଅନ୍ତି । ଏହି ପ୍ରକ୍ରିୟାରେ ଗଛରୁ ଅଲଗା ହୋଇଥିବା ବୀଜାଣୁ କେତେକ ପରଜୀବୀ ସହ ମିଶାଯାଏ । ଏହାକୁ ବିଶୋଧନ କରିବା ପାଇଁ ଗାମା ରଶ୍ମିର ପ୍ରୟୋଗ କରାଯାଉଛି ।

ଏହି ପ୍ରକ୍ରିୟାରେ ସମସ୍ତ ଗଛର ଯବକ୍ଷାର ବିବନ୍ଧନ ଶକ୍ତିରେ ବୃଦ୍ଧି ଘଟାଇ ପାରିବ । ତେଣୁ ଆଗାମୀ ଦିନରେ ନୂତନ ବଙ୍ଗଳ ସୃଷ୍ଟି ଥିବା ଏହି ଗଛକୁ ବ୍ୟବହାର କଲେ ମାଟିର ଉର୍ବରତା ଆଶାତୀତ ଭାବେ ବୃଦ୍ଧି ପାଇବ ।

ଏ ସବୁ ବ୍ୟତୀତ ମରୁଭୂମିକୁ ଶସ୍ୟଶ୍ୟାମଳା କରିବା ପାଇଁ ଆଣବିକ ରଶ୍ମି ବ୍ୟବହାର କରାଯାଇ ପାରିବ ବୋଲି ଅନେକ ମତ ଦିଅନ୍ତି । ଯେ ଯାହା ହେଉନା କାହିଁକି ଆଗାମୀ ଯୁଗରେ ଆଣବିକ ରଶ୍ମି ପ୍ରୟୋଗ କରି କୃଷି କ୍ଷେତ୍ରରେ ଦେଖାଯାଉଥିବା ଅନେକ ସମସ୍ୟାର ସମାଧାନ କରାଯାଇ ପାରିବ ।

ଦୂରଶିକ୍ଷା କାର୍ଯ୍ୟକ୍ରମ,
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର ।

ଆଜି (୧୯୨୩ ମସିହା) ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମୋତ୍ସବ ଦିବସ ପାଳିତ ହେଉଅଛି । ଏହି ଉପଲକ୍ଷେ ମୁଁ ସ୍ୱାମୀଜୀଙ୍କ ପୁଣ୍ୟ ସ୍ମୃତି ପ୍ରତି ମୋର ଶ୍ରଦ୍ଧା ଓ ସମ୍ମାନ ନିବେଦନ କରିବାକୁ ଏଠାକୁ (ବେଲୁଡ଼ ମଠ) ଆସିଅଛି । ତାଙ୍କର ରଚନାବଳୀ ମୁଁ ଅଭିନିବେଶ ସହକାରେ ଅଧ୍ୟୟନ କରିବାପରେ ମୋର ସ୍ୱଦେଶ ପ୍ରେମ ସହସ୍ର ଗୁଣ ବର୍ଦ୍ଧିତ ହୋଇଅଛି । ଏହି ସ୍ଥାନ ସ୍ୱାମୀ ବିବେକାନନ୍ଦଙ୍କର କର୍ମକ୍ଷେତ୍ର ଏବଂ ଏଠାରେ ସେ ଦେହରକ୍ଷା କରିଥିଲେ । ସମବେତ ଯୁବକଗଣଙ୍କୁ ମୋର ଅନୁରୋଧ ଯେ ସେମାନେ ଏହି ସ୍ଥାନର ମାହାତ୍ମ୍ୟଦ୍ୱାରା ଅନୁପ୍ରାଣିତ ହୋଇଯାଆନ୍ତୁ, ରିକ୍ତଭାବେ ଯାଆନ୍ତୁ ନାହିଁ ।

—ମହାତ୍ମା ଗାନ୍ଧୀ

# ଶ୍ରୀ ଗୀତଗୋବିନ୍ଦ

କବି ଜୟଦେବ କୃତ



ପ୍ରହରାଜ ସତ୍ୟନାରାୟଣ ନନ୍ଦ

## ପ୍ରଥମ ସର୍ଗ : ଗୀତମ୍

ଦେଖ, ସଖି ଦେଖ କୃଷ୍ଣ କେମିତି କେଳି-କଳାପରେ ମତ
ନୀଳ କଳେବରେ ଚନ୍ଦନ ଶୋଭା ଅଟୁଇ ପୀତବସ୍ତ୍ର ।
ସୁନ୍ଦର ବନମାଳା ଲମ୍ବିତ ପରିଭ୍ରମଣେ ପ୍ରହୃଷ୍ଟ ଚିତ୍ତ
କାଞ୍ଚନମୟ ମଣିକୁଣ୍ଡଳ ପଦପାତେ ନର୍ତ୍ତିତ ।
କପୋଳ ଯୁଗଳ ସେଇ ସ୍ପର୍ଶରେ ସ୍ମିତ ସୁନ୍ଦର, ଦୀପ୍ତ ।
ଜନୈକା ଗୋପୀ ମେଘ ଗୁମ୍ଫିତ ସ୍ତନଭାରେ କରି କ୍ଷୁବ୍ଧ
ଆଶ୍ଳେଷି ହରି କୋକିଳ କଣ୍ଠେ ସ୍ୱର କରେ ଝଙ୍କୃତ,
କେଉଁ ଗୋପବଧୂ କୃଷ୍ଣ ମଧୁର ପକ୍ଷ୍ମପାତରେ ସ୍ତବ୍ଧ
ଧ୍ୟାନ କରେ ବସି ଶୃଙ୍ଗାର ସୁଖ ମୁଖପଦ୍ମରେ ମୁଗ୍ଧ ।

କହିବା ଛଳରେ ପଦୁଟିଏ କଥା ନିତମ୍ବିନୀ ସେ କର୍ଣ୍ଣତଳେ
କୃଷ୍ଣଗିଳାକ୍ଷ ଚୁମ୍ବନେ ଭୋଳ ମୁଖଚନ୍ଦ୍ରମା ଚିହ୍ନିକି ଝଳେ ।
ଆଉ ଜଣେ ଗୋପୀ କୃଷ୍ଣଙ୍କୁ ଦେଖି ବେତସକୁଞ୍ଜେ ଭ୍ରମଣ କାଳେ
କେଳି କୌତୁକେ ଅଞ୍ଚଳ ଟାଣେ ଜଳ ଚଞ୍ଚଳ ଯମୁନା ଆଡେ ।
ଭାସ ରସେ ଭ୍ରମେ ଆଉ କେଉଁ ଗୋପୀ କୃଷ୍ଣ ନୃତ୍ୟେ ଆତ୍ମହରା
ବଳୟ ଧ୍ୱନିରେ ବେଣୁନାଦ ସାଥେ ହାତତାଳି ହୁଏ ଛନ୍ଦହରା ।

ହରିଣୀ ନୟନା ନୃତ୍ୟ ଛନ୍ଦେ ପକ୍ଷ୍ମପାତେ
କୃଷ୍ଣ ମୁଖର ପ୍ରଶଂସାରେ

କେଉଁ ଗୋପିକା ତ ଆଲିଙ୍ଗନରେ ମଗ୍ନ ହୁଏ,
ଚୁମ୍ବନ କାହା ଅଧରେ ଥରେ ।

ଅହ୍ଲାଦ ହୁଏ ଚିତ୍ତ କାହାର ଚିନ୍ତନରେ,
ଅପାର ସ୍ମିତ ହାସ୍ୟ ଧାରେ

କାହା ପ୍ରତି କରି ଦିଲେ କଟାକ୍ଷ ଅନୁରାଗରେ,
ଅନ୍ୟ କାମିନୀ ଅନୁସରନ୍ତି ଅରଣ୍ୟରେ ।

କୃଷ୍ଣକେଳିର ରହସ୍ୟ ଗୀତ ଗୀତଗୋବିନ୍ଦ କି ଅଦ୍ଭୁତ
ରାସ ସମ୍ପଦ ହାସ୍ୟଭରା, ଶୃଙ୍ଗାରୋଚ୍ଛ୍ୱାସର ରସାମୃତ ।

କାର୍ତ୍ତିକର ଏ ହରିଚିନ୍ତନ; ଶୁଣ, ସଖି ଶୁଣ ହୃଷ୍ଟ ମନେ
ନୀଳ ପଦ୍ମର କାନ୍ତିକୋମଳ ଅଙ୍ଗ ଶୋଭାରେ ଗୋପିକାଗଣେ ।
ମୋହିଲେ କୃଷ୍ଣ ଅତନୁ ବିଳାସେ ଚତୁର୍ଦ୍ଦିଗରେ ବ୍ରଜ ବିଧୁରା,
ପ୍ରତ୍ୟଙ୍ଗର ଆଲିଙ୍ଗନରେ ସୁଖଉଚ୍ଛ୍ୱାସେ ଆତ୍ମହରା ।

ଶୃଙ୍ଗାରର କି ଶ୍ୟାମ ବିଗ୍ରହ ଋତୁ ବସନ୍ତ ମତ୍ତ ଭାରି
ମୃଦୁ ମାତଙ୍ଗ ଛନ୍ଦେ ଛନ୍ଦେ ଭ୍ରମର ଲୀଳା ଚିର ଚୋରୀ ।
ପ୍ରେମରେ ଅନ୍ଧ ରାଧା ସୁକୁମାରୀ ରାସ ଉଲ୍ଲାସେ ହୃଷ୍ଟ ମନ
ଗୋପୀଗଣ ଆଗେ ଉଛାଟେ କରି ହରି ଶ୍ରୀଅଙ୍ଗ ଆଲିଙ୍ଗନ ।

କହନ୍ତି ରାଧା ଗୀତ ପୁଷ୍ପର ସ୍ତୁତିରେ ତୁମ୍ଭି, "ହେ ପ୍ରିୟତମ,
ଉଜ୍ଜ୍ୱଳ ନୀଳ ଶ୍ରୀମୁଖ ତୁମର କି ମନୋରମ,
ଅମୃତମୟ !" ସ୍ମିତ ସୁନ୍ଦର ଓଠ ପ୍ରାନ୍ତର ମଧୁର ରାଗ
ରାଧା ସୁକୋମଳ ମୁଖମଣ୍ଡଳେ ମଣ୍ଡିତ କରେ କି ଅନୁରାଗ ।

(ପ୍ରଥମ ସର୍ଗର ଅନୁବାଦ)

## ଦ୍ୱିତୀୟ ସର୍ଗ

ସବୁ ଗୋପବଧୂ ସମାନ ତୁମର କେଳି ଭ୍ରମର କୃଷ୍ଣ ଦେଖି
ମୁଁ କି ନୁହେଁ ତୁମ ଅତି ଆପଣାର ଅଭିମାନେ ରାଧା ଅଂଧ ଆଖି
ମୁଁ କି ନୁହେଁ କେହି ଅଳିଗୁଞ୍ଜିତ ଲତାକୁଞ୍ଜରେ ପ୍ରବେଶି ଧାରେ
ବସି ସଖି ପାଖେ କହନ୍ତି ରାଧା ନିଜ ଅଭିଳାଷ ଶୀର୍ଣ୍ଣ ସ୍ୱରେ ।

ଶରତ ରାତିରେ ରାସରତ ହରି ଶୁଣ ବାନ୍ଧବୀ ସେ ପରିହାସ
ସବୁବେଳେ ଜାଗେ ହୃଦୟରେ ସେହି ସଂସ୍ମରଣ ଓ ମୁଗ୍ଧ ପ୍ରାସ
ମୋହନ ବଂଶୀ ରହିରହି ଡାକେ ଅଜାତି ଅଧର ମଧୁର ଧ୍ୱନି
ବାଙ୍କ ଚାହାଣି ଭ୍ରୂଲତାଯୁଗଳ ଚପଳ ଛନ୍ଦେ ନଚାଏ ପୁଣି
ଥରେ ଥରିଯାଏ କିରୀଟ ଶୀର୍ଷ ସ୍ୱର୍ଣ୍ଣକ ପରି କ୍ଷଣକେ ଦୋଳେ
କନକ ବର୍ଣ୍ଣ କୁଣ୍ଡଳ ଦୁଇ ଅତି ସୁନ୍ଦର ଗଣ୍ଡସ୍ଥଳେ ।

କଙ୍କଣ ଶୋଭା ଚିହ୍ନିତ କେକୀପୁଚ୍ଛଗୁଚ୍ଛ ରହିଛି ଘେରି
ଅର୍ଦ୍ଧ ଚନ୍ଦ୍ର ଆକାରେ କାନ୍ତି ମସୃଣ କେଶ ଚିରହାରୀ
କି ସେ ସୁନ୍ଦର ଦର୍ଶନେ ପ୍ରାଣପୂର୍ଣ୍ଣ ପୁଲକେ ମଗ୍ନ ହୁଏ
ନବୀନ ଅଭ୍ର ଖଣ୍ଡ ଯେତେ କି ଇନ୍ଦ୍ରଧନୁରେ ରଞ୍ଜିଯାଏ ।

ସତେ ଚୁମ୍ବନ ଅଙ୍କି ଦେବେ କି ନିତମ୍ବିନୀର ଗଣ୍ଡସ୍ଥଳେ
ସେଇ ଆବେଶରେ ବନ୍ଧୁଳୀ ଅଧର ମଧୁର ଛନ୍ଦେ ସଧୀରେ ଥରେ
ସ୍ମିତର ପାଖୁଡ଼ା ବିକଶିତ ହୁଏ ଓଟରେ ଓଠରେ ଲହଡ଼ି ଖେଳେ
ସ୍ମିତ ଉଲ୍ଲାସେ ଚୁମ୍ବନ ପାଇଁ ପ୍ରଜ୍ଜ୍ୱଳ ଲୋଭ ମନରେ ଦୋଳେ ।

ବିସ୍ତାର କରି ମୃଦୁ ପଲ୍ଲବ ପରି ମହାବାହୁ ଆନନ୍ଦରେ
ଆଲିଙ୍ଗନରେ ବନ୍ଦୀ କରିଲେ ଗୋପନାରୀଗଣେ ଆବେଗଭରେ
କରପଦ ଆଉ ବକ୍ଷସ୍ଥଳରେ ମଣିମଣ୍ଡିତ ଅଳଙ୍କାର
କାନ୍ତିରେ ତା'ର ବିଦୂରିତ କରେ ଗୁମ୍ଫିତ ଯେତେ ଅନ୍ଧକାର ।

କପୋଳ ପ୍ରାନ୍ତେ ଚନ୍ଦନଶୋଭା ବିଦ୍ରୂପ କରେ ବାରଂବାର,
ମେଘବେଷ୍ଟିତ ଶିଶୁ ଚନ୍ଦ୍ର ତ କେବେ ନୁହେଁ ତା'ର ପଟାନ୍ତର,
ନିର୍ଦ୍ଦୟ ହୃଦେ ମର୍ଦ୍ଦନ କରି ସ୍ତନମଣ୍ଡଳ ହେ ସହଚରୀ
ହୃଦ ମନ୍ଦିରେ ସଂସ୍ମରଣର ମଧୁର ଛନ୍ଦ ଦିଅନ୍ତି ଭରି ।

ଗଣ୍ଡଯୁଗଳେ ମଣିମଣ୍ଡିତ କୁଣ୍ଡଳ ଶୋଭା ଏମିତି ଦିଶେ
ପାଦପଦ୍ମରେ ସଜ୍ଜିତ ତନୁ ମୃଦୁଭାବେ ମୁନିରମଣୀ ଭସେ ।
ମାନବ, ଦେବ ଓ ଦାନବଦୟିତା କୃଷ୍ଣରୂପରେ ଧୈର୍ଯ୍ୟ ଚ୍ୟୁତି
ଉଦାର କାନ୍ତି ଆକର୍ଷଣରେ ମୋହିତ ହୁଅନ୍ତି ଦମ୍ଭ ଭୁଲି ।

କୁସୁମକାନ୍ତି କଦମ୍ବ ମୂଳେ ପହଞ୍ଚି ଯେବେ ପଦ୍ମପାଦେ
ବଙ୍କିମ ଭ୍ରୂଯୁଗଳ ନଚାଇ ରମ୍ୟ ଆବେଶେ ଚାହାନ୍ତି ମୋତେ,
ପ୍ରେମ ଦୃଷ୍ଟିରେ ତରଙ୍ଗ ପରି ଅନୁକ୍ଷଣେ
ଅନଙ୍ଗ ଭାବ ଉଦ୍‌ବେଳ ହୁଏ ଗୋପନ ମନେ,
ହରି ସ୍ମରଣର ମଧୁର ଭାବରେ ବିହ୍ୱଳ କବି
ଭକ୍ତି ଆବେଶେ କୃଷ୍ଣ ମଧୁର ଚରଣ ସେବି
ପାଦପଙ୍କଜ ହୃଦୟରେ ଥାପି କ୍ଷଣକୁ କ୍ଷଣ
କଳିକଳୁଷ ଧ୍ୱଂସ ପାଇଁକି କରନ୍ତି ହରି ସଂସ୍ମରଣ ।

କିପରି କୃଷ୍ଣ ଗୁଣ ବଖାଣିବି ଯେହେତୁ ମନ ମୋ ପର ଅଧୀନ,
ଭ୍ରମରେ ଦିନେ ମୁଁ କରିନାହିଁ କାହିଁ ହରିଙ୍କୁ ରୋଷ ପ୍ରଦର୍ଶନ ।
ଅବଗୁଣ ଭୁଲି ଭଲ ମୁଁ ପାଇଛି ସନ୍ତୋଷ ଶିଖା ହୃଦୟେ ଭରି,
ଅଜି ପ୍ରିୟ ପ୍ରତି ପ୍ରେମ ଉଲ୍ଲାସ ଗୋପୀ ଅନ୍ତରେ ଜାଗୁଛି ଭାରି ।
ତେଜି ମୋ ସଙ୍ଗ ରତି ରଙ୍ଗରେ ଅନ୍ୟ ଗୋପୀର ଆଦରେ ଭୁଲି
କେଳି କରିଲେ ବି ଶୁଭଚିନ୍ତନ ଅନ୍ତରେ ମୋର ଉଠଇ ଭରି ।

*ସହକାରୀ ସମ୍ପାଦକ,*
*ସୂଚନା ଓ ଲୋକସମ୍ପର୍କ ବିଭାଗ,*
*ଭୁବନେଶ୍ୱର ।*

■ *ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଐକ୍ୟ ପ୍ରତିଷ୍ଠା ଦିଗରେ ଭାରତର ଯେଉଁ ମହାନ୍ ଦାୟିତ୍ୱ ରହିଛି, ତାହା ଏ ଯାଏ ସମ୍ପୂର୍ଣ୍ଣ ହୋଇ ନାହିଁ, ବରଂ ଏହା ନୂତନ ଭାବେ ଆତ୍ମପ୍ରକାଶ କରିଛି । ସମଗ୍ର ବିଶ୍ୱପ୍ରତି ଏହାର ଏକ ମହାନ୍ ସନ୍ଦେଶ ରହିଛି ।*

**—ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ**




## କାଠ ବିକ୍ରେତାରୁ ଚାହାପାନ ଦୋକାନୀ

କଳାହାଣ୍ଡି ଜିଲ୍ଲାର ଧର୍ମଗଡ ସବ୍‌ଡିଭିଜନ ଅନ୍ତର୍ଗତ କଲମପୁର ବ୍ଲକ୍ ସଦର ମହକୁମାଟି ଜୁନାଗଡଠାରୁ ବଙ୍କା ରାସ୍ତାରେ ୭୩ କି.ମି. । ଗ୍ରାମଟି ଦୁର୍ଗମ ଅଞ୍ଚଳରେ ଏବଂ ବଣ ପାହାଡ ନଦୀ ଘେରା ମଧ୍ୟରେ ଅବସ୍ଥିତ । ଉକ୍ତ ଗ୍ରାମରେ ଦେବେନ୍ଦ୍ର ସାହୁ ନାମକ ୨୭ ବର୍ଷ ବୟସ୍କ ଯୁବକ ବାସ କରନ୍ତି । ବାପା ତାଙ୍କର ଶ୍ରୀ ଭକ୍ତରାମ ସାହୁଙ୍କ ସମେତ ମା, ନିଜ ସ୍ତ୍ରୀ, ଗୋଟିଏ କଲେଜ ଫେରନ୍ତା ଭାଇ ଏବଂ ତିନି ବର୍ଷର ଏକମାତ୍ର ପୁତ୍ରସହ ଛଅ ପ୍ରାଣ କୁଟୁମ୍ବ ତାଙ୍କ ପରିବାରରେ ବାସ କରନ୍ତି । ସେ ସ୍ଥାନୀୟ ବିଦ୍ୟାଳୟରେ ୭ମ ଶ୍ରେଣୀ ପର୍ଯ୍ୟନ୍ତ ଆର୍ଥିକ ଅନାଟନ ଭିତରେ ପାଠ ପଢିବାର ସୁଯୋଗ ପାଇଥିଲେ । ବାପାଙ୍କର କିଛି ଜମି ବାଡି ନାହିଁ, ସେ କେବଳ ଗୋଟିଏ ଛୋଟିଆ ଚା' ଦୋକାନ ସାଙ୍ଗକୁ ପାନ ଦୋକାନ କରି ଛୋଟିଆ ସ୍ଥାନରେ ବିକ୍ରି ଲବ୍ଧ କିଞ୍ଚିତ ଅର୍ଥରୁ ପରିବାର ପ୍ରତିପୋଷଣ କରି ଆସୁଥିଲେ । ଅଧିକ ବୟସ ହେବାରୁ ଏବଂ ସ୍ୱାସ୍ଥ୍ୟଗତ ଅସୁବିଧା ଦୃଷ୍ଟିରୁ ଆର୍ଥିକ ଅବସ୍ଥା ଧୀରେଧୀରେ ଶୋଚନୀୟ ହେଲା, ତେଣୁ ଯୁବକ ଦେବେନ୍ଦ୍ର ସାହୁ ସ୍କୁଲ ପାଠପଢା ଛାଡି ଜଙ୍ଗଲକୁ ଗଲେ କୁରାଢି ସାଥିରେ । ଜଙ୍ଗଲରୁ ଜାଳେଣି କାଠ ସଂଗ୍ରହ କରି ନିଜ କାନ୍ଧରେ ତାକୁ ବୋହି ଆଣି ନିଜ ଗ୍ରାମରେ ତଥା ଆଖପାଖ ଗ୍ରାମରେ ବିକ୍ରି କରି ଦୈନିକ ହାରାହାରି ପାଞ୍ଚ ଟଙ୍କା ଉପାର୍ଜନ କରୁଥିଲେ । ଏପରି ବାର୍ଷିକ ସେ ୬୦୦ ଟଙ୍କାରୁ ୭୦୦ ଟଙ୍କା ମଧ୍ୟରେ ମୁଣ୍ଡ ଝାଳ ତୁଣ୍ଡରେ ମାରି ଉପାର୍ଜନ କରୁଥିଲେ ଏବଂ ପରିବାର ପୋଷଣରେ ବାପାଙ୍କୁ ସାହାଯ୍ୟ କରି ଆସିଥିଲେ । ବାପା, ମାଙ୍କ ଚତୁର୍ଥ ଅବସ୍ଥା ହେବାରୁ ବାପା, ମା ତାଙ୍କୁ ବିବାହ କରିଦେଲେ । ତେଣୁ ସେ ବାପାଙ୍କ ପୂର୍ବ ଚାହା ଓ ପାନ ଦୋକାନ ଖଞ୍ଜିକ ନିଜେ ପରିଚାଳନା କଲେ । ନିଜେ ଏକୁଟିଆ ଚାହା ତିଆରି କରି ଏବଂ ପାନ ବାଣ୍ଟି ଗ୍ରାହକମାନଙ୍କୁ ବିକ୍ରି କଲେ । ଏପରି ତାଙ୍କର କିଞ୍ଚିତ ଆର୍ଥିକ ଅବସ୍ଥା ସୁଧୁରିଲା ଏବଂ ବ୍ୟାଙ୍କ୍ ଋଣ କରି ଭଲଭାବରେ ଦୋକାନ ଖଞ୍ଜିକ କରିବାକୁ ଏବଂ ନିଜର ଘର ତିଆରି କରିବାକୁ ସେ ଉଦ୍ୟମ ଆରମ୍ଭ କଲେ । କଲମପୁରସ୍ଥିତ ଷ୍ଟେଟ୍ ବ୍ୟାଙ୍କ୍ ଶାଖାରେ ଜଣେ ଆଇ.ଆର୍.ଡି.ପି. ହିତାଧିକାରୀ ଭାବରେ ସେ ୧୯୮୬ ମସିହାରେ କ୍ଷୁଦ୍ର ବ୍ୟବସାୟ ପାଇଁ ୧,୫୦୦ ଟଙ୍କାର ଋଣ ପାଇଲେ । ଏହି ଋଣ ଉପରେ ୧/୩ % ଭାଗ ରିହାତି । ତେଣୁ ସେ ୫୦୦ ଟଙ୍କାର ରିହାତି ଲାଭ ପାଇଲେ । ତାଙ୍କର ଋଣ ଉପରେ ୧୦% ଭାଗ ସୁଧ । କ୍ରମଶଃ ସେ ଋଣ ସୁଝିବାକୁ ଲାଗିଲେ । ଗତ ତା ୧.୬.୧୯୯୦ରିଖ ଦିନକୁ ସାକ୍ଷାତକାର ସମୟରେ ଷ୍ଟେଟ୍ ବ୍ୟାଙ୍କ୍‌ର ଶାଖା ପରିଚାଳକ ଶ୍ରୀ ଧନଞ୍ଜୟ ସାହୁଙ୍କ ସମ୍ମୁଖରେ ସେ କହନ୍ତି ଯେ ତାଙ୍କର ଆଉ ୬୦୦ ଟଙ୍କା ସୁଝିବାକୁ ବାକି ଅଛି । ଯାହାକି ସେ କିସ୍ତି ଅନୁସାରେ ଠିକ୍ ସମୟ ମଧ୍ୟରେ ସୁଝି ଦେବେ । ଇତି ମଧ୍ୟରେ ସେ ନିଜର ଉନ୍ନତି ସାଧନ କରିଛନ୍ତି । ବାର୍ଷିକ ପ୍ରାୟ ହାରାହାରି ୧୪,୦୦୦ ଟଙ୍କା ଆୟ କରିପାରୁଛନ୍ତି । ନିଜପାଇଁ ଗୋଟିଏ ୩୦,୦୦୦ ଟଙ୍କାର ପକ୍କାଘର ତିଆରି କରି ପାରିଥିବା ସେ ନିଜେ ସ୍ୱୀକାର କରନ୍ତି, ଏହାଛଡା ୨ଗୋଟି ଛେଳି ଓ ୨ ଗୋଟି ମେଣ୍ଢା କିଣି ପାଳୁଛନ୍ତି । ସମୁଦାୟ ଛେଳି ମେଣ୍ଢା ବର୍ତ୍ତମାନ ୬ ଗୋଟି ଥିବାର ସେ ହସିହସି କହନ୍ତି । ଯଦିଓ ଚାହାପାନ ଦୋକାନଟି କଲମପୁର ମାର୍କେଟ ଭିତରେ ଅସ୍ଥାୟୀ କୁଡିଆରେ ଚାଲୁଛି, ତଥାପି ସେ ଶାନ୍ତିରେ ଏବଂ ମନ ଆନନ୍ଦରେ ରୋଜଗାର କରି ଚାଲିଛନ୍ତି, ନିଜର ଉନ୍ନତି କରିବା ସଙ୍ଗେସଙ୍ଗେ ନିଜ ଭାଇକୁ କଲେଜରେ +୨ ଶ୍ରେଣୀରେ ପାଠ ପଢାଉଛନ୍ତି । ନିଜର ଏକମାତ୍ର ପୁଅକୁ ସେ ଭଲଭାବରେ ମଣିଷ କରିବାକୁ ମନସ୍ଥ କରିଛନ୍ତି । କିଛି ଅର୍ଥ ସଂଗ୍ରହ କରି କିଛି ଚାଷଜମି କିଣିବାକୁ ତାଙ୍କର ଆଗ୍ରହ ଥିବା ଜଣାପାଉଛି । ବ୍ୟାଙ୍କ୍ ଋଣକୁ ସେ ସଫଳଭାବରେ ବିନିଯୋଗ କରି ଆର୍ଥିକ ଉନ୍ନତି ଘଟାଇ ପାରିଥିବାରୁ ସେ ବେଶ୍ ଆନନ୍ଦିତ ଏବଂ ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କ ନିକଟରେ କୃତଜ୍ଞ ।

ଈଶ୍ୱର ପ୍ରସାଦ ସିଂହ
ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ,
କଳାହାଣ୍ଡି ।

## ସାହସୀ ଯୁବକ ବୈଷ୍ଣବ ସିଂ

କୋରାପୁଟ ଭଳି ଅନୁନ୍ନତ ଜିଲ୍ଲାର ଥୁଆମୁଲ ରାମପୁର ଅଞ୍ଚଳର ଅଧିବାସୀମାନେ ଅଛୁଆଁ ପଛୁଆ । ୧୯୮୦ ପୂର୍ବରୁ ଏହି ଅଞ୍ଚଳକୁ କୌଣସି ରାସ୍ତାଘାଟ ଯାନବାହାନ ଯୋଗାଯୋଗ ସୁବିଧା ନଥିଲା । କିନ୍ତୁ ବର୍ତ୍ତମାନରେ ଏହି ଅଞ୍ଚଳ ରାସ୍ତାଘାଟ ଓ ଯାତାୟତ ସୁବିଧା ପାଇ ବର୍ତ୍ତମାନ ଅଧିବାସୀମାନେ ଉନ୍ନତି ପଥେ ଅଗ୍ରସର ହେଉଛନ୍ତି । ଏଭଳି ଅଞ୍ଚଳରେ ଘଞ୍ଚ ଜଙ୍ଗଲ, ବନ୍ୟ ହିଂସ୍ରଜନ୍ତୁ ପରିପୂର୍ଣ୍ଣ କର୍ଲାପାଟ ଗ୍ରାମଟି ଏକ ମୁଖ୍ୟ ଗ୍ରାମ । ପୁରାତନ ଜମିଦାରୀ ଅଞ୍ଚଳ । କର୍ଲାପଟ ଜମିଦାରଙ୍କ ପୁରାତନ ରାଜଧାନୀ । ପୂର୍ବରେ ରାଜୁତା ଶାସନର ଅନ୍ଧାରି ମୂଲକରେ କୂପ ମଣ୍ଡୁକ ପରି ପଡି ରହିଥିବା ଏ ଅଞ୍ଚଳର ଅଧିବାସୀମାନେ ଆଜି ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ପ୍ରତି ସଚେତନ । ବର୍ତ୍ତମାନ ପ୍ରାୟ ୯୦୦ ଲୋକସଂଖ୍ୟା ବିଶିଷ୍ଟ, ଏହି କ୍ଷୁଦ୍ର ଗ୍ରାମରେ ଅଧିକାଂଶ ଆଦିବାସୀ ହରିଜନ । ଅଧିକାଂଶ ଚାଷୀ ଓ ମୂଲିଆ ଶ୍ରେଣୀ ଅଟନ୍ତି । ଦୈନିକ ମୂଲି ମଜୁରୀ କରି ପେଟ ପୋଷନ୍ତି । ଏହି ଗ୍ରାମରେ ଗୋଟିଏ ମଧ୍ୟ ଇଂରାଜୀ ବିଦ୍ୟାଳୟ ଅଛି । ଶିକ୍ଷାଦାନ ପ୍ରତି ସମସ୍ତେ ସଚେତନ । ଜମିଦାର ପରିବାରକୁ ଛାଡିଦେଲେ ତିନିଜଣ ମାଟ୍ରିକ୍ ଫେଲ୍ ଯୁବକ ଓ ଦୁଇଜଣ କଲେଜ ପଢା ଯୁବକ ଅଛନ୍ତି । ବ୍ଲକ୍ ତରଫରୁ ଅତ୍ୟାବଶ୍ୟକ ଜିନିଷ ଏ ଅଞ୍ଚଳରେ ଗ୍ରାମବାସୀଙ୍କୁ ଯୋଗାଇ ଦିଆଯାଉଛି । ଶ୍ରୀ ଗଣେଶ ରାମ ସିଂଙ୍କ ପୁତ୍ର ଶ୍ରୀ ବୈଷ୍ଣବ ସିଂ, ବୟସ ୨୫, ଶିକ୍ଷାଗତ ଯୋଗ୍ୟତା ଆଇ.ଏ. ପାସ୍ କରିଛନ୍ତି । ଏହି ଉଦୀୟମାନ ଯୁବକ ଆଇ.ଏ. ପରେ କୌଣସି କାରଣ ବଶତଃ ଉଚ୍ଚ ଶିକ୍ଷା ପାଇଁ ଯାଇ ପାରିଲେ ନାହିଁ ଏବଂ ଶ୍ରୀ ବୈଷ୍ଣବ ସିଂ ସରକାରଙ୍କ ବେକାର ଅନିଶ୍ଚିତ କର୍ମଯୋଗାଣ ଯୋଜନାରେ (Unemployment Scheme) ଋଣ ପାଇଁ ଦରଖାସ୍ତ କଲେ । ୧୯୮୯ ମସିହାରେ ସେ ଥୁଆମୁଲ ରାମପୁର ବ୍ୟାଙ୍କ୍‌ରୁ ସେପ୍ଟେମ୍ବର୍ ୧୯୮୯ରେ ୨୫,୦୦୦ ଟଙ୍କା ଋଣ ପାଇଲେ । ଏହି ଋଣରୁ ଗ୍ରାମରେ ଗୋଟିଏ ଷ୍ଟେସନାରି ଦୋକାନ ଖୋଲିଲେ । ଏହି ଦୋକାନରୁ ସେ ଭଲ ଲାଭ ପାଉଛନ୍ତି । ପ୍ରାୟ ଦୈନିକ ୧୫୦/୨୦୦ ଟଙ୍କା ବିକ୍ରି କରୁଛନ୍ତି ଏବଂ ନିଜ ଘରୋଇ ଖର୍ଚ୍ଚ ପରେ ବ୍ୟାଙ୍କ୍‌ରେ ମାସକୁ ୪୦୦/୫୦୦ ଟଙ୍କା ଋଣ ପରିଶୋଧ କରୁଛନ୍ତି ।

ଏକ ସାକ୍ଷାତ୍କାରରେ ସେ କହିଛନ୍ତି ଯେ ଏହି ଦୋକାନ ବ୍ୟବସାୟରେ ଅର୍ଥ ଉପାର୍ଜନ କରି ସେ ବ୍ଲକ୍ ଅଫିସର ଛୋଟଛୋଟ ରାସ୍ତା ପୋଲ କଣ୍ଟ୍ରାକ୍ଟ କାମ ମଧ୍ୟ କରୁଛନ୍ତି । ବିଗତ ବର୍ଷ ଏହି ବାବଦରେ ପ୍ରାୟ ୪,୦୦୦ ଟଙ୍କା ଲାଭବାନ ହୋଇଥିବା ପ୍ରକାଶ କରିଥିଲେ । ସେ ଜଣେ କଠିନ ପରିଶ୍ରମୀ, ଉଚ୍ଚ ଆକାଂକ୍ଷିତ ଯୁବକ । ଏହି ଛୋଟ ଦୋକାନ ସାହାଯ୍ୟରେ ବ୍ୟାଙ୍କର ସମ୍ପୂର୍ଣ୍ଣ ଋଣ ପରିଶୋଧ କଲା ପରେ ସଙ୍ଗେସଙ୍ଗେ ନିଜ ଭବିଷ୍ୟତ କାମରେ ମଧ୍ୟ ଜଣେ ଦକ୍ଷ କଣ୍ଟ୍ରାକ୍ଟର ହେବେ ବୋଲି ଆଶାପୋଷଣ କରିଛନ୍ତି ।

ଅଶୋକ କୁମାର ପାତ୍ର,
ଉପଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,
ନବରଙ୍ଗପୁର ।

## ବିକାଶପଥେ ପଲ୍ଲୀମାଳିନୀ ଗଞ୍ଜାମ

ଶ୍ରୀ ଦାମୋଦର ପାଢୀ

ପ୍ରାକ୍‌ଐତିହାସିକ ଯୁଗରେ ଅକ୍ଷର ବା ଲିପିର ପ୍ରଚଳନ ନଥିଲା । ଲୋକମାନେ ବେଦ, ବେଦାନ୍ତ ଓ ଅନ୍ୟାନ୍ୟ ପୌରାଣିକ ତଥ୍ୟ ଶୁଣିଶୁଣି ମନେ ରଖୁଥିଲେ । ତେଣୁ ବେଦର ଅନ୍ୟନାମ ଶ୍ରୁତି । ଭାରତ ଏକ ଗ୍ରାମବହୁଳ ତଥା କୃଷି ପ୍ରଧାନ ରାଷ୍ଟ୍ର । ଅଧିକାଂଶ ଲୋକ କୃଷି ଉପରେ ନିର୍ଭର କରନ୍ତି । ସ୍ୱାଧୀନତା ପୂର୍ବରୁ ଗ୍ରାମାଞ୍ଚଳରେ ଶିକ୍ଷାର ପ୍ରସାର ନଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । ଏଣୁ ସରକାରଙ୍କ କାର୍ଯ୍ୟକ୍ରମ, ବିଭିନ୍ନ ଗଠନମୂଳକ ଯୋଜନାଗୁଡିକ ଲୋକଲୋଚନକୁ ପହଞ୍ଚି ପାରୁନଥିଲା । ତେଣୁ ୧୯୩୯ ମସିହାରେ ପ୍ରଥମ ଥର ପାଇଁ ପଲ୍ଲୀଶ୍ରୋତା ମଣ୍ଡଳୀ କାର୍ଯ୍ୟକ୍ରମ ହାତକୁ ନିଆଗଲା ଓ ୬ଗୋଟି ବେତାର କେନ୍ଦ୍ର ଜରିଆରେ କୃଷି ସମ୍ବନ୍ଧୀୟ କାର୍ଯ୍ୟକ୍ରମ ପ୍ରଚାର କରାଗଲା । ସେତେବେଳେ ଗ୍ରାମାଞ୍ଚଳରେ ଶିକ୍ଷାର ପ୍ରସାର ନଥିଲା । ୨୫% ଲୋକ ସାକ୍ଷର ଥିଲେ । ବର୍ତ୍ତମାନ ତାହା ବୃଦ୍ଧି ପାଇ ୩୬.୨୩% ହୋଇଛି । ଭାରତର ଲୋକସଂଖ୍ୟା ୬୮ କୋଟି ୫୨ ଲକ୍ଷ । ତନ୍ମଧ୍ୟରୁ ୫୨ କୋଟି ୫୫ ଲକ୍ଷ ଲୋକ ଗ୍ରାମାଞ୍ଚଳରେ ବସବାସ କରନ୍ତି । ୧୯୪୯ ମସିହାରେ ବିଭିନ୍ନ ପ୍ରଗତିମୂଳକ ଯୋଜନା ଯଥା : କୃଷି, ଶିଳ୍ପ, ସମବାୟ, ସ୍ୱାସ୍ଥ୍ୟ, ଶିକ୍ଷା, ପଶୁପାଳନ, ବନୀକରଣ ପ୍ରଭୃତି ଯୋଜନାର ବହୁଳ ପ୍ରଚାର ନିମନ୍ତେ ଦିଲ୍ଲୀ, ଲକ୍ଷ୍ନୌ, ତିରୁଚିନାପଲ୍ଲୀ, ବିଜୟୱାଡା ପ୍ରଭୃତି ବେତାର କେନ୍ଦ୍ରଗୁଡିକରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇ ପଲ୍ଲୀଶ୍ରୋତା ମଣ୍ଡଳୀ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଗଲା । ୧୯୫୬ ମସିହାରେ "ୟୁନେସ୍କୋ"ର ସହାୟତାରେ ବର୍ତ୍ତମାନର ପଲ୍ଲୀଶ୍ରୋତା ମଣ୍ଡଳୀ ପଦ୍ଧତି ଗଠିତ ହେଲା । ଏଥିରେ ଗ୍ରାମର ଉତ୍ସାହୀ ଲୋକମାନଙ୍କୁ ନେଇ ଆବାହକ ଓ ସଭାପତି ବ୍ୟତିତ ୨୦ ଜଣ ସଭ୍ୟ ରହିଥାନ୍ତି । ପଲ୍ଲୀଶ୍ରୋତା ମଣ୍ଡଳୀର ଭୂମିକା ସଫଳତାର ସହ ଗ୍ରାମବାସୀମାନଙ୍କ ମଧ୍ୟରେ ପ୍ରଭାବ ପକାଇବାରୁ ୧୯୫୯ ମସିହା ନଭେମ୍ବର ୧୭ ତାରିଖଠାରୁ ଦେଶର ପ୍ରତ୍ୟେକ ବେତାର କେନ୍ଦ୍ରରୁ ପଲ୍ଲୀଶ୍ରୋତା ମଣ୍ଡଳୀ କାର୍ଯ୍ୟକ୍ରମ ପ୍ରଚାର ଆରମ୍ଭ ହେଲା ।

ଓଡିଶାର କଟକ ବେତାର କେନ୍ଦ୍ରରୁ ପ୍ରଥମ ପର୍ଯ୍ୟାୟରେ କଟକ, ପୁରୀ, ବାଲେଶ୍ୱର, ଢେଙ୍କାନାଳ ଓ ଗଞ୍ଜାମ ଜିଲ୍ଲାର ୨୩ ଗୋଟି ବ୍ଲକ୍‌ରେ ୯୨ଗୋଟି ପଲ୍ଲୀଶ୍ରୋତା ମଣ୍ଡଳୀ ଗଠନ କରାଯାଇ କାର୍ଯ୍ୟକ୍ରମ ପ୍ରଚାର କରାଗଲା । ୧୯୬୨ ମସିହା ବେଳକୁ ଉକ୍ତ ପାଞ୍ଚଗୋଟି ଜିଲ୍ଲାର ୭୫ଟି ବ୍ଲକ୍ ସମ୍ପ୍ରସାରିତ ହୋଇ ମୋଟ ୩୦୫ଟି ପଲ୍ଲୀଶ୍ରୋତା ମଣ୍ଡଳୀ ଗଠିତ ହେଲା । ସେତେବେଳେ ଉକ୍ତ ଜିଲ୍ଲାଗୁଡିକରେ ମୋଟ ୫,୩୮୬ଟି ସର୍ବସାଧାରଣ ରେଡିଓ ସେଟ୍ ଥିଲା । ତତ୍‌ପରେ ୧୯୬୩ ମସିହାରେ ସମ୍ବଲପୁର ଓ ୧୯୬୪ ମସିହାରେ ଜୟପୁର ବେତାର କେନ୍ଦ୍ରରୁ ପଲ୍ଲୀଶ୍ରୋତା ମଣ୍ଡଳୀ କାର୍ଯ୍ୟକ୍ରମ ପ୍ରଚାରିତ ହେଲା । ବର୍ତ୍ତମାନ ସମଗ୍ର ଓଡିଶାରେ ମୋଟ ୨,୮୧୧ଟି ପଲ୍ଲୀଶ୍ରୋତା ମଣ୍ଡଳୀ କାର୍ଯ୍ୟକ୍ରମ ହେଉଛି । ଗଞ୍ଜାମ ଜିଲ୍ଲାରେ ୩୦୩ ଗୋଟି ପଲ୍ଲୀଶ୍ରୋତା ମଣ୍ଡଳୀ କାର୍ଯ୍ୟ କରୁଛି । ସୂଚନା ଓ ଲୋକ ସଂପର୍କ ବିଭାଗ ଦ୍ୱାରା ପଲ୍ଲୀଶ୍ରୋତା ମଣ୍ଡଳୀଗୁଡିକୁ ଗଠନ କରାଯାଇଥାଏ ଓ ମାଗଣାରେ ଯୋଗାଯୋଗ

ନିମନ୍ତେ ଆବଶ୍ୟକୀୟ କାଗଜ ତଥା ଲଫାପା ଯୋଗାଇ ଦିଆଯାଇଥାଏ । ପ୍ରତି ମଙ୍ଗଳବାର ଓ ଗୁରୁବାର ଦିନ ସଂଧ୍ୟା ଘ୬.୩୦ମିରୁ ରାତ୍ର ୮ ଘଣ୍ଟା ପର୍ଯ୍ୟନ୍ତ ଏକ ସମୟରେ କଟକ, ସମ୍ବଲପୁର, ଜୟପୁର, ଓ କେଉଁଝର ବେତାର କେନ୍ଦ୍ରରୁ ପଲ୍ଲୀଶ୍ରୋତା ମଣ୍ଡଳୀ କାର୍ଯ୍ୟକ୍ରମ ପ୍ରଚାରିତ ହୋଇଥାଏ । ପଲ୍ଲୀଶ୍ରୋତା ମଣ୍ଡଳୀ କାର୍ଯ୍ୟକ୍ରମ ଦ୍ୱାରା ପ୍ରଚାରିତ କୌଣସି ବିଷୟରେ କୌଣସି ସନ୍ଦେହ ହେଲେ ଅବାହକ ବିନାମୂଲ୍ୟରେ ବେତାର କେନ୍ଦ୍ର ନିର୍ଦ୍ଦେଶକଙ୍କୁ ପତ୍ରାଳାପ କରି ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରଥନ୍ତି ।

ଓଡିଆ ଭାଷା ଓ ସାହିତ୍ୟର ଇତିହାସ ପୃଷ୍ଠା ଲେଉଟାଇଲେ ଗଞ୍ଜାମର ସ୍ଥାନ ଅଦ୍ୱିତୀୟ । ଏହାର କୃତି ସନ୍ତାନ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ ଗୋପାଳ କୃଷ୍ଣ ପ୍ରମୁଖଙ୍କ ଓଡିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ଅତୁଳନୀୟ ଅବଦାନ ରହିଛି । ଏଣୁ ଗଞ୍ଜାମକୁ ଐତିହାସିକ କଳିଙ୍ଗ ପୀଠ କୁହାଯାଏ । ସେହି ପୂର୍ବସୂରୀମାନଙ୍କର କୀର୍ତ୍ତିର ପଟାନ୍ତର ନାହିଁ କହିଲେ ସତ୍ୟର ଅପଳାପ ହେବନାହିଁ । ସେମାନଙ୍କ ଦ୍ୱାରା ରଚିତ ସଂଗୀତର ମଧୁର ସ୍ୱର ମଧ୍ୟ ଗାଁ, ଗଣ୍ଡା, କ୍ଷେତ, ବିଲ, ବାଡିରେ ଗୁଞ୍ଜରିତ ହେବାର ପ୍ରତୀୟମାନ ହୁଏ । ଏଣୁ ପଲ୍ଲୀବାସୀଙ୍କୁ କୃଷି ସମ୍ବନ୍ଧୀୟ ଶିକ୍ଷା ଦେବା ନିମନ୍ତେ ପଲ୍ଲୀଶ୍ରୋତା ମଣ୍ଡଳୀର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ବର୍ତ୍ତମାନ ଗଞ୍ଜାମ ଜିଲ୍ଲାର ଲୋକସଂଖ୍ୟା ୨୯,୬୬,୮୧୯ ଜଣ । ଏମାନଙ୍କ ମଧ୍ୟରୁ ୮୫.୭୫% ଲୋକ ଗ୍ରାମାଞ୍ଚଳରେ ବସବାସ କରନ୍ତି । ହରିଜନ ଲୋକଙ୍କ ସଂଖ୍ୟା ୧୫.୦୨% ଥିବା ସ୍ଥଳେ ଆଦିବାସୀଙ୍କ ସଂଖ୍ୟା ୯.୪୮% ଏବଂ ୫୦.୫୨% କୃଷି ଶ୍ରମିକ ଅଟନ୍ତି । ଜିଲ୍ଲାର ସାକ୍ଷରତା ହାର ୩୦.୭୮% ଏବଂ ମହିଳା ସାକ୍ଷର ୧୬.୬୮% ଓ ପୁରୁଷ ସାକ୍ଷର ହାର ୪୫.୧୫% ଅଟେ ।

ଗ୍ରାମବାସୀଙ୍କୁ ସରକାରଙ୍କ କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନ କରାଇବା ନିମନ୍ତେ ପଲ୍ଲୀଶ୍ରୋତା ମଣ୍ଡଳୀର ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ । ପ୍ରତି ସପ୍ତାହରେ ଦୁଇ ଦିନ ଗ୍ରାମବାସୀମାନେ ଏକତ୍ରିତ ହୋଇ ବିଭିନ୍ନ ବିଷୟରେ ବାର୍ତ୍ତାଳାପ ଓ ଦେଶ ତଥା ରାଜ୍ୟର ସାମ୍ପ୍ରତିକ ପରିସ୍ଥିତି ସଂକ୍ରାନ୍ତୀୟ ଆଲୋଚନାରେ ଅଂଶ ଗ୍ରହଣ କରିବାର ସୁଯୋଗ ପାଆନ୍ତି । ବର୍ତ୍ତମାନ ବିଭିନ୍ନ ଗଣମାଧ୍ୟମ ଯଥା : ସରକାରଙ୍କ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶନ, ବେତାର, ଦୂରଦର୍ଶନ ବାବଦରେ ଲୋକମାନେ ବିଶେଷଭାବେ ସଚେତନ ହୋଇ ପାରୁଛନ୍ତି । ପ୍ରତି ବର୍ଷ ଜିଲ୍ଲାର ସମସ୍ତ ପଲ୍ଲୀଶ୍ରୋତା ମଣ୍ଡଳୀଗୁଡିକର ଆବାହକ ଓ ସଭାପତିମାନଙ୍କୁ ନେଇ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ କୌଣସି ଏକ ଗ୍ରାମରେ ଜିଲ୍ଲାସ୍ତରୀୟ ଆଲୋଚନା ଚକ୍ର, ତାଲିମ ଶିବିର, ପ୍ରଦର୍ଶନୀ ଆଦି କରାଯାଇ ଉକ୍ତ ଗ୍ରାମର ବିକାଶ କାହାଣୀ ସେଦିନ ରାତିରେ ବେତାର ମାଧ୍ୟମରେ ପ୍ରଚାରିତ ହୋଇ ଲୋକ ଲୋଚନକୁ ଅଣାଯାଇଥାଏ । ଗଞ୍ଜାମ ଜିଲ୍ଲାରେ ଏଭଳି ଆଲୋଚନା ଚକ୍ର ୧୯୮୬ ମସିହାରେ ଶିକୁଳା ଗ୍ରାମରେ, ୧୯୮୮ ମସିହାରେ ନନିଆପଲ୍ଲୀ ଗ୍ରାମରେ ଓ ୧୯୮୯ ମସିହାରେ କେରାଣ୍ଡିମୋଳା ଗ୍ରାମରେ ଅନୁଷ୍ଠିତ ହୋଇଥିଲା । ପରିବାର କଲ୍ୟାଣ, ପ୍ରୌଢ ଶିକ୍ଷା, ବନଲଗାଇ ପ୍ରଭୃତି କାର୍ଯ୍ୟକ୍ରମଗୁଡିକୁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ବିଭିନ୍ନ ପଲ୍ଲୀଶ୍ରୋତା ମଣ୍ଡଳୀରେ ପାଲା ଓ ଦାଣ୍ଡନାଟ ମାଧ୍ୟମରେ ପ୍ରଚାର କରାଯାଏ । ଗଞ୍ଜାମର ଆଦିବାସୀ ଅଧ୍ୟୁଷିତ ମାଳାଞ୍ଚଳଗୁଡିକରେ ସରକାରଙ୍କ ତରଫରୁ ୫ଗୋଟି ଟେଲିଭିଜନ ଯୋଗାଇ ସେମାନଙ୍କୁ ମନୋରଞ୍ଜନର ସୁବିଧା ଦିଆଯାଉଛି ।






## ଅର୍ଥକରୀ ଫସଲ ଉତ୍ପାଦନ ପାଇଁ ବ୍ୟାପକ କାର୍ଯ୍ୟକ୍ରମ

ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ପରାମର୍ଶ କ୍ରମେ ଖାଦ୍ୟ ଶସ୍ୟ ଉତ୍ପାଦନ ସହ ରାଜ୍ୟର ଆଳୁ, କଦଳୀ, କମଳା ଲେମ୍ବୁ ଜାତୀୟ ଫଳ, ମକା ଏବଂ ସୂର୍ଯ୍ୟମୁଖୀ ଫୁଲ ଆଦି ଅର୍ଥକରୀ ଫସଲର ବହୁଳ ଉତ୍ପାଦନ ନିମନ୍ତେ ରାଜ୍ୟ ସରକାର ଏକ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି ।

ରାଜ୍ୟ ସଚିବାଳୟଠାରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏ ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଉପରୋକ୍ତ ଫସଲଗୁଡ଼ିକର ବହୁଳ ଚାହିଦା ରହିଥିବା ଦୃଷ୍ଟିରୁ ଏ ପ୍ରକାର ଫସଲ ଉତ୍ପାଦନ ପରିମାଣକୁ ୫ଗୁଣ ବୃଦ୍ଧି କରିବା ପାଇଁ ବିଭିନ୍ନ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ସେଥିପାଇଁ କେଉଁ ଫସଲ ନିମନ୍ତେ ରାଜ୍ୟର କେଉଁ ଅଞ୍ଚଳ ଉପଯୁକ୍ତ, ତାହା ଚିହ୍ନଟ କରିବା ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କୃଷି ଓ ଉଦ୍ୟାନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ।

ଏସବୁ ଫସଲର ଉତ୍ପାଦନ ବୃଦ୍ଧି ସଙ୍ଗେ ସଙ୍ଗେ ସଂରକ୍ଷଣ ପାଇଁ ରାଜ୍ୟରେ ରହିଥିବା ବ୍ୟବସ୍ଥା ପର୍ଯ୍ୟାପ୍ତ ନଥିବାରୁ ଏହାକୁ ମଧ୍ୟ ୫ ଗୁଣ ବୃଦ୍ଧି ନିମନ୍ତେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ବର୍ତ୍ତମାନ ରାଜ୍ୟରେ ଥିବା ଶୀତଳ ଭଣ୍ଡାରଗୁଡ଼ିକର ସଂରକ୍ଷଣ କ୍ଷମତା ଯଥେଷ୍ଟ ନୁହେଁ । ସେଥିପାଇଁ ବିଭିନ୍ନ ସ୍ଥାନରେ ଆବଶ୍ୟକତା ଅନୁଯାୟୀ ଅଧିକ ସଂଖ୍ୟକ ଶୀତଳ ଭଣ୍ଡାରଗୁଡ଼ିକୁ ଆଧୁନିକୀକରଣ କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

ପ୍ରସ୍ତାବିତ ଖାଦ୍ୟ ପ୍ରସେସିଂ କାରଖାନାରେ ପନିପରିବା ପ୍ରସେସିଂ ସହ ସଂରକ୍ଷଣ ବ୍ୟବସ୍ଥା ରହିବ । ଫଳରେ ପନିପରିବା ଓ ଫଳ ସ୍ଥାନୀୟ ଚାହିଦା ମେଣ୍ଟାଇବା ସଙ୍ଗେ ସଙ୍ଗେ ବଳକା ଫଳ ଓ ପନିପରିବା ରାଜ୍ୟ ବାହାରକୁ ମଧ୍ୟ ପଠାଯାଇ ପାରିବ । ଏହା ଫଳରେ ଚାଷୀମାନେ ବିଶେଷ ଲାଭବାନ ହେବେ ଏବଂ ସେମାନଙ୍କର ଆର୍ଥିକ ଉନ୍ନତି ହୋଇପାରିବ ।

ସମ୍ପ୍ରତି ରାଜ୍ୟରେ ଉନ୍ନତି କିସମର ଧାନ ବିହନ ୪୦ ଲକ୍ଷ କୁଇଣ୍ଟାଲ୍ ଆବଶ୍ୟକତା ରହିଥିବା ସ୍ଥଳେ ରାଜ୍ୟ ସରକାରଙ୍କ ବିଭିନ୍ନ କୃଷି ଫାର୍ମରୁ ଏହାର ମାତ୍ର ଶତକଡା ୨ରୁ ୩ ଭାଗ ଉତ୍ପାଦନ ହୋଇଥାଏ । ଆବଶ୍ୟକ ପରିମାଣର ଅନ୍ତତଃ ୧୦ ଭାଗ ଉନ୍ନତ ଧାନ ବିହନ ଉତ୍ପାଦନ ଲକ୍ଷ୍ୟ ନେଇ ରାଜ୍ୟ ସରକାର ତାମିଲନାଡୁ ପ୍ରଦେଶ ଢାଞ୍ଚାରେ ଏହା ଉତ୍ପାଦନ କରିବା ପାଇଁ ନିଷ୍ପତ୍ତି କରିଛନ୍ତି । ଏହି ବ୍ୟବସ୍ଥା ଅନୁଯାୟୀ ଆମ ରାଜ୍ୟର ବଛାବଛା ଚାଷୀଙ୍କୁ ମନୋନୀତ କରାଯାଇ ସେମାନଙ୍କୁ ରେଜିଷ୍ଟ୍ରେସନ୍ କରାଯିବା ଏବଂ ସେମାନଙ୍କ ଜରିଆରେ ଉନ୍ନତ କିସମର ଧାନ ବିହନ ଉତ୍ପାଦନ ପାଇଁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯିବ । ଏହି ଚାଷୀମାନଙ୍କ ଦ୍ୱାରା ଉତ୍ପାଦିତ ବିହନ ରାଜ୍ୟ ସରକାର ସଂଗ୍ରହ କରି ଅନ୍ୟ ଚାଷୀମାନଙ୍କୁ ଯୋଗାଇ ଦେବେ । ଏହି ବ୍ୟବସ୍ଥା ପ୍ରଚଳନ ଫଳରେ ଧାନ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ହୋଇପାରିବ ବୋଲି ଆଶା କରାଯାଉଛି ।

ଗ୍ରାମାଞ୍ଚଳ ଚାଷୀମାନଙ୍କୁ ସେମାନଙ୍କର ଆବଶ୍ୟକତା ଅନୁଯାୟୀ ସୁବିଧାରେ କୃଷି ଉପକରଣ ଯୋଗାଇ ଦେବା ପାଇଁ ବିକ୍ରୟ କେନ୍ଦ୍ରଗୁଡ଼ିକୁ ବୃଦ୍ଧି କରାଯିବା ଲାଗି ମଧ୍ୟ ନିଷ୍ପତ୍ତି ନିଆଯାଇଛି । ବର୍ତ୍ତମାନ ପ୍ରତ୍ୟେକ ବ୍ଲକ୍‌ରେ ଅନ୍ୟୁନ ୫ଟି ବିକ୍ରୟ କେନ୍ଦ୍ର

ଖୋଲାଯିବ । ବର୍ତ୍ତମାନ ସମଗ୍ର ରାଜ୍ୟରେ ମୋଟ ୩ ହଜାର ପ୍ରାଥମିକ ସେବା ସମବାୟ ସମିତି ଦ୍ୱାରା ପରିଚାଳିତ ବିକ୍ରୟ କେନ୍ଦ୍ର ରହିଛି । ଏହା ବ୍ୟତୀତ ବୃଦ୍ଧି କରାଯାଉଥିବା ବିକ୍ରୟ କେନ୍ଦ୍ରଗୁଡିକ ଅତିରିକ୍ତ ବିକ୍ରୟ କେନ୍ଦ୍ର ଭାବରେ ଚାଷୀମାନେ ସୁବିଧା ପାଇପାରିବେ ।

ଏହି ବୈଠକରେ ଅର୍ଥମନ୍ତ୍ରୀ ଶ୍ରୀ ରାମକୃଷ୍ଣ ପଟ୍ଟନାୟକ, ଜଳସେଚନ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ବିଜୟ ମହାପାତ୍ର, କୃଷି ଓ ସମବାୟ ମନ୍ତ୍ରୀ ଶ୍ରୀ ଜଗନ୍ନାଥ ମଲ୍ଲିକ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ଜାତିର ସ୍ୱାଭିମାନକୁ ଦୃଷ୍ଟିରେ ରଖି ଯୁବ ସମାଜ ଜନ ହିତକର କାର୍ଯ୍ୟ କରନ୍ତୁ

—ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସାମଲ

ଦୁର୍ବଳତା ତଥା ହୀନମନ୍ୟତା ପରିହାର କରି ଜାତି ଓ ଦେଶର ସ୍ୱାଭିମାନକୁ ଆଖି ଆଗରେ ରଖି ଜନସାଧାରଣ, ବିଶେଷ କରି ଯୁବ ସମାଜ ନିଷ୍ଠାର ସହ ବିଭିନ୍ନ ଜନହିତକର କାର୍ଯ୍ୟରେ ଆଗେଇ ଆସିବାକୁ ଶ୍ରମ ଓ ନିୟୋଜନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ସାମଲ କହିଛନ୍ତି ।

ଗତ ମଇ ୨୭ ତାରିଖରେ ଜଗତସିଂହପୁର ଓହଲାସ୍ଥିତ ମଦରସାଠାରେ ଏକ ୟୁ.ପି. ସ୍କୁଲ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରମ ମନ୍ତ୍ରୀ ଶ୍ରୀ ସାମଲ ଭାରତବର୍ଷ ବିଶେଷତଃ ଓଡିଶାର ଗୌରବମୟ ଐତିହ୍ୟ ଓ ପରମ୍ପରା ସମ୍ପର୍କରେ ସ୍ମରଣ କରାଇ ଥିଲେ । ଶ୍ରୀ ସାମଲ ତାଙ୍କର ଭାଷଣରେ କହିଲେ ଯେ ଭାରତବର୍ଷ ଏକ ସାର୍ବଭୌମ ସାଧାରଣତନ୍ତ୍ର ରାଷ୍ଟ୍ର ଓ ଏ ଦେଶର ଗଣତାନ୍ତ୍ରିକ ପ୍ରକ୍ରିୟାରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ସଂପ୍ରଦାୟର ଲୋକେ ସମାନ ଭାବେ ଭାଗୀଦାର । ଏହା ହେଉଛି ଆମ ଦେଶର ଧର୍ମ ନିରପେକ୍ଷତାର ନିଦର୍ଶନ । ସ୍ୱାଧୀନତାର ୪୩ ବର୍ଷ ପରେ ମଧ୍ୟ ସାଧାରଣ ଲୋକମାନଙ୍କର ମୌଳିକ ସମସ୍ୟାର ସମାଧାନ ହୋଇପାରି ନଥିବା ସଂପର୍କରେ କ୍ଷୋଭ ପ୍ରକାଶ କରି ନୂତନ ସରକାରଙ୍କ ୧୫ ଦଫା କାର୍ଯ୍ୟକ୍ରମ ଜନସାଧାରଣଙ୍କ ମନରେ ନୂତନ ଆଶା ସଂଚାର କରିଛି ବୋଲି ସେ କହିଥିଲେ । ସମବେତ ଉଦ୍ୟମରେ ଭ୍ରାତୃଭାବ ଓ ସାଂପ୍ରଦାୟିକ ସଂପ୍ରୀତି ରକ୍ଷା କରିବା ପାଇଁ ସେ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ।

ପ୍ରାରମ୍ଭରେ ଅନୁଷ୍ଠାନର ସଭାପତି ସେକ୍ ଅକ୍ତାର ଅଲ୍ଲୀ ମଦରସାର ବିବରଣୀ ପାଠ କରିଥିଲେ ।

ପରେ ଶ୍ରମମନ୍ତ୍ରୀ ଶ୍ରୀ ସାମଲ ମୁଦୁପୁର ସରକାରୀ ବାଳିକା ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ତାଙ୍କ ଉଦ୍‌ବୋଧନରେ ଦେଶର ପରିବର୍ତ୍ତିତ ପରିସ୍ଥିତିରେ ପାରମ୍ପରିକ ଶିକ୍ଷାଦାନ ପ୍ରଣାଳୀର ପରିବର୍ତ୍ତନ ଘଟାଇ ଛାତ୍ରୀମାନଙ୍କର ଭବିଷ୍ୟତ ଗଠନ ଉପରେ ଗୁରୁତ୍ୱ ଆରୋପ ସହ ନୂତନ ଶିକ୍ଷା ପ୍ରଣାଳୀ ପ୍ରବର୍ତ୍ତନର ଆବଶ୍ୟକତା ରହିଛି ବୋଲି ଶ୍ରୀ ସାମଲ କହିଥିଲେ ।

## ଗଞ୍ଜାମ ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

ବନ୍ୟା ଓ ବାତ୍ୟା ପ୍ରଭୃତି ପ୍ରାକୃତିକ ବିପତ୍ତି ସମୟରେ ଲୋକମାନଙ୍କର ଧନ ଜୀବନ ରକ୍ଷା କରିବା ପାଇଁ ସଂପୃକ୍ତ ବିଭାଗୀୟ କର୍ମକର୍ତ୍ତାମାନେ ସର୍ବଦା ସତର୍କ ରହିବା ସଙ୍ଗେ ସଂଗେ ବେତାର ମାଧ୍ୟମରେ ପ୍ରଚାରିତ ହେଉଥିବା ପାଣିପାଗ ସଂପର୍କୀୟ ସତର୍କ ସୂଚନା ଶୁଣି ତୁରନ୍ତ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ଗଞ୍ଜାମ ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ସ୍ଥିର ହୋଇଛି ।

ଏହି କମିଟିର ଏକ ବୈଠକ ବ୍ରହ୍ମପୁର କେନ୍ଦ୍ର ସମବାୟ ବ୍ୟାଙ୍କ୍‌ର ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଶ୍ରୀ ଉପେନ୍ଦ୍ର ନାଥ ବେହେରାଙ୍କ ଅଧ୍ୟକ୍ଷତାରେ ସମ୍ପ୍ରତି ଅନୁଷ୍ଠିତ ହୋଇଯାଇଛି । ଆଲୋଚନାରୁ ଜଣାପଡିଛି ଯେ କାଣପୁର, ତୁମ୍ବା, ଗାଲେରୀ, ଶେରଗଡ, ଘୋଡାପଲାଣଠାରେ ରେଡିଓ ଟେଲିଫୋନ୍ ସ୍ଥାପନ କରାଯାଇଛି ଏବଂ ଜିଲ୍ଲାର ପ୍ରତ୍ୟେକ ସବ୍‌ଡିଭିଜନ୍ ସହିତ ସର୍ବଦା ଟେଲି ଯୋଗାଯୋଗ ବ୍ୟବସ୍ଥା ପାଇଁ ପଦକ୍ଷେପ ନିଆଯାଉଛି ।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ବ୍ରହ୍ମପୁର, ପାରଳାଖେମୁଣ୍ଡି, ଭଞ୍ଜନଗର ଓ ଛତ୍ରପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଓ ଆସିକା ତହସିଲଠାରେ ବନ୍ୟା ନିୟନ୍ତ୍ରଣ କେନ୍ଦ୍ରମାନ ଚଳିତ ମଇ ପହିଲା ତାରିଖରୁ କାର୍ଯ୍ୟକାରୀ ହେଉଛି ବୋଲି ଜଣାପଡିଛି । ଜିଲ୍ଲାର ବନ୍ୟା ପ୍ରପୀଡିତ ଓ ଦୁର୍ଗମ ଅଞ୍ଚଳ, ଯଥା– ତୁମ୍ବୁରୁଣ୍ଡି, ନୂଆପଡା, ଗାଲେରୀ, ମେରିକୋଟ, କୁରୁନ୍ଦା, ସୁନ୍ଦେୟୀ, ଘୋଡାପଲାଣ, ଶେରଗଡ, କାଣୀନଗର, ଖଣ୍ଡରା ପ୍ରଭୃତି ସ୍ଥାନମାନଙ୍କରେ ଅତ୍ୟାବଶ୍ୟକ ଖାଦ୍ୟସାମଗ୍ରୀ, କିରୋସିନି ଇତ୍ୟାଦି ମହଜୁଦ ରଖିବା ପାଇଁ ଉକ୍ତ ବୈଠକରେ ସ୍ଥିର ହୋଇଛି । ଏହି ବ୍ୟତୀତ ପ୍ରତ୍ୟେକ ସବ୍‌ଡିଭିଜନରେ ଥିବା ଚୂନା ବ୍ୟବସାୟୀମାନେ ୨୫ ବସ୍ତା କରି ଚୂନା ସର୍ବଦା ସେମାନଙ୍କ ପାଖରେ ମହଜୁଦ ରଖିବା ପାଇଁ ଉପଜିଲ୍ଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି । ରିଲିଫ୍ ଓ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ରମ୍ଭା, ଗଜପତି ନଗର, ଅଲିଆବାଦ, କଇପଦର, ପୁରୁଷୋତ୍ତମପୁର, ଓସିଙ୍ଗି, ଭୁତସିଙ୍ଗି, ବୋଡୁଆ, କାଇଁଞ୍ଚା, ଜଳବନ୍ଧା, ବେଲଗୁଣ୍ଠା, ଇମ୍ପିବାଠି, କହିମୁଣ୍ଡାଳୀ, କୁଲାଡ, ସୋରଡା ଓ କାଣୀନଗର ପ୍ରଭୃତି ସ୍ଥାନମାନଙ୍କରେ ଡଙ୍ଗାମାନ ବ୍ୟବସ୍ଥା କରାଯାଇଛି ।

ବନ୍ୟା ଓ ବାତ୍ୟା ପ୍ରପୀଡିତ ଲୋକମାନଙ୍କୁ ସ୍ଥାନାନ୍ତରିତ କରିବା ପାଇଁ ଯାନବାହନର ବ୍ୟବସ୍ଥା କରିବା ସଙ୍ଗେ ସଙ୍ଗେ ଅସ୍ଥାୟୀ ଶିବିରମାନ ଖୋଲାଯିବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଉଛି । ଲୋକମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବା ପାଇଁ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ଗ୍ରାମ୍ୟ କମିଟି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ବିପର୍ଯ୍ୟୟ ସମୟରେ ସଂଶ୍ଳିଷ୍ଟ କରାଯିବ ବୋଲି ବୈଠକରେ ସ୍ଥିର କରାଯାଇଛି । ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ବନ୍ଧବାନ୍ଧଗୁଡିକର ମରାମତି

...ଣି ରଖିବା ଓ ଭବିଷ୍ୟତ ପାଇଁ ସେଗୁଡ଼ିକ ନିକଟରେ ...ଗ୍ରି ଇତ୍ୟାଦି ଅତ୍ୟାବଶ୍ୟକୀୟ ସାମଗ୍ରୀ ଜମା କରି ରଖିବା ...ବିଭାଗୀୟ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

...ଏହି ବୈଠକରେ ଅନ୍ୟମାନଙ୍କ ସମେତ ଶ୍ରୀ ମାଧବାନନ୍ଦ ...ବେହେରା, ପାରଳାଖେମୁଣ୍ଡି ବିଧାୟକ ଶ୍ରୀ ତି. ଲଛନା ନାଇଡୁ, ...ଟି ବିଧାୟିକା ଶ୍ରୀମତୀ ଉଷା ଦେବୀ ଓ ମୋହନା ବିଧାୟକ ... ସୂର୍ଯ୍ୟନାରାୟଣ ପାତ୍ର, ଜିଲ୍ଲାସ୍ତରୀୟ ଅଧିକାରୀମାନେ ...ସମ୍ପୃକ୍ତ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ପରିବେଶର ଉନ୍ନତି ପାଇଁ ସଚେତନତା ବୃଦ୍ଧି ପାଉଛି

—ମନ୍ତ୍ରୀ ଶ୍ରୀ ଅଦ୍ୱୈତପ୍ରସାଦ ସିଂହ

ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଜୁନ୍ ୫ ତାରିଖରେ ...ସ୍ଥ 'ସୂଚନା ଭବନ'ରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀ ଅଦ୍ୱୈତ ପ୍ରସାଦ ସିଂହ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ରାଜ୍ୟ ତଥା ଦେଶର ସବୁ ...ଳରେ ପରିବେଶର ଉନ୍ନତି ବିଧାନ କରି ପ୍ରକୃତିକୁ ଅଧିକ ...ର ସୁନ୍ଦର ଓ ଜୀବଜଗତର ମଙ୍ଗଳକାରୀ କରିବା ପାଇଁ ଜନ ସଚେତନତା ବୃଦ୍ଧି ପାଉଥିବାରୁ ଏହା ଏକ ଶୁଭ ସୂଚନା ବୋଲି ପ୍ରକାଶ କରିଥିଲେ । ପରିବେଶକୁ ପ୍ରଦୂଷଣମୁକ୍ତ କରିବା, ...ପୃଷ୍ଠରେ ବୃକ୍ଷଲତା ସଂଖ୍ୟା ବୃଦ୍ଧି ଦିଗରେ ପ୍ରତ୍ୟେକ ବ୍ୟକ୍ତି ଉଦ୍ୟମ କରିବା ଦିଗରେ ଗୁରୁତ୍ୱ ପ୍ରଦାନ କରି ମନ୍ତ୍ରୀ ଶ୍ରୀ ସିଂହ ...ମନୁଷ୍ୟ ତଥା ପ୍ରାଣୀ ଜଗତର ଅଭିବୃଦ୍ଧି ଘଟିଲେ ସଭ୍ୟତାର ଉନ୍ନତି ହେବ ବୋଲି କହିଥିଲେ ।

ଜଙ୍ଗଲ ନଷ୍ଟ ହେଉଥିବା ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସର୍ବପ୍ରଥମ ବୋଲି ଜଙ୍ଗଲ ମନ୍ତ୍ରୀ ଶ୍ରୀ ସିଂହ ଏକ ସର୍ଭେ ରିପୋର୍ଟରୁ ଉଦ୍ଧାର କରି କହିଥିଲେ ଯେ ଅବକ୍ଷୟିତ ଜଙ୍ଗଲର ପୁନରୁଦ୍ଧାର ଏବଂ ନୂତନ ଜଙ୍ଗଲ ସୃଷ୍ଟି କରି ପ୍ରାକୃତିକ ପରିବେଶର ଭାରସାମ୍ୟ ରକ୍ଷା ଦିଗରେ ପ୍ରତ୍ୟେକ ରାଜ୍ୟବାସୀ ଉଦ୍ୟମ କରିବା ଉଚିତ । ଅନୁଗୁଳରେ ନାଲ୍‌କୋ କାରଖାନା ସ୍ଥାପିତ ହେବା ଦ୍ୱାରା ...ଧାତୁ ତରଳାଇବା କାର୍ଯ୍ୟ ଓ ବିଦ୍ୟୁତ ପ୍ଲାଣ୍ଟ ହେତୁ ସେହି ଅଞ୍ଚଳରେ ସାଧାରଣ ଉତ୍ତାପ ଅଧିକ ୩ ଡିଗ୍ରୀ ବୃଦ୍ଧି ପାଇଥିବାରୁ ଏହି ତାପମାତ୍ରାକୁ କମାଇବା ପାଇଁ ପର୍ଯ୍ୟାପ୍ତ ପରିମାଣରେ ବୃକ୍ଷରୋପଣ କାର୍ଯ୍ୟ ନାଲ୍‌କୋ ନଗର ତଥା ଆଖପାଖ ଅଞ୍ଚଳରେ ...ଯାଉଥିବା ବିଷୟରେ ଶ୍ରୀ ସିଂହ ପ୍ରକାଶ କରିଥିଲେ ।

ବିଶିଷ୍ଟ ପକ୍ଷୀ ବିଜ୍ଞାନବିତ୍ ଡକ୍ଟର ଉଦୟ ନାରାୟଣ ଦେବ ସମ୍ମାନିତ ଅତିଥି ଭାବେ ଏଥିରେ ଉଦ୍‌ବୋଧନ ଦେଇ ଚିଲିକା ...ର ସୌନ୍ଦର୍ଯ୍ୟ ବୃଦ୍ଧି ଓ ପକ୍ଷୀମାନଙ୍କ ପାଇଁ ଆକର୍ଷଣୀୟ ପରିବେଶ ସୃଷ୍ଟି କରିବା, ଶିମିଳିପାଳ ଜଙ୍ଗଲରେ ବୃକ୍ଷରୋପଣ ଓ ...ବେଆଇନ ଶିକାର ରୋକିବା, ଭିତର କନିକା ...ରେ କୁମ୍ଭୀର ବଂଶର ପ୍ରସାର ସହିତ ବଣର ସୁରକ୍ଷା ...ରେ ବହୁ ଉପାଦେୟ ତଥ୍ୟ ଓ ପରାମର୍ଶ ପ୍ରଦାନ କରିଥିଲେ ।

ଉତ୍ସବର ସଭାପତି ତଥା ବିଜ୍ଞାନ ଓ ପରିବେଶ ବିଭାଗର ଶାସନ ସଚିବ ଶ୍ରୀ ସୁବାସ ପାଣି ପରିବେଶ ଉନ୍ନତି ଓ ପ୍ରଦୂଷଣ ନିୟନ୍ତ୍ରଣକୁ ସର୍ବାଧିକ ଗୁରୁତ୍ୱ ଦେଇ କଳ କାରଖାନା, ନଦୀବନ୍ଧ ଯୋଜନା ପ୍ରଭୃତି ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ଦିଗରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ତାଙ୍କର ଭାଷଣରେ ଉଲ୍ଲେଖ କରିଥିଲେ ।

ପ୍ରାରମ୍ଭରେ ବୈଜ୍ଞାନିକ ଡକ୍ଟର ସଦାନନ୍ଦ ତରାସିଆ ସ୍ୱାଗତ ଭାଷଣ ଦେଇ ପରିବେଶ ଦିବସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ବୈଜ୍ଞାନିକ ଡକ୍ଟର ରବି ନାରାୟଣ ଦାସ ବିବରଣୀ ପାଠ କରିଥିଲେ । ଉତ୍ସବରେ ମନ୍ତ୍ରୀ ଶ୍ରୀ ସିଂହ ପରିବେଶ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ଭୂମିକା ନିମନ୍ତେ ୧୦ଟି ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ 'ପ୍ରକୃତି ମିତ୍ର' ଏବଂ ୮ ଜଣଙ୍କୁ 'ପ୍ରକୃତି ବନ୍ଧୁ' ପୁରସ୍କାର ପ୍ରଦାନ କରିଥିଲେ । ଏହା ବ୍ୟତୀତ ପରିବେଶ ସୁରକ୍ଷା ଉପରେ ଆଧାରିତ ପ୍ରାଚୀର ପତ୍ର ଅଙ୍କନରେ କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ଶ୍ରୀ ସିଂହ ପୁରସ୍କାର ପ୍ରଦାନ କରିଥିଲେ ।

## ମନୋଜମଞ୍ଜରୀ ଶିଶୁ ଭବନରେ ରାଜ୍ୟପାଳ

ଅନାଥାଶ୍ରମର ଅନ୍ତଃବାସୀ ବାଳକ ବାଳିକା ଓ ଶିଶୁମାନେ କୌଣସି ସମୟରେ ନିଜକୁ ନିରାଶ୍ରୟ, ଅସହାୟ ଓ ଏ ଦୁନିଆରେ ତାଙ୍କର କେହି ଆତ୍ମୀୟ ନାହାନ୍ତି ବୋଲି ଭାବିବା ଉଚିତ ନୁହେଁ । ସେମାନଙ୍କର ସମସ୍ତ ଦାୟିତ୍ୱ ଏ ସମାଜର, ଆମର ଏବଂ ମୋର ବୋଲି ରାଜ୍ୟପାଳ ଶ୍ରୀ ଶର୍ମା କହିଥିଲେ ।

ଗତ ମଇ ୩୧ ସନ୍ଧ୍ୟାରେ କେନ୍ଦୁଝରଗଡଠାରେ ୧୯୭୩ରେ ପ୍ରତିଷ୍ଠିତ ମନୋଜମଞ୍ଜରୀ ଶିଶୁଭବନ ରାଜ୍ୟପାଳ ପରିଦର୍ଶନ କରିଥିଲେ । ପହଞ୍ଚିବା ମାତ୍ରେ ଛୋଟ ଛୋଟ ପିଲା, ଅନୁଷ୍ଠାନର ପରିଚାଳକ ଓ କର୍ମଚାରୀମାନେ ରାଜ୍ୟପାଳଙ୍କ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ରାଜ୍ୟପାଳ ଶିଶୁଭବନ ବିଭିନ୍ନ ବିଭାଗ ପରିଦର୍ଶନ କରିବା ଅବସରରେ ସଦ୍ୟଜାତ ଶିଶୁମାନଙ୍କର ଲାଳନପାଳନ ବ୍ୟବସ୍ଥା ଦେଖି ଖୁବ୍ ଆନନ୍ଦିତ ହୋଇଥିଲେ । ଏକ ୧୭ ଦିନିଆ ଶିଶୁ ପୁତ୍ରକୁ ରାଜ୍ୟପାଳ କୋଳ କଲା ବେଳର ଆନ୍ତରିକ ଓ ମର୍ମସ୍ପର୍ଶୀ ଦୃଶ୍ୟ ଉପସ୍ଥିତ ଜନତାଙ୍କୁ ବିଭୋର କରିଥିଲା ।

ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଆୟୋଜିତ ଏକ ମନୋଜ୍ଞ କାର୍ଯ୍ୟକ୍ରମ ପରିଦର୍ଶନ କରି ରାଜ୍ୟପାଳ ଶ୍ରୀ ଶର୍ମା କହିଥିଲେ ଯେ ଭବିଷ୍ୟତରେ ଏହି ପିଲାମାନେ ଜୀବନରେ ସମସ୍ତ ସଦ୍‌ଗୁଣ ଓ ସଫଳତାର ଅଧିକାରୀ ହୋଇ ଦେଶ ଓ ଜାତିର ଅଭିବୃଦ୍ଧିରେ ସହାୟକ ହେବେ । ଅନାଥ ଶିଶୁମାନଙ୍କର ଲାଳନପାଳନ, ଦୁଃସ୍ଥ ଆଦିବାସୀ ଓ ଶାରୀରିକ ବିକଳାଙ୍ଗ ପିଲାମାନଙ୍କର ଥଇଥାନ ସଙ୍ଗେ ସଙ୍ଗେ ସେମାନଙ୍କର ଶିକ୍ଷା ଓ ଚାରିତ୍ରିକ ବିକାଶ କାର୍ଯ୍ୟମାନ ଏହି ଅନୁଷ୍ଠାନ ହାତକୁ ନେଇଥିବାରୁ ସେ ଏହାର ଉଦ୍ୟୋକ୍ତାମାନଙ୍କୁ ପ୍ରଶଂସା କରିଥିଲେ । ସମ୍ପାଦକଙ୍କ ବିବରଣୀରୁ

ଏହି ଅନୁଷ୍ଠାନର ୧୪୧ ଜଣ ପିଲାଙ୍କୁ ସନ୍ତାନହୀନ ଦମ୍ପତିମାନେ ନିଜର ସନ୍ତାନ ରୂପେ ଗ୍ରହଣ କରିଥିବାରୁ, ୧୪ ଜଣ ପ୍ରାପ୍ତ ବୟସ୍କା ବାଳିକାଙ୍କୁ ପାରମ୍ପରିକ ରୀତିରେ ବିବାହ ଦିଆଯାଇଥିବା ଓ ୧୫ ଜଣ ବାଳକଙ୍କୁ ଶିକ୍ଷା ଶେଷରେ ଚାକିରି କରାଇ ଦିଆଯାଇଥିବା ଜାଣି ରାଜ୍ୟପାଳ ଗଭୀର ସନ୍ତୋଷ ପ୍ରକାଶ କରିଥିଲେ । ଏହି ଶିଶୁଭବନର ଆୟରେ ୮ ଗୋଟି ଶିକ୍ଷାୟତନରେ କେବଳ ବିକଳାଙ୍ଗ ପିଲାମାନଙ୍କୁ ବୃତ୍ତିଗତ ଶିକ୍ଷା ଦିଆଯାଉଥିବା ଅତ୍ୟନ୍ତ ଶୁଭଙ୍କର ବୋଲି ମଧ୍ୟ ଶ୍ରୀ ଶର୍ମା କହିଥିଲେ ।

ଏହା ପୂର୍ବରୁ ରାଜ୍ୟପାଳ କେନ୍ଦୁଝରଠାରୁ ୧୧ କିଲୋମିଟର ଦୂରରେ ଅବସ୍ଥିତ ଶିଳୀସୁଅାଁ ଗ୍ରାମରେ ଏକ ସମବାୟ ଦୁଗ୍ଧ ଯୋଗାଣ କେନ୍ଦ୍ର ମଧ୍ୟ ପରିଦର୍ଶନ କରିଥିଲେ । ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନାରୁ ୨୨ଟି ପରିବାରଙ୍କୁ ୩୩ଟି ଦୁଧିଆଳି ଗାଈ ଯୋଗାଇ ଦିଆଯାଇଥିବାର ଏକ ପ୍ରଦର୍ଶନୀ ରାଜ୍ୟପାଳ ବୁଲି ଦେଖିଥିଲେ ।

ଗ୍ରାମବାସୀମାନଙ୍କୁ ସେମାନଙ୍କର ପାରମ୍ପରିକ ସମ୍ବର୍ଦ୍ଧନାର ଉତ୍ତର ଦେଇ ରାଜ୍ୟପାଳ ଆଶା କରିଥିଲେ ଗ୍ରାମବାସୀମାନଙ୍କର ଏହି ପ୍ରକାର ନିଷ୍ଠା ଓ ପ୍ରଚେଷ୍ଟା ଜାରି ରହିଲେ ଏହିଭଳି ଅନେକଗୁଡିଏ ସମବାୟ ଯୋଜନା ଏ ଜିଲ୍ଲାରେ ଗଢି ଉଠିବ ଓ ଗ୍ରାମବାସୀମାନଙ୍କର ସାମାଜିକ ଓ ଆର୍ଥିକ ମାନ ଉନ୍ନତି ହେବ ।

ହରିଆନା, ପଞ୍ଜାବ ଓ ଗୁଜରାଟର 'ଆନନ୍ଦ' ଅନୁଷ୍ଠାନରେ ଘଟିଥିବା ଶ୍ୱେତ ବିପ୍ଳବର ଉଦାହରଣ ଦେଇ ରାଜ୍ୟପାଳ ଶ୍ରୀ ଶର୍ମା କହିଥିଲେ ଯେ ସମସ୍ତ ଅନୁଷ୍ଠାନ ଛୋଟରୁ ବଡ ହୋଇଥାଏ । ଆତ୍ମ ପ୍ରତ୍ୟୟ, କଠିନ ପରିଶ୍ରମ କରି ଗ୍ରାମବାସୀମାନେ ସେମାନଙ୍କର ଭାଗ୍ୟର ପରିବର୍ତ୍ତନ କରିବାକୁ ସେ ଆହ୍ୱାନ ଦେଇଥିଲେ ।

## ଦୁର୍ବଳ ଶ୍ରେଣୀ ଲୋକଙ୍କୁ ଆଇନଗତ ସାହାଯ୍ୟ

ରାଜ୍ୟର ବିଭିନ୍ନ ଅଞ୍ଚଳରେ ଦୁର୍ବଳ ଶ୍ରେଣୀ, ଆଦିବାସୀ ଓ ହରିଜନ, ମହିଳା, ବାଳକ ବାଳିକା ଏବଂ ଶାରୀରିକ ଅକ୍ଷମମାନଙ୍କୁ ଆଇନଗତ ସାହାଯ୍ୟ ଦେବା ନିମନ୍ତେ ଗତ ଆର୍ଥିକ ବର୍ଷ (୧୯୮୯-୯୦)ରେ ୮୫ ହଜାର ୯୦୬ଟି ଦରଖାସ୍ତ ଓଡିଶା ରାଜ୍ୟ ଆଇନଗତ ସାହାଯ୍ୟ ବୋର୍ଡ ଦ୍ୱାରା ପ୍ରାପ୍ତ ହୋଇଥିଲା । ତନ୍ମଧ୍ୟରୁ ୬୨ ହଜାର ୫୮୭ ଜଣ ଆଇନଗତ ସାହାଯ୍ୟ ପାଇ ଉପକୃତ ହୋଇଛନ୍ତି ଏବଂ ୩୮୪ ଜଣ ବ୍ୟକ୍ତି ପରିକଳ୍ପନାରେ ପରିସରଭୁକ୍ତ ହୋଇ ବିଭିନ୍ନ ନ୍ୟାୟାଳୟ ଦ୍ୱାରା ଉପକୃତ ହୋଇଛନ୍ତି ।

ଉକ୍ତ ସମୟ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ୬୪୫ଟି ଲୋକ ଅଦାଲତ ଉପରୋକ୍ତ ବୋର୍ଡ ଅନୁକୂଲ୍ୟରେ ଅନୁଷ୍ଠିତ ହୋଇ ୧ ଲକ୍ଷ ୬୪ ହଜାର ୩୪୬ଟି ମକଦ୍ଦମା ଫଇସଲା କରାଯାଇଛି । ତନ୍ମଧ୍ୟରେ ୩୩୬ଟି ମଟର ଦୁର୍ଘଟଣାଜନିତ ମାମଲା ଅନ୍ତର୍ଭୁକ୍ତ । ଏହି ସମୟ ମଧ୍ୟରେ ରାଜ୍ୟ ଆଇନଗତ ସାହାଯ୍ୟ ବୋର୍ଡ ଦ୍ୱାରା ୨ଟି ପାରା ଲିଗାଲ୍ ଟ୍ରେନିଂ ଶିବିରରେ ୬୨୪ ଜଣ ମହିଳା ଓ ପୁରୁଷଙ୍କୁ ଆଇନଗତ ପ୍ରଶିକ୍ଷଣ ଦିଆଯାଇଛି । ଉଲ୍ଲେଖନୀୟ ଯେ ସମ୍ବିଧାନର ୩୯(କ) ଧାରା ଅନୁଯାୟୀ ରାଜ୍ୟରେ ୧୯୮୧-୮୨ ମସିହାରୁ ଆଇନଗତ ସାହାଯ୍ୟ କାର୍ଯ୍ୟକ୍ରମ ଓ ପରିକଳ୍ପନା କାର୍ଯ୍ୟକାରୀ କରାଯାଉଛି ।

## ୧୯୯୦-୯୧ ବର୍ଷ ପାଇଁ ଯୋଜନା ବ୍ୟୟ

ଚଳିତ ଆର୍ଥିକ ବର୍ଷ ପାଇଁ ରାଜ୍ୟର ଯୋଜନାର ଅଟକଳ ୧,୨୫୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ଗତବର୍ଷର ବାର୍ଷିକ ଯୋଜନା ଅଟକଳ ୮୨୫ କୋଟି ଟଙ୍କାଠାରୁ ଏହା ଶତକଡା ୫୦ ଭାଗ ଅଧିକ । ଯେଉଁସବୁ ଉନ୍ନୟନମୂଳକ କ୍ଷେତ୍ରରେ ଏହି ଅର୍ଥ ବ୍ୟୟ କରାଯିବ, ତନ୍ମଧ୍ୟରେ କୃଷି ଓ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ୧୬,୯୭୪ ଲକ୍ଷ ଟଙ୍କା, ଗ୍ରାମ୍ୟ ଉନ୍ନୟନ ବାବଦରେ ୨,୫୨... ଲକ୍ଷ ଟଙ୍କା, ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ ନିମନ୍ତେ ୨୩,... ଲକ୍ଷ, ଶକ୍ତି ବାବଦରେ ୨୯,୪୩୦ ଲକ୍ଷ ଟଙ୍କା, ଶିଳ୍ପ ଓ ଖଣିଜ ପଦାର୍ଥରେ ୧୦,୦୩୨ ଲକ୍ଷ ଟଙ୍କା, ପରିବହନ ନିମନ୍ତେ ୬,୫... ଲକ୍ଷ ଟଙ୍କା, ବିଜ୍ଞାନ, ବୈଷୟିକ ଓ ପରିବେଶ ବାବଦରେ ୩୮୦ ଲକ୍ଷ ଟଙ୍କା, ସାଧାରଣ ଆର୍ଥିକ ସେବା ପାଇଁ ୬,୧୧୨ ଲକ୍ଷ ଟଙ୍କା, ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟ ଜଳଯୋଗାଣ ପ୍ରଭୃତି ସାମାଜିକ ସେବା ବାବଦରେ ୨୩,୦୧୯ ଲକ୍ଷ ଟଙ୍କା, ... ପୋଲିସ୍, ଅଗ୍ନିଶମ ସେବା, ଜିଲ୍ଲା ପରିଚାଳନା, ଷ୍ଟେସନେରୀ ଓ ଚିତ୍ରାଙ୍କନ ବିଭାଗ ପ୍ରଭୃତି ସାଧାରଣ ସେବା ନିମନ୍ତେ ୧,୬୧୧ ଲକ୍ଷ ଟଙ୍କା ଅନ୍ତର୍ଭୁକ୍ତ ।

## ପ୍ରାକ୍ ପ୍ରବେଶିକା ବୃତ୍ତି

ରାଜ୍ୟର ଯେ କୌଣସି ସ୍ୱୀକୃତିପ୍ରାପ୍ତ ଶିକ୍ଷାନୁଷ୍ଠାନରେ ଷଷ୍ଠରୁ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଏବଂ ଛାତ୍ରାବାସ ବା ସ୍ୱୀକୃତିପ୍ରାପ୍ତ ମେସ୍‌ରେ ରହୁଥିବା ଛାତ୍ରଛାତ୍ରୀମାନଙ୍କୁ ୧୯୯୦-୯୧ ବର୍ଷରେ ପ୍ରାକ୍ ପ୍ରବେଶିକା ବୃତ୍ତି ପ୍ରଦାନ କରାଯିବ । ଷଷ୍ଠରୁ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କୁ ମାସିକ ୨୦୦ ଟଙ୍କା ଏବଂ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ମାସିକ ୨୫୦ ଟଙ୍କା ହାରରେ ଶିକ୍ଷାବର୍ଷ ମଧ୍ୟରେ ୧୦ ମାସ ପାଇଁ ଏହି ବୃତ୍ତି ଦିଆଯିବ । ଯେଉଁ ଛାତ୍ରଛାତ୍ରୀମାନଙ୍କର ପିତାମାତା ଅପରିଷ୍କାର କାର୍ଯ୍ୟ ଭାବେ ବିବେଚିତ କୌଣସି ଧନ୍ଦା ଅଥବା ... ପାଇଖାନାରୁ ମଇଳା ସଫେଇ, ନର୍ଦ୍ଦମା ସଫେଇ, ... ଉଠାଇବା କିମ୍ବା ମୃତପ୍ରାଣୀର ଚମଡା ଛାଡିବା ବା ... କଷାଇବା କାର୍ଯ୍ୟରେ ସକ୍ରିୟ ଭାବେ ନିଯୁକ୍ତ ଥିବେ ଏବଂ ସେମାନଙ୍କର ମାସିକ ଆୟ ୧,୦୦୦ ଟଙ୍କାରୁ ଅଧିକ ହୋଇ ନଥିଲେ, ସେହି ଛାତ୍ରଛାତ୍ରୀମାନେ ଏହି ବୃତ୍ତି ପାଇବାକୁ ହକଦାର ହେବେ । ଏଥିପାଇଁ ଛାତ୍ରଛାତ୍ରୀମାନଙ୍କୁ ନିଜ ନିଜର ପିତାମାତାଙ୍କ ବୃତ୍ତି ସମ୍ବନ୍ଧୀୟ ସାର୍ଟିଫିକେଟ୍ ସମେତ ଆବଶ୍ୟକତା ଅନୁଯାୟୀ ଅନ୍ୟାନ୍ୟ ତଥ୍ୟ ଦାଖଲ କରିବାକୁ ପଡିବ ।

ଯେଉଁ ଛାତ୍ରଛାତ୍ରୀମାନେ ଏହି ବୃତ୍ତି ପାଇବା ପାଇଁ ଯୋଗ୍ୟ ସେମାନେ ୧୯୯୦ ମସିହା ଜୁଲାଇ ମାସ ୩୧ ତାରିଖ ସୁଦ୍ଧା ପ୍ରଧାନ ଶିକ୍ଷକଙ୍କ ଜରିଆରେ ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ

...ସବୁ ସବା କାଗଜରେ ଦରଖାସ୍ତ ପଠାଇଲେ, ପରବର୍ତ୍ତୀ ...ନୁଷ୍ଠାନ ଗ୍ରହଣ କରାଯିବ ବୋଲି ହରିଜନ ଓ ଆଦିବାସୀ ...ଶ ବିଭାଗ ଜଣାଇଛନ୍ତି ।

## ଚିଲିକାଞ୍ଚଳ ଉନ୍ନୟନ

...ତ ଆର୍ଥିକ ବର୍ଷରେ ଓଡ଼ିଶା ବେଳାଭୂମି ଓ ଚିଲିକାଞ୍ଚଳ ...ଶନ ନିଗମ ଦ୍ୱାରା ମତ୍ସ୍ୟଜୀବୀ ମାଛଧରା ଜାଲ ଉତ୍ପାଦନ ...ରୁ ୧୫.୯ ମେଟ୍ରିକ୍ ଟନ୍ ଓ.ଏସ୍.ଡି.ପି.ଇ. ଦୋସୁତି ଜାଲ ...ନ କରାଯାଇଛି । ଉକ୍ତ ନିଗମର ପାରାଦୀପ ଓ ...ପୁରଠାରେ ଥିବା ଦୁଇଟି ଡିଜେଲ କେନ୍ଦ୍ରରୁ ଏହି ସମୟ ...ରେ ଯଥାକ୍ରମେ ୧,୪୭୯ କିଲୋଲିଟର ଓ ୧୦୪ ...ଲିଟରେ ଡିଜେଲ ବିକ୍ରୟ କରାଯାଇଛି । ନିଗମର ଚିଙ୍ଗୁଡ଼ି ...ରେ ନଡ଼ିଆ ଚାଷ, ସାକ୍ଷୀଗୋପାଳସ୍ଥିତ ନଡ଼ିଆ ଶିଳ୍ପ ...ରୁ ୨୨୦ କୁଇଣ୍ଟାଲ ନଡ଼ିଆ କତା ଓ ୧୮.୯୩ କୁଇଣ୍ଟାଲ ...ଉତ୍ପାଦନ କରାଯାଇଛି । ଜଗତ୍‌ପୁରଠାରେ ୧୯୫ ଏକର ...ରେ ଚିଙ୍ଗୁଡ଼ି ଚାଷ ପାଇଁ ବ୍ୟବସ୍ଥା କରାଯାଇଛି । ବାଲେଶ୍ୱର ...ର ଶାହାବନ୍ଦପୁର ଓ ଗଞ୍ଜାମ ଜିଲ୍ଲାର ଗୋପାଳପୁରଠାରେ ...ଟି ନୂଆ ଡିଜେଲ କେନ୍ଦ୍ର ପ୍ରତିଷ୍ଠା ପାଇଁ ପଦକ୍ଷେପ ...ଣ କରାଯାଇଛି ।

## ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣକୁ ତ୍ୱରାନ୍ୱିତ କରାଯିବ

...ଚାଷୀମାନଙ୍କୁ ନିଶ୍ଚିତ ରୂପେ ଆବଶ୍ୟକ ସମୟରେ ...ସେଚନ ସୁବିଧା ବହୁଳ ଭାବେ ଯୋଗାଇ ଦେବା ...ଦେଶ୍ୟରେ ଉଠା ଜଳସେଚନ ବ୍ୟବସ୍ଥାକୁ ସମଗ୍ର ରାଜ୍ୟରେ ...ପକ ଭାବେ ସମ୍ପ୍ରସାରଣ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ...ନାୟକ ପରାମର୍ଶ ଦେଇଛନ୍ତି । ବିଗତ ବର୍ଷଗୁଡ଼ିକର ...ନା ତୁଳନାରେ ଚଳିତ ବର୍ଷ ଏହାକୁ ଦ୍ୱିଗୁଣିତ କରିବା ...ଇଁ ଏ ଦିଗରେ ସକ୍ରିୟ ପଦକ୍ଷେପ ଗ୍ରହଣ କରିବାକୁ ସେ ...ଠା ଜଳସେଚନ ନିଗମ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ...ଷେଷ କରି ରାଜ୍ୟର ଯେଉଁସବୁ ଅଞ୍ଚଳରେ ପର୍ଯ୍ୟାପ୍ତ ଜଳ ...ଭବ ରହିଛି, ସେସବୁ ସ୍ଥାନରେ ଅଗ୍ରାଧିକାର ଭିତ୍ତିରେ ଉଠା ...ଳସେଚନ ଯୋଜନା କାର୍ଯ୍ୟକାରୀ କରି ଉକ୍ତ ଜଳର ...ପଯୋଗ କରାଯିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ ...ଛନ୍ତି । ଉଠା ଜଳସେଚନ ନିଗମର କାର୍ଯ୍ୟ କଳାପ ...ମ୍ପର୍କରେ ମୁଖ୍ୟମନ୍ତ୍ରୀ ସମୀକ୍ଷା କରି ଲକ୍ଷ୍ୟ ହାସଲ ଦିଗରେ ...ଗ ଦେବା ପାଇଁ ପରାମର୍ଶ ଦେଇଛନ୍ତି ।

...ନିଗମ ଏହାକୁ ଏକ ଆହ୍ୱାନ ରୂପେ ଗ୍ରହଣ କରି ଚଳିତ ବର୍ଷ ... ହଜାରରୁ ଊର୍ଦ୍ଧ୍ୱ ଉଠା ଜଳସେଚନ ପ୍ରକଳ୍ପକୁ ...ନିର୍ମାଣ କରି କାର୍ଯ୍ୟକ୍ଷମ କରାଯିବାକୁ ସ୍ଥିର କରିଛନ୍ତି । ଗତ ...ବର୍ଷରେ ରାଜ୍ୟରେ ସର୍ବମୋଟ୍ ୧୪୫୪ଟି ଉଠା ଜଳସେଚନ ...ଳ୍ପକୁ କାର୍ଯ୍ୟକ୍ଷମ କରାଯାଇଥିଲା ।

...ସମ୍ପ୍ରତି ଉଠା ଜଳସେଚନ ନିଗମ ଅଧ୍ୟକ୍ଷ ଓ ଓଡ଼ିଶା ...ବିଦ୍ୟୁତ୍ ବୋର୍ଡ଼ ଅଧ୍ୟକ୍ଷଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇ ସବିଶେଷ ଆଲୋଚନା ପରେ ୨୦୦ଟି ଅଚଳ ସେଚ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ପାଇଁ ବିଦ୍ୟୁତ୍ ବୋର୍ଡ଼ ପକ୍ଷରୁ ଆବଶ୍ୟକୀୟ ମରାମତି କରାଯାଇ ଉଚ୍ଚ ଶକ୍ତି ସଂପନ୍ନ ବିଦ୍ୟୁତ୍ ଲାଇନ୍ ସଂଯୋଗ ଓ ଟ୍ରାନ୍ସଫର୍ମର୍ ନିମନ୍ତେ ନିଷ୍ପତ୍ତି ହୋଇଛି । ସେଚ ପ୍ରକଳ୍ପ ନିର୍ମାଣ କ୍ଷେତ୍ରରେ ବିଭିନ୍ନ ଅଭାବ ଅସୁବିଧା ଦୂର କରି ନିର୍ମାଣକୁ ତ୍ୱରାନ୍ୱିତ କରିବା ପାଇଁ ନିଗମର ପ୍ରଶାସନିକ ବ୍ୟବସ୍ଥାକୁ ଅଧିକ ସକ୍ରିୟ କରାଯାଇଛି ।

ଉଠା ଜଳସେଚନ ପ୍ରକଳ୍ପ ଜରିଆରେ ରାଜ୍ୟର ମୋଟ୍ ୮,୮୭,୩୧୦ ହେକ୍ଟର ଚାଷ ଉପଯୋଗୀ ଜମିରେ ଜଳସେଚନର ସୁବିଧା ସୃଷ୍ଟି କରାଯିବା ପାଇଁ ସ୍ଥିର ହୋଇଥିବା ସ୍ଥଳେ ବର୍ତ୍ତମାନ ସୁଦ୍ଧା ୧୧,୨୨୧ଟି ଉଠା ସେଚ ପ୍ରକଳ୍ପ ମାଧ୍ୟମରେ ୨,୫୦,୩୧୭ ହେକ୍ଟର ଜମିକୁ ଜଳ ଯୋଗାଇ ଦିଆଯାଇ ପାରିଛି ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆଦାୟ

ପୁରୀସ୍ଥିତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିରର ଆର୍ଥିକ ବ୍ୟବସ୍ଥାକୁ ସ୍ୱଚ୍ଛଳ କରାଇବା ପାଇଁ ଶ୍ରୀମନ୍ଦିର ଭିତରେ ଏକ ହୁଣ୍ଡି ସ୍ଥାପିତ ହୋଇଛି । ୧୯୯୦ ମସିହା ମାର୍ଚ୍ଚ ମାସ ଶେଷ ସୁଦ୍ଧା ଉକ୍ତ ହୁଣ୍ଡିରୁ ୧୨,୨୮.୯୬୫ ଗ୍ରାମ ସୁନା ଓ ୨,୮୩.୧୧ ଗ୍ରାମ ରୂପା ଅଳଙ୍କାର ଓ ଅନ୍ୟାନ୍ୟ ଦ୍ରବ୍ୟକୁ ଛାଡ଼ି ୧,୦୩,୪୮,୩୩୬.୮୬ ଟଙ୍କା ନଗଦ ଅର୍ଥ ସଂଗ୍ରହ କରାଯାଇଛି । ଏତଦ୍ ବ୍ୟତୀତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଣ୍ଠି ନାମକ ଏକ ପାଣ୍ଠି ମଧ୍ୟ ଗଠନ କରାଯାଇଛି । ଏହି ପାଣ୍ଠି ସୁଧର ୪୫ ଭାଗ ପୁରୀର ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟକୁ ଦିଆଯିବ ଏବଂ ୫ ଭାଗସେବକଙ୍କର କଲ୍ୟାଣ ପାଇଁ ଖର୍ଚ୍ଚ କରାଯିବ । ଅବଶିଷ୍ଟ ୫୦ ଭାଗ ଶ୍ରୀମନ୍ଦିର ପାଣ୍ଠିରେ ଜମା କରାଯିବ ବୋଲି ସ୍ଥିର ହୋଇଛି ।

## ଧାନର ନିର୍ଦ୍ଧାରିତ ମାନ କୋହଳ ପାଇଁ ଆଲୋଚନା

କେନ୍ଦ୍ର ଖାଦ୍ୟ ଓ ବେସାମରିକ ଯୋଗାଣ ମନ୍ତ୍ରୀ ଶ୍ରୀ ନାଥୁରାମ ମିର୍ଦ୍ଧାଙ୍କ ଦୁଇଦିନିଆ ଓଡ଼ିଶା ଗସ୍ତ କାଳରେ ରାଜ୍ୟ ଖାଦ୍ୟ ଓ ବେସାମରିକ ଯୋଗାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ ଗତ ଜୁନ ୬ ତାରିଖରେ ତାଙ୍କ ସହିତ ରାଜ୍ୟର ଯୋଗାଣ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଅଦିନିଆ ବର୍ଷା ଯୋଗୁ କେତେକ ଜିଲ୍ଲାରେ ଧାନ ବେରଙ୍ଗ ହୋଇଥିବାରୁ ଓ ତାହାର ମାନ ସାମାନ୍ୟ ନଷ୍ଟ ହୋଇଥିବାରୁ ଧାନ ବିକ୍ରୟ କରିବାରେ ଚାଷୀମାନେ ଯେଉଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ସେଥିପ୍ରତି ଶ୍ରୀ ଆଚାର୍ଯ୍ୟ କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସଙ୍ଗେସଙ୍ଗେ ଧାନ ଖରିଦ ସମୟରେ ଭାରତ ଖାଦ୍ୟ ନିଗମ ଧାନର ନିର୍ଦ୍ଧାରିତ ମାନ କୋହଳ କରିବାକୁ ଅନୁରୋଧ କରିଥିଲେ । ଏ ସମ୍ପର୍କରେ କେନ୍ଦ୍ର ସରକାର ବିଚାର କରି ତୁରନ୍ତ ନିଷ୍ପତ୍ତି ଗ୍ରହଣ କରିବେ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ମିର୍ଦ୍ଧା ସୂଚନା ଦେଇଥିଲେ । ଶ୍ରୀ ମିର୍ଦ୍ଧା ରାଜ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କୁ ସାକ୍ଷାତ କରି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଏହି ଆଲୋଚନା ସମୟରେ ରାଜ୍ୟ ଜଳସେଚନ ମନ୍ତ୍ରୀ ଶ୍ରୀ ବିଜୟ ମହାପାତ୍ର ଓ ଯୋଗାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଆଚାର୍ଯ୍ୟ ମଧ୍ୟ ଉପସ୍ଥିତ ଥିଲେ ।

## ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

**ଆଗାମୀ ବର୍ଷା** ଋତୁରେ ବନ୍ୟା ବିପତ୍ତିର ମୁକାବିଲା ପାଇଁ ବନ୍ୟାଞ୍ଚଳଗୁଡ଼ିକରେ ଉଦ୍ଧାର କାର୍ଯ୍ୟ ଓ ରିଲିଫ୍ ଯୋଗାଣ ସହିତ ଔଷଧପତ୍ର ଓ ଚିକିତ୍ସା ବ୍ୟବସ୍ଥା ଇତ୍ୟାଦି ବିଷୟରେ ସମ୍ପୃକ୍ତ ଜିଲ୍ଲାପାଳମାନେ **ଅଗ୍ରୀମ** ବ୍ୟବସ୍ଥା କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ପ୍ରକାଶ କରିଛନ୍ତି ।

ଜୁନ ୧୦ ତାରିଖରେ ସଚିବାଳୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ **ଆଗାମୀ** ବର୍ଷା ଋତୁରେ ଅଭ୍ୟନ୍ତରୀଣ ଅଞ୍ଚଳମାନଙ୍କରେ ଖାଦ୍ୟଶସ୍ୟ ମହଜୁଦ ରଖିବା, ଜରୁରୀ ବାର୍ତ୍ତା ପ୍ରେରଣ ପାଇଁ ଟେଲିଫୋନ, ଟେଲିଗ୍ରାମ ଓ ବେତାର ଯନ୍ତ୍ର ବ୍ୟବହାର କରିବା ଓ ବିପନ୍ନ ଲୋକଙ୍କୁ ଉଦ୍ଧାର ପାଇଁ ମଟର ବୋଟ ଓ ଦେଶୀ ଡଙ୍ଗା ପ୍ରସ୍ତୁତ କରି ରଖିବା ପ୍ରଭୃତି ସତର୍କତାମୂଳକ ବ୍ୟବସ୍ଥା ଅବଲମ୍ବନ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସଭ୍ୟମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସଭ୍ୟମାନଙ୍କୁ ଅବଗତ କରାଇଥିଲେ ।

ଏହି ବୈଠକରେ ଲୋକସଭା ଓ ରାଜ୍ୟସଭା ସଦସ୍ୟ ଏବଂ ବିଧାନସଭା ସଦସ୍ୟ ଏବଂ ବିଧାନସଭା ସଦସ୍ୟଙ୍କ ସମେତ ରାଜସ୍ୱ ମନ୍ତ୍ରୀ ଶ୍ରୀ ସୁରେନ୍ଦ୍ର ନାଥ ନାୟକ, ଜଳସେଚନ ମନ୍ତ୍ରୀ ଶ୍ରୀ ବିଜୟ ମହାପାତ୍ର, ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ଘାସିରାମ ମାଝି, ଅର୍ଥ ମନ୍ତ୍ରୀ ଶ୍ରୀ ରାମକୃଷ୍ଣ ପଟ୍ଟନାୟକ, କୃଷି ମନ୍ତ୍ରୀ ଶ୍ରୀ ଜଗନ୍ନାଥ ମଲ୍ଲିକ, ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଶ୍ରୀ ପ୍ରସନ୍ନ କୁମାର ଅଚାର୍ଯ୍ୟ, ମୁଖ୍ୟ ଶାସନ ସଚିବ ଶ୍ରୀ ରମାକାନ୍ତ ମିଶ୍ର ଓ ଉଚ୍ଚ ପଦସ୍ଥ ଅଫିସରମାନେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

ଗତବର୍ଷ ମରୁଡି ଯୋଗୁଁ ବାଲେଶ୍ୱର, କଟକ, ଗଞ୍ଜାମ ଓ କଳାହାଣ୍ଡି ଜିଲ୍ଲାରେ ମୋଟ ୩୪୮ ଗ୍ରାମରେ ଫସଲ କ୍ଷତି ଘଟିଥିବା ବିଷୟ ବୈଠକରେ ପ୍ରକାଶ ପାଇଥିଲା । ରାଜ୍ୟ ସରକାର ଶତକଡା ୭୫ ଭାଗରୁ ଅଧିକ କ୍ଷତିଗ୍ରସ୍ତ ୨୮ଟି ଗ୍ରାମରୁ ପଥକର ରାଜସ୍ୱ ଅଦାୟ ସମ୍ପୂର୍ଣ୍ଣ ରୂପେ ଛାଡ କରିଛନ୍ତି ଏବଂ ୩୨୦ଟି ଗ୍ରାମରୁ ପଥକର ଅଦାୟ ସ୍ଥଗିତ ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ ।

ଗତବର୍ଷ ମଇ ଓ ଜୁଲାଇ ମାସରେ ବାତ୍ୟା, ବର୍ଷା ଋତୁରେ ବନ୍ୟା ଓ ଚଳିତ ବର୍ଷ ଫେବ୍ରୁଆରୀ, ମାର୍ଚ୍ଚ, ଅପ୍ରେଲରେ ଝଡବର୍ଷା ଓ କୁଆପଥର ବୃଷ୍ଟି ହେତୁ ମୋଟ ୩୧ ଜଣ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିଲା । ସମ୍ପୂର୍ଣ୍ଣ ଓ ଆଂଶିକ ଭାବେ ଭାଙ୍ଗି ଯାଇଥିବା ବାସଗୃହ ପାଇଁ ଗୃହ ନିର୍ମାଣ ବାବଦରେ ୧୨ ଲକ୍ଷ ୪୫ ହଜାର ଟଙ୍କା, ଜରୁରୀକାଳିନ ସାହାଯ୍ୟ ବାବଦରେ ୮୯ ଲକ୍ଷ ୯୨ ହଜାର ଟଙ୍କା ଓ ବାଲିଚର ଜମିର ପୁନରୁଦ୍ଧାର ପାଇଁ ୧୦ ଲକ୍ଷ ୭୮ ହଜାର ଟଙ୍କା, ମରୁଡିଗ୍ରସ୍ତ ଅଞ୍ଚଳମାନଙ୍କରେ ଶ୍ରମଭିତ୍ତିକ ଉନ୍ନୟନ କାର୍ଯ୍ୟ ବାବଦରେ ୨ କୋଟି ୯୪ ଲକ୍ଷ ବ୍ୟୟ କରାଯିବା ସହିତ ୧ ଲକ୍ଷ ୭୮ ହଜାର ବୃଦ୍ଧ ଶିଶୁ, ମହିଳା ଓ ପୁରୁଷଙ୍କ ପାଇଁ ମାଗଣା ଭୋଜନ ବ୍ୟବସ୍ଥା କରାଯାଇଥିଲା । ଚଳିତ ବର୍ଷ ମାର୍ଚ୍ଚ ମାସରୁ କଳାହାଣ୍ଡି ଜିଲ୍ଲାରେ ୬ ମାସ ପାଇଁ ୨୦,୫୫୦ ଲୋକଙ୍କ ପାଇଁ ମାଗଣା ଭୋଜନ ବ୍ୟବସ୍ଥା ହୋଇଛି ବୋଲି ବୈଠକରେ ପ୍ରକାଶ ପାଇଥିଲା । ଗତବର୍ଷ ବନ୍ୟା ଓ ଝଡତୋଫାନରେ କ୍ଷତିଗ୍ରସ୍ତ ହୋଇଥିବା ନଦୀବନ୍ଧ, ରାସ୍ତାଘାଟ ସର୍ବସାଧାରଣ କୋଠାବାଡି ଇତ୍ୟାଦି ମରାମତି ଓ ନିର୍ମାଣ ପାଇଁ ମୋଟ ୩୩ କୋଟି ୫୪ ଲକ୍ଷ ୮୩ ହଜାର ଟଙ୍କା ବ୍ୟୟ ହୋଇଛି ।

ଅଗ୍ନି ବିଘାତ ହେତୁ ଗତବର୍ଷ ରାଜ୍ୟରେ ୨୭ ହଜାର ପରିବାରଙ୍କ ବାସଗୃହ ନଷ୍ଟ ହେବା ସହିତ ୨୪ ଜଣ ବ୍ୟକ୍ତିଙ୍କ ଆକସ୍ମିକ ମୃତ୍ୟୁ ଘଟିଥିଲା । ସେମାନଙ୍କର ବାସଗୃହ ନିର୍ମାଣ ପାଇଁ ରାଜ୍ୟ ସରକାର ୭୮ ଲକ୍ଷ ୪୪ ହଜାର ଟଙ୍କା ସାହାଯ୍ୟ ପ୍ରଦାନ କରିଛନ୍ତି ।

ବୈଠକରେ ସଦସ୍ୟମାନେ ପାନୀୟ ଜଳ ଯୋଗାଣ ପାଇଁ ନଳକୂପଗୁଡ଼ିକର ମରାମତି କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ଓ ଭାଙ୍ଗି ଯାଇଥିବା ନଦୀବନ୍ଧଗୁଡ଼ିକର ପୁନଃ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏ ସଂକ୍ରାନ୍ତରେ ରାଜ୍ୟ ମୁଖ୍ୟ ଯନ୍ତ୍ରୀ ସ୍ୱତନ୍ତ୍ର ଅନୁଧ୍ୟାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

## ଉନ୍ନୟନ କାର୍ଯ୍ୟ ନିର୍ବାହୀ କମିଟି

ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ସମିତିଗୁଡ଼ିକର ଅସନ୍ତ ନିର୍ବାଚନ ପର୍ଯ୍ୟନ୍ତ ଉକ୍ତ ସ୍ତରରେ ଉନ୍ନୟନ କାର୍ଯ୍ୟ ଗୁଡ଼ିକର ତଦାରଖ ନିମନ୍ତେ ମଧ୍ୟବର୍ତ୍ତୀକାଳୀନ ବ୍ୟବସ୍ଥା ସ୍ୱରୂପ ରାଜ୍ୟ ସରକାର ବ୍ଲକ ସ୍ତରରେ କାର୍ଯ୍ୟ ନିର୍ବାହୀ କମିଟି ଗଠନ କରିଛନ୍ତି । ଏହି କମିଟିରେ ବ୍ଲକ୍‌ର ଅଧିକ ପଞ୍ଚାୟତଙ୍କୁ ପ୍ରତିନିଧିତ୍ୱ କରୁଥିବା ବିଧାନ ସଭା ସଦସ୍ୟ ଚେୟାରମ୍ୟାନ ରହିବେ ଓ ସ୍ଥାନୀୟ ଅନ୍ୟ ବିଧାନ ସଭା ସଦସ୍ୟମାନେ ସଭ୍ୟ ରହିବେ । ଏତଦ୍‌ବ୍ୟତୀତ ସ୍ଥାନୀୟ ସବ୍-କଲେକ୍ଟର ଏହି କମିଟିର ଉପାଧ୍ୟକ୍ଷ, ବି.ଡି.ଓ ଆବାହକ-ସଭ୍ୟ ଓ ବ୍ଲକର ଯନ୍ତ୍ରୀ ସଭ୍ୟ ଭାବେ ରହିବେ ।

ଏହି କମିଟି ଗ୍ରାମସଭାର ପରାମର୍ଶ କ୍ରମେ ଜବାହର ରୋଜଗାର ଯୋଜନାର ବାର୍ଷିକ ସୂଚୀ ପ୍ରସ୍ତୁତି, ନୂତନ ଭାବେ ଗଠିତ ଗ୍ରାମ କମିଟି ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଉନ୍ନୟନ କାର୍ଯ୍ୟଗୁଡ଼ିକର ତଦାରଖ, କାର୍ଯ୍ୟର ବ୍ୟୟ ଓ ପ୍ରଗତିର ସମୀକ୍ଷା ଓ ସମ୍ବଳର ଯଥାର୍ଥ ବିନିଯୋଗ ଉପରେ ଧ୍ୟାନ ଦେବା ସଙ୍ଗେ ସଙ୍ଗେ ଏହାର ଅପବ୍ୟବହାର ଓ ଅସତ୍ କାରବାର ଦୂର କରିବା ନିମନ୍ତେ ଆବଶ୍ୟକ ଅନୁସନ୍ଧାନ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

ପଞ୍ଚାୟତ ଓ ବ୍ଲକ୍ ସ୍ତରରେ ଉନ୍ନୟନ କାର୍ଯ୍ୟ ସମ୍ପର୍କିତ ସମସ୍ତ ଅଭିଯୋଗ ଉପରୋକ୍ତ କମିଟି ବିଚାର କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

## ଜାଳେଣି କାଠ ପାଇଁ ବୃକ୍ଷ ରୋପଣ

କେନ୍ଦ୍ରୀୟ ପ୍ରବର୍ତ୍ତିତ "ଗ୍ରାମ୍ୟ ଜାଳେଣି କାଠ ବୃକ୍ଷ ରୋପଣ" କାର୍ଯ୍ୟକ୍ରମ ରାଜ୍ୟର ସାତଟି ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି । ମୁଖ୍ୟତଃ ଗ୍ରାମରେ ବାସ କରୁଥିବା ଲୋକମାନଙ୍କର ଜାଳେଣି କାଠର ଆବଶ୍ୟକତା ମେଣ୍ଟାଇବା ନିମନ୍ତେ ସରକାରୀ ଭୂମି ଓ ନିକୃଷ୍ଟ ଧରଣର ଭୂମିରେ ଉପଯୁକ୍ତ ଜାଳେଣି କାଠ ଜାତୀୟ ବୃକ୍ଷ ରୋପଣ କରାଯାଉଛି ।

ଗତ ଆର୍ଥିକ ବର୍ଷ (୧୯୮୯–୯୦)ର ଫେବ୍ରୁୟାରୀ ଶେଷ ସୁଦ୍ଧା ୯,୦୫୦ ହେକ୍ଟର ଜମିରେ ବୃକ୍ଷ ରୋପଣ କରାଯାଇଛି ଓ ଏଥିପାଇଁ ଗତ ବର୍ଷ ୪୦୦ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଥିଲା । ଚଳିତ ଆର୍ଥିକ ବର୍ଷରେ ୮,୨୨୬ ହେକ୍ଟର ଜମିରେ ଏଥିନିମନ୍ତେ ବୃକ୍ଷ ରୋପଣ କରାଯିବା ପାଇଁ ଲକ୍ଷ୍ୟ ରଖାଯିବା ସଙ୍ଗେ ସଙ୍ଗେ ୪୮୦ ଲକ୍ଷ ଟଙ୍କା ଏଥିରେ ବ୍ୟୟ କରିବା ପାଇଁ ପ୍ରସ୍ତାବ ରହିଛି ।

## ଆତ୍ମନିର୍ଭରଶୀଳତା ନୂତନ ଶିକ୍ଷା ନୀତିର ଲକ୍ଷ୍ୟ

*—ମନ୍ତ୍ରୀ ଶ୍ରୀ ମହାନ୍ତି*

ଗତ ମଇ ୨୫ ତାରିଖ ଦିନ କଟକ ଜିଲ୍ଲା ସୟଦପୁରଠାରେ ବୃନ୍ଦାବନ ଉଚ୍ଚ ଓ ଉଚ୍ଚତର ମାଧ୍ୟମିକ (+୨) ବିଦ୍ୟାଳୟ ରଜତୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୂର୍ତ୍ତ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ନଳିନୀକାନ୍ତ ମହାନ୍ତି କହିଲେ ଯେ ଛାତ୍ରଛାତ୍ରୀଙ୍କୁ ଆତ୍ମନିର୍ଭରଶୀଳ କରି ଗଢ଼ି ତୋଳିବା ନୂତନ ଶିକ୍ଷାନୀତିର ମୌଳିକ ଲକ୍ଷ୍ୟ । ପୁସ୍ତକଗତ ଶିକ୍ଷା ବାସ୍ତବ ଜୀବନରେ ବିଶେଷ ସହାୟକ ହୋଇପାରୁ ନଥିବାରୁ ଆଜିକାଲିର ପିଲାମାନେ ପରିବାର ପ୍ରତି ବୋଝ ହୋଇ ଉଠୁଛନ୍ତି । ଆମ ଯୁବ ସମାଜ ଜାତିର ଭବିଷ୍ୟତ ହୋଇଥିବା ଦୃଷ୍ଟିରୁ ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ସଂଗୀତ, କଳା, କ୍ରୀଡା, ଇତ୍ୟାଦି ବିଭିନ୍ନ ବିଷୟରେ ଶିକ୍ଷା ଦେବା ଦିଗରେ ଅଭିଭାବକମାନେ ଯତ୍ନଶୀଳ ହେବା ଦରକାର ବୋଲି ଶ୍ରୀ ମହାନ୍ତି ମତ ପ୍ରକାଶ କରିଥିଲେ । ଶ୍ରୀ ମହାନ୍ତି କହିଲେ ଯେ ଜନସାଧାରଣ ଗଣତାନ୍ତ୍ରିକ ପଦ୍ଧତିରେ ସରକାର ଗଢୁଥିବା ହେତୁ ସେମାନେ ସରକାରଙ୍କ ଶକ୍ତିର ଉତ୍ସ ଏବଂ ସେମାନଙ୍କ ସକ୍ରିୟ ସହଯୋଗ ବିନା କୌଣସି କାର୍ଯ୍ୟକ୍ରମ ସଫଳ ହୋଇପାରିବ ନାହିଁ । ଶୃଙ୍ଖଳାବଦ୍ଧ, କର୍ତ୍ତବ୍ୟନିଷ୍ଠ ଓ ପରିଶ୍ରମୀ ହୋଇପାରିଲେ, ସେମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ସେ କହିଥିଲେ ।

## ଅବକାରୀ ରାଜସ୍ୱ ବୃଦ୍ଧି

ସୁନ୍ଦରଗଡ଼ ଜିଲ୍ଲାରେ ଥିବା ୪୯ଟି ଦେଶୀମଦ ଓ ୨୮ଟି ବିଦେଶୀ ମଦ ଦୋକାନ ଜିଲ୍ଲାପାଳ ଶ୍ରୀମତୀ ଅନିତା ଅଗ୍ନିହୋତ୍ରୀଙ୍କ ଅଧ୍ୟକ୍ଷତାରେ ସର୍ବସାଧାରଣରେ ସଂପ୍ରତି ନିଲାମ କରାଯାଇଛି । ଏହି ନିଲାମରେ ମୋଟ ୪୯ଟି ଦେଶୀ ମଦ ଦୋକାନକୁ ନଅଜଣ ପୁରୁଣା ଓ ଛଅଜଣ ନୂତନ ବିକ୍ରେତାଙ୍କୁ ଦିଆଯାଇଛି । ସେହିପରି ୨୮ଟି ବିଦେଶୀ ମଦ ଦୋକାନକୁ ୩ ଜଣ ପୁରୁଣା ଓ ୫ ଜଣ ନୂଆ ବିକ୍ରେତାଙ୍କୁ ଦିଆଯାଇଛି ।

ଜିଲ୍ଲାରେ ୪୯ଟି ଦେଶୀ ମଦ ଦୋକାନରୁ ମାସକୁ ମୋଟେ ୬,୬୦,୮୩୫ ଟଙ୍କା ରାଜସ୍ୱ ଆଦାୟ ହେବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ସ୍ଥଳେ ମୋଟ୍ ୮,୧୬,୫୬୨ ଟଙ୍କା ଆଦାୟ ହୋଇ ଗତବର୍ଷ ତୁଳନାରେ ୧,୫୫,୬୨୭ ଟଙ୍କା ଅଧିକ ଆଦାୟ ହୋଇଛି । ସେହିପରି ୨୮ଟି ବିଦେଶୀ ମଦ ଦୋକାନରୁ ମୋଟ୍ ୬୨,୦୮୯ ଟଙ୍କା ଆଦାୟ ହେବାକୁ ଥିବା ସ୍ଥଳେ ମୋଟ ୨,୯୨,୧୫୦ ଟଙ୍କା ଆଦାୟ ହୋଇଛି ।

## ସରକାରୀ ସ୍ୱୀକୃତି ଦିଆଯିବ ନାହିଁ

ଓଡ଼ିଶା ସରକାରଙ୍କ ବିଶେଷ ଅଧିସୂଚନା ସଂଖ୍ୟା ୧୩୮୯୬/ଆଇନ ତା ୨୦.୯.୧୯୮୯ ଅନୁଯାୟୀ ରାଜ୍ୟର କୌଣସି ବେସରକାରୀ ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟ ଓ ବେସରକାରୀ ପ୍ରଶିକ୍ଷଣ ମହାବିଦ୍ୟାଳୟକୁ ସରକାରୀ ସ୍ୱୀକୃତି ଦିଆଯିବ ନାହିଁ । ଏହା ସତ୍ତ୍ୱେ ଯଦି କୌଣସି ବ୍ୟକ୍ତି ଏହି ଅନୁଷ୍ଠାନରେ ନାମ ଲେଖାନ୍ତି, ସେଥିପାଇଁ ଓଡ଼ିଶା ସରକାର ଦାୟୀ ହେବେ ନାହିଁ ବୋଲି ଶିକ୍ଷା ଓ ଯୁବ କଲ୍ୟାଣ ବିଭାଗ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ଘୋଷଣା କରାଯାଇଛି ।

## ସ୍କାଉଟ୍ ଓ ଗାଇଡ୍ ରାଲି

ସମସ୍ତ ଭେଦଭାବ ଓ ମାନସିକ ଆବେଗରୁ ଊର୍ଦ୍ଧ୍ୱରେ ରହି ଭ୍ରାତୃଭାବ ସୃଷ୍ଟି କରିବା, ଦେଶର ଅଖଣ୍ଡତା ଓ ସଂହତିକୁ ସୁଦୃଢ଼ କରିବା ଏବଂ ବିପର୍ଯ୍ୟୟ ସମୟରେ ଦୁଃଖୀ ଓ ପୀଡ଼ିତମାନଙ୍କୁ ଅମ୍ଳାନ ବଦନରେ ସାହାଯ୍ୟ କରିବାକୁ ସ୍କାଉଟ୍ ଓ ଗାଇଡ୍‌ମାନଙ୍କୁ ରାଜ୍ୟପାଳ ଶ୍ରୀ ୟଜ୍ଞଦତ୍ତ ଶର୍ମା ମଇ ୨୪ରେ ଉଦ୍‌ବୋଧନ ଦେଇଛନ୍ତି ।

ରାଜଭବନ ପରିସର ମଧ୍ୟରେ ଏକ ମନୋଜ୍ଞ ପରିବେଶରେ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ସ୍କାଉଟ୍ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସି ଏକ ରାଲିରେ ଯୋଗ ଦେଇଥିଲେ । ଏହି ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଆସନ୍ତା କାଲିର ରାମଚନ୍ଦ୍ର, ସୀତା, ସାବିତ୍ରୀ, ମହାତ୍ମା ଗାନ୍ଧୀ ଓ ନେହେରୁ ବୋଲି ସମ୍ବୋଧନ କରି ରାଜ୍ୟପାଳ ସେମାନଙ୍କର ଗୁଣରେ ଏ ଦେଶର ଚନ୍ଦନ ବାଟୀକା ସୁରଭିତ ହୋଇ ଉଠୁ ବୋଲି ଆଶା ପୋଷଣ କରିଥିଲେ ।

ଏହି ଅବସରରେ ରାଜ୍ୟପାଳ ଶ୍ରୀ ଶର୍ମାଙ୍କୁ ଭାରତ ସ୍କାଉଟ୍ ଓ ଗାଇଡ୍ ଅନୁଷ୍ଠାନ ତରଫରୁ 'ପୃଷ୍ଠପୋଷକ ସମ୍ମାନ' ପ୍ରଦାନ କରିଥିଲେ ଅନୁଷ୍ଠାନର ସଭାପତି ଶ୍ରୀ ବସନ୍ତ କୁମାର ବିଶ୍ୱାଳ ।

ରାଜ୍ୟପାଳ ମଧ୍ୟ ସ୍କାଉଟ୍ ଗାଇଡ୍ ସଭାପତି, ରାଜ୍ୟସ୍ତରୀୟ ବରିଷ୍ଠ କର୍ତ୍ତା ଓ ଜିଲ୍ଲା ସଙ୍ଗଠକମାନଙ୍କୁ 'ପିସ୍ ମାସେଞ୍ଜର୍' ବା

'ଶାନ୍ତିଦୂତ' ମେଡାଲ ପ୍ରଦାନ କରିଥିଲେ । ଅନୁଷ୍ଠାନର ସଭାପତି ଶ୍ରୀ ବିଶ୍ୱାଳ ରାଜ୍ୟପାଳଙ୍କୁ କୃତଜ୍ଞତା ଜ୍ଞାପନ କରିବା ସଙ୍ଗେ ସଙ୍ଗେ ଏହି ଅନୁଷ୍ଠାନର ବିବରଣୀ ପ୍ରଦାନ କରି କହିଥିଲେ ଯେ ଗତ କେତେ ବର୍ଷ ତଳେ ମାତ୍ର ୬୦୮ଟି ୟୁନିଟ୍‌ରେ ମୋଟ ୧,୩୪୦ ସ୍କାଉଟ୍ ଓ ଗାଇଡ୍ ତାଲିମ ପାଉଥିବା ବେଳେ ୧୯୯୦ରେ ଏହା ୧,୩୦୦ ୟୁନିଟ୍‌କୁ ବୃଦ୍ଧି ପାଇ ପ୍ରାୟ ୩୨,୦୦୦ ଛାତ୍ରଛାତ୍ରୀ ସ୍କାଉଟ୍ ଓ ଗାଇଡ୍ କାର୍ଯ୍ୟକ୍ରମରେ ଅଂଶୀଦାର ହୋଇପାରିଛନ୍ତି । ଆର୍ଥିକ ଅନଟନ ସମ୍ବନ୍ଧରେ କିଛିତ ସୂଚନା ଦେଇ ଶ୍ରୀ ବିଶ୍ୱାଳ ଏହି ଅନୁଷ୍ଠାନକୁ ଅଧିକ ଆର୍ଥିକ ସାହାଯ୍ୟ ଯୋଗାଇ ଦେବାକୁ ରାଜ୍ୟପାଳଙ୍କୁ ବିଶେଷ ଅନୁରୋଧ କରିଥିଲେ ଯଦ୍ଦ୍ୱାରା କି ଏହାର କାର୍ଯ୍ୟକ୍ରମକୁ ଅଧିକ ପ୍ରସାରିତ କରାଯାଇ ପାରିବ ।

ରାଜ୍ୟ ମୁଖ୍ୟ କମିଶନର୍ ପ୍ରଫେସର୍ ଘନଶ୍ୟାମ ସାମଲ, ରାଜ୍ୟ କମିଶନର୍ ଶ୍ରୀ ରଜତ କର ଓ ଜିଲ୍ଲା କମିଶନର୍ ଶ୍ରୀ ପି. କେ. ମିଶ୍ର ଏହି ସମାରୋହରେ ସ୍କାଉଟ୍ ଓ ଗାଇଡ୍‌ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ ।

ବିଭିନ୍ନ ଜିଲ୍ଲାରୁ ଆସିଥିବା ସ୍କାଉଟ୍ ଓ ଗାଇଡ୍‌ମାନଙ୍କୁ 'ରାଜ୍ୟ ପୁରସ୍କାର' ରାଜ୍ୟପାଳ ଶ୍ରୀ ଶର୍ମା ପ୍ରଦାନ କରିବା ପରେ ସ୍କାଉଟ୍ ଓ ଗାଇଡ୍‌ମାନଙ୍କ ତରଫରୁ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରିଥିଲେ ।

## ପେଟ୍ରୋଲ ପମ୍ପ ଉପରେ ଅଚାନକ ଚଢାଉ

ଖାଦ୍ୟ ଓ ଯୋଗାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶକ୍ରମେ ଓଜନ ମାପ ବିଭାଗର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ଗତ ତା ୨୩.୫.୯୦ ଦିନ କଟକଠାରୁ ଖୋର୍ଦ୍ଧା ପର୍ଯ୍ୟନ୍ତ ଜାତୀୟ ରାଜପଥରେ ଥିବା ପେଟ୍ରୋଲ ପମ୍ପଗୁଡ଼ିକ ଉପରେ ଅଚାନକ ଚଢାଉ କରାଯାଇଥିଲା । ତନଖି କରାଯାଇଥିବା ୧୯ ଗୋଟି ପେଟ୍ରୋଲ ପମ୍ପ ମଧ୍ୟରୁ ୪ ଗୋଟି ପେଟ୍ରୋଲ୍ ପମ୍ପରେ ଗ୍ରାହକମାନଙ୍କୁ ପ୍ରତି ଲିଟରରେ ୬ ଏମ୍. ଏଲ୍.ରୁ ୪୦ ଏମ୍.ଏଲ୍. କମ୍ ପେଟ୍ରୋଲ୍ ଓ ଡିଜେଲ୍ ବିକ୍ରି କରାଯାଉଥିବାର ପରିଲକ୍ଷିତ ହୋଇଥିଲା । ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏହି ପୂର୍ବରୁ ଯୋଗାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶକ୍ରମେ ଭୁବନେଶ୍ୱର ସହର ମଧ୍ୟରେ ଥିବା ବିଭିନ୍ନ ପେଟ୍ରୋଲ୍ ପମ୍ପ ଅଚାନକ ତନଖି କରାଯାଇ ୩ ଗୋଟି ପେଟ୍ରୋଲ୍ ପମ୍ପରେ କମ ମାପରେ ଗ୍ରାହକମାନଙ୍କୁ ବିକ୍ରି କରାଯାଉଥିବାରୁ ଧରାପଡ଼ି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

## ଟୀକାଦାନ ଓ ପରିବାର କଲ୍ୟାଣ

ରାଜ୍ୟରେ କାର୍ଯ୍ୟକାରୀ କରାଯାଉଥିବା ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ସ୍ୱାସ୍ଥ୍ୟସେବା ପରିକଳ୍ପନା ଅନୁଯାୟୀ ଚଳିତ ଆର୍ଥିକ ବର୍ଷର ଗତ ଅପ୍ରେଲ ମାସରେ ସାର୍ବଜନୀନ ଟୀକାଦାନ କାର୍ଯ୍ୟକ୍ରମରେ ୨୬ ହଜାର ୫୬୦ ଜଣ ଶିଶୁଙ୍କୁ ଡି.ପି.ଟି. ୨୬ ହଜାର ୪୯୦ ଜଣଙ୍କୁ ପୋଲିଓ ଏବଂ ୨୮ ହଜାର ୫୬୦ ଜଣଙ୍କୁ ଯକ୍ଷ୍ମା ପ୍ରତିଷେଧକ ଟୀକା ଦିଆଯାଇଛି ବୋଲି ଜଣାପଡ଼ିଛି । ସେହିପରି ଉକ୍ତ ସମୟରେ ୨ ହଜାର ୨୯୯ ଜଣ ପରିବାର କଲ୍ୟାଣ ଅସ୍ତ୍ରୋପଚାର କରିବା ସଙ୍ଗେ ସଙ୍ଗେ ଗର୍ଭଧାରଣକୁ ରୋକିବା ପାଇଁ ୩ ହଜାର ୩୯୭ ଜଣ ମହିଳା ଆଇ.ୟୁ.ଡି. ବ୍ୟବହାର କରିଛନ୍ତି ବୋଲି ଉକ୍ତ ବିବରଣୀରୁ ପ୍ରକାଶ ।

ଶିଶୁ କଲ୍ୟାଣ କାର୍ଯ୍ୟକ୍ରମ ଅନୁଯାୟୀ ରାଜ୍ୟର ୧୦୫ଟି ବ୍ଲକ୍‌ରେ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକାରୀ କରାଯାଉଛି ଏବଂ ରାଜ୍ୟରେ ୮ ହଜାର ୮୦୪ଟି ଅଙ୍ଗନବାଡ଼ି କେନ୍ଦ୍ର କାର୍ଯ୍ୟ କରୁଛନ୍ତି ବୋଲି ଗତ ଅପ୍ରେଲ ମାସର ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅଗ୍ରଗତି ସମ୍ପର୍କୀୟ ବିବରଣୀରୁ ଜଣାପଡ଼ିଛି ।

## ଡଃ ମୋଡେସ୍‌ଙ୍କ ବିୟୋଗ

ରାଜ୍ୟ ସରକାରଙ୍କ ସେଚ ଓ ଶକ୍ତି ବିଭାଗର ପୂର୍ବତନ କମିଶନର ତଥା ଶାସନ ସଚିବ ଡଃ ଏଫ୍. ଏ. ମୋଡେସ୍‌ଙ୍କ ଅକାଳ ବିୟୋଗରେ ଆଇ.ଏ.ଏସ୍. ଆସୋସିଏସନ୍ ଓଡ଼ିଶା ଶାଖାର ସଦସ୍ୟମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି । ଏ ଉପଲକ୍ଷେ ଅନୁଷ୍ଠିତ ଏକ ଶୋକସଭାରେ ଆସୋସିଏସନ୍‌ର ସଦସ୍ୟମାନେ ଡଃ ମୋଡେସ୍‌ଙ୍କ ଆତ୍ମାର ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ନୀରବତା ପାଳନ କରିବା ସଙ୍ଗେ ସଙ୍ଗେ ନିମ୍ନଲିଖିତ ଶୋକ ପ୍ରସ୍ତାବ ଗ୍ରହଣ କରିଛନ୍ତି :

"ଆମର ଜଣେ ସହକର୍ମୀ ଡଃ ଏଫ୍. ଏ. ମୋଡେସ୍‌ଙ୍କର ଅକାଳ ବିୟୋଗରେ ଏହି ଆସୋସିଏସନ୍ ଗଭୀର ଶୋକ ପ୍ରକାଶ କରୁଛି ଏବଂ ତାଙ୍କର ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରିବା ସଙ୍ଗେ ସଙ୍ଗେ ପ୍ରୟାତ ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କଠାରେ ପ୍ରାର୍ଥନା କରୁଛି ।"

## ସାରଳା ପୁରସ୍କାର ଉତ୍ସବ

ସାହିତ୍ୟ କଳା, ସଂସ୍କୃତି କ୍ଷେତ୍ରରେ ଆମ ଦେଶ ବିଶ୍ୱରେ ଅନନ୍ୟ ସମ୍ମାନ ଅର୍ଜନ କରିଛି । ଭବିଷ୍ୟତରେ ଆମ ଦେଶ ଏଥିରେ ଅଧିକ ଉନ୍ନତି କରିବ ବୋଲି ଗତ ଜୁନ୍ ୧୯ରେ ରାଜ୍ୟପାଳ ଶ୍ରୀ ଯଜ୍ଞଦତ୍ତ ଶର୍ମା ମତ ଦେଇଥିଲେ ।

ଶ୍ରୀ ଶର୍ମା ସୂଚନା ଭବନରେ ଏକାଦଶ 'ସାରଳା ପୁରସ୍କାର' ଉତ୍ସବକୁ ପ୍ରଦୀପ ଜାଳି ଉଦ୍‌ଘାଟନ କରିଥିଲେ । "ସାରଳା ପୁରସ୍କାର ଟ୍ରଷ୍ଟ" ବେସରକାରୀ ଭାବରେ ଡଃ ବଂଶୀଧର ପଣ୍ଡାଙ୍କ ଦ୍ୱାରା ପ୍ରତିଷ୍ଠିତ ।

ଉତ୍ସବକୁ ଉଦ୍‌ଘାଟନ କରି ଶ୍ରୀ ଶର୍ମା କହିଲେ ଯେ ଓଡ଼ିଶାର ବହୁ ଧୀମାନ ଲେଖକ କବି ଓ କଳାକାର ସେମାନଙ୍କର କଳାନୁରାଗ ଦ୍ୱାରା ବିଭିନ୍ନ କ୍ଷେତ୍ରରେ ଅନ୍ୟକୁ ପ୍ରତିଷ୍ଠିତ କରି ପାରିଛି । ସରକାରଙ୍କ ବିନା ପୃଷ୍ଠପୋଷକତାରେ ଏକ ବେସରକାରୀ ସଂସ୍ଥା ଆମର ଗୌରବମୟ ପରମ୍ପରାକୁ ବଞ୍ଚାଇ ରଖି କଳା ଓ ସାହିତ୍ୟ କ୍ଷେତ୍ରରେ ବିଶେଷ ଅବଦାନ ଦେଇଥିବା ବ୍ୟକ୍ତିମାନଙ୍କୁ ସମ୍ମାନ ପ୍ରଦାନ କରୁଥିବାରୁ ରାଜ୍ୟପାଳ ଶ୍ରୀ ଶର୍ମା ଆନନ୍ଦ ପ୍ରକାଶ କରିଥିଲେ ।

...ଉପପାଳ ଆଶା ପ୍ରକାଶ କରିଛନ୍ତି ଯେ ଜ୍ଞାନରୂପୀ ଗଙ୍ଗାର ...ା ପ୍ରତିଷ୍ଠିତ ବଂଶଧରମାନଙ୍କ ପାଇଁ "ଅମୃତ" ସଦୃଶ କାର୍ଯ୍ୟ ...ଛି ।

...କେନ୍ଦ୍ର ସାହିତ୍ୟ ଏକାଡେମୀର ସଭାପତି, ମରାଠୀ ସାହିତ୍ୟର ...ଦ୍ଧ ଶ୍ରୀ ଗଙ୍ଗାଧର ଗୋପାଳ ଗଡ଼ଗିଲ ମୁଖ୍ୟ ଅତିଥି ଭାବେ ...ଇ ଦେଇ କହିଲେ ଯେ ସଂସ୍କୃତି କ୍ଷେତ୍ରରେ ପରସ୍ପର ନିର୍ଭର ...ରେ ସ୍ୱକୃତ ସାହିତ୍ୟିକ ପରମ୍ପରାର ଅଂଶ ବିଶେଷ । ...ଅନ୍ତି କ୍ଷେତ୍ରରେ ଆମ୍ଭେମାନେ ଭିନ୍ନ । ପରସ୍ପର ମଧ୍ୟରେ ...ବିଚାରକ କରୁଛୁ ଏପରିକି ଯୁଦ୍ଧ କ୍ଷେତ୍ରରେ ଅବତୀର୍ଣ୍ଣ ହୋଇ ...ଦ ମଧ୍ୟ କରୁଛୁ କିନ୍ତୁ ସାହିତ୍ୟ, ନୃତ୍ୟ, ସଙ୍ଗୀତ, କିମ୍ବା ...ା କ୍ଷେତ୍ରରେ ଆମେ ଆମର ଏକତା ଓ ସମନ୍ୱୟ ପ୍ରଦର୍ଶନ ...ଛୁ । ପ୍ରମାଣ ସ୍ୱରୂପ ପୃଥିବୀର ଦୁଇଟି ମହାନ୍ ଗ୍ରନ୍ଥ ...ଭାରତ" ଓ 'ରାମାୟଣ'ର ନାମ ଉଲ୍ଲେଖ କରିଥିଲେ । ସେ ...ହିଲେ ଯେ ଏହା ବିଭିନ୍ନ ଭାଷା ଓ ସାହିତ୍ୟରେ ସମୟ କ୍ରମେ, ...ଡ଼ିଆ ସାହିତ୍ୟରେ 'ସାରଳା ମହାଭାରତ' ପରି ହୋଇପାରିଛି । ...ା ସବୁର ପରସ୍ପର ସହିତ ମଧ୍ୟ ସାମଞ୍ଜସ୍ୟ ରହିଛି । ...ବହିଳ ଓଡ଼ିଆ ସାହିତ୍ୟର ସମୃଦ୍ଧିରେ ଆନନ୍ଦ ପ୍ରକାଶ ...ଥିଲେ । ସେ କହିଥିଲେ କବି ଜୟଦେବଙ୍କ 'ଗୀତ ...ବିନ୍ଦ' ଭାରତର ଅଗଣିତ ଲୋକଙ୍କ ହୃଦୟକୁ ପୁଲକିତ ...ଛି ।

...ଜ୍ୟପାଳ ଶ୍ରୀ ଶର୍ମା ଓ ମୁଖ୍ୟ ଅତିଥି ଶ୍ରୀ ଗଡ଼ଗିଲ ନାଟ୍ୟକାର ... ମନୋରଞ୍ଜନ ଦାସ ଓ ଲୋକପ୍ରିୟ ଔପନ୍ୟାସିକା ...ଶ୍ରୀ ପ୍ରତିଭା ରାୟଙ୍କୁ ସ୍ୱତନ୍ତ୍ର ଭାବରେ ୩୦,୦୦୦ ଟଙ୍କାର ...ଳା ପୁରସ୍କାର ପ୍ରଦାନ କରିଥିଲେ । ସାହିତ୍ୟିକ ଶ୍ରୀ ଗୋପୀ ...ନାଥ ମହାନ୍ତି, ଶ୍ରୀ କୃଷ୍ଣଚନ୍ଦ୍ର ତ୍ରିପାଠୀ ପ୍ରସିଦ୍ଧ କଳାକାର ...ଅଜିତ କେଶରୀ ରାୟ ଓ ପ୍ରଖ୍ୟାତ ସମାଜ ସେବୀ ତଥା ...ନୈତିକ ଶ୍ରୀ ଅଦ୍ୱୈତ ବଲ୍ଲଭ ରାୟଙ୍କୁ ମଧ୍ୟ ସାରଳା ...ସ୍କାର ପ୍ରଦାନ କରାଯାଇଥିଲା ।

...ସାରଳା ପୁରସ୍କାରର ସଭାନେତ୍ରୀ ଶ୍ରୀମତୀ ଇଲା ପଣ୍ଡା, ...ଉପଦେଷ୍ଟା ଶ୍ରୀ ଧ୍ରୁବାନନ୍ଦ ରାୟ ଓ ଶ୍ରୀ ନିତ୍ୟାନନ୍ଦ ଶତପଥୀ ...ଉତ୍ସବରେ ଅଂଶ ଗ୍ରହଣ କରିଥିଲେ ।

## ବିନୋଦ କାନୁନ୍‌ଗୋଙ୍କ ବିୟୋଗରେ ରାଜ୍ୟପାଳଙ୍କ ଶୋକ

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଜ୍ଞାନମଣ୍ଡଳ ପ୍ରଣେତା ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋଙ୍କର ଆକସ୍ମିକ ମୃତ୍ୟୁରେ ଓଡ଼ିଶାର ରାଜ୍ୟପାଳ ଶ୍ରୀ ଯଜ୍ଞଦତ୍ତ ଶର୍ମା ଗଭୀର ଶୋକ ପ୍ରକାଶ କରିଛନ୍ତି । ସ୍ୱର୍ଗତ କାନୁନ୍‌ଗୋଙ୍କର ଶୋକସନ୍ତପ୍ତ ପରିବାରବର୍ଗଙ୍କ ନିକଟକୁ ପଠାଇଥିବା ଏକ ଶୋକବାର୍ତ୍ତାରେ ଶ୍ରୀ ଶର୍ମା ଓଡ଼ିଶାର ଏହି ବରପୁତ୍ର ସ୍ୱୟଂ ଏକ ଅନୁଷ୍ଠାନ ଥିଲେ ବୋଲି ବର୍ଣ୍ଣନା କରିଛନ୍ତି । ସେ ଜୀବନ ସାରା ସ୍ୱାଧୀନତା ଲାଗି ଓ ସ୍ୱାଧୀନତା ପ୍ରାପ୍ତି ପରେ ଅଜ୍ଞତା ଓ ନିରକ୍ଷରତା ବିରୁଦ୍ଧରେ ସଂଗ୍ରାମ କରି ଆସିଛନ୍ତି । ସେ ଓଡ଼ିଶାର ଘରେ ଘରେ ସୁପରିଚିତ । ଖୁବ୍ ଉଚ୍ଚ ଚିନ୍ତାଧାରା ସମ୍ପନ୍ନ ହୋଇ ସାଧାସିଧା ଜୀବନ ବିତାଇ ଓଡ଼ିଶାର ଏହି ସୁଯୋଗ୍ୟ ସନ୍ତାନ ସର୍ବଦା ଓଡ଼ିଶାବାସୀଙ୍କର ସ୍ମରଣୀୟ ହୋଇ ରହିବେ । ସ୍ୱର୍ଗତ କାନୁନ୍‌ଗୋଙ୍କ ମୃତ୍ୟୁରେ ଓଡ଼ିଶାର ଅପୂରଣୀୟ କ୍ଷତି ଘଟିଲା ଏବଂ ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟ ସହ ଏକ ବଳିଷ୍ଠ ଯୋଗସୂତ୍ର ଛିନ୍ନ ହେଲା ବୋଲି ଶ୍ରୀ ଶର୍ମା ଉଲ୍ଲେଖ କରିଛନ୍ତି ।

ରାଜ୍ୟପାଳ ତାଙ୍କ ଶୋକବାର୍ତ୍ତାରେ ସ୍ୱର୍ଗତ କାନୁନ୍‌ଗୋଙ୍କର ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହିତ ଏହି ଦାରୁଣ କ୍ଷତିକୁ ସହ୍ୟ କରିବାକୁ ଈଶ୍ୱର ସେମାନଙ୍କୁ ଯଥେଷ୍ଟ ଶକ୍ତି ଦିଅନ୍ତୁ ବୋଲି ପ୍ରାର୍ଥନା କରିଛନ୍ତି । ରାଜ୍ୟପାଳଙ୍କ ତରଫରୁ ତାଙ୍କ ଏ.ଡି.ସି. ଶ୍ରୀ ବି. ଏନ୍. ଦାସ ତାଙ୍କ କଟକସ୍ଥ ବାସଭବନଠାରେ ଶ୍ରୀ କାନୁନ୍‌ଗୋଙ୍କ ମରଶରୀରେ ଶ୍ରଦ୍ଧା ପୁଷ୍ପ ଅର୍ପଣ କରିଛନ୍ତି ।

---

■ ଦେଶର କୋଟି କୋଟି ଜନତା ଦାରିଦ୍ର୍ୟ ଓ ଅଜ୍ଞତାର କଶାଘାତରେ ନିଷ୍ପେଷିତ ହେଉଥିବା ପର୍ଯ୍ୟନ୍ତ, ସେହି ଜନତାର ଅର୍ଥରେ ଶିକ୍ଷାପ୍ରାପ୍ତ ଅଥଚ ସେହିମାନଙ୍କ ପ୍ରତି ଅବହେଳା ପ୍ରଦର୍ଶନ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଦେଶଦ୍ରୋହୀ ବୋଲି ଆଖ୍ୟା ଦେବାକୁ ମୁଁ କୁଣ୍ଠାବୋଧ କରିବି ନାହିଁ ।

—ବିବେକାନନ୍ଦ

# ଓଡ଼ିଶାରେ ସମବାୟ ବ୍ୟବସାୟ

ଶ୍ରୀ ପ୍ରଫୁଲ୍ଲଚନ୍ଦ୍ର ମହାନ୍ତି

ସର୍ବ ଭାରତୀୟ ସ୍ତରରେ ସମବାୟ ଏକ ସ୍ୱୀକୃତ ସେବା ଓ ବ୍ୟବସାୟିକ ମାଧ୍ୟମଭାବରେ ୧୯୦୪ ଖ୍ରୀ: ଅ:ରେ ପ୍ରତିଷ୍ଠିତ ହେଉ ହେଉ ଓଡ଼ିଶା ତଥା ଅନ୍ୟ ରାଜ୍ୟମାନଙ୍କରେ ସମବାୟ ଆନ୍ଦୋଳନର ସ୍ରୋତ ବହିବାକୁ ଲାଗିଲା । ଏଥିପାଇଁ ସ୍ୱାତନ୍ତ୍ରଭାବେ "ସମବାୟ ଆଇନ ୧୯୦୪" ପ୍ରଣୟନ କରାଗଲା ଓ ପରେ ଆବଶ୍ୟକତାଅନୁଯାୟୀ ୧୯୧୨, ୧୯୧୯, ୧୯୩୫, ୧୯୫୫, ୧୯୬୨ ଏବଂ ୧୯୬୫ରେ ସଂଶୋଧିତ, ପରିବର୍ଦ୍ଧିତ ଓ ପରିବର୍ତ୍ତିତ କରାଯାଇ ଏକ ପୂର୍ଣ୍ଣାଙ୍ଗ ଆଇନ୍ ରୂପେ ସମବାୟର ଭିତ୍ତି, ଗତି ଓ ପ୍ରଗତିକୁ ସୁନିୟନ୍ତ୍ରିତ କରି ସୁରକ୍ଷା ପ୍ରଦାନ କଲା । ପ୍ରଥମ କରି ଓଡିଶାର ବାଙ୍କି ଅଞ୍ଚଳରେ ତିନୋଟି ମାତ୍ର ପ୍ରାଥମିକ ଋଣ ସମବାୟ ସମିତି ୧୯୦୪ ମସିହାରେ ଗଠନ କରାଯାଇ ସମବାୟର ବୀଜ ବିକ୍ଷେପ କିଆଯାଇଥିଲା । ପରେ ପରେ ଗଞ୍ଜାମ, ପୁରୀ, କଟକ, ବାଲେଶ୍ୱର ପ୍ରଭୃତି ଅଞ୍ଚଳରେ ସମବାୟ ସମିତିମାନ କାର୍ଯ୍ୟ କଲା । ୧୯୦୬ ମସିହାରେ ପ୍ରତିଷ୍ଠିତ ବ୍ରହ୍ମପୁର ସମବାୟ ସହରାଞ୍ଚଳ ବ୍ୟାଙ୍କର ଦୀର୍ଘ ୮୨ ବର୍ଷର କାର୍ଯ୍ୟାବଳୀ ରାଜ୍ୟରେ ସାଫଲ୍ୟର ମନ୍ତ୍ର ବହନ କରିଛି । ୧୯୧୦ରେ ବାଙ୍କିଠାରେ ରାଜ୍ୟର ପ୍ରଥମ ସମବାୟ କେନ୍ଦ୍ରୀୟ ବ୍ୟାଙ୍କ୍, ୧୯୧୨ରେ ଖୋର୍ଦ୍ଧାରେ, ୧୯୧୫ରେ ଦସପଲ୍ଲାଠାରେ ସମବାୟ କେନ୍ଦ୍ର ବ୍ୟାଙ୍କମାନ ରେଜିଷ୍ଟ୍ରିଭୁକ୍ତ ହୋଇ ରାଜ୍ୟରେ ସମବାୟ ଆନ୍ଦୋଳନକୁ ବ୍ୟାପକ କଲା । ବର୍ତ୍ତମାନ ରାଜ୍ୟରେ ୧୭ଟି କେନ୍ଦ୍ର ବ୍ୟାଙ୍କ୍ ସମେତ ୬୩୬୩ଟି ସମବାୟ ସମିତିରେ ଅନ୍ୟୁନ ୪୬ ଲକ୍ଷ ୩୬ ହଜାର ଅଂଶୀଦାରଙ୍କ ୧,୨୩୬ କୋଟି ୪୫ ଲକ୍ଷ ଟଙ୍କାର କାର୍ଯ୍ୟକାରୀ ମୂଳଧନକୁ ନେଇ ଗରିବ ଜନସାଧାରଣଙ୍କ ସେବା କରି ଆସୁଅଛି । ଏହା ବ୍ୟତୀତ ଆହୁରି ପ୍ରାୟ ତିନି ହଜାର ଶିଳ୍ପ ସମବାୟ ଓ ବୁଣାକାର ସମବାୟ ସମିତି ରାଜ୍ୟରେ କାର୍ଯ୍ୟରତ ଅଛି । ଏ ସବୁକୁ ଅନୁମାନ କଲେ ସମବାୟ ଆନ୍ଦୋଳନ ଏକ ସୁସ୍ଥ ପ୍ରଗତିର କ୍ଷେତ୍ର ଦେଇ ଗତି କଲାଭଳି ଅନୁଭବ ହେଲେ ମଧ୍ୟ ରାଜ୍ୟର ଜନସଂଖ୍ୟା, ଦରିଦ୍ରତାର ପରିମାଣ ଓ ଆଦିବାସୀମାନଙ୍କ ସଂଖ୍ୟା ଦୃଷ୍ଟିରୁ ସମବାୟର ସହାୟତା ସମୁଦ୍ରକୁ ଗୋଷ୍ପଦ ଭଳି ଲାଗେ । ଓଡ଼ିଶାରେ ଶତକଡ଼ା ଜନତାଙ୍କ ମଧ୍ୟରେ ଏ ଯାବତ୍ ମାତ୍ର ଷୋହଳ ସମବାୟର ସଦସ୍ୟ ହେବାର ସୁଯୋଗ ପାଇଛନ୍ତି । ଆଜି ବି ଆହୁରି ଶତକଡ଼ା ୮୪ ଜଣ ବ୍ୟକ୍ତି ସମବାୟର ଆଲୋକରୁ ବଞ୍ଚିତ । ଏହା ବ୍ୟତୀତ ଯେତେ ସବୁ ସମିତି କାମ କରୁଛି ସେଥିରୁ ପ୍ରାୟ ଅର୍ଦ୍ଧାଧିକ ସମିତି ରୁଗ୍‌ଣ ବା ମୃତବତ୍ । ଏ ସବୁ ସମସ୍ୟାକୁ ଲକ୍ଷ୍ୟ କଲେ ମନେହୁଏ ରାଜ୍ୟରେ ସମ୍ପୂର୍ଣ୍ଣ ସମବାୟ ସଚେତନତା ଆଣିବା ପାଇଁ ସମବାୟ ଆନ୍ଦୋଳନକୁ ବହୁ ନୂତନ ବୈପ୍ଳବିକ ପଥ ଅନୁସରଣ କରିବାକୁ ହେବ । ନଚେତ୍ ବା ବର୍ଷକୁ ବର୍ଷ ଏ ବ୍ୟବସାୟ ଅଧିକରୁ ଅଧିକ ମୃତ, ଅସୁସ୍ଥ ରୁଗ୍‌ଣ ପ୍ରକଟଭାବରେ ସାମାଜିକ ସ୍ଥିତି ହରାଇବା ସଙ୍ଗେ ସଙ୍ଗେ ଅତି ସଙ୍କୁଚିତ ହୋଇ କେତୋଟି ଦିନ ପଡ଼ି ରହିଲା ପରେ ପୁଣି ଜନମାନସରୁ ଅନ୍ତର୍ହିତ ହୋଇଯିବାର ଆଶଙ୍କା ହେଉଛି ।

ସମବାୟ ଏକ ପାରସ୍ପରିକ ସାହାଯ୍ୟ ସହଯୋଗାତ୍ମକ ପ୍ରତିଷ୍ଠାନ ସେବା ଓ ବ୍ୟବସାୟିକ ଚିନ୍ତା ପରିବେଷଣ କରେ । ସମାଜର ଦୁର୍ବଳତମ ଜନତାଙ୍କୁ ସାମାଜିକ ଅର୍ଥନୈତିକ ସବଳତା ଆଣିଦେବା ପାଇଁ ସମବାୟକୁ ସ୍ୱୀକୃତି ଦିଆଗଲା । ସମାନ ଚିନ୍ତାଧାରା, ବୃତ୍ତି, ବ୍ୟବସାୟ ଓ ସମାନ ଲକ୍ଷ୍ୟ ଧାରଣ କରୁଥିବା ସମାଜର ବ୍ୟକ୍ତିବିଶେଷ ସ୍ୱେଚ୍ଛାରେ ଏକ ସମବାୟ ସମିତି ଗଠନ କରି ଲକ୍ଷ୍ୟ ପୂରଣ ପାଇଁ ନିଷ୍ଠାପର କର୍ତ୍ତବ୍ୟ ପାଳନ କରିଥାନ୍ତି । ସମବାୟର ସଦସ୍ୟ ହେବା ପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟ ନିର୍ଘଣ୍ଟ ନଥାଏ । ଅଂଶଧନ କ୍ରୟ କରିବା ପାଇଁ ପ୍ରଚୁର ପୁଞ୍ଜିର ବି ଆବଶ୍ୟକତା ନାହିଁ କହିଲେ ଚଳେ । ଶକ୍ତିମତେ ଏମିତିକି ୫୦ ପଇସାରୁ ଦଶଟଙ୍କାଯାଏ ଅଂଶଟିଏ କିଣି ବି ଜଣେ ବ୍ୟକ୍ତି ସମବାୟ ସମିତିର ଜଣେ ଦକ୍ଷ ଓ ସକ୍ରିୟ ସଭ୍ୟ ହୋଇପାରେ । ସମବାୟ କେବଳ ପୁଞ୍ଜି ଯୋଗାଇବା, ବାଣିଜ୍ୟ ବ୍ୟବସାୟରେ ଦେଖାଯାଉଥିବା ଲାଭଖୋର ଦଲାଲ ଓ ମଧ୍ୟସ୍ଥିମାନଙ୍କୁ ଦୂରେଇ ଦ୍ରବ୍ୟଗୁଡ଼ିକର ଦରଦାମ କମ୍ ସୋପାନରେ ରଖିବାରେ ସାହାଯ୍ୟ କରେ ତା' ନୁହେଁ, ସମାଜର ଦୁର୍ବଳତମ ପରିବାରମାନଙ୍କୁ ଶିକ୍ଷା ସଚେତନ କରାଇବା ସଙ୍ଗେ ସଙ୍ଗେ ସେମାନଙ୍କ ଶ୍ରମ ଓ ଲଗାଣ ଦ୍ୱାରା ଉତ୍ପାଦନ ଅଂଶୀଦାର ହେବାର ଗୌରବ ଆଣି ଦେଇଥାଏ । ଏଥିପାଇଁ ସରକାରୀ ପ୍ରୋତ୍ସାହନ, ପୁଞ୍ଜି ଯୋଗାଣ ଓ ଋଣ ଓ ଅନୁଦାନ ବଣ୍ଟନ ଅବଶ୍ୟ ସମବାୟ ସମିତିମାନଙ୍କର ଆର୍ଥିକ ସ୍ଥିତିକୁ ଅଣାଇଦେବାରେ ଏକ ଉଲ୍ଲେଖନୀୟ ପ୍ରଭାବ ପକାଇଥାଏ । ଅର୍ଥାତ୍ ସମବାୟ ଗରିବ ଚାଷୀ ମୂଲିଆଙ୍କୁ ମହାଜନମାନଙ୍କ ବଡ଼ି ସୁଧ ...

ସହଜ ସରଳ କିସ୍ତି ପ୍ରଦ ଓ କମ୍ ସୁଧ ଋଣ ...ରକ୍ଷା କରିବା ପାଇଁ ସହଜ ସରଳ କିସ୍ତି ପ୍ରଦ ଓ କମ୍ ସୁଧ ଋଣ ...ହେଲେ ତା'ର କାରବାର ସୀମିତ ନରଖି ସମାଜର ଦରିଦ୍ର, ଦୁର୍ବଳ ଓ ...ତ ଶ୍ରେଣୀର ଲୋକଙ୍କ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ...ଇଁ ଅତି ବହୁମୁଖୀ କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ ହୋଇଛି। କୃଷି ...ନ, ଶିଳ୍ପ ପ୍ରତିଷ୍ଠା, ଗୃହ ନିର୍ମାଣ, ଜଳସେଚନ, ପରିବହନ, ...ସ୍ୟ, ଗୋପାଳନ, ଆଦିବାସୀ ଉନ୍ନୟନ, ଉତ୍ପାଦିତ ଦ୍ରବ୍ୟମାନଙ୍କର ...ଯୋଗ, କୃଷୀମାନଙ୍କୁ ଋଣ, କୃଷି ଉପକରଣ, ସାର, ବିହନ ଆଦି ...ଣ – ଏଭଳି ବହୁ ଜନମଙ୍ଗଳ ଓ ଦାରିଦ୍ର୍ୟ ଦୂରୀକରଣ ...ମରେ ସମବାୟ ସଫଳତା ପାଇସାରିଛି।୧୯୦୪ରୁ ଆରମ୍ଭ ...ଥିବା ସମବାୟ ଆନ୍ଦୋଳନର ଫଳ ସ୍ୱରୂପ ରାଜ୍ୟର ବିଭିନ୍ନ ...ଗଲା (୧୯୮୬–୮୭) ବର୍ଷ ସୁଦ୍ଧା ସମବାୟ ସମିତିର ସଂଖ୍ୟା, ...ଯ, କାର୍ଯ୍ୟକାରୀ ମୂଳଧନର ପରିମାଣ ସହ କୃଷି ଋଣ ସମିତି ଓ ...ତ ବିଷୟକ ବିବରଣୀ ନିମ୍ନରେ ଦିଆଯାଇଛି।

| ...ର ନାମ | ସମବାୟ ସମିତିର ସଂଖ୍ୟା | ସଦସ୍ୟ ସଂଖ୍ୟା ହଜାରରେ | କାର୍ଯ୍ୟକାରୀ ମୂଳଧନ ଲକ୍ଷ ଟଙ୍କାରେ | କେବଳ କୃଷିଋଣ ସମବାୟ ସମିତିର ସଂଖ୍ୟା କାର୍ଯ୍ୟକ୍ଷମ | ଦୁର୍ବଳ | ମୋଟ |
|---|---|---|---|---|---|---|
| [illegible] | ୬୧୧ | ୪୩୦ | ୨,୫୫୦ | ୨୪୮ | ୦୨ | ୨୫୦ |
| [illegible] | ୪୦୫ | ୩୧୪ | ୪,୬୮୦ | ୭୦ | ୧୪୯ | ୨୧୯ |
| [illegible] | ୧,୬୯୮ | ୨୬୯ | ୧୩,୩୫୪ | ୨୨୭ | ୨୮୭ | ୫୧୪ |
| [illegible] | ୪୬୫ | ୨୨୨ | ୪,୫୬୬ | ୪୬ | ୧୫୪ | ୨୦୦ |
| [illegible] | ୮୯୬ | ୬୩୩ | ୧୧,୩୫୫ | ୪୨୨ | ୧୦୧ | ୫୨୩ |
| [illegible] | ୨୩୩ | ୨୩୮ | ୪,୫୫୦ | ୭୭ | ୨୫ | ୧୦୨ |
| [illegible] | ୪୮୦ | ୫୮୨ | ୨,୫୫୫ | ୩୪ | ୧୪ | ୪୮ |
| [illegible] | ୨୩୦ | ୨୨୮ | ୪,୨୫୬ | ୭୦ | ୦୦ | ୭୦ |
| [illegible] | ୨୨୦ | ୩୦୧ | ୪,୨୫୧ | ୬୩ | ୦୨ | ୬୫ |
| [illegible] | ୨୦୪ | ୧୫୨ | ୨,୨୬୨ | ୪୫ | ୧୧ | ୫୬ |
| [illegible] | ୧୮୪ | ୬୩୧ | ୫୦,୫୦୧ | ୨୬୧ | ୩୮୨ | ୬୪୩ |
| [illegible] | ୩୬୩ | ୪୨୫ | ୧,୦୦,୮୨ | ୯୬୨ | ୦୧ | ୯୬୩ |
| [illegible] | ୨୧୪ | ୨୧୫ | ୪,୫୬୮ | ୪୨ | ୦୦ | ୪୨ |
| ...ଟ | ୨,୩୩୩ | ୪,୬୩୬ | ୧,୬୩,୬୪୫ | ୨,୫୬୯ | ୧,୧୨୬ | ୨,୮୦୫ |

...ହୀତ : "କୋଅପରେଟିଭ୍ ମୁଭ୍‌ମେଣ୍ଟ୍ ଇନ୍ ଓଡ଼ିଶା– ଏ ପ୍ରୋଫାଇଲ୍ ୧୯୮୬–୮୭, ପୃଷ୍ଠା ୧୪ ଓ ୩୦, ପ୍ରକାଶକ: ଓଡ଼ିଶା ରାଜ୍ୟ ସମବାୟ ସଂଘ, ଭୁବନେଶ୍ୱର"।

...ରୋକ୍ତ ସାରଣୀଟିରେ କେବଳ ସମବାୟ ବିଭାଗ ରେଜିଷ୍ଟ୍ରାରଙ୍କ ...ଣ ନିୟନ୍ତ୍ରଣାଧୀନରେ ଥିବା ସମବାୟ ସମିତିଗୁଡ଼ିକର ହିସାବ ହିଁ ...ଯାଇଛି। ଯାହାକି ସମିତି ପିଛା ହାରାହାରି ୭୩୭ ଜଣ ସଭ୍ୟ, ...ଲକ୍ଷ ଟଙ୍କାର ଏବଂ ପ୍ରତ୍ୟେକ ସଦସ୍ୟ ପିଛା ମାତ୍ର ୨୬୭ ଟଙ୍କାର ...କାରୀ ମୂଳଧନର ବ୍ୟବସାୟ କରୁଛି। ସର୍ବମୋଟ ସମିତି ...ମାନଙ୍କୁ ଦୁଇହଜାର ଆଠଶହ ପାଞ୍ଚଟି କେବଳ କୃଷି ଋଣ ସମବାୟ ...ତି। ସେଥିରୁ ୧୬୬୯ଟି କୌଣସି ପ୍ରକାରେ କାର୍ଯ୍ୟକ୍ଷମ ଅବସ୍ଥାରେ ...ଥିବେଳେ ଅନ୍ୟ ୧୧୨୬ଟି ଦୁର୍ବଳ ବା ସମ୍ପୂର୍ଣ୍ଣ ଅକ୍ଷମ। ବର୍ଷକୁ ବର୍ଷ ପ୍ରାୟ ଶତାଧିକ ସମିତି ଏଭଳି ମୃତ ଘୋଷିତ ହୁଏ। ସମବାୟ ସଂସ୍ଥାକୁ ଛାଡ଼ିଦେଲେ ଅନ୍ୟ କୌଣସି ସଂସ୍ଥାରେ ବିଶେଷ କରି ଏଭଳି ଦୁରାବସ୍ଥା ଦେଖାଯାଉ ନଥାଏ। ଏହା ବ୍ୟତୀତ ରାଜ୍ୟରେ ଜିଲ୍ଲା ଶିଳ୍ପ କେନ୍ଦ୍ର, ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ଼ ଆଦି ଦ୍ୱାରା ପରିଚାଳିତ ଆହୁରି ପ୍ରାୟ ତନିହଜାରଟି ସମବାୟ ସମିତି କାର୍ଯ୍ୟ କରୁଛି। ଏମାନଙ୍କ ମଧ୍ୟରୁ ପ୍ରାୟ ଦୁଇତୃତୀୟାଂଶର ଅବସ୍ଥା ମଧ୍ୟ ମୁମୂର୍ଷୁ। ଏଣେ ନିଃସ୍ୱାର୍ଥପର ଆଦର୍ଶ ନୀତି ନିୟମରେ ସମବାୟ ପରିଚାଳିତ ହେଉଥିଲେ ମଧ୍ୟ ଓଡ଼ିଶାରେ କାହିଁକି ଦେଶର ଅଳ୍ପ କେତେଟି ସମବାୟ ପ୍ରକଳ୍ପକୁ ଛାଡ଼ିଦେଲେ ଅନ୍ୟ ସବୁ ଅନୁଷ୍ଠାନର ଅବସ୍ଥା ଅସୁଖଦ, ଅସମ୍ଭବ ଓ ଅସୁନ୍ଦର ବରଂ ଦିନୁଦିନ କ୍ଷୟିତ ଓ ଲୋପପ୍ରାପ୍ତ। ଅନୁଧ୍ୟାନ ଓ ଅନୁଭବ ଏ ଦୁର୍ଗତିର କାରଣ ବିଷୟରେ ସୂଚନା ଦିଏ ଯେ ଏହି ପ୍ରକଳ୍ପର ସ୍ରଷ୍ଟା, ପରିଚାଳକଗଣ ତଥା ହିତାଧିକାରୀମାନଙ୍କର ସକ୍ରିୟ ସହଯୋଗ ସଚ୍ଚୋଟ ଓ ନିଷ୍ଠାପର କର୍ତ୍ତବ୍ୟ ପରାୟଣତାର ଅଭାବରୁ ଏଭଳି ଏକ ସୁବିଦିତ ଓ ସୁବିସ୍ତୃତ ସମବାୟ ପରିକଳ୍ପନା ସମାଜର ଅର୍ଥନୈତିକ ସ୍ଥିତିକୁ ବିକଶିତ ନକରିପାରି ବରଂ ଦୂଷିତ ଅଧୋପତିତ ହେବାରେ ସାହାଯ୍ୟ କରୁଛି। ଆମ ରାଜ୍ୟର ତଥା ଦେଶର ଶହେରୁ ୭୦ ବ୍ୟକ୍ତି ନିରକ୍ଷର। ଅଧିକାଂଶ ଚାଷୀ, ମୂଲିଆ ଶ୍ରେଣୀର ଅନୁନ୍ନତ ଓ ଦରିଦ୍ର ଗ୍ରାମବାସୀ। ସରକାରୀ ବେସରକାରୀ କୌଣସି ପ୍ରକାର ହିତକାରୀ ଯୋଜନାର ଭାଷା ସେମାନଙ୍କ ମନକୁ ପ୍ରଲୁବ୍ଧ କରିପାରେନାହିଁ। ସେମାନେ ବୁଝିପାରନ୍ତିନି ସେ ସବୁର ଗୁଣାବଳୀ। ଏଭଳି ବହୁ ଉପାଦେୟ ଯୋଜନାର ଅର୍ଥ ବାଟମାରଣା ହୋଇ କେବଳ ପରାଶ୍ରିତ ଗୋଷ୍ଠୀ ଟାଉଟରମାନଙ୍କୁ ସଫଳ ଯୋଗାଇବାରେ ହିଁ ସମର୍ଥ ହେଉଛି। ଏହା ଫଳରେ ସମବାୟଭଳି ଏତେ ନରୀହ ନିଃସ୍ୱାର୍ଥପର ସେବା ଅନୁଷ୍ଠାନଟିର ସମସ୍ତ ସମ୍ପତ୍ତି କଳେବଳେ କୌଶଳେ ଆତ୍ମସାତ୍ ହୋଇପଡ଼େ ସୁନା ଅଣ୍ଡା ଦେଉଥିବା କୁକୁଡ଼ାଟିକୁ ଲୋଭକରି ଏକଦିନେ ସବୁତକ ଅଣ୍ଡା ଆଶାରୁ କୁକୁଡ଼ାର ପେଟଚିରି ହତ୍ୟାକଲାଭଳି ଦଶା ଆସେ ସମବାୟକୁ। ଶେଷରେ ଏକ ସମୂହ କଲ୍ୟାଣର ଅନୁଷ୍ଠାନଟି ମର୍ମାନ୍ତ ମୃତ୍ୟୁ ଅନୁଭବ କରେ। ସମସ୍ତଙ୍କର ହିତକାରୀ ସେବାର ଅନୁଷ୍ଠାନଟିଏ ସମବାୟ ହେଲେ ମଧ୍ୟ କାହାରି ଏକ ନିର୍ଦ୍ଦିଷ୍ଟ ଦେଖାଶୁଣାର ଅଭାବରେ....ଗୁଳି ନଜାଣି ବାଟର ଦୋଷ....ଆପଣା ହସ୍ତେ ଜିହ୍ୱା ଛେଦିଲାଭଳି ଲକ୍ଷଣଗୁଡ଼ିକ ସମବାୟକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଉଛି।

ଏହାବ୍ୟତୀତ ଏତେ ସୁନ୍ଦର ଭାବଧାରାରେ ପ୍ରତିଷ୍ଠିତ ଗଣତାନ୍ତ୍ରିକ ସମାଜବାଦ ଅର୍ଥନୈତିକ ସାମ୍ୟ ପାଇଁ ଉଦ୍ଦିଷ୍ଟ ସମବାୟ ପ୍ରକଳ୍ପଗୁଡ଼ିକ ଅପରିପକ୍ୱ ଅବସ୍ଥାରେ ସ୍ୱାର୍ଥାନ୍ୱେଷୀ ରାଜନୀତିର ଶିକାର ହୋଇ ବଳହୀନ ହୋଇପଡ଼େ। ସମବାୟର ରକ୍ଷକ ରୂପେ ନିର୍ବାଚିତ ହେଉଥିବା ବିଭିନ୍ନ ରାଜନୈତିକ ଗୋଷ୍ଠୀର ବ୍ୟକ୍ତିଗଣ ସମବାୟକୁ ଏକ ସୁପରିକଳ୍ପିତ ସୁସ୍ଥ ତଥା ନିରାପଦ ପଥରେ ଚଳାଇ ସଦାସର୍ବଦା ସମବାୟର ରକ୍ଷାକବଚ ଧାରଣ କରିବେ କ'ଣ ତା'ନକରି ସେମାନେ ଆପଣାଛାଏଁ ଅନୁଷ୍ଠାନକୁ ସମୂଳେ ଆସ୍ୱାଦନ କରିଯିବାର ବିଷାକ୍ତ ସ୍ୱାର୍ଥ ନିଶାରେ ଭକ୍ଷକ ହୋଇପଡ଼ନ୍ତି। ଯା'ଫଳରେ ସମବାୟ କଳୁଷହୀନ ପରିଚାଳନାରେ ସ୍ୱଚ୍ଛ ସୁନ୍ଦର ନହେଉ ବହୁ କଳୁଷିତ ଦୁର୍ଗଣତାକୁ ନିଜ ଭିତରେ ଭର୍ତ୍ତିକରି ଅକାଳରେ ମୃତ୍ୟୁମୁଖରେ ପଡ଼ିବାକୁ ବାଧ ହୁଏ।

ମୁଖ୍ୟ ଅଧ୍ୟାପକ,
ବାଣିଜ୍ୟ ବିଭାଗ,
ସମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ,
ପୁରୀ–୭୫୨ ୦୫୦।

# ଶ୍ରୀଜଗନ୍ନାଥଙ୍କ ଭୋଗ

ଡକ୍ଟର୍ ଦୀନବନ୍ଧୁ ଦାଶ

ଏକଦା ଧର୍ମୀୟ ପରମ୍ପରା ମଧ୍ୟରେ ସୀମାବଦ୍ଧ ଅଥଚ ସମ୍ପ୍ରତି ଏକ ସାଂସ୍କୃତିକ ଚେତନାର ପ୍ରତୀକ "ଜଗନ୍ନାଥ" ବାସ୍ତବିକ୍ ପୃଥିବୀର ପ୍ରଥମ ଆଶ୍ଚର୍ଯ୍ୟ । କୌଣସି ନିର୍ଦ୍ଦିଷ୍ଟ ଧର୍ମ ବା ଗୋଷ୍ଠୀର ବଳୟ ମଧ୍ୟରେ ସେ ସସୀମ ନୁହନ୍ତି, କୌଣସି ନିର୍ଦ୍ଦିଷ୍ଟ ଜାତିର ଉପାସ୍ୟ ଦେବତା ନୁହନ୍ତି, ଏକ ଅଚିନ୍ତ୍ୟ ଭାବବୋଧ ବା ଚେତନା ଭାବରେ ସେ ଆଜି ସର୍ବତ୍ର ବ୍ୟାପ୍ତ । ଜଗନ୍ନାଥଙ୍କଠାରେ ବିଶ୍ୱାସ ସୃଷ୍ଟି କରାଇବାର ଗୋଷ୍ଠୀର ତଥାପି ଅଭାବ ରହିଛି । ଅଥଚ ହଜାର ହଜାର ମାଇଲ ବ୍ୟବଧାନର ପ୍ରଶାନ୍ତ ମହାସାଗର ସେ ପାରିରେ ତାଙ୍କୁ ନେଇ ଆଲୋଡ଼ନ । ପୃଥିବୀର ସଂଖ୍ୟାଧିକ ଧର୍ମଧାରା ମହାପୁରୁଷ କେନ୍ଦ୍ରିକ । ବ୍ୟକ୍ତିଗତ ଦିଶା, କର୍ମ, ସାଧନା ଓ ତାର ସାମାଜିକ ପ୍ରଭାବ ସେମାନଙ୍କୁ ଦେବତାର ସ୍ତରକୁ ଉନ୍ନୀତ କରିଛି । ସେମାନେ ମାନବୀୟ ମୂଲ୍ୟବୋଧର ସମୀକ୍ଷକ, ପ୍ରସାରକ । କିନ୍ତୁ ନଗ୍ନ ବା ଅର୍ଦ୍ଧନଗ୍ନ ଆଦି ମାନବର ବିଶ୍ୱାସ୍ୟ । ମୂଲ୍ୟବୋଧର ମହାବୀଜ ଆଧ୍ୟାତ୍ମିକ ପ୍ରତୀକମାନଙ୍କ ସହିତ ସେମାନଙ୍କୁ ଗ୍ରହଣ କରିବା ତର୍କର ଅପେକ୍ଷା ରଖେ । ଅବଶ୍ୟ ବ୍ୟକ୍ତି ପ୍ରୋତ୍ଥିତ ଏବଂ ଗୋଷ୍ଠୀ ପ୍ରବୁଦ୍ଧ ଧର୍ମ ଭାବନାର ଜାଗତିକତା ମଧ୍ୟରେ ଆଦିମାନବର ବିଶ୍ୱାସର ମହାବୀଜ ଆଜି ମ୍ରିୟମାଣ । ସମୀକ୍ଷକ ଦେବତାର ରତ୍ନସିଂହାସନ ଆରୋହଣ କରିଛି । ପୂଜା ପାଉଛି । ଅଥଚ ସ୍ରଷ୍ଟା ଲୁଣ୍ଠିତ, ଇତିହାସ ପୃଷ୍ଠାର ଫସିଲ୍ ପ୍ରାଚୀନ ଦେବତା । ପରିବର୍ତ୍ତିତ ପରିସ୍ଥିତିରେ ମନୁଷ୍ୟର ଅବକ୍ଷିପ୍ତ ସଂକୀର୍ଣ୍ଣ ଆଧ୍ୟାତ୍ମିକ ପ୍ରବୃତ୍ତି ଏଥିପାଇଁ ଦାୟୀ । କିନ୍ତୁ ଶ୍ରୀକ୍ଷେତ୍ରର ଦେବତା ଜଗନ୍ନାଥ କାଳୋତ୍ତୀର୍ଣ୍ଣ । ଶବର ସଭ୍ୟତାର ଏ ଯାବତ୍ ଜୀବନଶା ମଧ୍ୟରେ ପ୍ରାୟତଃ କୌଣସି ଧର୍ମୀୟ ବିକ୍ଷୋଭରୁ ସେ ସାମନା କରି ନାହାନ୍ତି କିମ୍ବା ହିନ୍ଦୁ ଧର୍ମର ଗୋଷ୍ଠୀ କନ୍ଦଳ ତାଙ୍କୁ ସ୍ପର୍ଶ କରିପାରି ନାହିଁ । ହିନ୍ଦୁର ସେ ସର୍ବୋଚ୍ଚ ଦେବତା ଏବଂ ବ୍ୟକ୍ତିଗତ ଉତ୍ତମ ବୈଦେଶିକ ନୀତି ଯୋଗୁଁ ଦରିଆ ପାରିରେ ମଧ୍ୟ ତାଙ୍କର ପ୍ରଶସ୍ତି ପରିବ୍ୟାପ୍ତ ।

ତାତ୍ତ୍ୱିକ ତଥା ଆଦର୍ଶମୟ ଜୀବନ ଧାରା ସମସ୍ତ ଧର୍ମର ଭିତ୍ତି । ସନାତନ ଧର୍ମର ଶାଖା ପ୍ରଶାଖାମାନଙ୍କରେ ତତ୍ତ୍ୱର ଜଟିଳତା ଦେଖାଯାଏ । ଗୋଷ୍ଠୀ ପ୍ରବୁଦ୍ଧ ଧର୍ମ ଧାରାରେ ଜୀବନର ସରଳତା, ସ୍ୱଚ୍ଛତା, ନୀତି ଓ ଆଦର୍ଶ ଉପରେ ଗୁରୁତ୍ୱ ଆରୋପ କରାଯାଇଛି । ମାତ୍ର ଜଗନ୍ନାଥ ଧର୍ମ (୧)ରେ ଜଟିଳତା ନାହିଁ । (କାଳକ୍ରମେ ପରିଲକ୍ଷିତ ଜଟିଳତା ଜଗନ୍ନାଥଙ୍କୁ ନେଇ କ୍ରମାଗତ ଗୋଷ୍ଠୀ କନ୍ଦଳର ପରିଣତି ମାତ୍ର ।) ଜୀବନ ପଦ୍ଧତିରେ ବିଧିବଦ୍ଧତାର ଇଙ୍ଗିତ ମଧ୍ୟ ନାହିଁ । ଜଗନ୍ନାଥ ଏକ ବିଶ୍ୱାସ, ସେ ପରମାତ୍ମା । ତାଙ୍କର ଜୀବନ ଧାରା [illegible] ସାଧାରଣ ମନୁଷ୍ୟ ପାଇଁ ଆଚରଣୀୟ ନୁହେଁ, ଉଦାହରଣ ସାପେକ୍ଷୀ । ସେ ମଧ୍ୟ ଜଗତର ସମସ୍ତ ଦୁଃଖ ଶୋକର ତ୍ରାଣକର୍ତ୍ତା, ପାପହାରୀ ମୁକ୍ତିଦାତା । ତାଙ୍କର ନାମୋଚ୍ଚାରଣ ଓ ପ୍ରସାଦ ସେବନ ବନ୍ଧନମୟ ସାଂସାରିକତାରୁ ମନୁଷ୍ୟଙ୍କୁ ଚତୁର୍ବର୍ଗ ମୁକ୍ତି ପ୍ରଦାନ କରେ । [illegible] ସର୍ବତୋମୟ କର୍ତ୍ତାଙ୍କର ଅଖଣ୍ଡ କ୍ଷମତାକୁ ଆଖିରେ ରଖି ସୃଷ୍ଟି [illegible] ପ୍ରାଣୀର ନିତ୍ୟନୈମିତ୍ତିକ ଆଚରଣରେ ଅଙ୍କୁଶ ପ୍ରୟୋଗ କରାଯାଇ [illegible] ନାହିଁ । ତେଣୁ ଭକ୍ତ ନିଜର ପରିସରକୁ ଆଖିରେ ରଖି ଏ ପୃଥିବୀର [illegible] ସୁଲଭ୍ୟ ସମସ୍ତ ପ୍ରାଚୁର୍ଯ୍ୟର ଅଧିକାରୀ ଭାବରେ କଳନା କରି [illegible] ଜଗନ୍ନାଥଙ୍କୁ । ସେ ଅଦ୍ୱିତୀୟ ସମ୍ରାଟ, ତାଙ୍କର ସିଂହାସନ ରତ୍ନସିଂହାସନ, ରାଜଧାନୀ ଶ୍ରୀକ୍ଷେତ୍ର, ପ୍ରାସାଦ ବଡ଼ଦେଉଳ, ରାଜ ରାସ୍ତା ବଡ଼ଦାଣ୍ଡ ଏବଂ ଭୋଜ୍ୟବିଷ୍ଟ ଶ୍ରୀମହାପ୍ରସାଦ ।

ଜଗନ୍ନାଥଙ୍କ ପ୍ରତିଷ୍ଠାର ତତ୍କାଳୀନ ସେବା ପୂଜାର ଇତିହାସ ଏବେ ମଧ୍ୟ ବିବାଦୀୟ ରହିଛି । ତେବେ ବିଭିନ୍ନ ରାଜବଂଶର ପରିପ୍ରେକ୍ଷୀରେ [illegible] ଠାକୁରଙ୍କର ମୂଳ ନୀତିରୀତିରେ ବିପୁଳ ପରିବର୍ତ୍ତନ ଘଟିଛି । [illegible] ଖ୍ରୀଷ୍ଟୀୟ ୧୧/୧୨ଶ ଶତାବ୍ଦୀ ପୂର୍ବ ଜଗନ୍ନାଥଙ୍କର ବାଷ୍ପିକ [illegible] ତାଲିକା ଏକ ପ୍ରକାର ବୃତ୍ତାନ୍ତ ରୂପ ଧାରଣ କରିଛି । କିନ୍ତୁ ମଧ୍ୟଯୁଗରେ [illegible] ଶ୍ରୀମନ୍ଦିରର ଭୋଗ୍ୟ ପଦାର୍ଥ ବା ଭୋଗରେ ଅତିରିକ୍ତ ସାମଗ୍ରୀର [illegible] ଦେଖା ଦେଇଛି ।

ଜଗନ୍ନାଥ ଶ୍ରୀମନ୍ଦିରରେ ପୂଜିତ ହେବା ପୂର୍ବରୁ ନୀଳମାଧବ ରୂପରେ ଶବର ରାଜା ବିଶ୍ୱାବସୁଙ୍କ ଦ୍ୱାରା ପୂଜିତ ହେଉଥିଲେ । ଦ୍ରାବିଡ଼ ସଂସ୍କୃତିର ପୂଜ୍ୟ ଦେବତାଙ୍କ ନିକଟରେ ତତ୍କାଳରେ ଫଳମୂଳାଦି ସମର୍ପଣର [illegible] ଥିଲା । ବିଦ୍ୟାପତିଙ୍କ ପ୍ରଚେଷ୍ଟାରେ ନୀଳମାଧବ ସ୍ଥାନାନ୍ତରିତ ହୋଇଥିଲେ [illegible] ବିଶ୍ୱାବସୁଙ୍କୁ ଶୂନ୍ୟବାଣୀ ହୋଇଥିଲା — ଅରଣ୍ୟର ନୀଳମାଧବ ଶ୍ରୀକ୍ଷେତ୍ରରେ ଦାରୁବ୍ରହ୍ମ ଭାବରେ ପୂଜା ପାଇବେ ଏବଂ ଫଳମୂଳ ପରିବର୍ତ୍ତେ ଅନ୍ନ ପିଷ୍ଟକାଦି ବ୍ୟଞ୍ଜନ ତାଙ୍କର ଭୋଜ୍ୟବସ୍ତୁ ହେବ । ଦ୍ରାବିଡ଼ ଆର୍ଯ୍ୟ

... ପ୍ରତିବୁ ଜଗନ୍ନାଥଙ୍କ ନିକଟରେ ଉଭୟ ଶ୍ରେଣୀୟ ...ସମନ୍ୱିତ ପ୍ରତିଭୂ ରହିଛି ଏବଂ ହିନ୍ଦୁର ଅନ୍ୟାନ୍ୟ ...ଙ୍କର ବ୍ୟବସ୍ଥା ସର୍ବ୍ୟାବଧି ... ଦେବଦେବୀଙ୍କ ଭୋଗ ବ୍ୟବସ୍ଥାକୁ ଏହା ମଧ୍ୟ ପ୍ରଭାବିତ କରିଛି ।

ଜଗନ୍ନାଥ ଯେ କୌଣସି ଆଡ଼ମ୍ବର ପ୍ରିୟ ମଧ୍ୟଯୁଗୀୟ ସମ୍ରାଟଙ୍କର ...ହୀନ । ଛପି ଫୁଟ ଛ'ଇଞ୍ଚରୁ କମ୍ ଏହି ଦେବତାର ଖାଦ୍ୟ ରୁଚି ...ର୍ବାଧିକ ଯେ କୌଣସି ଭୋଜନ ବିଳାସୀଠାରୁ ଅଧିକ ସଂଭ୍ରାନ୍ତ । ପ୍ରତ୍ୟେକଟି ଭୋଗ ସହିତ ବେଶ ବିନ୍ୟାସର ପରିବର୍ତ୍ତନ ମଧ୍ୟ ଜଡ଼ିତ । ବ୍ରହ୍ମ ମୁହୂର୍ତ୍ତରୁ ନିଶାର୍ଦ୍ଧ ପର୍ଯ୍ୟନ୍ତ ଶ୍ରୀକ୍ଷେତ୍ରରେ ପ୍ରଚଳିତ ପ୍ରତ୍ୟେକଟି ବିଧି ...ଆଡ଼ମ୍ବରପୂର୍ଣ୍ଣ । ମୁଖ୍ୟତଃ ତିନିଗୋଟି ଧୂପ ଓ ପାଞ୍ଚଗୋଟି ...ଭୋଗ – ମୋଟ ଆଠଗୋଟି ଭୋଗ ଏହି ବିଧି ବିଧାନର ଅନ୍ତର୍ଗତ । ...ଙ୍କ ସମ୍ପ୍ରଦାୟରେ ଉପବାସର ବିଧି ନାହିଁ, (୧) ମଙ୍ଗଳ ଆରତି, (୨) ...ଲାଗି, (୩) ଗୋପ୍ରରଣି ବେଶ, (୪) ରାଜଭୋଗ, (୫) ନିଦ୍ରା ଓ ...ବିଶ୍ରାମ, (୬) ଦ୍ୱିପ୍ରହର ଭୋଗ, (୭) ବେଶ ପରିବର୍ତ୍ତନ, (୮) ବେଶଭୂଷା, ...ଭୋଗ ଓ ଶୟନ — ଏହା ଅଷ୍ଟକାଳ ସେବା ।

ଜଗନ୍ନାଥଙ୍କର ପ୍ରାତ୍ୟହିକ କ୍ରିୟା କର୍ମର ଉପସ୍ଥର ହୁଏତ ସଂଭ୍ରାନ୍ତ କିନ୍ତୁ ସାଧାରଣ ମନୁଷ୍ୟର ଜୀବନ ଧାରାର ସେ ଭିନ୍ନ ନୁହନ୍ତି । ବ୍ରାହ୍ମ ମୁହୂର୍ତ୍ତରେ ଶଙ୍ଖ, ମହୁରୀ, ବୀଣାଦି ଷୋଡ଼ଶ ବାଦ୍ୟ ଝଙ୍କାରରେ ତାଙ୍କର ନିଦ୍ରା ଭଙ୍ଗ କରାଯାଏ । ନିତ୍ୟକର୍ମର ଅବ୍ୟବହାରର ପୂର୍ବରୁ ପିଠଉ ବଟା ...ଣି କରାଯାଏ । ଏତଦ୍‌ସମ୍ପୃକ୍ତ ପିଠଉ ପ୍ରସାଦ ଆକାରରେ ...ଦିଆଯାଏ । ତହରେ ଜଗନ୍ନାଥ ଦାନ୍ତକାଠି ଓ ସ୍ୱର୍ଣ୍ଣ ପାଡିଆରେ ...ମୁଖପ୍ରକ୍ଷାଳନ କରନ୍ତି । ସ୍ନାନ ତଥା ବେଶବିନ୍ୟାସ ଉତ୍ତାରେ ସର୍ବସାଧାରଣଙ୍କ ଦର୍ଶନ ପାଇଁ ଦ୍ୱାର ଉନ୍ମୁକ୍ତ ହୁଏ । ଏହା "ସାହାଣମେଳା" ।

"ସାହାଣମେଳା"ର ପରବର୍ତ୍ତୀ ପର୍ଯ୍ୟାୟରେ ବିଧିବଦ୍ଧ ଭୋଗର ପ୍ରକ୍ରିୟା ଆରମ୍ଭ ହୁଏ । ପୂଜାପଣ୍ଡା ହୋମ କରିଆରେ ରୋଷଗୃହ ମାର୍ଜନା କରନ୍ତି । ହୋମାଗ୍ନି ରୋଷଚୁଲା ପ୍ରଜ୍ୱଳନରେ ବ୍ୟବହୃତ ହୁଏ । ଏଠାରେ ଉଲ୍ଲେଖଯୋଗ୍ୟ ଜଗନ୍ନାଥଙ୍କର ରୋଷଶାଳ ପୃଥିବୀର ବୃହତ୍ତମ । ଲକ୍ଷାଧିକ ଲୋକଙ୍କ ପାଇଁ ଏଠାରେ ଏକ ସମୟରେ ବ୍ୟଞ୍ଜନ ପ୍ରସ୍ତୁତ ହୋଇପାରେ । ଏଥିରେ ବିଲାତି ଆଳୁ, ବିଲାତି ବାଇଗଣ ଭଳି ...ଦେଶୀ ପରିବାର ବ୍ୟବହାର ହୁଏ ନାହିଁ । ରୋଷ ପଦାର୍ଥ ଖାଲି ସିଦ୍ଧ ହୁଏ । ଚପରା ବା ଛୁଙ୍କର ପ୍ରଚଳନ ଏଠାରେ ନାହିଁ । ଏହି ରୋଷଘରର ବହୁ ଚୁଲି ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତି, ସେବକ ଓ ମଠ ପଟ୍ଟା ...ଅଛନ୍ତି ।

ଜଗନ୍ନାଥଙ୍କର ପ୍ରଥମ ଭୋଗ ଗୋପାଳବଲ୍ଲଭ ଭୋଗ । ଏହା ଦେବତାଙ୍କର ପ୍ରାତଃ ଆହାର । ସାଧାରଣ ମାନବର ଜଳଖିଆ ସହିତ ଏହାର ତୁଳନା କରାଯାଇପାରେ । ଏଥିରେ ଯଥାସମ୍ଭବ ହାଲୁକା ଓ ...ଶୁଖିଲା ଖାଦ୍ୟ ସାମଗ୍ରୀ ପରିବେଷିତ ହୁଏ । ଦହି, ପାଚିଲା କଦଳୀ, ...ଲହୁଣୀ, ପଇଡ଼, ଖଇକୋରା, ଖୁଆମଣ୍ଡା, ନଡ଼ିଆପାଡି, ତରଭୁଜ ପ୍ରଭୃତି ...ବ୍ୟଞ୍ଜନରେ ଅନ୍ତର୍ଭୁକ୍ତ । ଅନବସର ବେଦୀରୁ ଜଗନ୍ନାଥଙ୍କୁ ଏହି ଭୋଗ ...ଅର୍ପିତ କରାଯାଏ ।

...ଉକ୍ତ ଭୋଗର ଅନ୍ୟୁନ ଏକ ଘଣ୍ଟା ବ୍ୟବଧାନରେ ସକାଳ ଧୂପ ...ହୁଏ । ଏହା ମଧ୍ୟ ରାଜଭୋଗ ବା ଖେଚୁଡ଼ି ଭୋଗ ଭାବରେ ବିଦିତ । ...ଏଥିରେ ପୁଷ୍ଟିକର ତଥା ଗରିଷ୍ଠ ଖାଦ୍ୟ ଦ୍ରବ୍ୟ ପରିବେଷଣ କରାଯାଏ । ...ଭୋଗର ବିଧି ବିଚିତ୍ର । ଯଥା ସମୟରେ ପ୍ରତିହାରୀ ଓ ପ୍ରଧାନୀ ...ଦେବତାଙ୍କୁ ଭୋଗର ଆମନ୍ତ୍ରଣ ନେଇ ଯାଆନ୍ତି । ଅମୁଣିହା ସିଂହାସନ ...ଙ୍କ ପର୍ବତାକାରରେ ଲୁଚାଯାଏ । ବିଭିନ୍ନ ସାମଗ୍ରୀ ପର୍ବତଙ୍କ ଶିଖର, ...ପାହାଡ଼, ଝରଣା, ବୃକ୍ଷ ତଥା ବୃକ୍ଷର ବିଭିନ୍ନ ଅଙ୍ଗ ଭାବରେ ପରିକଳ୍ପିତ ହୁଏ । ପୂଜାପଣ୍ଡା ସିଂହାସନ ଉପରେ ବସି ଭୋଗର ଏହି ପର୍ବତକୁ ହୃଦୟରେ କଳନା କରି ନୈବେଦ୍ୟ ଦିଅନ୍ତି । ପୂର୍ବରୁ ପ୍ରତିହାରୀ ଗର୍ଭଦ୍ୱାରରେ ବେରା ବାନ୍ଧନ୍ତି । ସୁଆରବଡୁ ବଡ଼ପଣ୍ଡାଙ୍କ ସାମ୍ନାରେ ଦର୍ପଣ ଧରି ଛିଡ଼ା ହୁଅନ୍ତି । ଦର୍ପଣରେ ପ୍ରତିଫଳିତ ବିମ୍ବଙ୍କୁ ଲକ୍ଷ୍ୟ କରି ଭୋଗ ଅର୍ପିତ ହୁଏ । ଡାଟ ଖେଚୁଡ଼ି, ନୁଖୁରା ଖେଚୁଡ଼ି, ମହୁରି ଖେଚୁଡ଼ି, ଥାଳି ଖେଚୁଡ଼ି, ବଡ଼ କାନିକା, ଅଧା କାନିକା, ମେଣ୍ଢା ମୁଣ୍ଡିଆ, କ୍ଷିରୀ, ମାଠ ପୁଳି, ଶାଗଭଜା, ଝିଲି, ଚନ୍ଦ୍ରକାନ୍ତି, ଏଣ୍ଡୁରି, ଅଦା ପାଚିଡ଼ି, ହଂସ କେଳି, କାକଟୁଆ, ବୁନ୍ଦିଆ ଇତ୍ୟାଦି ସାମଗ୍ରୀ ସକାଳ ଧୂପର ଅନ୍ତର୍ଗତ । ଏଥିରେ ତିକ୍ତ ପଦାର୍ଥ ସ୍ଥାନ ପାଏ ନାହିଁ । ଧୂପ ଅନ୍ତେ ଶୀତଳ ସିଂହାର ଭୋଗ ହୁଏ । ଦହି କଦ୍ଦମା ଏହାର ଅନ୍ତର୍ଗତ । ଶେଷରେ ବିଗ୍ରହମାନଙ୍କୁ ବିଡ଼ିଆ ଲାଗି ହୁଏ । ପୂର୍ବେ ଏହି ସମୟରେ ଦେବଦାସୀ ନୃତ୍ୟର ପ୍ରଚଳନ ଥିଲା ।

ସକାଳ ଧୂପର ପ୍ରାୟ ଏକ ଘଣ୍ଟା ପରେ ଭୋଗ ମଣ୍ଡପ ଭୋଗର ଆୟୋଜନ ହୁଏ । କାଳକ୍ରମେ ଏହାକୁ "ଭଅଣ୍ଡ" କୁହାଯାଇଛି । "ଛତ୍ରଭୋଗ" ଏହାର ଅନ୍ୟ ନାମ । ଭଅଣ୍ଡ ଶ୍ରୀମନ୍ଦିରର ନୀତି ଅନ୍ତର୍ଗତ ନୁହେଁ । ଏହା ଏକ ଅତିରିକ୍ତ ନୈବେଦ୍ୟ । ଜନସାଧାରଣଙ୍କର ଆବଶ୍ୟକତା ବା ବରାଦ ଅନୁସାରେ ଏଥିରେ ଭୋଗ ପଦାର୍ଥ ପ୍ରସ୍ତୁତ କରାଯାଏ । ଯାତ୍ରୀଙ୍କ ସୁବିଧା ତଥା ମଠବାଡ଼ି, ସର୍ବସାଧାରଣ ଓ ପ୍ରସାଦ ବିକ୍ରେତା ସେବକଙ୍କ ସୁବିଧା ପାଇଁ ଅର୍ଥାତ୍ ସେମାନେ ଯେପରି ପ୍ରଚୁର ଭୋଗ ଦେଇ ପାରିବେ ଓ ପାଇ ପାରିବେ — ତାକୁ ଆଖିରେ ରଖି ବହୁ କାଳରୁ ଏହାର ପ୍ରଚଳନ କରାଯାଇଛି । ଅବଢ଼ା, ଡାଲି, ଡାଲମା, ବେସର, ମହୁର, ଶାଗ ଓ ଖଟା ଆଦି ଏହାର ଅନ୍ତର୍ଗତ । ସିଂହାସନ କିମ୍ବା ଏହାର ନିମ୍ନ ଭାଗରୁ ଅର୍ପିତ ନହୋଇ ଭୋଗ ମଣ୍ଡପରୁ ବିଗ୍ରହମାନଙ୍କ ଉଦ୍ଦେଶ୍ୟରେ ଭଅଣ୍ଡ ଭୋଗ କରାଯାଏ ।

ମଧ୍ୟାହ୍ନ ଧୂପ ସକାଳ ଧୂପର ଅନୁରୂପ । ଓରିଆ ବା ଘୃତାନ୍ନ, ମରିଚ ପାଣି ଓ ପିଠା ଏହାର ଅଧିକ ଭୋଜ୍ୟ ସାମଗ୍ରୀ । ଏହା ଏକ ରାଜକୀୟ ଗ୍ରାସ । କାକରା ଧାଉଳା, ତ୍ରିପୁରୀ, ମରିଚ ଲଡୁ, ମୁଗ ଗଜା, ଦୁଧ, ବଡ଼କ୍ଷିରୀ, ଅମୃତ ଦୁଗ୍ଧ, ପଣା, ବଡ଼ପିଠା, ତାଟ ପଟା ପିଠା, ଛେନା ପିଠା, ବଡ଼ ବଡ଼ା, ସାନ ବଡ଼ା, ମାଠ ପୁଳି, ପାଗ ଆରିସା, ସାନ ଆରିସା, ସର, ଝିଲି, ମନୋହର, ଲଡୁ, ମହାବୀର ପିଠା, ଚଢ଼େଇ ନେଦା, ସାନ ଖରିଡୁ, ଲୁଣ ଗୁରୁମା, ବଡ଼ ନାଡ଼ି, ଫେଣି, ବଡ଼ ଖଇର ଚୂଳ, ଓଳି ଗଜା ଆଦି ଛତିଶ ପ୍ରକାର ଭୋଗ ଏ ଧୂପରେ ସ୍ଥାନ ପାଏ । ଖେଚୁଡ଼ି ଭୋଗ ମଧ୍ୟାହ୍ନ ଧୂପର ଅତିରିକ୍ତ ଭୋଗ । ଥାଳି ଖେଚୁଡ଼ି, ମହାଦେଇ, ଥାଳି ଓରିଆ, ଓରିଆ, ମୁଗ, ମରିଚି ପାଣି, ବଡ଼ ଖିରିସା, ସାନ ଖିରିସା, ସୁବାସ ପଖାଳ, ତାଟ ପଖାଳ, ଚୁପୁଡ଼ା ପଖାଳ, ସାନ ଓଳି ପଖାଳ, ସାକିରା, କଦ୍ଦସା ଇତ୍ୟାଦି ଏହାର ଅନ୍ତର୍ଭୁକ୍ତ । ଚଳିତ ଶତାବ୍ଦୀର ପ୍ରଥମ ଦଶକ ସୁଦ୍ଧା ମଧ୍ୟାହ୍ନ ଧୂପରେ ସ୍ତରିଶହ ପଞ୍ଚତିରିଶ ପ୍ରକାର ଭୋଗର ବ୍ୟବସ୍ଥା ଥିଲା । ଏହାର ପୂଜା ପଦ୍ଧତି ସକାଳ ଧୂପର ଅନୁରୂପ । ଶୀତଳ ସିଂହାର ଓ ବିଡ଼ିଆ ଲାଗି ପରେ ଠାକୁର ପହୁଡ଼ ଯାଆନ୍ତି ।

ମଧ୍ୟାହ୍ନ ଧୂପ ଅନ୍ତର୍ଗତ ପହୁଡ଼ର ଉନ୍ମୋଚନ ପରେ ସନ୍ଧ୍ୟା ଆଳତୀ ହୁଏ । ତଦୁତ୍ତାରୁ ବ୍ରହ୍ମମାନଙ୍କ ଉଦ୍ଦେଶ୍ୟରେ ଏକ ଜଳଯୋଗର ଆୟୋଜନ କରାଯାଏ । ଏହା ସନ୍ଧ୍ୟାଧୂପ । ବାହାର ଦେଉଳିଙ୍କ ଆମନ୍ତ୍ରଣ କ୍ରମେ ଦକ୍ଷିଣ ଗୃହରୁ ଏହି ଭୋଗ ସମ୍ପ୍ରଦତ୍ତ ହୁଏ । ସୀମିତ ସଂଖ୍ୟକ ଭୋଜ୍ୟ ସାମଗ୍ରୀ ଯଥା — ଢେନାମଣି ପିଠା, ମାଣ୍ଡୁଅ, କର୍ପୂରପୁଳି, ଦି–ମାଠପୁଳି, ହ–ମାଠପୁଳି, ପାରିଜାତକ, ରସାବଳି, ସାନ ଅମାଲୁ, ଟାକୁଆ, ହଂସ ବଲ୍ଲଭ ପିଠା, ଗୋଟାଳି, ଖଣ୍ଡୁମା, ଚଢ଼େଇ ନେଦା ଓ ସୁବାସ ପଖାଳ ଏଥିରେ ସ୍ଥାନ ପାଏ । ସନ୍ଧ୍ୟା ଧୂପ ପରେ ସର୍ବସାଧାରଣଙ୍କ ଦର୍ଶନ ପାଇଁ ପୁଣି ସାହାଣ ମେଳା ହୁଏ ।

ବଡ଼ ସିଂହାର ପ୍ରାତ୍ୟହିକ ନୀତିର ସର୍ବଶେଷ ଧୂପ। "ବୃହତ୍ ଶୃଙ୍ଗାର"ର ଏହା ଅପଭ୍ରଂଶ ଧୂପ। ଠାକୁର ନିଦ୍ରା ଯିବା ପୂର୍ବରୁ ବଡ଼ ସିଂହାର ବେଶ ହୁଅନ୍ତି। ଗୀତ ଗୋବିନ୍ଦ ଗାନ କରାଯାଏ ଓ ତତ୍ପରେ ଧୂପର ଆୟୋଜନ ହୁଏ। ପ୍ରତୀହାରୀ ଗୋଷପରଙ୍କୁ ଭୋଗର ଆମନ୍ତ୍ରଣ ନେଇ ଯାଆନ୍ତି। ଓଡ଼ିଆ ଜାତିର ପ୍ରିୟ ଦହି ପଖାଳ ଏହି ଧୂପର ଆକର୍ଷଣୀୟ ସାମଗ୍ରୀ। ତଦ୍‌ଭିନ୍ନ କ୍ଷିରୀ, କାଞ୍ଜି, କଦଳୀ ବଡ଼ା, କଣ୍ଟା ଘିଅ, ପିଠା, ସରପୁଳି ଆଦି ଏଥିରେ ଅର୍ପିତ ହୁଏ। ଅବଶ୍ୟ ସୁଦର୍ଶନଙ୍କ ନିକଟରେ ଓଡ଼ିଆ ଅନ୍ତର୍ଗତ କଣ୍ଟା ଘିଅ ରଖାଯାଏ ନାହିଁ। ପୂଜାପଣ୍ଡା ପୂର୍ବୋକ୍ତ ସମସ୍ତ ଭୋଗ ସିଂହାସନ ପରୁ ନୈବେଦ୍ୟ କରୁଥିବା ବେଳେ ଏ ଭୋଗ ସିଂହାସନ ନିମ୍ନରୁ ହିଁ କରନ୍ତି। ବଡ଼ଛତା ମଠର ବାଦ୍ୟକାରମାନେ ଏହି ସମୟରେ ବାଦ୍ୟ ପରିବେଷଣ କରନ୍ତି। ବିଡ଼ିଆ ଲାଗି ହୁଏ, ତପରେ ବିଗ୍ରହମାନଙ୍କର ଶୟନର ଆୟୋଜନ କରାଯାଏ। ଦେବଦାସୀର ଗୀତ ଗୋବିନ୍ଦ ସ୍ୱର ଲହରୀ ମଧ୍ୟରେ ଜଗନ୍ନାଥାଦି ସ୍ୱର୍ଣ୍ଣ ପଲ୍ୟଙ୍କରେ ନିଦ୍ରା ଯାଆନ୍ତି। ଶ୍ରୀମନ୍ଦିରର ଆଲୋକ ନିର୍ବାପିତ ହୁଏ। ରତ୍ନ ଦ୍ୱାର ମୁଦ ପଡ଼େ।

ପ୍ରାତ୍ୟହିକ ନୀତି ଭିନ୍ନ ଜଗନ୍ନାଥଙ୍କର ଚତୁର୍ଦ୍ଦଶ ଯାତ୍ରା ଉତ୍ସବ କାଳରେ ସ୍ୱତନ୍ତ୍ର ଭୋଗର ବ୍ୟବସ୍ଥା ହୁଏ। ମକର ସଂକ୍ରାନ୍ତିରେ ଆମିକ୍ଷା, ଦଧି, ଦୁଗ୍ଧ, ଶର୍କରା, ଘୃତ, କଦଳୀ, ନାରିକେଳ, ଅଦା, କର୍ପୂର, ଲବଙ୍ଗ ଜାଇଫଳ, ତଣ୍ଡୁଳ ଓ ଇକ୍ଷୁରସ ମିଶ୍ରିତ ମକର ଚାଉଳ, ଆଶ୍ୱିନ ପୂର୍ଣ୍ଣମୀ ବା କୌମୁଦୀ ଉତ୍ସବରେ ପିଠା ଓ ନଡ଼ିଆ କୋରା ଏବଂ ଦୋଳ ପୂର୍ଣ୍ଣମୀରେ ବାଳଭୋଗ ଠାକୁରଙ୍କୁ ଅର୍ପିତ ହୁଏ। ଏତଦ୍‌ଭିନ୍ନ ମହାଲକ୍ଷ୍ମୀଙ୍କ ମନ୍ଦିରରେ ପ୍ରତ୍ୟହ ସ୍ୱତନ୍ତ୍ର ଭୋଗ ଲାଗି ହୁଏ। ଏହାକୁ ବାହାର ଦେଉଳି ଭୋଗ କୁହାଯାଏ। ବଡ଼, ମଝୋଲ ଓ ସାନ କାକରା, ବଡ଼ ମାଣ୍ଡୁଆ, ମହାବୀର ମାଣ୍ଡୁଆ, ଡବି, ମନୋହର, ମୁଣ୍ଡି, ଗଜା, ମଦନ ଭୋଗ, ଧଉଳା, ଖଳି ରୁଟି ଆଦି ଏହାର ଅନ୍ତର୍ଭୁକ୍ତ। ଜଗନ୍ନାଥଙ୍କ ଅନବସର କାଳୀନ ନୀତି ଗୋପନୀୟ। ତେବେ ଏହି ସମୟରେ ଜ୍ୱରାକ୍ରାନ୍ତ ଦେବତାଙ୍କୁ ଅର୍ପିତ ଔଷଧ, ପାଚନ, ପ୍ରପାନକ ଓ ଦଶମୂଳ ମୋଦକ ପ୍ରସାଦ ଭାବେ ବିତରିତ ହୁଏ।

ମୋଟାମୋଟି ଶ୍ରୀମନ୍ଦିରର ନୀତିରେ ବ୍ୟବହୃତ କଞ୍ଚାମାଲଗୁଡ଼ିକ ହେଲା – ଚାଉଳ, ବିରି, ମୁଗ, ହରଡ଼ ଡାଲି, ବୁଟ ଗହମ, ସୋରିଷ, ହଳଦୀ, ଲୁଣ, ଘିଅ, ଗୁଡ଼, ମରିଚ, ଅଳାଇଚ, ଜିରା, ଲବଙ୍ଗ, ଜାଇଫଳ, ଲଙ୍କା, ପାନ ଗୁଆ ଓ ନଡ଼ିଆ। ଶୁଦ୍ଧ ଶରୀର, ପବିତ୍ର ମନ ନେଇ ପବିତ୍ର ପରିସରରେ ବୈଷ୍ଣବାଗ୍ନି ପ୍ରଜ୍ଜ୍ୱଳିତ ଚୂଲାରେ ଏତଦ୍ ପ୍ରସ୍ତୁତ ପରମ୍ପରା ନିର୍ଦ୍ଦେଶିତ ଭୋଗ ଦ୍ରବ୍ୟମାନ ଦେବତାଙ୍କୁ ପରିବେଷିତ ହୁଏ। ଠାକୁରଙ୍କର ନୀତିରେ ଆବାହନ କିମ୍ବା ବିସର୍ଜନ ନାହିଁ। ସର୍ବମୟ କର୍ତ୍ତାଙ୍କର ଶ୍ରୀକ୍ଷେତ୍ରରେ ସାର୍ବକାଳୀନ ଉପସ୍ଥିତିକୁ ଏହା ଜରିଆରେ ସ୍ୱୀକାର କରାଯାଇଛି। ପ୍ରାତ୍ୟହିକ ଧୂପରୁ ଠାକୁର ରାଜାଙ୍କୁ ମଧ୍ୟ ବିଚ୍ଛିନ୍ନ କରାଯାଇ ନାହିଁ। ପ୍ରତ୍ୟେକ ଧୂପରେ ବଡ଼ୁ ମହାପାତ୍ର ରାଜନଗ୍ରକୁ ଟାଟ ନେଇ ଯିବାର ବ୍ୟବସ୍ଥା ରହିଛି।

ଜଗନ୍ନାଥଙ୍କୁ ନିବେଦିତ ଓ ବିମଳାଙ୍କୁ ସମର୍ପିତ ଭୋଗ ମହାପ୍ରସାଦ। ମନ୍ଦିରର ପ୍ରତ୍ୟେକଟି ଧୂପ ଏହି ବ୍ୟବସ୍ଥାର ଅନ୍ତର୍ଗତ। ନୈବେଦ୍ୟ ଉଚ୍ଛିଷ୍ଟ ସାମଗ୍ରୀ "ଅମୁଣିଆ" ନିବେଦନ ପରେ ପ୍ରସାଦ ବା ମହାପ୍ରସାଦ, ଦେବତାଙ୍କ ଅର୍ପିତ ବସ୍ତୁ ବିସର୍ଜନ ପୂର୍ବରୁ ନୈବେଦ୍ୟ, ବିସର୍ଜନ ପରେ ନିର୍ମାଲ୍ୟ। କିନ୍ତୁ କେବଳ ଭାବ ସହାକାରେ ଯାହାକୁ ଗ୍ରହଣ କରାଯାଏ ତାହା କୈବଲ୍ୟ। କୈବଲ୍ୟ ଶବ୍ଦ ଜୈନ ଦର୍ଶନର ଅନ୍ତର୍ଗତ। ଏହା ନିର୍ବାଣ ସହିତ ସମ୍ପୃକ୍ତ। କୈବଲ୍ୟ ଦୁଇ ଅଙ୍ଗୁଳିରେ ପାଇବାକୁ ହୁଏ, କିନ୍ତୁ ମହାପ୍ରସାଦ ଏକ ପୂର୍ଣ୍ଣଗ୍ରାସ। ଶୁଖିଲା ମହାପ୍ରସାଦ ନିର୍ମାଲ୍ୟ। ପୂର୍ବେ ନିର୍ମାଲ୍ୟ ଜଗନ୍ନାଥଙ୍କ ଧୂପ ଓ ଅବକାଶ ଅନ୍ତର୍ଗତ ସାତଗୋଟି ଦ୍ରବ୍ୟ ଯଥା – ମହାପ୍ରସାଦ, ମଇଳମ ଫୁଲ, ଗିରିକା ପତ୍ର, ଶୁଖିଲା ନିର୍ମାଲ୍ୟ, ଗଉରୀ ଶଉରୀ ବେତ, ଜଗନ୍ନାଥଙ୍କ ପଟି, ଶାଢ଼ୀ ଶିରିଚରୁ ବୁଝାଉଥିଲା। କିନ୍ତୁ ସମ୍ପ୍ରତି କେବଳ ଶୁଖିଲା ନିର୍ମାଲ୍ୟକୁ ନିର୍ମାଲ୍ୟ କୁହାଯାଉଛି। ଦୁଇ ଶ୍ରେଣୀସ୍ଥ ମହାପ୍ରସାଦ ଯଥା – ସଙ୍କୁଡ଼ି ଓ ନିସଙ୍କୁଡ଼ି ବା ଶୁଖିଲା ଭୋଗ ମଧ୍ୟରୁ ପ୍ରଥମ ଶ୍ରେଣୀରୁ ନିର୍ମାଲ୍ୟ ପ୍ରସ୍ତୁତି ହୁଏ। ନିର୍ମାଲ୍ୟଠାରୁ କୈବଲ୍ୟର ମହାତ୍ମ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ, କାରଣ ଏହା ଗ୍ରହଣ ପରେ ନିଷ୍କାସିତ ନହୋଇ ଶରୀରରେ ଲୀନ ହୁଏ।

ମାଦଳାପାଞ୍ଜି ଅନୁସାରେ ଅନଙ୍ଗଭୀମଦେବଙ୍କ ସମୟରେ (୧୨୧୧–୧୨୩୮ ଖ୍ରୀ:) ଜଗନ୍ନାଥଙ୍କ ସମ୍ମୁଖରେ ଭୈରବ ମୂର୍ତ୍ତିର ପ୍ରତିଷ୍ଠା ହେଲା ଓ ଭୈରବ ମନ୍ତ୍ରରେ ଜଗନ୍ନାଥଙ୍କ ପୂଜା ଆରମ୍ଭ ହେଲା। ଦ୍ୱିତୀୟ ପାଞ୍ଜି ମତରେ ଜଗନ୍ନାଥ ଏହି ସମୟରେ ରତ୍ନସିଂହାସନ ଆରୁଢ଼ ହେଲେ ଓ ମଡ଼ିଫୁଲି ସଙ୍କୁଡ଼ି ଭୋଗର ସୂତ୍ରପାତ କରାଗଲା। ଗବେଷକମାନଙ୍କ ମତରେ ଏହି ସଙ୍କୁଡ଼ି ଭୋଗର ଇତିହାସ ଆହୁରି ପୁରାତନ। ଯଯାତିଙ୍କ ସମୟରେ (୫୦୨–୫୧୮ ଖ୍ରୀ:) ଏହାର ପ୍ରବର୍ତ୍ତନ ହୋଇଥିଲା। ଶଙ୍କରାଚାର୍ଯ୍ୟଙ୍କ ନିର୍ଦ୍ଦେଶକ୍ରମେ ଯଯାତି ଏହି ବ୍ୟବସ୍ଥା ଆରମ୍ଭ କରିଥିଲେ ବୋଲି କେହି କେହି ମନେ କରନ୍ତି। କିନ୍ତୁ ନିଃଶଙ୍କଭାନୁଦେବଙ୍କ ରାଜତ୍ୱରେ (୧୩୩୬–୧୩୬୧ ଖ୍ରୀ:) ଫୁଲକୁ ମହାପ୍ରସାଦ ଭାବରେ ଗ୍ରହଣ କରାଗଲା। ପାଞ୍ଜି ମତରେ ପୂର୍ବରୁ "ଫୁଲ ମହାପ୍ରସାଦ ପରମେଶ୍ୱରଙ୍କ ଲାଗିରେ ନଥିଲା"। ମୁକୁନ୍ଦଦେବଙ୍କ ସମୟରେ କଳାପାହାଡ଼ର ଆକ୍ରମଣ ହେତୁ ସଙ୍କୁଡ଼ି ଭୋଗ ବନ୍ଦ ହେଲା। ଗଜପତି ନରସିଂହଦେବ (୧୬୨୧–୧୬୪୭ ଖ୍ରୀ:) କୁଜଙ୍ଗରୁ ଖୋର୍ଦ୍ଧା ଓ ପରେ ବଡ଼ ଦେଉଳକୁ ବ୍ରହ୍ମଙ୍କୁ ଆଣି ସଙ୍କୁଡ଼ି ଭୋଗର ପୁନଃ ପ୍ରବର୍ତ୍ତନ କଲେ।

ସଙ୍କୁଡ଼ି ବା ଅନ୍ନ ଭୋଗ ତନ୍ତ୍ର ପରମ୍ପରାର ଅନ୍ତର୍ଭୁକ୍ତ। ତନ୍ତ୍ରରେ ମହାପ୍ରସାଦର ଗୁରୁତ୍ୱ ରହିଛି। ଜଗନ୍ନାଥ ଭୈରବୀ ଚକ୍ରରେ ଅବସ୍ଥାପିତ। ତାଙ୍କୁ ମଧ୍ୟ ଭୈରବ କୁହାଯାଏ। ଏହି ଚକ୍ରରେ ମଦ୍ୟ, ମତ୍ସ୍ୟ, ମାଂସ ଇତ୍ୟାଦି ଭୋଗ ଲାଗିଲେ ମଧ୍ୟ ତାହା ମହାପ୍ରସାଦ ହୁଏ ଓ ଆବ୍ରାହ୍ମଣ ଚଣ୍ଡାଳ ତାହାକୁ ଗ୍ରହଣ କରନ୍ତି। ତନ୍ତ୍ରର ବାମାଚାର ପନ୍ଥା ଅନୁଯାୟୀ ଜଗନ୍ନାଥଙ୍କ ପାଖରେ ପଞ୍ଚ "ମ" କାର ଯଥା–ମଦ୍ୟ, ମତ୍ସ୍ୟ, ମାଂସ, ମୈଥୁନ ଓ ମୁଦ୍ରା ନୈବେଦ୍ୟ ହୁଏ। ନୂଆ ଓଳିରେ ... ଘୋରାପାଣି ମଦ୍ୟର ଅନୁରୂପ। ବିରିପିଠା ମାଂସ, ଅଦା, ଗୁଡ଼ ବା ... – ମତ୍ସ୍ୟ, ଗାଣୀର ବଡ଼ ସିଂହାରକାଳୀନ ନୃତ୍ୟ ମୈଥୁନ (ପୂର୍ବେ ଏ ନୃତ୍ୟ ଉଲଗ୍ନ ବା ଅର୍ଦ୍ଧ ନଗ୍ନ ଥିଲା) ଓ ଦେବତାଙ୍କ ଯୋନିମୁଦ୍ରା ପ୍ରଦର୍ଶନ ମୁଦ୍ରା ଅଟେ। ଏବେକାର ମେଣ୍ଢା ମୁଣ୍ଡିଆ ଖେଚୁଡ଼ି ଆଗେ ଠାକୁରଙ୍କ ପାଖରେ ମେଣ୍ଢା ମୁଣ୍ଡ ବଢ଼ାଯାଉଥିବାର ନିର୍ଦ୍ଦେଶ ଦିଏ। ଶାପ ... ଭୋଗ ମଧ୍ୟ ଏହି ତନ୍ତ୍ର ପରମ୍ପରାର ପ୍ରଭାବ। ଅବଶ୍ୟ ଶ୍ରୀମନ୍ଦିରରେ ଆମିଷ ନୈବେଦ୍ୟ ଏବେ ବି ପ୍ରଚଳିତ। ପାର୍ବଣ ଅବସରରେ ବିମଳାଙ୍କ ନିକଟରେ ଷୋଳ ପୂଜା ଅନୁଷ୍ଠିତ ହୁଏ ଏବଂ ଆଶ୍ୱିନ ଶୁକ୍ଳ ଅଷ୍ଟମୀ ରାତ୍ରୀରେ ଛାଗଳ ବଳି ପ୍ରଦତ୍ତ ହୁଏ। ଆମିଷ ପାକ କରାଯାଇ ଭୋଗ ଲାଗେ। ଜଗନ୍ନାଥଙ୍କ ନୀତି ପରେ ନିଶାର୍ଦ୍ଧରେ ଏହା କରାଯାଏ। ସିଂହଦ୍ୱାର ମଧ୍ୟ ଦେଇ କୌଣସି ଆମିଷ ଦ୍ରବ୍ୟ ଅଣା ନଯାଇ ... ପାଚିରୀ ଡିଆଁଇ ଅଣାଯାଏ। ତେଣୁ ତନ୍ତ୍ର ପ୍ରକ୍ରିୟାରୁ ଶ୍ରୀମନ୍ଦିରକୁ ମୁକ୍ତ କରିବା ସମ୍ଭବ ନୁହେଁ। ଅଧିକନ୍ତୁ ତନ୍ତ୍ରରେ ଅନ୍ନ ପ୍ରସାଦ ... କରିଆରେ ମହାପ୍ରସାଦ ହୁଏ। ଲକ୍ଷ୍ମୀଙ୍କ ଦ୍ୱାରା ବୈଷ୍ଣବାଗ୍ନିରେ ... ପ୍ରସ୍ତୁତି, ଶ୍ରୀଯନ୍ତ୍ର ରୂପକ ଠାଆ ମୁଣ୍ଡରେ ତିନି ଠାକୁରଙ୍କୁ ନୈବେଦ୍ୟ ନିମନ୍ତେ ସ୍ୱର୍ଣ୍ଣମୟ ପାତ୍ରରେ ପରିବେଷଣ, ପାତାଳ ନୃସିଂହ ମନ୍ତ୍ରରେ ... ପ୍ରେକ୍ଷଣ, ଗୋପାଳ ମନ୍ତ୍ରରେ ନିବେଦନ, ବିମଳାଙ୍କୁ ସମର୍ପଣ ଓ ଅଷ୍ଟ ବୈଷ୍ଣବ (ବିଶ୍ୱକ୍‌ସେନ୍, ଶୁକ, ପ୍ରହ୍ଲାଦ, ହନୁମାନ, ନାରଦ, ନୈବେଦ୍ୟ ଦେବକ ଓ ଇନ୍ଦ୍ରଦ୍ୟୁମ୍ନ)ଙ୍କୁ ଅନ୍ନ ବଳି ପ୍ରଦାନ ହିଁ ଷଡ଼ଙ୍ଗ ... ବୈଷ୍ଣବାଗ୍ନିର ଆରୋପ, ଷଟ୍‌କୋଣାତ୍ମକ ଅଗ୍ନି ଯନ୍ତ୍ରରେ ରନ୍ଧନ, ପ୍ରତ୍ୟେକ ଚୂଲାରେ ଏକ ସମୟରେ ନ'ଗୋଟି ହାଣ୍ଡିରେ ନୈବେଦ୍ୟ ପ୍ରସ୍ତୁତି, ...

...ଓ ବିମଳାଙ୍କୁ ସମର୍ପଣ – ବଡ଼ ଦେଉଳର ଏ ସମସ୍ତ ପ୍ରକ୍ରିୟା ତନ୍ତ୍ରର ...ଙ୍କ ପ୍ରସୂତ। ଏଠାରେ ଉଲ୍ଲେଖଯୋଗ୍ୟ ଜଗନ୍ନାଥଙ୍କୁ ନିବେଦିତ ...ଗ ବିମଳାଙ୍କୁ ସମର୍ପଣ ନହେଲେ ମହାପ୍ରସାଦ ହୁଏ ନାହିଁ।

...ଜଗନ୍ନାଥଙ୍କ ଭୋଗ ମହାପ୍ରସାଦ ନାମିତ ହେବା ସମ୍ପର୍କରେ ଆଉ ...ଅନେକୁଟିଏ ଯୁକ୍ତି ମଧ୍ୟ ଦେଖିବାକୁ ମିଳେ। "ଲକ୍ଷ୍ମୀ ପ୍ରସ୍ତୁତ ଜଗନ୍ନାଥ ...ଙ୍" – ଏଭଳି ପ୍ରସାଦ ଜଗତରେ ଦୁର୍ଲଭ। ତେଣୁ ଏହା ...ପ୍ରସାଦ। ଶାକ୍ତ ମତାନୁଯାୟୀ କୋଟି ଶାଳଗ୍ରାମ ଉପରେ ...ଦେବୀର ପ୍ରତିଷ୍ଠା କରାଯାଇଛି। ଏହା ଆରୋହଣ କରିଥିବା ...ଙ୍କ ନୈବେଦ୍ୟ ମହାପ୍ରସାଦ ବ୍ୟତିରେକ ଆଉ କ'ଣ ...ପାରେ! ବୈଦିକ ନିର୍ଦ୍ଦେଶାନୁଯାୟୀ ବେଦବିହିତ ଯଜ୍ଞ ବା ...ରିଆ ପାକ ପ୍ରସାଦ ବ୍ରହ୍ମଙ୍କୁ ଅର୍ପିତ ହେଲେ ମହାପ୍ରସାଦ ହୁଏ। ...ରେ ପୂର୍ଣ୍ଣ ବା "ଏକ" ବ୍ରହ୍ମ ଭାବରେ ଦାରୁଙ୍କୁ ହିଁ କଳନା ...ଯାଇଛି। ଜଗନ୍ନାଥଙ୍କ ସେବା ପାଇଁ ଆବଶ୍ୟକୀୟ ଜଳ ବିମଳାଙ୍କ ...ରୁ ଆସେ। ପୁନଶ୍ଚ ବିମଳାଙ୍କୁ ସମର୍ପିତ ହେବା ପରେ ଜଗନ୍ନାଥଙ୍କ ...ଗ ମହାପ୍ରସାଦ ହେଉଥିବାରୁ କେହି କେହି ଭାଷାତାତ୍ତ୍ୱିକ ଯୁକ୍ତିରେ ...ନାଗ ଉପରେ ଗୁରୁତ୍ୱ ଆରୋପ କରିଥାନ୍ତି। ସେମାନଙ୍କ ମତରେ ...ପ୍ରସାଦର ମୂଳ ନାମ ମାଆ ପ୍ରସାଦ ଏବଂ ଏହା ଅପଭ୍ରଂଶ ହୋଇ ...ଆ ପ୍ରସାଦ ମାହାପ୍ରସାଦ (ବ୍ୟଞ୍ଜନାଗମ) ମହାପ୍ରସାଦ (ଆଦ୍ୟସ୍ୱର ...ପ) – ରେ ପରିଣତ ହୋଇଛି। ବୌଦ୍ଧମାନଙ୍କର ତ୍ରିରତ୍ନ (ବୁଦ୍ଧ, ...ର୍ମ, ସଂଘ) ଏଠାରେ ବିଦ୍ୟମାନ। ସେମାନଙ୍କୁ ଅର୍ପିତ ଭୋଗ ମହାପ୍ରସାଦ ... ଏହାର ସେବନରେ ଭେଦାଭେଦ ନାହିଁ ବୋଲି ମଧ୍ୟ ...ଦିଆଯାଏ।

...ଗୋଟିମୋଟି ମହାପ୍ରସାଦ ମହାପ୍ରଭୁଙ୍କର ଅବିକଳ ସ୍ୱରୂପ ତାଙ୍କଠାରୁ ...ଧ ଶ୍ରେଷ୍ଠ। "ମୋତେ ନିନ୍ଦିବୁ, କିନ୍ତୁ ମୋର କୈବଲ୍ୟକୁ ନୁହେଁ"। ...ଜଗନ୍ନାଥଙ୍କର ଏତାଦୃଶ ନିର୍ଦ୍ଦେଶନାମାର କିମ୍ବଦନ୍ତୀ ଓଡ଼ିଶାରେ ସୁବିଦିତ। ...ମହାପ୍ରସାଦର ପ୍ରକୃତ ଅର୍ଥ – ଆନନ୍ଦ, ପ୍ରୀତି, ପ୍ରେମ, ପ୍ରସନ୍ନତା, ନିର୍ମଳତା, ...ନିଷ୍ଠା ଓ ପାବକତା। ଏହା ମହାନନ୍ଦ, ମହାପ୍ରେମ, ମହାଭାବ, ...ଆଦିବିଷ୍ଟତା ଆଦିର ଉଦ୍ରେକକାରୀ। ପ୍ରସାଦର ପରିବେଷଣରେ ...ଆପର ଭେଦ ନରଖି ମାନ୍ୟତା ଓ ଗୌରବ ସହକାରେ ବଣ୍ଟନ ...ଉଚିତ। ଆସଗର୍ବ, ଆସାଭିମାନ ନରଖି ଆଗ୍ରହର ସହିତ ...ଭୂମିରେ ମହାପ୍ରସାଦ ସେବନର ନିର୍ଦ୍ଦେଶ ଦିଆଯାଇଛି। ...ଭୂମିରେ ମାଗି ଖାଇବାକୁ ମଧ୍ୟ କୁହାଯାଇଛି। ଏହା କୌଣସି ...ଅବସ୍ଥାରେ ମଧ୍ୟ ଉଚ୍ଛିଷ୍ଟ ହୁଏ ନାହିଁ। ତେଣୁ ମହାପ୍ରସାଦ ଆଦୌ ...ବମାନର ଯୋଗ୍ୟ ନୁହେଁ। ଏହାର ଭକ୍ଷଣରେ ବର୍ଣ୍ଣ, ଜାତିଗତ ...ଭେଦଭାବକୁ ନିଷିଦ୍ଧ କରାଯାଇଛି। ସ୍ୱୟଂ ଲକ୍ଷ୍ମୀ ତାଙ୍କ ହସ୍ତ ପ୍ରସ୍ତୁତ ଓ ...ଜଗନ୍ନାଥଙ୍କୁ ନିବେଦିତ ପ୍ରସାଦ ଆବ୍ରାହ୍ମଣ ଚଣ୍ଡାଳ ବିନା ଦ୍ୱିଧାରେ ଗ୍ରହଣ ...କରିପାରିବେ ବୋଲି ଠାକୁରଙ୍କଠାରୁ ବରପ୍ରାପ୍ତ ହୋଇଥିବାର ବିବରଣୀ ...ପୁରାଣରେ ରହିଛି। ଏହି ଦୃଷ୍ଟି କୋଣରୁ ଅନ୍ୟାନ୍ୟ ମନ୍ଦିରର ଭୋଗଠାରୁ ମହାପ୍ରସାଦର ଗୌରବ ପୃଥକ୍। ଏପରିକି ଅସ୍ପୃଶ୍ୟ ସେବକ ଦଇତାମାନଙ୍କ ପ୍ରସ୍ତୁତ ତଥା ନିବେଦିତ ପ୍ରସାଦ ଭକ୍ଷଣରେ ଜାତି ବର୍ଣ୍ଣର ବିଚାର ନାହିଁ। ଅଣସର କାଳରେ ଗୁଣ୍ଡିଚାଘରେ ଅବସ୍ଥାପିତ ଠାକୁର ଯନ୍ତ୍ରାରୂଢ଼ ହୋଇ ନଥିବାରୁ ସେ ସମୟର ଭୋଗ ଆଗେ ମହାପ୍ରସାଦ ଭାବେ ଗୃହୀତ ହେଉ ନଥିଲା। ବିଶେଷ କରି ଶାସନୀ ବ୍ରାହ୍ମଣମାନେ ଏହାକୁ ସେବନ କରୁ ନଥିଲେ। ଏବେ ସେ ପରମ୍ପରା ନାହିଁ।

ଜଗନ୍ନାଥଙ୍କ ଭୋଗର ବ୍ୟବସ୍ଥା ପାଇଁ ଅତି କମ୍‌ରେ ତାଙ୍କର ଏକ ତୃତୀୟାଂଶ ନିଯୋଗୀ ନିଯୁକ୍ତ। ଦ୍ରବ୍ୟ ସଂଗ୍ରହଠାରୁ ପ୍ରସ୍ତୁତି, ସ୍ଥାନାନ୍ତରିକରଣ ଓ ନୈବେଦ୍ୟ ପ୍ରଭୃତି କାର୍ଯ୍ୟ ସେମାନେ ସମ୍ପାଦନ କରନ୍ତି। ଏପରିକି ନୀତି ପାଇଁ ଜଳ ଯୋଗାଣ (ଗରାବଡୁ), ପାଦ ରକ୍ଷା (ମୁଦୁଲି), ବିଡ଼ିଆ ପ୍ରସ୍ତୁତି ଓ ଯୋଗାଣ (ହଡ଼ପ ନାୟକ, ବିଡ଼ିଆ ଯୋଗାଣିଆ, ତାମ୍ବୁଳ ସେବକ) ନୀତି ପାଇଁ ଦର୍ପଣ ଯୋଗାଣ ଓ ବାସନ ମଜା (ଦର୍ପଣିଆ), ରୋଷ ରକ୍ଷା ଓ ତଦାରଖ (ରୋଷ ପାଇକ ଓ ରୋଷ ଅମୀନ), ପରିବା କାଟିବା ଓ ସଜାଡ଼ିବା (ପନିକି ପଟା), ଖୁଣ୍ଟଳ ବାଛିବା ଇତ୍ୟାଦି କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ନିଯୋଗୀର ବ୍ୟବସ୍ଥା ରହିଛି। କୌଣସି ନିଯୋଗୀ ଅନ୍ୟର କାର୍ଯ୍ୟ ସମ୍ପାଦନ କରିବାର ପରମ୍ପରା ଶ୍ରୀକ୍ଷେତ୍ରରେ ନାହିଁ। ଏହି ନିଯୋଗ ବଂଶାନୁକ୍ରମିକ ଓ ସେମାନେ ବୃତ୍ତି ଭୋଗୀ।

ଜଗନ୍ନାଥଙ୍କର ଭୋଗ ଆନନ୍ଦବଜାରରେ ବିକ୍ରି ହୁଏ। ସଙ୍କୁଡ଼ି ଭୋଗ ଏହି ସ୍ଥାନ ବ୍ୟତିରେକ ଅନ୍ୟତ୍ର ବିକ୍ରି ହେବାର ପରିଲକ୍ଷିତ ହୁଏ ନାହିଁ। ଶୁଖିଲା ଭୋଗ ବଡ଼ ଦାଣ୍ଡର ବିପଣିରେ ମଧ୍ୟ ମିଳିଥାଏ। ଆନନ୍ଦବଜାରରେ ଉଚ୍ଛିଷ୍ଟର ପଙ୍କ୍ତି ନିରର୍ଥକ। ଏଠାରେ ପ୍ରସାଦ ସେବନ ପରେ ହସ୍ତ ମୁଖ ପ୍ରକ୍ଷାଳନର ଆବଶ୍ୟକତାକୁ ମଧ୍ୟ ଧର୍ମୀୟ ଯୁକ୍ତିରେ ଏଡ଼ାଇ ଦିଆଯାଇଛି। ସମ୍ପ୍ରତି ଦେଶର ବହୁ ଦେବାୟତନରେ ମହାପ୍ରସାଦ ପ୍ରବର୍ତ୍ତିତ ହୋଇଛି। ମାତ୍ର ପୂର୍ବେ କେବଳ ପୁରୀରେ ହିଁ ଏହାର ପରମ୍ପରା ଥିଲା।

ଅଧ୍ୟାପକ,
ଓଡ଼ିଆ ବିଭାଗ,
ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ,
ପୁରୀ।

* ନଅ–ମହାପ୍ରସାଦର ମହାନତା ସୂଚକ ଶବ୍ଦୋ ଜିଳକ ଗ୍ରନ୍ଥରେ କୁହାଯାଇଛି "ମହତ୍ୱଂ ନବ ଗଣିତେମ୍" ଅର୍ଥାତ୍ ନଅ ବା "ନଅ"ର ଗୁଣିତକ ସଂଖ୍ୟା ମହାପ୍ରସାଦର ଗୌରବମୟ ନିଦର୍ଶନ।

■ କୌଣସି ପ୍ରକାର ହିଂସାତ୍ମକ କାର୍ଯ୍ୟକଳାପକୁ ତୁରନ୍ତ ଲକ୍ଷ୍ୟ ହାସଲର ପନ୍ଥା ସ୍ୱରୂପ ଗ୍ରହଣ କରିବାରେ ମୁଁ ଆଦୌ ବିଶ୍ୱାସ କରେ ନାହିଁ। ଉଦ୍ଦେଶ୍ୟ ଯେତେ ମହତ୍ ହେଲେ ସୁଦ୍ଧା ଏବଂ ସେଥିପ୍ରତି ମୋର ସବୁପ୍ରକାର ସହାନୁଭୂତି ରହିଥିଲେ ମଧ୍ୟ ସେହି ମହତ୍ ଉଦ୍ଦେଶ୍ୟ ସାଧନ ନିମନ୍ତେ ହିଂସାତ୍ମକ ପଦ୍ଧତି ଅବଲମ୍ବନ ମୁଁ ବରଦାସ୍ତ କରିପାରିବି ନାହିଁ।

—ଗାନ୍ଧିଜୀ

# ଜାୟା ଓ ଯୌତୁକ

ଶ୍ରୀ ବରଦା ପ୍ରସନ୍ନ ଦାସ

ବହୁ ଜନମ ତପ ଫଳେ, ମନୁଷ୍ୟ ଜନ୍ମ ମହୀତଳେ
ଦୁର୍ଲଭ ଏ ମନୁଷ୍ୟ ଶରୀର, ଈଶ୍ୱର ପୂଜାର ମନ୍ଦିର ।।
(ଭାଗବତ)

ମଣିଷ ଓ ପଶୁ ମଧ୍ୟରେ ଏକ ପାର୍ଥକ୍ୟ ହେଲା ମଣିଷର ଭଲମନ୍ଦ ବିଚାର କରିବାର ଶକ୍ତି ଥାଏ । ଯାହା ଫଳରେ କି ସେ ନିଜର ବିବେକ ଓ ବୁଦ୍ଧି ବଳରେ ବିଚାର କରି ଜାଣିପାରେ କେଉଁଟି ସୁପଥ ଓ କୁପଥ; କ'ଣ କରିବା ଉଚିତ ବା ଅନୁଚିତ । ମଣିଷର ଶ୍ରେଷ୍ଠ ଗୁଣ ହେଲା ମାନବିକତା ।

ଶାନ୍ତିଦୀଙ୍କ ଅମଳରୁ ଏଇ ଯୌତୁକ ବିରୁଦ୍ଧରେ ସଚେତନତା ସୃଷ୍ଟି କରାଯାଉଛି । ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ଏଇ ଯୌତୁକ ପ୍ରଥା ଏକ ସାମାଜିକ ବ୍ୟାଧି ରୂପେ ଚାରିଆଡ଼େ ସଂକ୍ରମିତ ହୋଇ ଚାଲିଛି । ନିମ୍ନ ମଧ୍ୟବିତ ପରିବାରର ଉଚ୍ଚ ଶିକ୍ଷିତା ଝିଅମାନେ ବାପାମା'ଙ୍କର ଆଉ ବୋଝ ନହେବା ଉଚିତ ମନେକରି ସ୍ୱେଚ୍ଛାରେ ବେକରେ ଦଉଡ଼ି ଦେଇ ଝୁଲି ମରିବା, ଶାଶୁ ଶ୍ୱଶୁରଙ୍କ ତାଡ଼ନାରୁ ରକ୍ଷା ପାଇବା ପାଇଁ ନବ ବିବାହିତା ପତ୍ନୀ ନିଜ ଦେହରେ କିରୋସିନି ଢାଳି ଜଳି ପୋଡ଼ି ହୋଇ ମରିବା ଇତ୍ୟାଦି ଅଘଟଣମାନ ଆଜିର ସଭ୍ୟ ସମାଜରେ ଏକ ନିତିଦିନିଆ ଘଟଣା ହୋଇଗଲାଣି । ଏ ସମ୍ପର୍କରେ ଦୈନିକ ଖବରକାଗଜ ପୃଷ୍ଠାରେ ନିଶ୍ଚିତଭାବେ ଯୌତୁକକୁ ନେଇ କିଛିନା କିଛି ଦୁଃସମ୍ବାଦ ପ୍ରକାଶ ପାଇବା ଏକ ମାମୁଲି କଥାରେ ପରିଣତ ହେଲାଣି ଏବଂ ଏହା ପଢ଼ି ପଢ଼ି, ଶୁଣି ଶୁଣି ସର୍ବସାଧାରଣଙ୍କର ଦେହସୁହା ହୋଇଗଲାଣି । କ'ଣ କରିବା ! କାହାକୁ କହିବା ! ଦୋଷ କାହାର ! ଭୁଲ ରହିଲା ବା କେଉଁଠି ? ସତରେ ଏମିତି ଘଟୁଥିବ ଆଉ ଆମେ ନୀରବ ରହି ପଢ଼ି ଚାଲିଥିବା ? ଯେତେବେଳେ ନିଜର କେହି ଦୂର ବା ଘନିଷ୍ଠ ସମ୍ପର୍କୀୟଙ୍କ ପରିବାରରେ ଏପରି ଘଟେ ତେବେ କ'ଣ ଯୌତୁକ ପ୍ରଥାର ମୂଳୋତ୍ପାଟନ ନିମନ୍ତେ ଆଗଭର ହେବା ନା ଆଗରୁ ସତର୍କତା ନୀତି ଅବଲମ୍ବନ କରି ଚୁପଚାପ ରହିବା ?

ଅନେକ କ୍ଷେତ୍ରରେ ମଧ୍ୟ ଦେଖାଯାଉଛି ଯେ ବରଘର ପିତା ଯୌତୁକ ଦାବୀ ନକରୁଥିଲେ ସୁଦ୍ଧା ଆଗୁଆଭାବେ କନ୍ୟା ପିତାମାନେ ହାତୀ ଘୋଡ଼ା ଦେବୁ କହି ପୁଅଘରବାଲାଙ୍କୁ କାବୁ କରିବାକୁ ଚେଷ୍ଟା କରନ୍ତି । ଏହା ପଛେ ଯାହା ହେଉଥାଉ ନା କାହିଁକି ମୋଟା କଳାଧନ ଯୋଗ ଥିଲେ ଧନ ସମ୍ପଦ ଲୋଭ ଦେଖାଇଲେ ଅନିଚ୍ଛା ସତ୍ତ୍ୱେ ମନ ଭିତରେ ନାଁ ନାଇଁଟା ଉପରେ ହଁ ବି ହୋଇଯାଏ । ଧନ ସମ୍ପଦ ପ୍ରତି କାହାର ଦୁର୍ବଳତା ନାହିଁ ! ପଡ଼ିଶାଘରବାଲା ଲୋଭ ସମ୍ବରଣ କରି ନପାରି ପୁଅର ବିବାହବେଳେ କନ୍ୟା ପିତା ବେକରେ ଗାମୁଛା ପକେଇ ଯୌତୁକ ଓଟାରିବା ପାଇଁ ପଶ୍ଚାତ୍‌ପଦ ହୁଏ ନାହିଁ । ବହୁ କହିବା କନ୍ୟାଘର ପଛେ କରଜ କରି, ଜମି ବନ୍ଧାଦେଇ ସର୍ବସ୍ୱାନ୍ତ ହୁଅନ୍ତୁ ସିଆଡ଼କୁ ନଜର ଦିଆଯାଏନି । ଏକା ସାହିରେ ଯଦି ଜଣେ ପ୍ରଚୁର ଅର୍ଥ, ଅଳଙ୍କାର ଓ ଅନ୍ୟାନ୍ୟ ଘରକରଣା ଉପଯୋଗୀ ସବୁ ଜିନିଷ ଯୌତୁକ ପାଇଲା ତେବେ ଅନ୍ୟମାନଙ୍କ ମୁହଁ ଫିକା ପଡ଼ିଯାଏ । ଫୁସୁରୁଫାସର ଚାପରା ଆଦି କିଛିଦିନ ଚାଲେ । ସେ କାଳପାତ୍ର ବା ଯୋଗ୍ୟତାକୁ ବିଚାର କରାଯାଏନି । ଏ ହେଲା ଦେଖାସିଖା କଥା । ଆଉ ଗରିବ ଘର କଥା ଛାଡ଼ ।

ସମାଜରେ ଝିଅଗୁଡ଼ା ଯେପରି ଅଲୋଡ଼ା, ଅଦରକାରୀ । ପରିବାରରେ ବା ସମାଜରେ ତାର ଭୂମିକା କ'ଣ କିଛି ନାହିଁ ? ଏ ସଭ୍ୟ ସମାଜ ତଥା ମାନବିକତାବାଦୀ ମଣିଷ ଜାତି ଆଗରେ ନାରୀର ମୂଲ କ'ଣ ଏଇଆ ? ସେ କ'ଣ ଘୃଣ୍ୟ, ଅବହେଳିତ, ଅନାଦର ଅଦରକାରୀ ଏକ ସାମାଜିକ ପ୍ରାଣୀ ? ଯାହାକୁ ଆମେ ସମାଜରେ ଭଗ୍ନୀ, ପତ୍ନୀ ଓ ମା' ରୂପେ ସମ୍ବୋଧନ କରୁଥାଉ ସେହି ନାରୀ ଯେ ମହିୟସୀ ତାହା ଆମେ ଭୁଲିଯାଉ । କଥାରେ ଅଛି ସୁନ୍ଦର ଦିଶେ ଘରଣୀ ଥିଲେ । ତାହା ଆମେ ଭୁଲିଯାଇ ଏ ତଥା ଆଧୁନିକ ସମାଜରେ ଆଜି ଆମେ ଅମଣିଷ ପାଲଟି ଯାଉଛେ । ବେହିଆ ହେଇ ମାଛିଆଙ୍କ ପରି ଆମେ ହଉଛେ । କ୍ଷଣିକ ବଶବର୍ତ୍ତୀ ହୋଇ ଆମେ ଭୁଲିଯାଉଛେ ନଜର ତଥା ଆଶିଷ ଭଉଣୀ ବା କନ୍ୟାର ଭବିଷ୍ୟତକୁ । ଯୌତୁକ ଆଜି ଏ ସମାଜକୁ ରୂପେ ଗ୍ରାସ କରିଛି ।

କନ୍ୟାଦାନ କୁଆଡ଼େ ଶ୍ରେଷ୍ଠ ଦାନ । ମାତ୍ର ଆଜିକାଲି କନ୍ୟା ଏକ ଅଭିଶାପ ବୋଲି ବିବେଚନା କରାଗଲାଣି । କାରଣ....

ଯୌତୁକ ଭୟ! ନବ ବିବାହିତ ଦମ୍ପତିଙ୍କର ପ୍ରଥମେ କନ୍ୟା ଜାତ ହେଲେ ହୁଏତ ମଙ୍ଗଳ, ଶୁଭଙ୍କର । ମାତ୍ର ଆଜିକାଲି କନ୍ୟା ହେଲେ ଶାଶୁ ଶ୍ୱଶୁରଙ୍କ କୋପ ଦୃଷ୍ଟି ପଡ଼େ ବୋହୂ ଉପରେ । ଏ ସମ୍ବାଦ ଶୁଣିଲେ ଘରେ ଖୁସି ଶୁଖିଯାଏ, ଫିକା ପଡ଼ିଯାଏ । ଏକୋଇଶା ବା ଜନ୍ମଦିନ ପର୍ବ ଧୁମଧାମରେ କରାଯାଏନି । ଏତିକିବେଳୁ ଖର୍ଚ୍ଚ କାଟ କରିବାକୁ ପଡ଼ିଯାଏ । ଏ କ'ଣ କାହା ହାତର କଥା ? ଏହା ଜାଣି ମଧ ସେମାନେ ମନକୁ ସନ୍ତୋଷ ଦେଇପାରନ୍ତିନି । କାରଣ....ମନରେ ଆଶଙ୍କା...ଯୌତୁକ ଦାବୀ । ବହୁ ଯୌତୁକ ଦାବୀକରି ପୁଅମାନଙ୍କ ବାହାଘର ଏବେ କରେଇଛନ୍ତି ତ ତେଣୁ ନାତୁଣୀମାନଙ୍କ ଭବିଷ୍ୟତ ପାଇଁ ଏବେଠୁ ସେମାନଙ୍କ ମୁଣ୍ଡରେ ଚଡ଼କ ପଡୁଛି । ଏଇ ଚିନ୍ତାଧାରା ଆଜି ଯୁବ ସମାଜକୁ ମଧ ବହୁଭାବେ ପ୍ରଭାବିତ କରିଛି । କଥା ପ୍ରସଙ୍ଗରେ ଜଣେ ନବ ବିବାହିତ ବନ୍ଧୁଙ୍କୁ ଆଉ ଜଣେ ଭଦ୍ରମହିଳା ପଚାରିଲେ ପତ୍ନୀଙ୍କର ପ୍ରସବ ହେବାର ଥିଲା ପରା କ'ଣ ହେଲା ? ପୁଅ ନା ଝିଅ ? ବନ୍ଧୁ ଜଣଙ୍କ ମନ ଦୁଃଖ କରି କହିଲେ ହଁ ଝିଅଟିଏ ହେଲା ! ଭଦ୍ରମହିଳା ଜଣଙ୍କ ଠାକ୍ କହି ବସିଲେ "ପ୍ରଥମେ ଝିଅ, ତା'ହେଲେ ଆପଣ ଭାଗ୍ୟବାନ୍" । କିନ୍ତୁ ମନ ଦୁଃଖ କାହିଁକି ? ନା, ଏଇ ଯୌତୁକ ପାଇଁ । ପରେ ଭଦ୍ରମହିଳା କହିଲେ ଆପଣ ଯଦି ଯୌତୁକ ଆଣିଥିବେ ଫେରେଇ ଦେବେ ଆଉ କ'ଣ ? କଥାଟା ଅବଶ୍ୟ ଯୁବ ବନ୍ଧୁଙ୍କୁ କେମିତିଆ ଲାଗିଲା । ପରେ ସେ କଥାଟିର ଠିକ୍ ମର୍ମ ବୁଝିପାରିଲେ । ଏଥିରୁ ଏହା ଅନୁମିତ ହୁଏ ଯେ କଳାଧନ ରୋଜଗାର ନଥିବା ଗୃହକର୍ତ୍ତା ପୁରୁଷମାନଙ୍କର ଆଜୁ ହିଁ ଚିନ୍ତା ପଡ଼ିଲାଣି ଭବିଷ୍ୟତରେ ଝିଅ ବାହାହେବେ ଏତେ ଟଙ୍କା ଯୌତୁକ ଦାବୀ ପୂରଣ ପାଇଁ କୁଆଡୁ ଆସିବ ।

ସମ୍ପ୍ରତି ଦେଖାଯାଉଛି ଯେ କୋଷ୍ଠୀ ମିଳାଇବା ପରେ ଏବଂ ଝିଅ ମନ ପସନ୍ଦ ହେବା ପରେ ମଧ ଦାବୀ କରାଯାଇଥିବା ଯୌତୁକ କନ୍ୟାଘରପକ୍ଷ ଦେବାକୁ ସକ୍ଷମ ହୋଇପାରୁ ନଥିବାରୁ ଅନେକ ସ୍ଥାନରେ ବାହାଘର ଭାଙ୍ଗିଯାଉଛି ଏବଂ କନ୍ୟାଘର ନିରାଶ ହୋଇ ଭାଗ୍ୟକୁ ଆଦରି ନେଉଛନ୍ତି । ଏ ପ୍ରକାର ପରିସ୍ଥିତିରେ ଝିଅଟିର ମାନସିକ ଯନ୍ତ୍ରଣା କ'ଣ ହୋଇଥିବ ତାହା ସହଜେ ଅନୁମେୟ । ଏପରି ସମସ୍ୟାର ସମ୍ମୁଖୀନ ହୋଇ ଅନେକ ଝିଅଙ୍କ ସ୍ୱପ୍ନ ଭାଙ୍ଗିରୁଜି ଚୁରମାର୍ ହୋଇଯାଉଛି ଏବଂ ସେମାନେ ସାରା ଜୀବନ ଅଭିଶାପ୍ତ ହୋଇ ରହୁଥିବାର ଅନେକ ଦୃଷ୍ଟାନ୍ତ ରହିଛି । ପାର୍ଲିଆମେଣ୍ଟ ଓ ବିଧାନସଭାରେ ଏହି ଯୌତୁକ ବିରୁଦ୍ଧରେ ବହୁବାର ଜନମତ ପ୍ରକାଶ ପାଇ ଆଲୋଚିତ ହୋଇଛି ।

ଯୌତୁକ ନିରାକରଣ ଦିଗରେ ଜନସାଧାରଣଙ୍କ ଅବଗତି ଓ ସହଯୋଗ ନିମନ୍ତେ ରାଜ୍ୟ ସରକାରଙ୍କ ସମାଜ ମଙ୍ଗଳ ଗ୍ରାମଗୋଷ୍ଠୀ ଉନ୍ନୟନ ବିଭାଗ ଜରିଆରେ ନିମ୍ନମତେ ବିଜ୍ଞାପନ ପ୍ରକାଶ ପାଇଛି :

ସମାଜରୁ ଯୌତୁକ ପ୍ରଥାକୁ ନିର୍ମୂଳ କରିବା ପାଇଁ ଯୌତୁକ ପ୍ରତିଷେଧ ଅଧିନିୟମ ନାମକ ଏକ ଆଇନ ୧୯୬୧ ମସିହାରେ ପ୍ରଣୟନ କରାଯାଇଅଛି । ବିଭିନ୍ନ ସମୟରେ ଏ ସମ୍ପର୍କରେ ଯେଉଁସବୁ ନୂଆ ନୂଆ ସମସ୍ୟା ଦେଖାଦେଉଛି ତାହାକୁ ଦୂର କରିବା ଲକ୍ଷ୍ୟରେ ଏହି ଆଇନକୁ ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଦଣ୍ଡବିଧି ଆଇନମାନଙ୍କୁ ସମ୍ପ୍ରତି ୧୯୮୬ ମସିହା ସେପ୍ଟେମ୍ବର ମାସରେ ସରକାର ସଂଶୋଧନ କରିଛନ୍ତି । ଏହାସତ୍ତ୍ୱେ ସମାଜର ବିଭିନ୍ନ ସ୍ଥାନରେ ତଥା ଶ୍ରେଣୀରେ ଯୌତୁକ ଅପରାଧମାନ ଘଟିବା ସରକାରଙ୍କ ଦୃଷ୍ଟିକୁ ଆସୁଛି । ଏ ସବୁକୁ ଦୃଢ଼ ହସ୍ତରେ ଦମନ କରିବା ପାଇଁ ସରକାର ଗ୍ରାମଗୋଷ୍ଠୀ ଉନ୍ନୟନ ଓ ଗ୍ରାମ୍ୟ ପୁନର୍ଗଠନ ବିଭାଗର ସମାଜ ମଙ୍ଗଳ ନିର୍ଦ୍ଦେଶକଙ୍କ ଅଧୀନରେ ଗୋଟିଏ ସଂସ୍ଥା ଗଠନ କରିଛନ୍ତି । ଏହି ସଂସ୍ଥା ଯୌତୁକଜନିତ ଅପରାଧଗୁଡ଼ିକ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ କରିବା ସକାଶେ ପଦକ୍ଷେପମାନ ଗ୍ରହଣ କରୁଛନ୍ତି । ଏତଦ୍‌ବ୍ୟତୀତ ଏ ସମ୍ପର୍କରେ ଜଣେ ଡିଃ ଆଇଃ ଜିଙ୍କୁ ମଧ ସ୍ୱତନ୍ତ୍ରଭାବରେ ନିଯୁକ୍ତ କରିଛନ୍ତି । ଏହାକୁ ଆହୁରି ବ୍ୟାପକ କରିବା ଲକ୍ଷ୍ୟରେ ପ୍ରତି ଜିଲ୍ଲାରେ ମଧ ଏ ସମ୍ପର୍କରେ ସ୍ୱତନ୍ତ୍ର ସଂସ୍ଥାମାନ ଗଠନ କରାଯାଇଛି । ଏଣୁ ସରକାର ଆଶା କରନ୍ତି ଯେ ଯୌତୁକ ସମ୍ପର୍କରେ ଯଦି କୌଣସି ଅପରାଧ ଘଟିବାର ସୂଚନା ପାଆନ୍ତି ତାହାହେଲେ ତାହାକୁ ବିନା ଦ୍ୱିଧା ଓ ସଙ୍କୋଚରେ ରାଜ୍ୟ ସରକାରଙ୍କ ଗ୍ରାମଗୋଷ୍ଠୀ ଉନ୍ନୟନ ବିଭାଗର ସମାଜ ମଙ୍ଗଳ ସଂସ୍ଥା, ଭୁବନେଶ୍ୱରଙ୍କ ନିକଟକୁ ତୁରନ୍ତ ସମ୍ବାଦ ପଠାଇବେ । ଏ ପ୍ରକାର ସମ୍ବାଦ ସର୍ବଦା ଗୋପନୀୟ ରହିବ ଓ ସମ୍ବାଦ ପ୍ରେରକଙ୍କ ପ୍ରତି କୌଣସି ଆଞ୍ଚ ଆସିବ ନାହିଁ । ଏ ପ୍ରକାର ସମ୍ବାଦ ପାଇଲେ ସରକାର ତାହାର ବିହିତ ପ୍ରତିକାର ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବେ ।

ଯୌତୁକ ପ୍ରତିଷେଧ ସମ୍ପର୍କିତ ଆଇନର ବ୍ୟବସ୍ଥାଗୁଡ଼ିକୁ ନିମ୍ନରେ ସର୍ବସାଧାରଣଙ୍କ ଗୋଚରାର୍ଥେ ସଂକ୍ଷେପରେ ଦିଆଗଲା :

(୧) ଯୌତୁକ ଯଥେଷ୍ଟ ହୋଇନଥିବା ଆଳରେ ନବ ବଧୂଙ୍କୁ ପ୍ରତ୍ୟକ୍ଷ ବା ପରୋକ୍ଷଭାବରେ ନିର୍ଯ୍ୟାତନା ଦେବା ଏକ ଗୁରୁତର ଅପରାଧ । ନିର୍ଯ୍ୟାତନା କହିଲେ ଦୈହିକ ବା ମାନସିକ ଅପମାନ ବା ଆଚରଣ ତଥା ଦୁର୍ବ୍ୟବହାର, ଗଞ୍ଜଣା ଇତ୍ୟାଦିକୁ ବୁଝାଏ ।

(୨) ଯଦି ଯୌତୁକ କାରଣରୁ ନବ ବଧୂଙ୍କର କୌଣସି ପ୍ରକାରେ ଅପମୃତ୍ୟୁ ଘଟେ ତାହାହେଲେ ସେଥି ନିମନ୍ତେ ବର ଓ ତାହାର ପରିବାରବର୍ଗ ତଥା ବନ୍ଧୁବାନ୍ଧବ ସେଥିପାଇଁ ମଧ ଦାୟୀ ହେବେ ।

(୩) ଏତଦ୍‌ବ୍ୟତୀତ ଯୌତୁକ କାରଣରୁ ସ୍ୱାମୀ, ସ୍ତ୍ରୀଙ୍କୁ ଦୂରେଇ ରଖନ୍ତି ଓ ଦୈହିକ ସମ୍ପର୍କ ବିଚ୍ଛିନ୍ନ କରନ୍ତି ତାହା ମଧ ଏକ ଅପରାଧ ।


(୪) ବିବାହ ସମୟରେ ବା ତାହା ପୂର୍ବରୁ ଯୌତୁକ ନେବା ଯେତିକି ଅପରାଧ ବିବାହ ପରେ ଯୌତୁକ ନେବା ବା ସେ ସମ୍ପର୍କରେ ପ୍ରତ୍ୟକ୍ଷ ବା ପରୋକ୍ଷଭାବରେ ଦାବୀ କରିବା ମଧ ସେତିକି ଅପରାଧ ।

ଯୌତୁକ ଆଳରେ ନିର୍ଯ୍ୟାତିତ ଯେ କୌଣସି ମହିଳା ଯଦି ଆଇନଗତ ସାହାଯ୍ୟ ପାଇଁ ନ୍ୟାୟାଳୟର ଦ୍ୱାରସ୍ଥ ହୁଅନ୍ତି ତାହାହେଲେ ସେଠାରେ ସେ ହଠାତ୍ ସାହାଯ୍ୟ ପାଇବାର ମଧ ବ୍ୟବସ୍ଥା ଅଛି । ଉପରୋକ୍ତ ଆଇନର ଖିଲାପ କଲେ ଆର୍ଥିକ ଜୋରିମାନା ଓ ଜେଲ୍‌ଦଣ୍ଡର ବ୍ୟବସ୍ଥା ଥିଲେ ମଧ ଆଜି ସର୍ବସାଧାରଣ ସେମାନଙ୍କ ଜ୍ଞାତସାର ବା ଅଜ୍ଞାତସାରରେ ଯୌତୁକଜନିତ ନାରୀ ନିର୍ଯ୍ୟାତନା ଘଟାଇ ସମାଜରେ ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟିକରି ଚାଲିଛନ୍ତି । କେଉଁଠି ଶାଶୁର ବୋହୂ ପ୍ରତି ଗଞ୍ଜଣା ତ ଅନ୍ୟ କେଉଁଠି ଅପମାନ ସହ୍ୟକରି ନପାରି ନବ ବଧୂର ଆତ୍ମହତ୍ୟା । କେଉଁଠି ପର୍ଯ୍ୟାପ୍ତ ଯୌତୁକ ନପାଇ ପ୍ରତିଶୋଧପରାୟଣ— ବଶତଃ କିରୋସିନ୍ ଢାଳି ବଧୂ ଦେହରେ ଦିଆସିଲି ଜାଳି ମରଣ ମୁଖକୁ ଠେଲିଦେଇ ଶାଶୁର ଆସୁରିକ ପ୍ରବୃତ୍ତିର ଦୃଷ୍ଟାନ୍ତ ତ ଅନ୍ୟ କେଉଁଠି ଅଧିକ ଧନ ଲୋଭରେ ନବ ବିବାହିତ ପତ୍ନୀକୁ ଛାଡ଼ପତ୍ର ଦେଇ ଅନ୍ୟତ୍ର ବିବାହ ପାଇଁ ମନ୍ତ୍ରଣା । କେଉଁଠି ବୋହୂ ପ୍ରତି ଯୌତୁକ ପାଇଁ ନଣନ୍ଦ ଓ ଦିଅରଙ୍କର ମିଳିତ ପ୍ରହାର ତ ଅନ୍ୟ କେଉଁଠି ସ୍ୱାମୀର ସ୍ତ୍ରୀ ପ୍ରତି ଅକଥନୀୟ ଅତ୍ୟାଚାର । କି ଘୃଣାସ୍ପଦ, ଅମାନୁଷିକ, ଅବିବେକୀ ବିଭତ୍ସ କାଣ୍ଡ; ଆମେ କୁଆଡ଼େ ବିଂଶ ଶତାବ୍ଦୀର ସଭ୍ୟ, ଶିକ୍ଷିତ, ସ୍ୱାଧୀନ ନାଗରିକ । ଏଇ ଆମର ପରମ୍ପରା, ସଂସ୍କୃତି । ଯଦିଓ ବା ସମସ୍ତେ ଏ କୁପ୍ରଥାର ଭାଗୀଦାର ନୁହନ୍ତି ତଥାପି ଅଧିକାଂଶ ବ୍ୟକ୍ତି ଏପରିକି ଉଚ୍ଚ

ଶିକ୍ଷିତ ବୁଦ୍ଧିଜୀବୀମାନେ ମଧ୍ୟ ଏହି ଯୌତୁକଜନିତ ଅତ୍ୟାଚାରରେ ସମ୍ପୃକ୍ତ ।

ଏହାର ମୁଖ୍ୟ କାରଣ ହେଲା ଆଜି ଆମମାନଙ୍କର ନୈତିକ ଅଧଃପତନ ହୋଇଛି । ମାନବିକତା ଦୃଷ୍ଟିକୋଣରୁ ବିଚାର କଲେ ଆମେ କିପରି ସଭ୍ୟତାରୁ ମୁଖା ପିନ୍ଧି ଯାବତୀୟ ଅପକର୍ମ, ଅନୀତି ଓ ଅନ୍ୟାୟ କରି ଚାଲିଛେ ତାହା ବୁଝାପଡ଼େ । ଭଗବାନଙ୍କର ଏହ ମଧୁମୟ, ସୁଧାମୟ ସୃଷ୍ଟିରେ ଦୁର୍ଲଭ ମଣିଷ ଜୀବନ ପାଇ କିପରି ଆମେ ବିପଥଗାମୀ ହୋଇ ଦୁଷ୍କର୍ମମାନ କରି ଚାଲିଛେ ସେ ଦିଗରେ ବିଚାର କରି ନିଜେ ନିଜର ବିବେକକୁ ପ୍ରଶ୍ନ କରିବା ଉଚିତ । ବିବେକ ଓ ମାନବିକତାବିହୀନ ମଣିଷ ପଶୁତୁଲ୍ୟ । ଅତଏବ୍ ଯଥାଶୀଘ୍ର ଆଜି ଏ ସମାଜରୁ ଯୌତୁକ ପ୍ରଥାର ମୂଳୋତ୍ପାଟନ ନକଲେ ଏହା ମହାମାରୀ ରୂପେ ଚାରିଆଡ଼େ ବ୍ୟାପିଯାଇ ସବୁ ଅନର୍ଥର ମୂଳ ହୋଇ ରହିବ । ଏଣିକିବେଳୁ ଏ ସମସ୍ୟାକୁ ହୃଦୟଙ୍ଗମ କରି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହି ସାମାଜିକ କୁପ୍ରଥା ବିରୁଦ୍ଧରେ ଅଭିଯାନ ପ୍ରବର୍ତ୍ତାଇବା ସଙ୍ଗେ ସଙ୍ଗେ ବିଭିନ୍ନ ମହିଳା ସଙ୍ଗଠନଗୁଡ଼ିକୁ ଜନମତ ଜାଗ୍ରତି କରାଇବା ଦିଗରେ ଅଧିକ ଯତ୍ନନେବା ସମ୍ପ୍ରତି ଅତ୍ୟନ୍ତ ଜରୁରୀ ମନେହୁଏ ।

ସହକାରୀ ସୂଚନା ଅଧିକାରୀ,
ରାଜ୍ୟ ସୂଚନା ଭବନ,
ଭୁବନେଶ୍ୱର ।



ଖୋର୍ଦ୍ଧା ପାଇକ ଆଖଡ଼ାରେ ଖେଳ ପ୍ରଦର୍ଶନ

OGP—PTS/VI (I&PR) 12—6,000—17.7.1990

# ସର୍ବନିମ୍ନ ମଜୁରୀ ୨୫ ଟଙ୍କା

ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ରାଜ୍ୟରେ ସର୍ବନିମ୍ନ ଦୈନିକ ମଜୁରୀ ୧୧ ଟଙ୍କାରୁ ୨୫ ଟଙ୍କାକୁ ବୃଦ୍ଧି କରାଗଲା ବୋଲି ପୁନରାୟ ଘୋଷଣା କରିଛନ୍ତି । ସେ ଆଶା କରିଛନ୍ତି ଯେ ଏହା ସାଧାରଣ ଜୀବନରେ ଏକ କ୍ରାନ୍ତିକାରୀ ପରିବର୍ତ୍ତନ ଆଣିପାରିବ । ଏଥି ସହିତ କୃଷି ଓ ଶିଳ୍ପର ଭିତିଭୂମିକୁ ପ୍ରସାରିତ କରି ପାରିବ ।

ଗତ ଜୁନ୍ ୩୦ରେ ସଚିବାଳୟର ସମ୍ମେଳନ କକ୍ଷରେ ଅନୁଷ୍ଠିତ ହୋଇଥିବା ୨୬ତମ ସର୍ବନିମ୍ନ ମଜୁରୀ ଉପଦେଷ୍ଟା କମିଟିରେ ଯୋଗଦେଇ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଚାଷ ଜମିର ବହୁ ଅଂଶ ପୂର୍ବତନ ଜମିଦାର ବା ଶିଳ୍ପପତିମାନଙ୍କ ହାତରେ ଥିବାରୁ ପଶ୍ଚିମବଙ୍ଗ ମାଲିକମାନଙ୍କଠାରୁ ଜମି କିଣି ନେଇ କୃଷକଙ୍କୁ ଦେବାର ଯେଉଁ ପଦ୍ଧତି ଅନୁସରଣ କରାଯାଉଛି, ଓଡ଼ିଶାରେ ଅନୁରୂପ ବ୍ୟବସ୍ଥା ପ୍ରବର୍ତ୍ତନ କରିବାକୁ ଏକ ଅର୍ଥ ନିଗମ ପ୍ରତିଷ୍ଠା କରାଯାଇପାରେ । କ୍ଷୁଦ୍ର ଶିଳ୍ପଗୁଡ଼ିକରେ ଶ୍ରମିକ ବା ଶ୍ରମ ମଜୁରୀ ପ୍ରଧାନ ସମସ୍ୟା ରୂପେ ଦେଖା ଦେଇଥିବାରୁ ଏକ କେନ୍ଦ୍ରୀୟ କ୍ରୟ ସଂସ୍ଥା ପ୍ରତିଷ୍ଠା କରାଗଲେ ଏହା କ୍ଷୁଦ୍ର ଶିଳ୍ପକୁ କଞ୍ଚାମାଲ ଯୋଗାଇ ପାରିବ ଏବଂ ସେଗୁଡ଼ିକରୁ ପ୍ରସ୍ତୁତ ଦ୍ରବ୍ୟମାନ କ୍ରୟ କରିପାରିବ ।

ସେ କହିଲେ, ଶିଳ୍ପାଞ୍ଚଳର ଭିତିଭୂମି ବ୍ୟାପକ କରାନଗଲେ ଏବଂ ଜନସାଧାରଣଙ୍କ କ୍ରୟ ଶକ୍ତି ବୃଦ୍ଧି ନ ପାଇଲେ ଆମେ ପ୍ରସ୍ତୁତ ଦ୍ରବ୍ୟ ବିକ୍ରୟ କରିପାରିବୁ ନାହିଁ । "ଲୋକଙ୍କ କ୍ରୟ ଶକ୍ତି ଯଦି ବୃଦ୍ଧି କରାନଯାଏ ଆମର ପଣ୍ୟଦ୍ରବ୍ୟ ବିକ୍ରୟ ହେବ କେଉଁଠି ?" ସେ ପ୍ରଶ୍ନ କରିଥିଲେ । ମୁଖ୍ୟମନ୍ତ୍ରୀ ଆଶାନ୍ୱିତ ଯେ ଆମେ ଯଦି ଧୀରେଧୀରେ କର୍ମ ସଂସ୍କୃତି ପ୍ରବର୍ତ୍ତିତ କରିବା ତାହାହେଲେ କଠିନ ପରି୍ରମର କୌଣସି ବିକଳ୍ପ ରହିବ ନାହିଁ । କୃଷି, ଶିଳ୍ପକ୍ଷେତ୍ରରେ କେବଳ କଠିନ ପରିଶ୍ରମ ହିଁ ଜୀବନରେ ପରିବର୍ତ୍ତନ ଆଣିପାରିବ । କାରଖାନା ପରିଚାଳନାରେ ଶ୍ରମିକଙ୍କୁ ଅଂଶଗ୍ରହଣ ସମ୍ପର୍କରେ ମନ୍ତବ୍ୟ ପ୍ରଦାନ କରି ଶ୍ରୀ ପଟ୍ଟନାୟକ କହିଲେ, ଶିଳ୍ପରୁ ସେ ଜୀବନ ଆରମ୍ଭ କରିଥିବାରୁ ତାଙ୍କର ବଦ୍ଧ ଧାରଣା ଯେ ଶ୍ରମଜୀବୀମାନେ ସଚେତନ ହେଲେ ଶିଳ୍ପକ୍ଷେତ୍ରରେ ପ୍ରକୃତ ପରିବର୍ତ୍ତନ ପରିଲକ୍ଷିତ ହେବ ।

ଶ୍ରମିକମାନେ ବନ୍ଧୁ ଓ ଦାର୍ଶନିକ ପରି ପରାମର୍ଶ ଦେଇପାରିବେ । ଅଧଘଣ୍ଟା ବିରତି ସହ ୮ ଘଣ୍ଟା ପରିଶ୍ରମ କରୁଥିବା ଜଣେ ଶ୍ରମିକ ଦୈନିକ ସର୍ବନିମ୍ନ ୨୫ ଟଙ୍କା ପାରିଶ୍ରମିକ ପାଇବାର ଧାର୍ଯ୍ୟ ହୋଇଛି । ଏହା ସେ ଘୋଷଣା କରିବା ସମୟରେ ଆଲୋଚନାରେ ଅଂଶଗ୍ରହଣ କରୁଥିବା ସଦସ୍ୟମାନେ ଘନଘନ କରତାଳି ଦେଇଥିଲେ ।

ଏହି ବୈଠକରେ ଶ୍ରମ ଓ ନିୟୋଜନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ସାମଲ ଅଧ୍ୟକ୍ଷତା କରିଥିଲେ । ଉକ୍ତ ବୈଠକରେ ବୋର୍ଡର ଅଧିକାଂଶ ସଦସ୍ୟ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ପ୍ରସ୍ତାବିତ ସର୍ବନିମ୍ନ ମଜୁରୀ ୨୫ ଟଙ୍କା ହେବାର ଔଚିତ୍ୟତା ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା । ଆଲୋଚନାରେ ସର୍ବଶ୍ରୀ ଦୁର୍ଗାଚରଣ ମହାନ୍ତି, ବିଶ୍ୱନାଥ ପଣ୍ଡିତ, ରମାନାଥ ଦାସ, ଲମ୍ବୋଦର ନାୟକ, ରାମଚନ୍ଦ୍ର ଖୁଣ୍ଟିଆ, ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ପ୍ରମୁଖ ବିଶିଷ୍ଟ ଶ୍ରମିକ ନେତା ଏବଂ ଉତ୍କଳ ଚେମ୍ବର୍ ଅଫ୍ କମର୍ସର ସଭାପତି ଶ୍ରୀ ସୁକୁମାର ସେନ, ଓଡ଼ିଶା ସିମେଣ୍ଟ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ, ଶିଳ୍ପ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଡି. ସି. ଗୁପ୍ତା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସର୍ବନିମ୍ନ ମଜୁରୀ ବୃଦ୍ଧି ସଂକ୍ରାନ୍ତୀୟ ସମସ୍ୟାର ନାନା ଦିଗ ଉପରେ ଆଲୋକପାତ ପୂର୍ବକ ବୈଠକରେ ଆଲୋଚନା କରାଯାଇ ସର୍ବସମ୍ମତି କ୍ରମେ ରାଜ୍ୟ ସରକାର ରାଜ୍ୟର ୭୯ଗୋଟି ଅନୁସୂଚିତ ଧନ୍ଦାରେ ନିୟୋଜିତ ଅଣକୁଶଳୀ ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରୀ ବର୍ତ୍ତମାନ ପ୍ରଚଳିତ ଥିବା ୧୧ ଟଙ୍କା ପରିବର୍ତ୍ତେ ୨୫ ଟଙ୍କାକୁ ବୃଦ୍ଧି କରିବା ନିମିତ୍ତ ସୁପାରିଶ କରିଥିଲେ । ପୁନଶ୍ଚ ଅର୍ଦ୍ଧକୁଶଳୀ, କୁଶଳୀ ଏବଂ ଉଚ୍ଚକୁଶଳୀ ଶ୍ରମିକମାନଙ୍କ ମଜୁରୀହାର ସମ୍ପର୍କରେ ଯଥାଯଥ ପରୀକ୍ଷାନିରୀକ୍ଷା ପୂର୍ବକ ସୁପାରିଶ କରିବା ପାଇଁ ଏକ ସବ୍-କମିଟି ଗଠନ ନିମିତ୍ତ ବୈଠକରେ ସ୍ଥିର କରାଯାଇଥିଲା ।

VOL. XLVI No.12 UTKAL PRASANGA Regd. No. O-05/90
Licence No. C.R.N.P.—Licenced to post without Pre-Payment






PRINTED AT ORISSA GOVERNMENT PRESS, CUTTACK-10


ଉତ୍କଳ ପ୍ରସଙ୍ଗ
• ସ୍ୱାଧୀନତା ଦିବସ ବିଶେଷାଙ୍କ